# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୬/୨୦୨୩ (୧୬ ପୃଷ୍ଠା) Bhubaneswar, Monday, October 16/2023 Page 16 ₹ 7.00

୪୯ଶ ଭାଗ ୩୨୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 49 ISSUE 322 ମୂଲ୍ୟ ₹୭/-





# ଲକ୍ଷାଧିକ ପାଲେଷ୍ଟିନୀୟ ବିସ୍ଥାପିତ

■ଗାଜା ସୀମାରେ ଇସ୍ରାଏଲୀ ଟ୍ୟାଙ୍କ
■ସ୍ଥଳଭାଗରେ ଆକ୍ରମଣ ପାଇଁ ପ୍ରସ୍ତୁତି

ଜେରୁଜେଲମ୍/ଗାଜା ସିଟି,୧୫।୧୦

ପାଲେଷ୍ଟିନୀୟ ଆତଙ୍କବାଦୀ ସଙ୍ଗଠନ ହମାସ୍ ଏବଂ ଇସ୍ରାଏଲ ମଧ୍ୟରେ ଯୁଦ୍ଧର ସପ୍ତାହେ ଭିତରେ ଗାଜାରୁ ଲକ୍ଷାଧିକ ଲୋକ ବିସ୍ଥାପିତ ହୋଇଥିବା ଜାତିସଂଘ ପକ୍ଷରୁ କୁହାଯାଇଛି। ପାଲେଷ୍ଟିନୀୟ ଶରଣାର୍ଥୀଙ୍କୁ ସମର୍ଥନ କରୁଥିବା ଜାତିସଂଘର ଏକ ସହଯୋଗୀ ଏଜେନ୍ସି କହିଛି, ଗାଜାରେ ଅତ୍ୟନ୍ତ ବିଧ୍ୱଂସକ ସ୍ଥିତି ଲାଗିରହିଛି।

ଗତ ୭ ତାରିଖରୁ ଉଭୟ ପକ୍ଷରୁ ଝୁହାକୁ ତୁହା ରକେଟ ମାଡ଼ ଜାରି ରହିଥିବାରୁ ଗାଜା ସୀମାନ୍ତ ଅଞ୍ଚଳରେ ଇସ୍ରାଏଲ ବିପୁଳ ଟ୍ୟାଙ୍କ ଓ ଅସ୍ତ୍ରଶସ୍ତ୍ର ମୁତୟନ କରିଛି। ଆକାଶମାର୍ଗରୁ ଏୟାରଷ୍ଟ୍ରାଇକ୍ ପରେ ଇସ୍ରାଏଲ ସ୍ଥଳଭାଗରେ ଆକ୍ରମଣ ପାଇଁ ପ୍ରସ୍ତୁତି ଚଳାଇଛି। ହେଜ୍‌ବୋଲ୍ଲା ଫାଇଟର୍ସ ମିଶାଇଲ ମାଡ଼କରି ଇସ୍ରାଏଲର ଜଣେ ନାଗରିକଙ୍କୁ ହତ୍ୟା କରିବା ପରେ ଇସ୍ରାଏଲୀ ସେନା ଲେବାନନ୍ ଉପରେ ଆକ୍ରମଣ କରିଛି। ଗାଜା ବିରୋଧୀ ଅଭିଯାନରେ ଆମେରିକୀୟ ଏୟାରକ୍ରାଫ୍ଟ କେରିୟର ୟୁଏସ୍‌ଏସ୍ ଡ୍ୱିଟ୍ ଡି ଏସେନ୍‌ହୋଭର ସାମିଲ ହୋଇଛି। ଏହି ଯୁଦ୍ଧବିମାନ ଇସ୍ରାଏଲକୁ ସହଯୋଗ କରିବା ପାଇଁ ଭୂମଧ୍ୟସାଗରୀୟ ଅଞ୍ଚଳରେ ପହଞ୍ଚିଛି। ୟୁରୋପୀୟ ସଂଘ (ଇୟୁ) ନେତାମାନେ ମଧ୍ୟ ଇସ୍ରାଏଲକୁ ସମର୍ଥନ କରିଛନ୍ତି। ଅନ୍ତର୍ଜାତୀୟ ଆଇନାନୁସାରେ ଇସ୍ରାଏଲ ଆତ୍ମରକ୍ଷା କରିବା ପାଇଁ ନେଇଥିବା କାର୍ଯ୍ୟାନୁଷ୍ଠାନ ଯଥାର୍ଥ ବୋଲି ସେମାନେ କହିଛନ୍ତି। ଇତିମଧ୍ୟରେ ଇସ୍ରାଏଲ ଆକ୍ରମଣରେ ଅନ୍ୟୂନ ୭୨୪ ଶିଶୁଙ୍କ ସମେତ ୨,୩୨୯ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଲାଣି। ହମାସ୍‌ର ସାମରିକ ଅପରେଶନରେ ଇସ୍ରାଏଲର ୧,୩୦୦ ଜଣ ନିହତ ହେଲେଣି। ମୃତକଙ୍କ ମଧ୍ୟରେ ୨୮୬ ଇସ୍ରାଏଲୀ ସୈନ୍ୟ ଅଛନ୍ତି। ସେପଟେ ଗାଜା ବିରୋଧରେ 'ଯୁଦ୍ଧ ଅପରାଧ' ତୁରନ୍ତ ବନ୍ଦ କରିବାକୁ ଇସ୍ରାଏଲକୁ ଇରାନ୍ ଚେତାବନୀ ଦେଇଛି।



ଇସ୍ରାଏଲର ରକେଟ ମାଡ଼ରେ ଧ୍ୱସ୍ତବିଧ୍ୱସ୍ତ ଗାଜା ଷ୍ଟ୍ରିପ୍‌ର ଖାନ୍ ୟୁନିସ୍‌ରେ ଏକ ଘରେ ଲାଗିଥିବା ନିଆଁକୁ ଲିଭାଉଛନ୍ତି ଜଣେ ବ୍ୟକ୍ତି।




➩ଗାଜାର ଜନସଂଖ୍ୟା ହେଉଛି ପ୍ରାୟ ୨.୩ ନିୟୁତ। ଗାଜାବାସୀ ୫ଟି ଅଞ୍ଚଳରେ ବସବାସ କରନ୍ତି। ସେଗୁଡ଼ିକ ହେଲା ନର୍ଥ ଗାଜା, ଗାଜା ସିଟି, ଡେଇରେଲ-ବଲାହ, ଖାନ୍ ୟୁନିସ୍ ଏବଂ ରଫହ।

➩ଭୂମଧ୍ୟସାଗର ଉପକୂଳରେ ଇସ୍ରାଏଲ, ଇଜିପ୍ଟ ସୀମା ସହ ସଂଲଗ୍ନ ଗାଜା ଷ୍ଟ୍ରିପ୍‌ର ମୋଟ ଆୟତନ ହେଉଛି ୩୬୫ ବର୍ଗ କି.ମି. (୧୪୧ ବର୍ଗ ମାଇଲ)।

➩ଗାଜା ଷ୍ଟ୍ରିପ୍‌ର ଦକ୍ଷିଣରେ ଥିବା ରଫହରୁ ଉତ୍ତରରେ ସ୍ଥିତ ବେଇଟ୍ ହାନୁନ୍‌ର ଦୂରତା ହେଉଛି ୪୧ କି.ମି., ଯାହାକୁ କୌଣସି ଗାଡ଼ିରେ ଅତିକ୍ରମ କରିବା ପାଇଁ ଘଣ୍ଟାଏରୁ କମ୍ ସମୟ ଲାଗିଥାଏ।

## ପ୍ରଶ୍ନ କରିବାକୁ ଲାଞ୍ଚ ନେଇଛନ୍ତି ମହୁଆ

ନୂଆଦିଲ୍ଲୀ,୧୫।୧୦

ଭାଜପା ଏମ୍‌ପିଙ୍କ ସାଂଘାତିକ ଅଭିଯୋଗ

ପଶ୍ଚିମବଙ୍ଗର ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ଏମ୍‌ପି ମହୁଆ ମୋଇତ୍ର ପାର୍ଲାମେଣ୍ଟରେ ପ୍ରଶ୍ନ କରିବା ପାଇଁ ବ୍ୟବସାୟୀ ଦର୍ଶନ ହୀରାନନ୍ଦାନୀଙ୍କଠାରୁ ଲାଞ୍ଚ ଆକାରରେ ଟଙ୍କା ଓ ଉପହାର ନେଇଥିବା ଭାଜପା ଏମ୍‌ପି ନିଶିକାନ୍ତ ଦୁବେ ଅଭିଯୋଗ ଆଣିଛନ୍ତି।

ଝାଡ଼ଖଣ୍ଡର ଗୋଡ୍ଡାରୁ ଲୋକ ସଭାରେ ପ୍ରତିନିଧିତ୍ୱ କରୁଥିବା ନିଶିକାନ୍ତ କହିଛନ୍ତି, ଟିଏମ୍‌ସିର କ୍ରିଷ୍ଣନଗର ଏମ୍‌ପି ମହୁଆ ଲାଞ୍ଚ ନେଇ ପାର୍ଲାମେଣ୍ଟରେ ପ୍ରାୟ ୫୦ ପ୍ରଶ୍ନ କରିଛନ୍ତି। ଆଇନଜୀବୀ ଜୟ ଅନନ୍ତ ଦେହାଦ୍ରୀଙ୍କ ଗବେଷଣାକୁ ଭିତ୍ତିକରି ସେ ଏପରି ଅଭିଯୋଗ ଆଣିଛନ୍ତି। ଏନେଇ ନିଶିକାନ୍ତ ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ନିକଟକୁ ପତ୍ର ଲେଖିଛନ୍ତି। ମହୁଆଙ୍କୁ ତୁରନ୍ତ ଗୃହରୁ ବହିଷ୍କାର କରାଯାଉ ବୋଲି ସେ ଦାବି କରିଛନ୍ତି। ଏହା ଉପରେ ମହୁଆ ଜବାବ ରଖି କହିଛନ୍ତି, ଏହି ପ୍ରସଙ୍ଗରେ ତଦନ୍ତ ପାଇଁ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)କୁ ସ୍ୱାଗତ କରୁଛି। କିନ୍ତୁ ଏହା ପୂର୍ବରୁ ସେମାନେ ଶିଳ୍ପପତି ଗୌତମ ଆଦାନୀଙ୍କ ବିରୋଧରେ ଆଗତ ମନି ଟ୍ରାଏଲ, ଓଭର-ଇନ୍‌ଭଏସିଂ ଏବଂ ବେନାମୀ କାରବାରଗୁଡ଼ିକର ତଦନ୍ତ କରାନ୍ତୁ। ଭାଜପାବାଲା ମୋତେ ଚୁପ୍ କରାଇବା ପାଇଁ ନିଜ ସମୟ ନଷ୍ଟ କରୁଛନ୍ତି। ସେମାନେ ନିଜ ଓକିଲଙ୍କ ସଦୁପଯୋଗ କରନ୍ତୁ ବୋଲି ମହୁଆ କହିଛନ୍ତି। ନିଶିକାନ୍ତ ହେଉଛନ୍ତି ସେହି ବ୍ୟକ୍ତି, ଯିଏକି ସଂସଦର ସ୍ୱତନ୍ତ୍ର ଅଧିବେଶନ ଶେଷ ଦିନରେ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଏମ୍‌ପି ଦାନିସ୍ ଅଲୀଙ୍କୁ ମୁସଲମାନ ଆତଙ୍କବାଦୀ କହି ବିବାଦୀୟ ହୋଇଥିଲେ।



## ୱାଶିଂଟନରେ 'ଷ୍ଟାଚ୍ୟୁ ଅଫ୍ ଇକ୍ୱାଲିଟି'

ୱାଶିଂଟନ୍,୧୫।୧୦

ଭାରତ ବାହାରେ ଆମ୍ବେଡକରଙ୍କ ସର୍ବୋଚ୍ଚ ପ୍ରତିମୂର୍ତ୍ତି ଅନାବରଣ

ଭାରତୀୟ ସମ୍ବିଧାନର ସ୍ଥପତି ଡ. ବାବାସାହେବ ଭୀମରାଓ ଆମ୍ବେଡକରଙ୍କ ୧୯ ଫୁଟ୍ ଉଚ୍ଚତା ବିଶିଷ୍ଟ ଏକ ପ୍ରତିମୂର୍ତ୍ତି ଆମେରିକାର ୱାଶିଂଟନ୍ ନିକଟରେ ଅନାବରଣ କରାଯାଇଛି। ଏହା ହେଉଛି ଭାରତ ବାହାରେ ଆମ୍ବେଡକରଙ୍କ ସର୍ବବୃହତ୍ ପ୍ରତିମୂର୍ତ୍ତି। ଏହି ଐତିହାସିକ କାର୍ଯ୍ୟକ୍ରମରେ ୫୦୦ରୁ ଊର୍ଦ୍ଧ୍ୱ ଭାରତୀୟ-ଆମେରିକୀୟ ଯୋଗଦେଇ 'ଜୟ ଭୀମ' ସ୍ଲୋଗାନ ଦେଇଥିଲେ। ବିଖ୍ୟାତ ସ୍ଥପତି ରାମ ସୂତାର ଏହି ପ୍ରତିମୂର୍ତ୍ତି ତିଆରି କରିଛନ୍ତି। ରାମ ସୂତାର ହେଉଛନ୍ତି ଗୁଜରାଟର ନର୍ମଦା ସରୋବର ଡ୍ୟାମ୍‌ରେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ 'ଷ୍ଟାଚ୍ୟୁ ଅଫ୍ ୟୁନିଟି'ର ନିର୍ମାତା। ଅସମାନତା କେବଳ ଭାରତରେ ଅଛି ତାହା ନୁହେଁ, ବରଂ ସବୁଠି ବିଭିନ୍ନ ରୂପରେ ବିଦ୍ୟମାନ। ତେଣୁ ଆମେ ଏହାକୁ 'ସମାନତାର ପ୍ରତିମୂର୍ତ୍ତି' ନାମକରଣ କରିଛୁ ବୋଲି ଆମ୍ବେଡକର ଇଣ୍ଟରନ୍ୟାଶନାଲ ସେଣ୍ଟର (ଏଆଇସି) ଅଧ୍ୟକ୍ଷ ରାମ କୁମାର କହିଛନ୍ତି।



## ପୂର୍ବତନ ସିଇସି ଏମ୍.ଏସ୍. ଗିଲ୍‌ଙ୍କ ପରଲୋକ

ନୂଆଦିଲ୍ଲୀ,୧୫।୧୦(ପି.ଟି.)

ପୂର୍ବତନ ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏମ୍.ଏସ୍. ଗିଲ୍ (୮୬)ଙ୍କ ପରଲୋକ ହୋଇଛି। ଅସୁସ୍ଥ ଗିଲ୍ ଦକ୍ଷିଣ ଦିଲ୍ଲୀର ଏକ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ରବିବାର ତାଙ୍କ ମୃତ୍ୟୁ ଘଟିଥିବାବେଳେ ସୋମବାର ଶେଷକୃତ୍ୟ ସମ୍ପନ୍ନ କରାଯିବ। ୧୯୫୮ ବ୍ୟାଚ୍‌ର ପଞ୍ଜାବ କ୍ୟାଡର ପୂର୍ବତନ ଆଇଏଏସ୍ ଅଧିକାରୀ ଗିଲ୍ ଜଣେ ଯୁବ ଅଫିସର ଭାବେ କାର୍ଯ୍ୟ ଆରମ୍ଭ କରିଥିଲେ। ଟି.ଏନ୍. ସେଶାନ୍ ସିଇସି ପଦରେ ଥିବାବେଳେ ଗିଲଙ୍କୁ ନିର୍ବାଚନ କମିଶନ ନିଯୁକ୍ତ କରାଯାଇଥିଲା। ଗିଲ୍ ୧୯୯୬ରୁ ୨୦୦୧ ପର୍ଯ୍ୟନ୍ତ ଦେଶର ଏକାଦଶ ସିଇସି ରୂପେ ଦାୟିତ୍ୱ ସମ୍ପାଦନ କରିଥିଲେ। ପରବର୍ତ୍ତୀ ସମୟରେ ସେ କଂଗ୍ରେସ ଦଳରୁ ରାଜ୍ୟ ସଭାକୁ ଯାଇଥିଲେ। ୨୦୦୮ରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ହୋଇଥିଲେ।



## ଶିବରାଜଙ୍କୁ ଟକ୍କର ଦେବେ 'ହନୁମାନ'

ନୂଆଦିଲ୍ଲୀ,୧୫।୧୦

ଏମ୍‌ପି, ଛତିଶଗଡ଼, ତେଲଙ୍ଗାନା ପାଇଁ କଂଗ୍ରେସ ଜାରିକଲା ପ୍ରଥମ ପ୍ରାର୍ଥୀ ତାଲିକା

ମଧ୍ୟପ୍ରଦେଶ(ଏମ୍‌ପି), ଛତିଶଗଡ଼ ଓ ତେଲଙ୍ଗାନାରେ ହେବାକୁ ଥିବା ବିଧାନସଭା ନିର୍ବାଚନ ପାଇଁ କଂଗ୍ରେସ ପକ୍ଷରୁ ରବିବାର ପ୍ରଥମ ପ୍ରାର୍ଥୀତାଲିକା ଜାରି କରାଯାଇଛି। ଏମ୍‌ପି ପାଇଁ ୧୪୪ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିବାବେଳେ ଛତିଶଗଡ଼ ଏବଂ ତେଲଙ୍ଗାନା ସକାଶେ ଯଥାକ୍ରମେ ୩୦ ଓ ୫୫ ଜଣଙ୍କୁ ଦଳ ଟିକେଟ ଦେଇଛି।

ଛତିଶଗଡ଼ ବିଧାନସଭାର ୯୦ ଆସନ ପାଇଁ ନଭେମ୍ବର ୭ ଓ ୧୭ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ନଭେମ୍ବର ୧୭ରେ ମଧ୍ୟପ୍ରଦେଶ ବିଧାନସଭାର ୨୩୦ ଏବଂ ୩୦ ତାରିଖରେ ତେଲଙ୍ଗାନାର ୧୧୯ ନିର୍ବାଚନମଣ୍ଡଳୀ ପାଇଁ ଭୋଟ ଗ୍ରହଣ କରାଯିବ। ଡିସେମ୍ବର ୩ରେ ଫଳାଫଳ ପ୍ରକାଶ ପାଇବ। ଏହାକୁ ଦୃଷ୍ଟିରେ ରଖି ଏମ୍‌ପିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ କମିଟି ସଭାପତି କମଲନାଥଙ୍କୁ ଛିନ୍ଦୱାଡାରେ ପ୍ରାର୍ଥୀ କରାଯାଇଛି। ଅନ୍ୟତମ ପୂର୍ବତନ ମୁଖ୍ୟମନ୍ତ୍ରୀ ଦିଗ୍‌ବିଜୟ ସିଂଙ୍କ ପୁଅ ଜୟବର୍ଦ୍ଧନ ସିଂଙ୍କୁ ଦଳ ରାଘୋଗଡ଼ ଆସନ ପାଇଁ ଟିକେଟ ଦେଇଛି। ଜୟବର୍ଦ୍ଧନ କମଲନାଥ ସରକାରରେ ମନ୍ତ୍ରୀ ଥିଲେ। ମୁଖ୍ୟମନ୍ତ୍ରୀ ଶିବରାଜ ସିଂ ଚୌହାନଙ୍କ ବିରୋଧରେ ଲୋକପ୍ରିୟ ଅଭିନେତା ବିକ୍ରମ ମସ୍ତାଲଙ୍କୁ କଂଗ୍ରେସ ପ୍ରାର୍ଥୀ କରିଛି। ଆନନ୍ଦ ସାଗରଙ୍କ ୨୦୦୮ ଟିଭି ଧାରାବାହିକ ରାମାୟଣରେ ହନୁମାନ ଭୂମିକାରେ ଅଭିନୟ କରିଥିବା ମସ୍ତାଲ ଗତ ଜୁଲାଇରେ କମଲନାଥଙ୍କ ଉପସ୍ଥିତିରେ କଂଗ୍ରେସରେ ସାମିଲ ହୋଇଥିଲେ। ସେ ବୁଧନୀ ଆସନରେ ଶିବରାଜଙ୍କୁ କଡ଼ା ଟକ୍କର ଦେଇପାରନ୍ତି। ସେହିପରି ଛତିଶଗଡ଼ ମୁଖ୍ୟମନ୍ତ୍ରୀ ଭୂପେଶ ବଘେଲ ପଟନ ଆସନରୁ ଏବଂ ଉପମୁଖ୍ୟମନ୍ତ୍ରୀ ଟି.ଏସ୍. ସିଂଦେଓ ଅମ୍ବିକାପୁର ନିର୍ବାଚନମଣ୍ଡଳୀରୁ ନିର୍ବାଚନ ଲଢ଼ିବେ। ତେଲଙ୍ଗାନାରେ ପିସିସି ସଭାପତି ଅନୁମୁଲା ରେଭାନ୍ଥ ରେଡ୍ଡୀଙ୍କୁ କଂଗ୍ରେସ କେଦଙ୍ଗଲ ଆସନରୁ ଲଢ଼ିବା ପାଇଁ ଟିକେଟ ଦେଇଛି। ବିଧାୟକ ଦଳ ନେତା ଭଟ୍ଟି ବିକ୍ରମର୍କା ମାଲୁଙ୍କୁ ମାଧିରା-ଏସ୍‌ସି ଆସନରେ ପ୍ରତିଦ୍ୱନ୍ଦ୍ୱିତା ପାଇଁ ସୁଯୋଗ ମିଳିଛି।



ବିକ୍ରମ ମସ୍ତାଲ



ଶିବରାଜ ସିଂ ଚୌହାନ

ଫୁରସତ୍

# ଖାଦ୍ୟ ସଂରକ୍ଷଣ ଅପରିହାର୍ଯ୍ୟ

ବିଶ୍ୱ ଖାଦ୍ୟ ଦିବସ

ବିଶ୍ୱ ଖାଦ୍ୟ ଦିବସ ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖ ଦିନ ସାରା ବିଶ୍ୱରେ ପାଳିତ ହୁଏ। ମିଳିତ ଜାତିସଂଘ ଦ୍ୱାରା ୧୯୪୫ ମସିହାରେ ଖାଦ୍ୟ ଏବଂ କୃଷି ସଂଗଠନର ସ୍ଥାପନା ଦିବସକୁ ସମ୍ମାନ ଜଣାଇ ଏହି ଦିନଟିକୁ ବିଶ୍ୱ ଖାଦ୍ୟ ଦିବସ ରୂପେ ପାଳନ କରିବା ଲାଗି ଘୋଷଣା କରାଯାଇଛି। ନଭେମ୍ବର ୧୯୭୯ ମସିହାରେ ଖାଦ୍ୟ ଏବଂ କୃଷି ସଂଗଠନର ସଦସ୍ୟ ରାଷ୍ଟ୍ରମାନଙ୍କଦ୍ୱାରା ଏହି ସଂଗଠନର ୨୦ତମ ସମ୍ମିଳନୀରେ ଏହି ଦିବସ ପାଳନ କରିବା ନିଷ୍ପତ୍ତି ନିଆଯାଇଥିଲା।

ତତ୍କାଳୀନ ହଙ୍ଗେରିଆନ କୃଷି ଏବଂ ଖାଦ୍ୟ ମନ୍ତ୍ରୀ ଡଃ ପାଲ ରମାନୀଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳ ଖାଦ୍ୟ ଏବଂ କୃଷି ସଂଗଠନର ୨୦ତମ ସମ୍ମିଳନୀରେ ଏକ ସକ୍ରୀୟ ଭୂମିକା ଗ୍ରହଣ କରି ଏ ସଂକ୍ରାନ୍ତରେ ଏକ ବିଚାର ବ୍ୟକ୍ତ କରିଥିଲେ। ଏହା ଉକ୍ତ ସମ୍ମିଳନୀରେ ଗୃହୀତ ହେବା ପରେ ବିଶ୍ୱର ୧୫୦ରୁ ଅଧିକ ଦେଶ ପ୍ରତିବର୍ଷ ଅକ୍ଟୋବର ୧୬ ତାରିଖକୁ ବିଶ୍ୱ ଖାଦ୍ୟ ଦିବସ ରୂପେ ପାଳନ କରୁଛନ୍ତି।

ଖାଦ୍ୟାଭାବ ତଥା ଦାରିଦ୍ର୍ୟ ଜନିତ ସମସ୍ୟା ତଥା ଏହାର ନିରାକରଣ ସମ୍ପର୍କରେ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିବା ଏହି ଦିବସ ପାଳନର ମୂଳ ଲକ୍ଷ୍ୟ। ବିଶ୍ୱରୁ କ୍ଷୁଧା ଦୂର କରି ସମସ୍ତଙ୍କୁ ଆହାର ଯୋଗାଇବା ପାଇଁ ପ୍ରୟାସ କରିବା ପାଇଁ ବିଭିନ୍ନ ଯୋଜନା ଉପରେ ଏହି ଦିନ ବିଚାର ବିମର୍ଷ କରାଯାଇଥାଏ। ଏହାସହ ଲୋକଙ୍କୁ ଜାଗୃତ କରିବା। ବିଶ୍ୱ ଖାଦ୍ୟ ଦିବସ ୧୯୮୧ରେ ପ୍ରଥମ ଥର ପାଳନ କରାଯାଇଥିଲା। ପୃଥିବୀରେ ଅଧିକାଂଶ ଲୋକେ ସଠିକ ସମୟରେ ଖାଦ୍ୟ ନ ପାଇବାରୁ ସେମାନଙ୍କ ମୃତ୍ୟୁ ହୋଇଥାଏ। ଏହାସହ ଏଭଳି ମଧ୍ୟ ଅଧିକାଂଶ ସମୟରେ ଦେଖାଯାଇଥାଏ ଅନେକ ଲୋକଙ୍କୁ ସଠିକ ସମୟରେ ଖାଦ୍ୟ ମିଳିଥାଏ, ମାତ୍ର ସେମାନେ ଖାଦ୍ୟ ଅଧା ଖାଇ ଫିଙ୍ଗିଥାନ୍ତି। ତେଣୁ କୁହାଯାଏ ଯେତିକି ଖାଦ୍ୟ ଖାଇବେ ସେତିକି ହିଁ ନେବା ଉଚିତ। ଖାଦ୍ୟ ଆଦୌ ନଷ୍ଟ କରିବା ଉଚିତ ନୁହେଁ। ଖାଦ୍ୟ ପ୍ରତ୍ୟେକ ବ୍ୟକ୍ତିର ମୌଳିକ ଅଧିକାର। ତେଣୁ ଲୋକଙ୍କୁ ଭୋକରୁ ରକ୍ଷା କରିବାକୁ ଏହି ଦିନ ପାଳନ କରାଯାଇଥାଏ। ଏହି ଦିନ ବିଭିନ୍ନ ସଚେତନା ମୂଳକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ଯାଦ୍ୱାରା ବିଭିନ୍ନ ପ୍ରକାର ଅସହାୟ ବ୍ୟକ୍ତିଙ୍କୁ ସାହାଯ୍ୟ କରିବା ପାଇଁ ପ୍ରେରିତ ହେବା ସହ ଭୋକ କାରଣରୁ କାହାର ମଧ୍ୟ ମୃତ୍ୟୁ ନ ହେଉ ସେଥିପ୍ରତି ଦୃଷ୍ଟି ପ୍ରଦାନ କରାଯାଇଥାଏ। ପ୍ରତିବର୍ଷ ବିଶ୍ୱ ଖାଦ୍ୟ ଦିବସ ଏକ ସ୍ୱତନ୍ତ୍ର ବାର୍ତ୍ତା ବହନ କରିଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ବାର୍ତ୍ତା ହେଉଛି ' ଜଳ ହିଁ ଜୀବନ, ଜଳ ହିଁ ଖାଦ୍ୟ, ପଛରେ କାହାକୁ ଛାଡି ଦିଅନାହିଁ'(ୱାଟର ଇଜ ଲାଇଫ, ୱାଟର ଇଜ ଫୁଡ, ଲିଭ ନୋ ୱାନ ବିହାଇଣ୍ଡ) ।



## ମ୍ୟାଚ୍‌ବେଳେ ସୁନାଖଚିତ ଫୋନ୍ ହଜାଇଲେ

**ମୁମ୍ବାଇ:** ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଭାରତ- ପାକିସ୍ତାନ ମ୍ୟାଚ ଦେଖିବାକୁ ବଲିଉଡ୍‌ର ଅଭିନେତ୍ରୀ ଉର୍ବଶୀ ରଉତେଲା ପହଞ୍ଚିଥିଲେ। ଏହି ସମୟରେ ଅଭିନେତ୍ରୀଙ୍କ ୨୪ କ୍ୟାରେଟ୍ ସୁନା ଖଚିତ ଆଇଫୋନ୍ ଷ୍ଟାଡିୟମରେ ହଜିଯାଇଛି। ଏନେଇ ସେ ନିଜେ ସୋସିଆଲ ମିଡିଆରେ ସୂଚନା ଦେଇଛନ୍ତି। ଯେଉଁଥିରେ ସେ ଅହମଦାବାଦ ପୋଲିସକୁ ଟ୍ୟାଗ୍ କରି ଲେଖିଛନ୍ତି- 'ମୋର ୨୪ କ୍ୟାରେଟ୍ ସୁନାଖଚିତ ଆଇଫୋନ୍ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ହଜିଯାଇଛି। ଦୟାକରି ଯଦି କେହି ଏହା ପାଆନ୍ତି, ତୁରନ୍ତ ଯୋଗାଯୋଗ କରନ୍ତୁ। ଅଭିନେତ୍ରୀ ଏହି ପୋଷ୍ଟକୁ ନିଜ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ମଧ୍ୟ ଶେୟାର କରିଛନ୍ତି। ଏହା ପୂର୍ବରୁ ଉର୍ବଶୀ ରଉତେଲା ଷ୍ଟାଡିୟମରୁ ଏକ ଭିଡିଓ ଶେୟାର କରିଥିଲେ। ଯେଉଁଥିରେ ଭାରତ ବିଜୟ ଆଡକୁ ଗତି କରୁଥିବା ଦେଖି ସେ ବହୁତ ଖୁସି ଥିଲେ।



## କଷ୍ଟ ଲାଘବ କରେ ନିଶ୍ଚେତକ

ବିଶ୍ୱ ନିଶ୍ଚେତକ ଦିବସ



ଚିକିତ୍ସା କ୍ଷେତ୍ରରେ ନିଶ୍ଚେତକର ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ଏହା ବିନା ସାଧାରଣ ପରୀକ୍ଷାଠାରୁ ଆରମ୍ଭ କରି ଛୋଟ ଅବା ବଡ଼ ଅପରେଶନ ସମ୍ଭବ ହୋଇପାରି ନ ଥାଏ। ନିଶ୍ଚେତକ ବ୍ୟବହାର ଦ୍ୱାରା ରୋଗୀ ଅପରେଶନ ସମୟରେ କଷ୍ଟ ଅନୁଭବ କରିପାରି ନ ଥାନ୍ତି। ଚିକିତ୍ସା ବିନା କଷ୍ଟ ଅନୁଭବରେ ହେବା ଦ୍ୱାରା ରୋଗୀ ମାନସିକସ୍ତରରେ ଏହାର ସାମନା କରିବାକୁ ସକ୍ଷମ ହୋଇଥାନ୍ତି ଏବଂ ଚିକିତ୍ସା ସେବା ଗ୍ରହଣ କରିବାକୁ ସ୍ୱୀକୃତି ପ୍ରଦାନ କରିଥାନ୍ତି। ଚିକିତ୍ସା କ୍ଷେତ୍ରରେ ନିଶ୍ଚେତକର ଭୂମିକା ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଅକ୍ଟୋବର ୧୬ରେ ବିଶ୍ୱ ନିଶ୍ଚେତକ ଦିବସ ପାଳନ କରାଯାଇଥାଏ। ଏହାକୁ ଇଥର ଦିବସ ମଧ୍ୟ କୁହାଯାଇଥାଏ।

ଚିକିତ୍ସା କ୍ଷେତ୍ରରେ ୧୮୪୬ ଅକ୍ଟୋବର ୧୬ରେ ସଫଳତାର ସହିତ ଡାଇଇଥାଇଲ ଇଥର ନିଶ୍ଚେତକର ପ୍ରୟୋଗ କରାଯାଇଥିଲା। ଏହାକୁ ସ୍ମରଣ କରିବା ପାଇଁ ସାରା ବିଶ୍ୱରେ ବିଶ୍ୱ ନିଶ୍ଚେତକଦିବସ ପାଳନ କରାଯାଇଥାଏ।

ୱିଲିୟମ ଟି.ଜି. ମୋର୍ଟନ ଆନୁଷ୍ଠାନିକ ଭାବେ ଡାଇଇଥାଇଲ ଇଥରର ପ୍ରଥମ ସଫଳ ବ୍ୟବହାର ହାର୍ୱାର୍ଡ ସ୍କୁଲ ଅଫ ମେଡିସିନର ମାସାଚୁସେଟ୍ସ ଜେନେରାଲ ହସ୍ପିଟାଲରେ ଏକ ଅପରେଟିଂ ଥିଏଟରରେ କରିଥିଲେ। ବିଶ୍ୱ ନିଶ୍ଚେତକ ଦିବସ ପ୍ରତିବର୍ଷ ଏକ ବାର୍ତ୍ତା ଉପରେ ପର୍ଯ୍ୟବେସିତ ହୋଇଥାଏ। ଚଳିତ ୨୦୨୩ ବର୍ଷ ପାଇଁ ଏହି ଦିବସର ବାର୍ତ୍ତା ହେଉଛି, 'ନିଶ୍ଚେତକ: ଆକ୍ସେସ ସୁନିଶ୍ଚିତ କରିବା, ସବୁ ସ୍ଥାନରେ ନିରାପଦ ସର୍ଜିକାଲ କେୟାର ବୃଦ୍ଧି କରିବା'( ଆନାଥେସିଆ: ଏନସ୍ୟୁରିଂ ଆକ୍ସେସ, ଏନହାନ୍ସିଂ ସେଫ୍ ସର୍ଜିକାଲ କେୟାର ଏଭ୍ରିହ୍ୱେର)।

## ୟୁନିଭର୍ସିଟିରେ ତନ୍ତ୍ରବିଦ୍ୟା



ଲଣ୍ଡନ

ବିଜ୍ଞାନ ତନ୍ତ୍ରବିଦ୍ୟା ଉପରେ ବିଶ୍ୱାସ କରେନି। ହେଲେ ଜଣାପଡିଛି କି, ଏକ ୟୁନିଭର୍ସିଟି ଯାଦୁ-ଟୋନା ଉପରେ କୋର୍ସ ଆରମ୍ଭ କରିବାକୁ ଯାଉଛି। କୋର୍ସରେ ବିଭିନ୍ନ ପ୍ରକାରର ଯାଦୁ ସାମିଲ ରହିଛି। ଏହି ବାବଦରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷା ଦିଆଯିବ। ତନ୍ତ୍ର-ମନ୍ତ୍ର କିପରି ହୁଏ, ସେ ନେଇ ଟ୍ରେନିଂ ଦିଆଯିବ। ୨ ବର୍ଷ ଏହି କୋର୍ସ କରିବା ପରେ ପିଲାମାନେ ଏଥିରେ ପିଜି ମଧ୍ୟ କରିପାରିବେ। ରିପୋର୍ଟ ମୁତାବକ, ବ୍ରିଟେନର ଏକ୍ସିଟର ୟୁନିଭର୍ସିଟି ଯାଦୁ ଏବଂ ଗୁପ୍ତ ବିଜ୍ଞାନର ବିଦ୍ୟା ଆରମ୍ଭ କରିବାକୁ ଯାଉଛି। ଏହା ଦୁନିଆର ସବୁଠୁ ପ୍ରଥମ ୟୁନିଭର୍ସିଟି, ଯେଉଁଠାରେ ଏପରି ବିଦ୍ୟା ଆରମ୍ଭ ହେବାକୁ ଯାଉଛି। ଏଠାକାର ପ୍ରଫେସର ଏମିଲି ସିଲଭ୍ କହିଛନ୍ତି, ତନ୍ତ୍ର-ବିଦ୍ୟା ଅନେକ ରୋମାଞ୍ଚକର। ଏଥିପ୍ରତି ଅନେକଙ୍କ ଆଗ୍ରହ ରହିଛି। ସେଥିପାଇଁ ଏପରି ଏକ ପିଜି କୋର୍ସ ଆରମ୍ଭ ହେବାକୁ ଯାଉଛି। ଏମିଲି ସେଲୋୱେ ୟୁନିଭର୍ସିଟି ଏକ୍ସିଟରରେ ମଧ୍ୟକାଳୀନ ଆରବୀ ସାହିତ୍ୟ ପଢାନ୍ତି। ତାଙ୍କୁ ଏହି କୋର୍ସର କୋଅର୍ଡିନେଟର କରାଯାଇଛି। ପିଲାମାନେ ପଢିବାବେଳେ ତନ୍ତ୍ରବିଦ୍ୟା ବାବଦରେ ଜାଣିବେ। ଯାଦୁ-ଟୋନାରେ କ'ଣ ପ୍ରଭାବ ପଡ଼ିବ, ତାହା ମଧ୍ୟ ଶିକ୍ଷା ଦିଆଯିବ। ଏଥିସହ ମଧ୍ୟକାଳୀନ ଯୁଗରେ ମହିଳାମାନେ କିପରି ଯାଦୁ କରୁଥିଲେ, ତାହା ପଢ଼ାଯିବ। ଏମିଲିଙ୍କ କହିବା କଥା, ସାଧାରଣତଃ ଯୁବକ ଏବଂ ମହିଳାମାନେ ଏଥିପ୍ରତି ଅଧିକ ରୁଚି ରଖିଥାନ୍ତି। ନିକଟରେ ଲୋକେ ଟିକ୍‌ଟକ୍‌ରେ ଚୁଡେଲ ବାବଦରେ ଜାଣିବାକୁ ଆଗ୍ରହୀ ଥିବା ଜଣାପଡ଼ିଛି।

# ଧରିତ୍ରୀ
DHARITRI

ଭୁବନେଶ୍ୱର, ସୋମବାର, ଅକ୍ଟୋବର ୧୬/୨୦୨୩ | Bhubaneswar, Monday, October 16/2023 | ପୃଷ୍ଠା-୧




**ଦେବାଶିଷଙ୍କୁ ଆଇଟିଏଫ୍ ଟାଇଟଲ**

ଓଡ଼ିଶା ଟେନିସ ଖେଳାଳି ଦେବାଶିଷ ସାହୁ ଘାନାର ଆକ୍ରାଠାରେ ଆଇଟିଏଫ୍ ଜୁନିୟର ଡବଲ୍ସ ଟାଇଟଲ୍ ହାସଲ କରିଛନ୍ତି ।

୧୩

୦୨

**ଲେଡି ସିଙ୍ଘମ୍ ବେଶରେ ଦୀପିକା**

ଫିଲ୍ମ 'ସିଙ୍ଘମ୍ ଏଗେନ୍'ର ଫାଷ୍ଟ ଲୁକ୍‌ରେ ଅଭିନେତ୍ରୀ ଦୀପିକାଙ୍କୁ ପ୍ରଥମ ଥର ପାଇଁ ପୋଲିସ ପୋଷାକରେ ଦେଖିବାକୁ ମିଳିଛି, ଯାହାକୁ ଦର୍ଶକ ବେଶ ପସନ୍ଦ କରୁଛନ୍ତି।



# ୭୮ରେ ନବୀନ

- ଭଉଣୀଙ୍କ ବିୟୋଗ ଲାଗି ପାଳିବେନି ଜନ୍ମଦିନ
- ନବୀନ ନିବାସ ନ ଆସିବାକୁ ଶୁଭେଚ୍ଛୁଙ୍କୁ ଅନୁରୋଧ କଲେ

ଭୁବନେଶ୍ୱର, ୧୫।୧୦ (ସୁନିତ୍ ମିଶ୍ର)



ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ୭୮ ବର୍ଷ ବୟସରେ ପଦାର୍ପଣ କରିବେ। ହେଲେ ଚଳିତଥର ମୁଖ୍ୟମନ୍ତ୍ରୀ ତାଙ୍କ ଜନ୍ମଦିନ ପାଳନ କରିବେ ନାହିଁ ବୋଲି ରବିବାର ସୂଚନା ଦେଇଛନ୍ତି। ଗତ ମାସରେ ତାଙ୍କ ବଡ଼ ଭଉଣୀ ଗୀତା ମେହେଟ୍ଟାଙ୍କ ବିୟୋଗ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଚଳିତ ବର୍ଷ ଜନ୍ମଦିନ ପାଳନ କରିବେ ନାହିଁ ବୋଲି କହିଛନ୍ତି। ତେଣୁ ଏଥର ଶୁଭେଚ୍ଛା ଜଣାଇବା ଲାଗି ନବୀନ ନିବାସକୁ କେହି ନ ଆସିବା ଲାଗି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛୁମାନଙ୍କୁ ଅନୁରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ, ଗତ କିଛିବର୍ଷ ହେଲା ବିଭିନ୍ନ କାରଣ ସକାଶେ ମୁଖ୍ୟମନ୍ତ୍ରୀ ନିଜ ଜନ୍ମଦିନ ପାଳନ କରୁନାହାନ୍ତି। କୋଭିଡ ସମୟରେ ମଧ୍ୟ ସେ ତାଙ୍କ ଜନ୍ମଦିନ ପାଳନ କରି ନ ଥିଲେ।



କେନ୍ଦୁଝର ଜିଲାରେ ଏକ ଧାନକ୍ଷେତରେ ହାତୀପଲ ।

# ସଡ଼କ ଦୁର୍ଘଟଣାରେ ୨୦ ମୃତ

- ମହାରାଷ୍ଟ୍ରରେ ମିନିବସ୍-ଟ୍ରକ୍ ଧକ୍କା: ୧୨ ମୃତ, ୨୩ ଆହତ
- ତାମିଲନାଡୁରେ କାର୍-ଟ୍ରକ୍ ମୁହାଁମୁହିଁ: ୨ ଶିଶୁଙ୍କ ସମେତ ୮ ମୃତ

ଛତ୍ରପତି ସମ୍ଭାଜୀନଗର/ ତିରୁଭନ୍ନାମଲାଇ,୧୫।୧୦

ରବିବାର ମହାରାଷ୍ଟ୍ର ଓ ତାମିଲନାଡୁରେ ଘଟିଥିବା ୨ଟି ପୃଥକ୍ ସଡ଼କ ଦୁର୍ଘଟଣାରେ ୨୦ ଯାତ୍ରୀ ପ୍ରାଣ ହରାଇଛନ୍ତି। ମହାରାଷ୍ଟ୍ରର ଛତ୍ରପତି ସମ୍ଭାଜୀନଗର ଜିଲାରେ ସମୃଦ୍ଧି ଏକ୍ସପ୍ରେସ୍‌ୱେରେ ଏକ ଟ୍ରକ୍‌କୁ ମିନିବସ୍ କଣ୍ଟେନର ଧକ୍କା ଦେବାରୁ ୧୨ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨୩ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୬ ମହିଳା, ୫ ପୁରୁଷ ଓ ଜଣେ ନାବାଳିକା ଅଛନ୍ତି। ସେହିପରି ତାମିଲନାଡୁର ତିରୁଭନ୍ନାମଲାଇରେ କାର୍-ଟ୍ରକ୍ ଧକ୍କା ହେବାରୁ ୨ ପିଲାଙ୍କ ସମେତ ୮ ଜଣଙ୍କ ମୃତ୍ୟୁ ଘଟିଛି। ୧୭ ଧାରଣ କ୍ଷମତା ବିଶିଷ୍ଟ ଉକ୍ତ ଘରୋଇ ବସ୍‌ରେ ୩୫ ଯାତ୍ରୀ ଥିଲେ। ସେମାନେ ସୈଲାନି ବାବା ଦରଘା ଦର୍ଶନ କରି ନାଶିକ ଫେରୁଥିବାବେଳେ ଦ୍ରୁତଗତିରେ ମାଡ଼ିଆସୁଥିବା ଗାଡ଼ିର ଡ୍ରାଇଭର ବୈଜାପୁର ଅଞ୍ଚଳରେ ଭାରସାମ୍ୟ ହରାଇବାରୁ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏନେଇ ଶୋକବ୍ୟକ୍ତ କରିଛନ୍ତି। ☞ପୃଷ୍ଠା-୨

# ଫରିଦାବାଦରେ ଭୂକମ୍ପ

## ଦିଲ୍ଲୀ-ଏନ୍‌ସିଆର୍‌ରେ ଝଟକା

ନୂଆଦିଲ୍ଲୀ,୧୫।୧୦(ପି.ଟି.)

ହରିୟାଣାର ଫରିଦାବାଦରେ ରବିବାର ଅପରାହ୍ନ ୪ଟା ୮ ମିନିଟରେ ଭୂକମ୍ପ ଅନୁଭୂତ ହୋଇଛି। ୩.୧ ତୀବ୍ରତା ବିଶିଷ୍ଟ ଏହି ଭୂକମ୍ପର କେନ୍ଦ୍ରସ୍ଥଳ ଦକ୍ଷିଣପୂର୍ବ ଦିଲ୍ଲୀରୁ ୩୦ କି.ମି. ଦୂର ଫରିଦାବାଦର ପୂର୍ବଭାଗରେ ଥିଲା ବୋଲି ନ୍ୟାଶନାଲ ସେଣ୍ଟର ଫର୍ ସେସ୍‌ମୋଲୋଜି ପକ୍ଷରୁ କୁହାଯାଇଛି। ଭୂକମ୍ପ ପରେ ଏହାର ଝଟକା ଦିଲ୍ଲୀ ଓ ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

**ଅଗ୍ନିବୀରଙ୍କ ଦୁଃଖ**

# ଧାନକ୍ଷେତ ଛାଡ଼ି ଯାଉନାହାନ୍ତି ହାତୀ

- ଅମଳକୁ ନେଇ ଆଶଙ୍କାରେ ଚାଷୀ
- ସହାୟତା ଟଙ୍କାରେ କ୍ଷତି ଭରଣା ହେଉନି

କେନ୍ଦୁଝର,୧୫।୧୦ (ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲାରେ ଚଳିତ ବର୍ଷ ଧାନ ଫସଲ ଭଲ ହୋଇଛି। କ୍ଷେତରେ ଏବେ ଧାନ କେଣ୍ଡା ମାରିଲାଣି। ଆଉ ପ୍ରାୟ ମାସକ ମଧ୍ୟରେ ଚାଷୀ ଫସଲ ଅମଳ କରିବ। ଧାନ ଅମଳ କଲେ ବିକି ଧାର କରଜ ଶୁଝିବ ଏବଂ ଆସନ୍ତା ଏକବର୍ଷ ପାଇଁ ପରିବାର ଗୁଜୁରାଣ କରିବ। କିନ୍ତୁ ଏବେ ସବୁଜ ଧାନ କ୍ଷେତରେ ହାତୀପଲଙ୍କ ଉପଦ୍ରବ ଚାଷୀର ନିଦ ହଜାଇଦେଇଛି। ହାତୀଙ୍କ ଖାଦ୍ୟର ସ୍ୱାଦରେ ପରିବର୍ତ୍ତନ ହୋଇଯାଇଥିବାରୁ ଧାନ ଫସଲ ଖାଇବାକୁ ଜଙ୍ଗଲ ଛାଡ଼ି ଜନବସତିମୁହାଁ ହେଉଛନ୍ତି। ଧାନ ଫଳିବା ଆରମ୍ଭ ହୋଇଥିବାରୁ ଜମି ଛାଡ଼ି ଯାଉନାହାନ୍ତି। ହାତୀ ବିଲରେ ପଶି ଧାନ ଖାଇବା ସହ ବହୁ ପରିମାଣରେ ଫସଲ ନଷ୍ଟ କରୁଥିବାରୁ ଚାଷୀମାନେ ମୁଣ୍ଡରେ ହାତ ଦେଇ ବସିଛନ୍ତି। ଯଦିଓ ଫସଲ ନଷ୍ଟ ପାଇଁ ବନ ବିଭାଗ ପକ୍ଷରୁ କ୍ଷତିପୂରଣ ମିଳୁଛି। ତେବେ ପ୍ରକୃତ କ୍ଷତିପୂରଣ ମିଳୁ ନ ଥିବାରୁ ଚାଷୀମାନେ ଜୀବନକୁ ବାଜି ଲଗାଇ ଫସଲର ସୁରକ୍ଷା କରିବାକୁ ଦିନରାତି ଜଗି ରହୁଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, କେନ୍ଦୁଝର ଜିଲାରେ ପାଖାପାଖି ଏକ ଶହ ହାତୀ ବିଭିନ୍ନ ରେଞ୍ଜ ଅଞ୍ଚଳରେ ବିଚରଣ କରୁଛନ୍ତି। କେନ୍ଦୁଝର ସଦର ରେଞ୍ଜର କେରୀ, ମଇଦାନକେଲ, ତାଳପଦା, ଦେଓବନ୍ଧ ଆଦି ଗ୍ରାମାଞ୍ଚଳରେ ଏକ ୧୮ ଟିକିଆ ହାତୀପଲ ଏକ ମାସରୁ ଊର୍ଦ୍ଧ୍ୱ ହେଲା ଉପଦ୍ରବ ଜାରି ରଖିଛନ୍ତି। ଦିନରେ ହାତୀପଲ ପାଖ ଜଙ୍ଗଲରେ ରହୁଛନ୍ତି, ସନ୍ଧ୍ୟା ହେଲେ ଚାଷ ଜମିମୁହାଁ ହେଉଛନ୍ତି। ଧାନ ଫସଲର ସୁରକ୍ଷା ପାଇଁ ରାତି ଉଜାଗର ରହି ପିଲାଠାରୁ ବୃଦ୍ଧ ହାତୀ ଘଉଡ଼ାଉଛନ୍ତି। ଘଉଡ଼ାଇବା ସମୟରେ ହାତୀ ପଲ ଏଣେ ତେଣେ ବିଲରେ ଧାଉଁ ଥିବାରୁ ବହୁ ଫସଲ ଉଜୁଡ଼ି ଯାଉଛି। ଯଦିଓ ହାତୀ ଗତିପଥକୁ ଟ୍ରାକିଂ କରି ବନ ବିଭାଗ ଲୋକଙ୍କୁ ହାତୀ ଆସିବା ପୂର୍ବରୁ ବିଭିନ୍ନ ବାଟରେ ସଚେତନ କରୁଛି, କିନ୍ତୁ ଚାଷ ଜମିର ସୁରକ୍ଷା ☞ପୃଷ୍ଠା-୨





SOMETIMES, THE SMALLEST GESTURES MAKE THE BIGGEST IMPACT. ONLY A FEW UNDERSTAND THAT AND ENSURE THEIR ACTIONS LAST FOREVER. JUST LIKE PLATINUM, A METAL THAT STAYS TRUE TO ITSELF FOR A LIFETIME AND DOESN'T CHANGE. MAKING IT RARE. AND TRULY COMPLEMENTING THOSE WHO RISE ABOVE LIFE'S CHALLENGES IN THE MOST REMARKABLE WAY.

WHEN CHARACTER DISPLAYS COMPASSION, IT'S RARE. IT'S PLATINUM.

PRESENTING THE NEW COLLECTION FROM MEN OF PLATINUM.

— MEN OF — PLATINUM

KHIMJI® Jewellers since 1936

EXPLORE THE NEW COLLECTION AT A STORE NEAREST TO YOU.

LOOK FOR PT950 - THE ASSURANCE OF 95% PURE PLATINUM, A MARK OF AUTHENTICITY AND PURITY.

For an assured buyback, ask for your platinum purity assurance card.

Available at: **Bhubaneswar:** Janpath Road: 7873000153 | Chandrasekharpur: 7077726627 | Soubhagya Nagar: 6742560977 | **Cuttack:** 6712970099 | **Rourkela:** 7873000118 | **Jharsuguda:** 6645677777 | **Puri:** 6752224400 | **Berhampur:** 7873000102

**ଆଜିର ମନ୍ତବ୍ୟ**

‘ଇଣ୍ଡିଆ’ କେବଳ ଭୋଟ ପାଇଁ ନୁହେଁ, ବରଂ ନୀତି ନିର୍ଦ୍ଧାରଣ ସକାଶେ ଏକ ମେଣ୍ଟ। ତେଣୁ ୨୦୨୪ ଲୋକ ସଭା ନିର୍ବାଚନ ପରେ କେନ୍ଦ୍ରରେ ଆଉ ମୋଦି ସରକାର ରହିବ ନାହିଁ।
-ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡେଙ୍ଗୀ ରାନ୍ଧିବ,**
**ବାଙ୍ଗେରୀ ପରଷିବ,**
**ଭେଣ୍ଡିଆ ଖାଇବ,**
**ଏହାକି ମୋ ଦେହ ସହିବ?**

ଅନ୍ୟମାନେ ଖଟି ଚାଲୁଥିବାବେଳେ ସମର୍ଥ ବ୍ୟକ୍ତି ଜଣକ କୌଣସି କାମ ନ କରି ବସି ଖାଇବା ନିହାତି ଏକ ଅବିବେକୀର କାର୍ଯ୍ୟ ହୋଇଥାଏ। ନିକମା ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଡଗର ପଠାଇ ଆଣିବେ ଧରି**
**ମାଡ଼ ମରାଇବେ ଯନ୍ତାରେ ଭରି।**

ଇଂରେଜ ଶାସନ କାଳରେ ଓଡ଼ିଶାର ପ୍ରଜାଙ୍କ ଅବସ୍ଥା ଦୟନୀୟ ହୋଇଥିବା ଇତିହାସ ପୃଷ୍ଠାରୁ ଜଣାଯାଏ। ସେ କାଳରେ ସବୁ ଅନ୍ୟାୟ ଅନୀତିକୁ ଆଖିବୁଜି ସହିଯିବାକୁ ପଡୁଥିଲା। ରାଜା ସୈନ୍ୟସାମନ୍ତ ପଠାଇ ଦଣ୍ଡ ଦେବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ:

# ଲେଡି ସିଙ୍ଘମ୍ ବେଶରେ ଦୀପିକା



**ମୁମ୍ବାଇ**

ରୋହିତ ଶେଟ୍ଟୀଙ୍କ ନିର୍ଦ୍ଦେଶିତ ଫିଲ୍ମ ‘ସିଙ୍ଘମ୍ ଏଗେନ୍’ରେ ଅଭିନେତ୍ରୀ ଦୀପିକା ପାଦୁକୋନଙ୍କୁ ପ୍ରଥମ ଥର ପାଇଁ ପୋଲିସ ବେଶରେ ଦେଖିବାକୁ ମିଳିବ। ନବରାତ୍ରି ଅବସରରେ ଫିଲ୍ମର ଫାଷ୍ଟ ଲୁକ ରିଲିଜ୍ ହୋଇଛି, ଯେଉଁଥିରେ ଦୀପିକା ଦେହରେ ଖାକି ପୋଷାକ, ହାତରେ ବନ୍ଧୁକ, ମୁହଁରୁ ରକ୍ତ ଝରୁଥିବା ଲୁକ୍‌ରେ ନଜରକୁ ଆସିଛନ୍ତି; ଯାହା ପ୍ରଶଂସକଙ୍କୁ ବେଶ ଆକୃଷ୍ଟ କରିଛି। ସିନେମାରେ ଲେଡି ସିଙ୍ଘମ୍ ଦୀପିକାଙ୍କୁ ଶକ୍ତି ଶେଟ୍ଟୀଙ୍କ ଭୂମିକାରେ ଦେଖିବାକୁ ମିଳିବ। ଏନେଇ ଦୀପିକା ତାଙ୍କ ଇନ୍‌ଷ୍ଟାଗ୍ରାମରେ ଫିଲ୍ମର ୨ଟି ପୋଷ୍ଟର ଶେୟାର କରି ସୂଚନା ଦେଇଛନ୍ତି। ଦୀପିକାଙ୍କ ଲେଡି ସିଙ୍ଘମ୍ ରୂପକୁ ପ୍ରଶଂସକମାନେ ବେଶ ପସନ୍ଦ କରିଛନ୍ତି। ଦୀପିକାଙ୍କ ଏହି ପୋଷ୍ଟରେ ତାଙ୍କ ସ୍ୱାମୀ ତଥା ଅଭିନେତା ରଣବୀର ସିଂ କମେଣ୍ଟରେ ନିଆଁ ଲଗାଇ ଦେବେ ବୋଲି ଲେଖିଛନ୍ତି। ସେହିପରି ଅନେକ କଳାକାର ମଧ୍ୟ ଏହି ପୋଷ୍ଟରେ ଦୀପିକାଙ୍କ ଲୁକ୍‌କୁ ପ୍ରଶଂସା କରିଛନ୍ତି। ତେବେ ‘ସିଙ୍ଘମ୍ ଏଗେନ୍’ ଆସନ୍ତାବର୍ଷ ଅଗଷ୍ଟ ୧୫ରେ ରିଲିଜ୍ ହେବ। ଏଥିରେ ଅଜୟ ଦେବଗନ ଲିଡ ରୋଲରେ ନଜରକୁ ଆସିବେ। ତାଙ୍କ ବିପକ୍ଷରେ ଦୀପିକାଙ୍କୁ ଦେଖିବାକୁ ମିଳିବ। ଦୁହିଁଙ୍କ ବ୍ୟତୀତ ରଣବୀର ସିଂ, କରୀନା କପୁର, ଅକ୍ଷୟ କୁମାର, ଜ୍ୟାକି ଶ୍ରଫ ଓ ଭିକ୍କି କୌଶଲ ପ୍ରମୁଖ ସିନେମାରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବେ।

# ରଙ୍ଗିନ ରାତି ପାଇଁ ନିୟମ ଫୁଁ’

**ଚଢ଼ାଉ, ନୋଟିସ ଭେଳିକି**

- ବାର୍‌ରେ କମିଶନରେଟ୍ ପୋଲିସର ଚଢ଼ାଉ
- ୫ ଡ୍ୟାନ୍ସ ବାର୍‌କୁ ଅବକାରୀ ନୋଟିସ



ଭୁବନେଶ୍ୱରସ୍ଥିତ ଏକ ଡ୍ୟାନ୍ସ ବାର୍‌ରେ ଉଡ଼ାଯାଇଥିବା ନକଲି ଟଙ୍କାକୁ ସଂଗ୍ରହ କରାଯାଉଛି।



କମିଶନରେଟ୍ ପୋଲିସ ପକ୍ଷରୁ ଏକ ବାର୍‌ରେ ଚଢ଼ାଉ କରାଯାଉଛି।

**ଭୁବନେଶ୍ୱର,୧୫।୧୦(ସତ୍ୟଜିତ୍ ରାଉତ)**

କମିଶନରେଟ ପୋଲିସର କଡ଼ା ନିୟମ, ହେଲେ ଢିଲା ପାଳନ। ବାରମ୍ବାର ଚଢ଼ାଉ ଚାଲୁଛି, କିନ୍ତୁ ସବୁ ନିୟମ ଭାଙ୍ଗି ରାତି ସେମିତି ରଙ୍ଗିନ ହେଉଛି। ରାଜଧାନୀରେ ଥିବା ବାର୍, ନାଇଟ୍ କ୍ଲବ୍ ଓ ଡ୍ୟାନ୍ସବାର୍‌ଗୁଡ଼ିକ ବିଳମ୍ବିତ ରାତି ଯାଏ ଖୋଲା ରହୁଥିବାବେଳେ ମାଲିକମାନେ ସବୁ ନିୟମକୁ ଫୁଁ କରି ଉଡାଇ ଦେଉଛନ୍ତି। ରେଜିଷ୍ଟରକୁ ଠିକ୍ ଭାବେ ପରିଚାଳନା ନ କରି ନାନା ବେଆଇନ କାର୍ଯ୍ୟ ଚଳାଉଛନ୍ତି। ବେଆଇନ ଭାବେ ନାବାଳିକାଙ୍କୁ ନଚାଉଥିବାବେଳେ ମଦ ଓ ନିଷିଦ୍ଧ ନିଶା ସେବନ କରି ଗ୍ରାହକମାନେ ମତୁଆଲା ହେଉଛନ୍ତି। ଟଙ୍କା ଉଡାଇବା ସହ ନାନା ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ପୋଲିସ ଓ ଅବକାରୀ ବିଭାଗ କେବଳ ଚଢ଼ାଉ, ନୋଟିସ କରି ଭେଳିକି କରୁଥିବାରୁ ସହରର ରାତି ଅସୁରକ୍ଷିତ ହୋଇପଡୁଛି। ଏବେ ପାର୍ବଣକୁ ଦୃଷ୍ଟିରେ ରଖି କମିଶନରେଟ୍ ପୋଲିସ ତତ୍ପରତା ଦେଖାଉଥିବା ଭଳି ସହରବାସୀ ମନେ କରୁଛନ୍ତି। ‘ସେଫ୍ ସିଟି ଡ୍ରାଇଭ୍’ ଜରିଆରେ ଏକ ସ୍ୱତନ୍ତ୍ର ପୋଲିସ ଟିମ୍ ଶନିବାର ବିଳମ୍ବିତ ରାତିରେ କଟକ ରୋଡ୍, ମଞ୍ଚେଶ୍ୱର, ଚନ୍ଦ୍ରଶେଖରପୁର ଓ ଇନ୍‌ଫୋସିଟି ଅଞ୍ଚଳରେ ଥିବା ନାଇଟ୍ କ୍ଲବ୍, ଡ୍ୟାନ୍ସ ବାର୍‌ଗୁଡ଼ିକ ଉପରେ ଚଢ଼ାଉ କରିଛି। ଏହି ସମୟରେ କିଛି ବାର୍ ବିଳମ୍ବିତ ରାତି ପର୍ଯ୍ୟନ୍ତ ଖୋଲା ରହୁଥିବା ଜଣାପଡ଼ିଥିଲା। ଚନ୍ଦ୍ରଶେଖରପୁରସ୍ଥିତ ଏମ୍ବାସି, ବିବିଆଇ, ମିଡିଲ୍‌ଟନ୍ ରାତି ପ୍ରାୟ ୨ଟା ୩୦ ପର୍ଯ୍ୟନ୍ତ ଖୋଲା ରହିଥିବା ଦେଖିବାକୁ ମିଳିଥିଲା। ସେହିପରି କଟକ ରୋଡସ୍ଥିତ ପେଣ୍ଟାଗନ୍ ବାର୍ ମଧ୍ୟ ରାତି ପ୍ରାୟ ୨ଟା ପର୍ଯ୍ୟନ୍ତ ଖୋଲା ରହିଥିବାବେଳେ ଗ୍ରାହକଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ତେବେ ଏଭଳି ନିୟମ ଭଙ୍ଗ ନ କରିବାକୁ ଏସବୁ ବାର୍‌କୁ ପୋଲିସ ପକ୍ଷରୁ ତାଗିଦ୍ କରିଦିଆଯାଇଛି।

ଅନ୍ୟପକ୍ଷରେ ନିୟମ ଭଙ୍ଗ କରିଥିବା କଟକ ରୋଡସ୍ଥିତ ୫ଟି ଡ୍ୟାନ୍ସ ବାର୍‌କୁ ଅବକାରୀ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ସେଗୁଡ଼ିକ ହେଲା ପେଣ୍ଟାଗନ୍, ଆଲିଶାନ୍, ମହାନ୍ତି, ଏକାମ୍ର ଓ ଦୀପାଳି ଡ୍ୟାନ୍ସ ବାର୍। ଏନେଇ ଭୁବନେଶ୍ୱର ଅବକାରୀ ଇନ୍‌ସ୍ପେକ୍ଟର ବିକାଶ ନାୟକ କହିଛନ୍ତି, ନିୟମ ଭଙ୍ଗ ନ ହେବା ପାଇଁ ନିୟମିତ ବାର୍‌ଗୁଡ଼ିକୁ ଯାଞ୍ଚ କରାଯାଉଛି। ୮ଟି ଟିମ୍ ଗଠନ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ଯାଞ୍ଚବେଳେ ୫ଟି ଡ୍ୟାନ୍ସ ବାର୍ ନିୟମ ଭଙ୍ଗ କରିଥିବା ଜଣାପଡ଼ିବାରୁ କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଉକ୍ତ ବାର୍‌ଗୁଡ଼ିକ ରେଜିଷ୍ଟର୍ ପରିଚାଳନା ଠିକ୍ ଭାବେ କରୁ ନ ଥିଲେ। କିଛି ସ୍ଥାନରେ ନକଲି ନୋଟ୍ ଉଡୁଥିବା ଦେଖିବାକୁ ମିଳିଥିଲା ବୋଲି ସେ କହିଛନ୍ତି।

ଉଲ୍ଲେଖଯୋଗ୍ୟ, ବାର୍‌ରେ ନାବାଳିକାଙ୍କୁ ଡ୍ୟାନ୍ସର ଭାବେ ନିୟୋଜିତ କରାଇ ନିୟମ ଉଲ୍ଲଂଘନ କରାଯାଉଥିବା ଅଭିଯୋଗ ଆସିବା ପରେ ଗତ ଅଗଷ୍ଟ ଦ୍ୱିତୀୟ ସପ୍ତାହରେ ଅବକାରୀ ବିଭାଗ ପକ୍ଷରୁ କଟକ ରୋଡସ୍ଥିତ ୮ଟି ଡ୍ୟାନ୍ସବାର୍‌ରେ ମଧ୍ୟ ଚଢ଼ାଉ ହୋଇଥିଲା।

# ପିଏଚ୍‌ଓ ଡାକ୍ତରଙ୍କ ଗିରଫ ପରେ ଗୁମର ଖୋଲୁଛି

- ଅଡିଓ ଭିଡିଓ ଭାଇରାଲ
- ଖୁସି ମନାଇଲେ ଏଜେଣ୍ଟ କର୍ମଚାରୀ

**ପାରାଦୀପ,୧୫।୧୦(ଶରତ ରାଉତ)**

ପିଏଚ୍‌ଓ (ପୋର୍ଟ ହେଲ୍‌ଥ ଅର୍ଗାନାଇଜେଶନ)ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀଙ୍କୁ ସିବିଆଇ ଗିରଫ କରି କୋର୍ଟ ଚାଲାଣ କରିବା ପରେ ପାରାଦୀପର ମଧୁବନ ଭୂୟାଁ ଛକ ନିକଟରେ ରବିବାର ସନ୍ଧ୍ୟାରେ ବନ୍ଦର ଏଜେଣ୍ଟ କର୍ମଚାରୀମାନେ ଖୁସି ମନାଇଛନ୍ତି। ଏପରିକି ସିବିଆଇରେ ଅଭିଯୋଗ କରିଥିବା ଆଲୋକ ରାଉତଙ୍କୁ ଫୁଲତୋଡ଼ା ଦେଇ ସମ୍ମାନିତ କରିଛନ୍ତି। ଅପରପକ୍ଷେ ପାରାଦୀପ ବନ୍ଦର ବ୍ୟବହାରକାରୀ ସଂସ୍ଥା ମଧ୍ୟରେ କେତେକ ଅଡିଓ ଭିଡିଓ ଭାଇରାଲ ହୋଇଛି। ପିଏଚ୍‌ଓ ଡାକ୍ତର ରାଜେନ୍ଦ୍ର କିପରି ଏଜେଣ୍ଟ କର୍ମଚାରୀ, ଜାହାଜର ନାବିକ, କ୍ୟାପଟେନମାନଙ୍କୁ ଅର୍ଥ, ମଦ, ସିଗାରେଟ, ବିଦେଶୀ ସୌଖୀନ ସାମଗ୍ରୀ ଆଦି ପାଇଁ ହଇରାଣ କରୁଥିଲେ ସେ ସମ୍ପର୍କିତ ଦୃଶ୍ୟ ଉକ୍ତ ଭିଡିଓରେ ରହିଛି।

ଡାକ୍ତର ରାଜେନ୍ଦ୍ରଙ୍କ ସମ୍ପର୍କରେ ଅଧିକ ତଦନ୍ତ କରିବା ପାଇଁ ସିବିଆଇ ତାଙ୍କୁ ରିମାଣ୍ଡରେ ନେବ ବୋଲି କୁହାଯାଉଛି। ଏସବୁ ଖୋଳତାଡ଼ ହେଲେ ଆହୁରି ଅଧିକ କେଳେଙ୍କାରୀ ଖୋଲିବ ବୋଲି ରାଜେନ୍ଦ୍ରଙ୍କ ପୂର୍ବତନ ଡ୍ରାଇଭର ମନୋରଞ୍ଜନ ରାଉତ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି। ରାଜେନ୍ଦ୍ର ଅର୍ଥ ଓ ବିଦେଶୀ ସାମଗ୍ରୀ ନେବା ବ୍ୟତୀତ ଏଜେଣ୍ଟ ଥିବା କମ୍ପାନୀର କର୍ମଚାରୀଙ୍କୁ ପ୍ରାୟତଃ ଅଶାଳୀନ ବ୍ୟବହାର ଦେଖାଉଥିଲେ। ଏନେଇ ଅନେକଙ୍କ ମଧ୍ୟରେ ପୁଞ୍ଜିଭୂତ ଅସନ୍ତୋଷ ଥିଲା ବୋଲି ସମରଜିତ୍ ବିଶ୍ୱାଳ ନାମକ କର୍ମଚାରୀ କୁହନ୍ତି। ସେହିପରି ଆଉ ଜଣେ ଏଜେଣ୍ଟ କର୍ମଚାରୀ ସୌଭାଗ୍ୟ ମାଝୀ କୁହନ୍ତି,ଯେତେବେଳେ ଜାହାଜ ଲାଗେ ସେତେବେଳେ ଆମେ ଅନ୍‌ଲାଇନ ଜରିଆରେ ସମସ୍ତ ସୂଚନା ବିଭାଗୀୟ ଅଧିକାରୀଙ୍କୁ ଦେଇଥାଉ। କାରଣ ଜାହାଜ ବନ୍ଦରରେ ବର୍ଥ୍ ପରଠାରୁ ମିନିଟ ହିସାବରେ ଅର୍ଥ ଦେବାକୁ ପଡ଼ିଥାଏ। ବିଳମ୍ବ ହେଲେ ଏଜେଣ୍ଟ କମ୍ପାନୀକୁ ଅଧିକ ଅର୍ଥ ଦେବାକୁ ପଡ଼େ। ଏହାଛଡ଼ା କମ୍ପାନୀ ବଦନାମ ହେବାର ଆଶଙ୍କା ମଧ୍ୟ ଥାଏ। ଏପରି ସ୍ଥିତିରେ ଡାକ୍ତର ରାଜେନ୍ଦ୍ର କେବଳ ଅର୍ଥ ଲୋଭରେ ସମୟ ଗଡ଼ାଇବା ସହ ହଇରାଣ କରିଥାନ୍ତି। ଏପରିକି ଜାହାଜ କ୍ୟାପଟେନ ଓ ନାବିକମାନଙ୍କୁ ସ୍ୱାସ୍ଥ୍ୟ ରିପୋର୍ଟ ଦେବା ଆଳରେ ବିଦେଶୀ ସାମଗ୍ରୀ, ଡଲାର ଆଦି ନେଇଥାନ୍ତି। ଏହାଦ୍ୱାରା ଆମ ଦେଶ ମଧ୍ୟ ବଦନାମ ହୋଇଥାଏ ବୋଲି ସୌଭାଗ୍ୟ କହିଛନ୍ତି।



ଡାକ୍ତର ରାଜେନ୍ଦ୍ର ନାରାୟଣ ପାଣିଗ୍ରାହୀ

# ୧୮ରୁ ବଦଳିପାରେ ପାଗ

**ଶୀତକୁ ପ୍ରତିବନ୍ଧକ ଶୁଷ୍କ ପବନ**

**ଭୁବନେଶ୍ୱର, ୧୫।୧୦**
**(ଅସମାପିକା ସାହୁ)**

ସାରା ରାଜ୍ୟରେ ତାତି ଜାରି ରହିଛି। ଉପାନ୍ତରୁ ଉପକୂଳ ସବୁଠି ଗରମ, ଗୁଳୁଗୁଳି ଅନୁଭୂତ ହେଉଛି। ସକାଳ ୯ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ତାପମାତ୍ରା ଅଧିକ ରହୁଥିବାରୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେଉଛି। ରବିବାର ପାରାଦୀପ ଓ ଚାନ୍ଦବାଲିରେ ସର୍ବାଧିକ ୩୬.୨ ଡିଗ୍ରୀ ତାପମାତ୍ରା ରେକର୍ଡ କରାଯାଇଥିବାବେଳେ ଏହା ତଳକୁ ଅନୁଗୋଳରେ ୩୬.୧ ଡିଗ୍ରୀ ରହିଥିଲା। ତେବେ ଆସନ୍ତା ୩ଦିନ ପର୍ଯ୍ୟନ୍ତ ସ୍ୱାଭାବିକଠାରୁ ୨ ରୁ ୩ ଡିଗ୍ରୀ ଉପରେ ତାପମାତ୍ରା ରହିବ। ୧୮ ତାରିଖରୁ ପାଗ ବଦଳିପାରେ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ଉତ୍ତର ଓ ଦକ୍ଷିଣ ଆଭ୍ୟନ୍ତରୀଣ ଓଡ଼ିଶାର କିଛି ଜିଲାରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସମ୍ଭାବନା ରହିଥିବା ପାଣିପାଗ କେନ୍ଦ୍ର ଆକଳନ କରିଛି। ସେପଟେ ଶୀତକୁ ପ୍ରତିବନ୍ଧକ ସାଜିଛି ଉତ୍ତର-ପଶ୍ଚିମ ଦିଗରୁ ପ୍ରବାହିତ ଶୁଷ୍କ ପବନ। ସ୍ୱାଭାବିକ ସମୟର ୩ଦିନ ପୂର୍ବରୁ ମୌସୁମୀ ଓଡ଼ିଶାରୁ ବିଦାୟ ନେଇଥିବା ବେଳେ ପାଗ କିନ୍ତୁ ବଦଳୁନି। ଅଧିକାଂଶ ସହରରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସହ ତାତି ଜୋର୍ ରହୁଛି। ଓଡ଼ିଶା ଉପରେ କୌଣସି ପାଣିପାଗ ନିୟାମକ ନ ଥିବାବେଳେ ବିହାରଠାରୁ ଦକ୍ଷିଣ ବାଂଲାଦେଶ ପର୍ଯ୍ୟନ୍ତ ଏକ ଟ୍ରଫ୍‌ଲାଇନ୍ ରହିଛି। ଏହା ପ୍ରଭାବରେ ଆସନ୍ତା ୧୮ ବେଳକୁ ବାଲେଶ୍ୱର, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ, ଗଞ୍ଜାମ ଏବଂ ଗଜପତି ଜିଲାର କିଛି ଅଞ୍ଚଳରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି।

**ପ୍ରଥମ ପୃଷ୍ଠାରୁ...**

## ସଡ଼କ ଦୁର୍ଘଟଣାରେ ...

ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠି (ପିଏମ୍‌ଏନ୍‌ଆର୍‌ଏଫ୍)ରୁ ମୃତକଙ୍କ ପରିବାରକୁ ୨ ଲକ୍ଷ ଓ ଆହତ ବ୍ୟକ୍ତିମାନଙ୍କୁ ୫୦,୦୦୦ ଟଙ୍କା ଲେଖାଏ ସହାୟତା ପ୍ରଦାନ କରାଯିବା ନେଇ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ପକ୍ଷରୁ ଏକ୍ସ’ରେ ସୂଚନା ଦିଆଯାଇଛି। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ଦୁର୍ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ରାଜ୍ୟ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କା ଲେଖାଏ ଅନୁକମ୍ପାମୂଳକ ସହାୟତା ରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଛନ୍ତି। ତାମିଲନାଡୁରେ ଜଣେ କାର୍ ମାଲିକ ଏକ ମନ୍ଦିରରେ ଦର୍ଶନ ସାରି ରାଜଧାନୀ ବେଙ୍ଗାଲୁରୁକୁ ଫେରୁଥିଲେ। ତିରୁଭନ୍ନାମଲାଇ-ବେଙ୍ଗାଲୁରୁ ରାଜପଥରେ ଉକ୍ତ କାର୍ ଓ ଏକ ଟ୍ରକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାସ୍ଥଳରେ ୪ ପୁରୁଷ, ଜଣେ ମହିଳା ଓ ୨ ଶିଶୁଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏହି ଦୁର୍ଘଟଣା ଘଟିବାର କାରଣ ସ୍ପଷ୍ଟ ହୋଇନାହିଁ ବୋଲି ଚେନ୍‌ଗାମ ଟାଉନ୍ ପୋଲିସ କହିଛି।

## ଧାନକ୍ଷେତ ଛାଡ଼ି ...

କରିପାରୁ ନ ଥିବାରୁ ଅନେକ ସମୟରେ ଚାଷୀଙ୍କ ସହିତ ବନ କର୍ମଚାରୀଙ୍କ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହେଉଛି। ଗ୍ରାମବାସୀ ଫସଲର ସୁରକ୍ଷା ପାଇଁ ହାତୀପଲକୁ ଘଉଡ଼ାଇବା ନେଇ ସ୍ଥାନୀୟ ଅଞ୍ଚଳବାସୀଙ୍କ ମଧ୍ୟରେ ଅନେକ ସମୟରେ ଉତ୍ତେଜନା ଦେଖାଯାଉଛି। ଭାଜପା କୃଷକ ମୋର୍ଚ୍ଚା ଜିଲା ସଭାପତି ଭାଗୀରଥି ସିଂ କହିଛନ୍ତି, ହାତୀ ଉପଦ୍ରବ ଯୋଗୁ ଜିଲାରେ ଅନେକ ଶହ ଏକର ଧାନ ଫସଲ ନଷ୍ଟ ହେଉଛି। ସରକାରୀ ବ୍ୟବସ୍ଥା ଅନୁଯାୟୀ ଏକର ପିଛା ମିଳୁଥିବା ୨୦ ହଜାର ଟଙ୍କାରେ ଉକ୍ତ କ୍ଷୟକ୍ଷତି ଭରଣା ହେଉନାହିଁ। ଅନେକ ଅଞ୍ଚଳରେ କ୍ଷୟକ୍ଷତି ଆକଳନ ମଧ୍ୟ ଠିକ୍ ଭାବରେ ହେଉନାହିଁ। ଫଳରେ ବହୁ ଚାଷୀ କ୍ଷତିପୂରଣ ପାଉନାହାନ୍ତି। ହାତୀ ଉପଦ୍ରବ ଲାଗି ରହୁଥିବାରୁ ଅନେକ ଚାଷ କାର୍ଯ୍ୟ ଛାଡ଼ି ଦେଲେଣି। କେନ୍ଦୁଝର ସଦର ବନାଞ୍ଚଳ ରେଞ୍ଜ ଅଧିକାରୀ ବିଜୟ କୁମାର ମହାନ୍ତ କହିଛନ୍ତି, ଲୋକ ଓ ହାତୀଙ୍କ ସୁରକ୍ଷା ପାଇଁ ବନ କର୍ମଚାରୀମାନେ ଦିନରାତି କାମ କରୁଛନ୍ତି। ହାତୀ ପଲ ଏ ପର୍ଯ୍ୟନ୍ତ ୬ ଏକର ଧାନ କ୍ଷେତ ନଷ୍ଟ କରିଥିବା ଜଣାପଡ଼ିଥିବାବେଳେ ତଦନ୍ତ ପରେ ପ୍ରକୃତ ରିପୋର୍ଟ ଆସିବ। ତେବେ ଫସଲହାନୀ ହେଲେ ଆକଳନ କରି କ୍ଷତିପୂରଣ ଦିଆଯାଉଛି ବୋଲି ମହାନ୍ତ କହିଛନ୍ତି।

## ଫରିଦାବାଦରେ ଭୂକମ୍ପ...

ଜାତୀୟ ରାଜଧାନୀ ଅଞ୍ଚଳ (ଏନ୍‌ସିଆର୍)ରେ ମଧ୍ୟ ଅନୁଭୂତ ହୋଇଥିଲା। ଫଳରେ ଘର ଭିତରେ ଆସବାବପତ୍ର ହଲିବାରେ ଲାଗିଥିଲା। ନୋଏଡାରେ ମଧ୍ୟ ଭୂକମ୍ପକୁ ନେଇ ଲୋକେ ଆତଙ୍କିତ ହୋଇଯାଇଥିଲେ। ଘର ଓ ଅଫିସ କୋଠାରୁ ବାହାରି ଖୋଲାସ୍ଥାନକୁ ଚାଲିଯାଇଥିଲେ। ଏହା ପୂର୍ବରୁ ଅକ୍ଟୋବର ୩ରେ ନେପାଳରେ ୨୫ମିନିଟ ଅନ୍ତରରେ ୨ଥର ଭୂକମ୍ପ ସୃଷ୍ଟି ହୋଇଥିଲା। ଏହାର ପ୍ରଭାବ ଦିଲ୍ଲୀ-ଏନ୍‌ସିଆର୍ ସମେତ ଉତ୍ତର ଭାରତର ଅନେକ ସ୍ଥାନରେ ଅନୁଭୂତ ହୋଇଥିଲା। ସେହିପରି ଗତ ଅଗଷ୍ଟ ୫ ଏବଂ ଜୁନ୍ ୨୩ରେ ଯଥାକ୍ରମେ ୫.୮ ଏବଂ ୫.୨ ରିକ୍ଟର ସ୍କେଲରେ ଭୂକମ୍ପ ହୋଇଥିଲା। ଭୂବିଜ୍ଞାନ ମନ୍ତ୍ରଣାଳୟ ଅଧୀନ ନ୍ୟାଶନାଲ ସେଣ୍ଟର ଫର୍ ସେସ୍‌ମୋଲୋଜି ନିର୍ଦ୍ଦେଶକ ଓ.ପି. ମିଶ୍ରା କହିଛନ୍ତି, ଭାରତ ଏକ ଭୂକମ୍ପ ପ୍ରବଣ କ୍ଷେତ୍ରରେ ଅବସ୍ଥିତ। ଦେଶରେ ପ୍ରତିଦିନ ଅନେକ ସୂକ୍ଷ୍ମ ଭୂକମ୍ପ ହେଉଥିବାରୁ ବଡ଼ ଭୂକମ୍ପ ଅନୁଭୂତ ହେଉନାହିଁ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ଆଜି ବୁଧାଦିତ୍ୟ ଯୋଗରୁ କର୍ମକ୍ଷେତ୍ରରେ ସୁପ୍ରତିଷ୍ଠିତ ହେବେ। କିନ୍ତୁ ସପ୍ତମସ୍ଥ ପାପଗ୍ରହ ପ୍ରଭାବରୁ ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ। ଘରଭଡ଼ାକୁ କେନ୍ଦ୍ରକରି ସାମାନ୍ୟ ଝଗଡ଼ା ସୃଷ୍ଟି ହୋଇପାରେ। କଳା, କ୍ରୀଡ଼ା, ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ବୃଷ**
କେନ୍ଦ୍ରସ୍ଥ ନୀଚାରୋହୀ ଶୁକ୍ରଜନିତ ଅର୍ଥ ଓ ସମ୍ମାନ ମିଳିବା ଦିଗରେ ବିଶେଷ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। କର୍ମକ୍ଷେତ୍ରରେ ଅପ୍ରିୟ ସତ୍ୟ ଭାଷଣ ସମସ୍ୟା ସୃଷ୍ଟିର ଏକମାତ୍ର ମୁଖ୍ୟ କାରଣ ହୋଇପାରେ। ରାଜନୈତିକ କ୍ଷେତ୍ରରେ ସାଙ୍ଗଠନିକ କାର୍ଯ୍ୟ ସକାଶେ ତତ୍ପରତା ବଢ଼ିବ। କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ।

**ମିଥୁନ**
ଭାଗ୍ୟାଧିପତିଙ୍କ ସ୍ୱଗୃହମଣ୍ଡନଜନିତ ପ୍ରତ୍ୟେକ କାର୍ଯ୍ୟ ସାମାନ୍ୟ ବିଳମ୍ବିତ ସମୟରେ ସମ୍ପନ୍ନ ହେବ। ବନ୍ଧୁମାନଙ୍କ ମେଳରେ ଆଜିର ମନୋରଞ୍ଜନ କାର୍ଯ୍ୟକ୍ରମ ପ୍ରୀତିପ୍ରଦ ହୋଇପାରେ। କଳା, ସାହିତ୍ୟ ଓ ରଚନାତ୍ମକ କାର୍ଯ୍ୟରେ ଅଗ୍ରଗତି ଘଟିବ। ଅଫିସ୍ କାମର କେତେକ ଘଟଣାର ବିବରଣୀ ସମୂହ ଜାଣିଶୁଣି ସୁଦ୍ଧା ଚୁପ୍ ରହିବାକୁ ବାଧ ହେବେ।

**କର୍କଟ**
ଅଷ୍ଟମସ୍ଥ ଶନି ପ୍ରଭାବରୁ ଆଜି ଦିନଟିରେ କୌଣସି ଅତୀତ ଘଟଣାର ସମୀକ୍ଷା କରିବେ। କର୍ମକ୍ଷେତ୍ରରେ ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହେବେ। ଆବଶ୍ୟକତା ପୂରଣ କରିବା ଦିଗରେ ଋଣ ସୂତ୍ରରେ ଅର୍ଥଲାଭ କରିବେ। ବ୍ୟବସାୟରେ ଉନ୍ନତି ଘଟିବା ସାଙ୍ଗକୁ ସାହିତ୍ୟ, କଳା, ବୈଷୟିକ କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**ସିଂହ**
ମୁଖଭାବରେ ବୁଧ ହେତୁ ଅପ୍ରିୟ ସତ୍ୟ ଭାଷଣ ସମସ୍ୟା ସୃଷ୍ଟି କରିପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିପାରନ୍ତି। ଉପରିସ୍ଥଙ୍କ ଆଦେଶାନୁଶାରେ କର୍ମକ୍ଷେତ୍ରରେ ନୂତନ ଦାୟିତ୍ୱ ହାତକୁ ନେବାକୁ ପଡିପାରେ। ଆଜିର ଯାତ୍ରା ପ୍ରଶାସନ, ଆଇନ, କଳା, ସାହିତ୍ୟ କ୍ଷେତ୍ର ମନ୍ଦ ହେବନି।

**କନ୍ୟା**
କେତୁଯୁକ୍ତ ମଙ୍ଗଳ ହେତୁ ଆପଣଙ୍କ ରୁକ୍ଷ ବ୍ୟବହାରରେ ବନ୍ଧୁ ଅତିଷ୍ଠ ହେବେ। ଉପସ୍ଥିତ ବୁଦ୍ଧି ପ୍ରୟୋଗ କରି କାମ ହାସଲ କରିବେ। ଶତ୍ରୁତା ଯୋଗୁ ବିଚଳିତବୋଧ କରିବେ ଓ କାର୍ଯ୍ୟଗୁଡିକ ମଧ୍ୟ ଠିକ୍ ସମୟରେ ସମ୍ପନ୍ନ ହେବା କଷ୍ଟକର ହେବ। ଯେତେ ଭଲ କାମ କଲେ ମଧ୍ୟ ଟିକିଏ କଥାରେ ଚିହ୍ନା ପଡ଼ି ସମାଲୋଚିତ ହେବେ।

**ତୁଳା**
ପାପଗ୍ରହ ପ୍ରଭାବରୁ ଦୈହିକ ଅସୁସ୍ଥତା ମାନସିକ ଅଶାନ୍ତିର କାରଣ ହୋଇପାରେ। ଯେତେ ପ୍ରକାରର ଉପାୟ ଅବଲମ୍ବନ କଲେ ମଧ୍ୟ ଲୋକସମ୍ପର୍କ ବୃଦ୍ଧି ପାଇବା ଦୁଷ୍କର ହୋଇପଡିବ। ଅପରାହ୍ନେ କୌଣସି ଖବର ପାଇ ବିସ୍ମୟ ପ୍ରକାଶ କରିପାରନ୍ତି। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ କ୍ଷେତ୍ରରୁ ଉପକୃତ ହେବ।

**ବିଛା**
କର୍ମକ୍ଷେତ୍ରରେ ଶୁକ୍ରଜନିତ ପ୍ରତ୍ୟେକ ସ୍ତରରେ ପ୍ରଶଂସିତ ହେବେ। ଦୀର୍ଘଦିନରୁ ଅପେକ୍ଷା କରିଥିବା କାମ ସମ୍ପର୍କରେ କିଛି ଆଶାଜନକ ଖବର ପାଇ ସାମୟିକ ଖୁସି ହୋଇଯିବେ। ବନ୍ଧୁମାନଙ୍କ ସହ ଆଳାପ ଆଲୋଚନାରେ ଅଧିକ ସମୟ କଟିବ। ସଂଗଠନ, ରାଜନୀତି, ପ୍ରଶାସନ ପାଇଁ ଆଜି ଦିନଟି ବହୁତ ଭଲ।

**ଧନୁ**
ଶନିଙ୍କ ପ୍ରଭାବରେ ମନୋବଳ ଖୁବ୍ ଟାଣ ରହିବ ଏବଂ ଜିଦ୍‌ରେ ଅଟଳ ରହି ସମସ୍ୟାକୁ ନିମନ୍ତ୍ରଣ କରିବେ। ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବେ। ଘର ସାଜସଜ୍ଜାରେ ବ୍ୟସ୍ତ ରହିପାରନ୍ତି। ଆଜିର ଦୂରଯାତ୍ରା ସଫଳ ହେବ। ଆଶା ପୂରଣ ହେବ। ଅଭାବ ନ ଥିଲେ ମଧ୍ୟ ପାରିବାରିକ କ୍ଷେତ୍ରରେ ଅସ୍ଥିରତା ହିଁ ମାନସିକ ଅଶାନ୍ତିର କାରଣ ହେବ।

**ମକର**
ଭାଗ୍ୟ ସ୍ଥାନରେ ରବି ଓ ବୁଧଜନିତ ମାନସିକ ସ୍ଥିତି ଏକପ୍ରକାର ଭଲ ରହିବ। ଭୁଲ୍ ବୁଝାମଣା କାରଣରୁ ପରିବାରର ପ୍ରତ୍ୟେକ ସଦସ୍ୟଙ୍କୁ ଠିକ୍ ଭାବେ ବୁଝି ପାରିବେନି। ଯାତ୍ରାରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନଚେତ୍ ଅଦଳବଦଳ ହୋଇପାରେ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**କୁମ୍ଭ**
ଶୁକ୍ର ଓ ଶନିଙ୍କ ପାରସ୍ପରିକ ଦୃଷ୍ଟିଜନିତ ପ୍ରତ୍ୟେକ କାର୍ଯ୍ୟରେ ଜୟଯୁକ୍ତ ହେବେ। ତଥାପି ଭଲ ସମ୍ପର୍କ ଥିବା ବନ୍ଧୁ ଅସୁବିଧାରେ ପକାଇପାରନ୍ତି। ଭାବପ୍ରବଣତା ଯୋଗୁ ମନୋବଳ କ୍ରମଶଃ ହ୍ରାସ ପାଇବ। ଆର୍ଥିକ ଦୁଃସ୍ଥିତି ଚିନ୍ତାଜନକ ପରିଣାମ ସୃଷ୍ଟି କରିବାର ଆଶଙ୍କା ରହିଛି।

**ମୀନ**
ଦ୍ୱିତୀୟସ୍ଥ ଗୁରୁଚଣ୍ଡାଳ ଯୋଗ ପ୍ରଭାବରେ କୌଣସି କ୍ଷେତ୍ରରେ ତରବରିଆ ପଦକ୍ଷେପ ନେବା ଠିକ୍ ହେବ ନାହିଁ। ଆକସ୍ମିକ ଭାବରେ ଦୂରଯାତ୍ରାର ସୁଯୋଗ ପାଇବେ। କର୍ମକ୍ଷେତ୍ରରେ ଅପ୍ରିୟ ସତକଥା କହି ବିରୋଧୀହୋଇପାରନ୍ତି। ଆଜି ହିଁ ଶେଷ କରିବାକୁ ଭାବୁଥିବା କାମଟିକୁ ଶେଷ କରିପାରିବେନି।

ଆଜି ଆଶ୍ୱିନ ଶୁକ୍ଳ ଦ୍ୱିତୀୟା ସୋମବାର, ଅକ୍ଟୋବର ୧୬ ତାରିଖ, ବିଶ୍ୱ ଖାଦ୍ୟ ଦିବସ, ରାଶିନକ୍ଷତ୍ର-ସ୍ୱାତୀ/ତୁଳା, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ, ଦିବା ଘ.୦୫।୪୫ ଗତେ, ଘ.୦୭।୧୧ ମଧ୍ୟେ, ଘ.୦୮।୫୦ ଗତେ, ଘ.୧୧।୦୯ ମଧ୍ୟେ ଶୁଦ୍ଧ ଶୁଭବେଳା। ସକାଳ ଘ.୦୭।୧୧ ଗତେ, ଘ.୦୮।୩୮ ମଧ୍ୟେ ରାହୁକାଳ।



1.5 CRORE HAPPY CUSTOMERS
TVS
TVS XL100
ଉପଯୋଗିତା ରେ ଉତ୍ତମ
ସଞ୍ଚୟରେ ସର୍ବୋତ୍ତମ
₹44 999#
ରୁ ଆରମ୍ଭ
* Use Scheme Code SPL_S_9552 at your nearest dealership to avail this offer.
ସ୍କାନ୍ କରନ୍ତୁ
1800 3157 100
15% ଅଧିକ ମାଇଲେଜ୍+
ଶବ୍ଦହୀନ ଷ୍ଟାର୍ଟ 2018 ଠାରୁ ସହଜ ଅନ୍-ଅଫ୍ ସ୍ୱିଚ୍
ମୋବାଇଲ୍ ଚାର୍ଜର୍^
ଡିଟାଚବେଲ୍ ରାଅର୍ ସୀଟ୍
କମ ଡାଉନ୍ ପେମେଣ୍ଟ ₹3 333* ରୁ ଆରମ୍ଭ
# Ex-showroom price of TVS XL100 Heavy Duty Kick Start variant in Orissa. T&C apply. + Based on TVSM internal test conditions. As compared to BS-IV models. T&C apply. ^ Mobile charger is available in select variants. T&C apply. * Finance at the sole discretion of the financier. T&C apply.
TVS 3 YEAR WARRANTY
TVS CREDIT
L&T Finance
IDFC FIRST Bank ALWAYS YOU FIRST
SHRIRAM Finance
FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BHUBANESWAR: THREE S TVS: 8860629978, RITA TVS: 9827133318, ASHIRBAD TVS: 7735341866, JYOTE TVS: 7440030004, 7381114371, PURI: MODERN TVS: 7978707757, 7440002101, CUTTACK: LAXMI TVS: 7077774420, ARNAPURNA TVS.: 9778422980, KENDRAPADA: SAMIR TVS.: 8260133307, JAJPUR ROAD: SUBAS TVS: 7735911808, NAYAGARH: KUMAR SAI TVS: 9778728751, CHANDIKHOL: SASMITA TVS: 8860793803; JAGATSINGHPUR: GITA TVS: 06724-222717, 7788901717. Authorised Dealers: Rohibank:6371229226, Kalapathar: 9937844941, Ranpur:9778520193, Khandapada: 7008659421, Purunakatak: 9439071610, Chandpur: 9337112565, Raj Sunakhela: 9437637421, Narasinghpur: 9658410027, Odogaon: 7815050701. Bhapur: 7389040805, Daspalla: 9938375040, Gothopatna: 8249710415, Jatani: 7978421266, Balugaon: 9937886712, Nirakarpur: 9658971360, Bhubaneshwar (CRP Square): 9337022334, Baghamari: 9437015363, Khurda: 7008412374, Balipatna: 9776036999, Mendhasala: 9437072019, Pipili: 9861150706, Sakhigopal: 9861150706, Nimapara: 7381765800, Delang: 9090214582, Brahmagiri: 8480928882, 6370937155, Chari Chowk: 8327783765, Panaspada: 6372608810, Kanas: 9090214582, Athagarh: 9853429148, Abhimanpur Post: 9937019555, Banki: 9437666687, Badamba: 9337135769, Niali:9437307967, Phulnakhara, Cuttack: 9437037344, Nischintakoili: 9337438686, Kandarpur: 9090098000, Pattamundai: 9938602209, Sisua: 8018556514, Marshaghai: 9938837705, Rajnagar: 9439650236, Chandbali: 9238514769, Basudevpur: 8249905878, Garadapur: 9437527214, Erasama: 8658421889, Naugoan: 8339939725, Krushnanandapur: 9237066573, Raghunathpur: 6371724757, Balichandrapur: 7978388298, Brahmabarada: 7894020786, Raipur: 9937963372, Chhatia: 7328005678, Mangalpur: 9853486660, Bari: 9437510237, Binjharpur: 9090503379, Kuakhia: 9348035630, Singhpur: 9040646458.
dentsu/dha bhu/06/23




MARUTI SUZUKI
NEXA
SOME JOURNEYS
TAKE IMPOSSIBLE TURNS
Out there, you'll encounter many narrow trails that will test you at every twist and turn. However, if you are behind the wheel of the iconic Jimny with the ALLGRIP PRO, 3-Link Rigid Axle Suspension, and Low Turning Radius, the drive to the summit will definitely become a tad easier.
Jimny
NEVER TURN BACK
No.1 SUV MAKERS
CREATE. INSPIRE.
ALLGRIP PRO
3 LINK RIGID AXLE SUSPENSION
HEADLAMP WASHERS
6 AIRBAGS
WIRELESS ANDROID AUTO AND APPLE CARPLAY CONNECTIVITY
Contact us at
1800-200-6392
1800-102-NEXA
www.nexaexperience.com
NOW YOU CAN ALSO BOOK ONLINE
BHUBANESWAR: NEXA CYBER CITY (JYOTE MOTORS PH: 9776615032), NEXA TWIN CITY (SKY AUTOMOBILES PH: 9776497764, 7440000642), NEXA GAJAPATI NAGAR (TUSHI MOTORS PVT. LTD. PH: 6372802153), NEXA RAJ BHAVAN ROAD (NARAYANI MOTORS PH: 9583022008, 9583022012), PANIKOILI: NEXA GAJAPATI NAGAR (TUSH I MOTORS PVT. LTD. PH: 6372802153), CUTTACK: NEXA STADIUM ROAD (JYOTE MOTORS PH: 7440005202, 7440005239).
Scan to book
Creative visualization. Accessories and features shown may not be part of standard equipment. Black glass on the vehicle is due to lighting effect. Trademarks used belong to respective Trademark Owners.
For details on functioning of safety features, including air bag, kindly refer to the Owner's Manual. Maruti Suzuki is the no. 1 makers of SUVs as per certificate issued by JATO dynamics limited on 12-September-2023 basis sales figures from April '2023 to August '2023.

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୬ ଅକ୍ଟୋବର, ୨୦୨୩

"ମୁଁ ଜଣେ ଭକ୍ତ ନୁହେଁ, ମୁଁ ମଧ୍ୟ ଜ୍ଞାନୀ ନୁହେଁ। ମୁଁ ମଧ୍ୟ ଭଗବାନଙ୍କର ଜଣେ କର୍ମୀ ନୁହେଁ। ମୁଁ ତା'ହେଲେ କ'ଣ ? ମୁଁ ପ୍ରଭୁଙ୍କ ହାତରେ ଏକ ଯନ୍ତ୍ର। ମୁଁ ସେହି ଗୋପାଳ ଭଗବାନ ବଜାଉଥିବା ଖଣ୍ଡିଏ ବଂଶୀ ମାତ୍ର। ପ୍ରଭୁଙ୍କ ଶ୍ୱାସ- ପବନରେ ଉଡ଼ିଯାଉଥିବା ପତ୍ରଟିଏ। **-ଶ୍ରୀଅରବିନ୍ଦ**



# ଅଗ୍ନିବୀରଙ୍କ ଦୁଃଖ

ଦେଶରେ କ୍ରମାଗତ ବେକାରି ସମସ୍ୟା ବଢ଼ିବାରୁ କେନ୍ଦ୍ର ସରକାରଙ୍କୁ ଚାରିଆଡୁ ସମାଲୋଚନା କରାଯାଇଥିଲା। ସେଥିପାଇଁ ସରକାର ସମାଲୋଚନାର ରାଜନୈତିକ ସମାଧାନ ଭାବେ ୨୦୨୨ ଜୁନ୍‌ରେ 'ଅଗ୍ନିପଥ' ନାମକ ଏକ ସ୍କିମ୍ ଆଣିଲେ। ସେନାରେ ସାମୟିକ ଭାବେ ଯେଉଁମାନେ ନିଯୁକ୍ତି ପାଇବେ ବୋଲି ଯୋଜନାରେ କୁହାଗଲା, ସେମାନଙ୍କୁ 'ଅଗ୍ନିବୀର' ଆଖ୍ୟା ଦିଆଗଲା। ଏଥିଲାଗି ଭାରତୀୟ ସେନାରେ ୪ ବର୍ଷ ପାଇଁ ଚୁକ୍ତିଭିତ୍ତିକ ନିଯୁକ୍ତି ସକାଶେ ବ୍ୟବସ୍ଥା ମଧ୍ୟ ରହିଲା। କିନ୍ତୁ ସେମାନେ ବିଧିବଦ୍ଧ ସୈନିକଙ୍କ ଭଳି ପେନ୍‌ସନ୍ କିମ୍ବା ଅନ୍ୟାନ୍ୟ ସୁବିଧା ପାଇବେ ନାହିଁ ବୋଲି ସ୍କିମ୍‌ରେ ଉଲ୍ଲେଖ ରହିଲା। ସେତେବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ଦେଶବ୍ୟାପୀ ବିରୋଧ କରାଯାଇଥିଲା ଓ ବିଭିନ୍ନ ସ୍ଥାନରେ ପୋଡ଼ାଜଳା ହୋଇଥିଲା। ଏତେ ସତ୍ତ୍ୱେ କିଛି ବର୍ଷ ପାଇଁ ହେଉ ପଛେ ଖଣ୍ଡେ ଚାକିରି କରିବା ଲାଗି ଯୁବବର୍ଗଙ୍କ ମଧ୍ୟରୁ କିଛି ଅଗ୍ନିବୀର ଭାବେ ସେନାରେ ଯୋଗ ଦେଇଥିଲେ। ଏହାକୁ ଦେଖିଲେ ଅଗ୍ନିବୀର ଭାବେ ଯୋଗ ଦେଇଥିବା ଯୁବକମାନଙ୍କର ବ୍ୟାକୁଳତାରୁ ସେମାନଙ୍କ ଆର୍ଥିକ ସ୍ଥିତି ସମ୍ପର୍କରେ ବୁଝିହେଉଛି।

ଏବେ ଖବର ମିଳିଛି ଅଗ୍ନିବୀର ଭାବେ ପଞ୍ଜାବର ମନ୍‌ସା ଅଞ୍ଚଳର ୧୯ ବର୍ଷୀୟ ଅମ୍ରିତ୍‌ପାଲ୍ ସିଂଙ୍କର ୧୧ ଅକ୍ଟୋବରରେ ମୃତ୍ୟୁ ଘଟିଛି, ଯାହା ଅଗ୍ନିବୀରଙ୍କ ମଧ୍ୟରେ ପ୍ରଥମ ଘଟଣା। ହ୍ୱାଇଟ୍ ନାଇଟ୍ କର୍, ଯେଉଁଥିରେ ଅମ୍ରିତ୍‌ପାଲ୍ ସିଂ କଶ୍ମୀରର ଅଶାନ୍ତ ଅଞ୍ଚଳ ରଜୌରୀରେ ସନ୍ତ୍ରୀ ଡ୍ୟୁଟି କରୁଥିଲେ, ତାଙ୍କ ନିଜ ବନ୍ଧୁକରୁ ଗୁଳି ଫୁଟି ମୃତ୍ୟୁ ଘଟିଛି। ଯଦି ତାହା ହୋଇଥାଏ, ପ୍ରଥମ ପ୍ରଶ୍ନ ହୋଇପାରେ ଯେ ଅମ୍ରିତ୍‌ପାଲ୍‌ଙ୍କ ଭଳି ଅନ୍ୟ ସବୁ ଅଗ୍ନିବୀରଙ୍କୁ ଉଚିତ୍ ମାନର ପ୍ରଶିକ୍ଷଣ ଦିଆଯାଉଛି କି ? ତାଙ୍କ ନିଜ ବନ୍ଧୁକରୁ ଗୁଳି ଫୁଟି ଯଦି ତାଙ୍କର ମୃତ୍ୟୁ ଘଟିଛି ବୋଲି ହ୍ୱାଇଟ୍ ନାଇଟ୍ କର୍ ତରଫରୁ ଘୋଷଣା କରିଦିଆଗଲାଣି, ତେବେ ଏହି ଅମ୍ରିତ୍‌ପାଲଙ୍କ ଭଳି ଅନ୍ୟ ସବୁ ଅଗ୍ନିବୀରଙ୍କ କୌଣସି ମାନସିକ ସ୍ଥିତି ସମ୍ପର୍କରେ ଡାକ୍ତରୀ ସହାୟତା ମିଳୁଛି କି ନାହିଁ। ଏହି ଘୋଷଣା ପରେ ହ୍ୱାଇଟ୍ ନାଇଟ୍ କର୍ ପୁଣି କହୁଛି ଯେ, ଘଟଣାର ତଦନ୍ତ କରାଯାଉଛି। ଯଦି ବିଧିବଦ୍ଧ ଭାବେ ପୂର୍ବରୁ କୁହାଯାଉଥିଲା ଅମ୍ରିତ୍‌ପାଲଙ୍କ ମୃତ୍ୟୁ ତାଙ୍କ ନିଜ ବନ୍ଧୁକ ଫୁଟିଥିବାରୁ ହୋଇଛି ତେବେ ଏହା ପରେ ତଦନ୍ତ କରାଯିବାର ଅର୍ଥ କ'ଣ ରହିଲା। ଅନ୍ୟପଟେ ଏହା ସ୍ପଷ୍ଟ କରାଯାଇ ନାହିଁ ଯେ, ଯାନ୍ତ୍ରିକ ତ୍ରୁଟି ଯୋଗୁ ବନ୍ଧୁକରୁ ଗୁଳି ଫୁଟିବା କିମ୍ବା ନିଜେ ଆତ୍ମହତ୍ୟା କରିବାକୁ ଯାଇ ନିଜ ଉପରେ ସେ ଗୁଳି ଚଳାଇଥିଲେ। ଏଠାରେ ଏହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ, ଅଗ୍ନିବୀରଙ୍କ ପାଇଁ କୌଣସି ବୀମା ବା ପେନ୍‌ସନ୍‌ର ବ୍ୟବସ୍ଥା ନାହିଁ। ଅନ୍ୟପଟେ ଯଦି ତାଙ୍କର ବ୍ୟକ୍ତିଗତ ବୀମା ଥିବ ତେବେ ଏଭଳି ଘୋଷଣା ଯେଉଁଥିରେ ତାହା ଦ୍ୱାରା ଆତ୍ମହତ୍ୟା ବୋଲି କୁହାଯାଉଛି, ତେବେ ବ୍ୟକ୍ତିଗତ ଇନ୍‌ସ୍ୟୁରାନ୍ସର ସୁବିଧା ତାଙ୍କ ପରିବାରକୁ ମିଳିବା ଏକପ୍ରକାର ଅସମ୍ଭବ ହୋଇପଡ଼ିବ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗତ ମାସରେ ଚାକିରିରେ ଯୋଗଦେଇଥିବା ଅମ୍ରିତପାଲଙ୍କ ମୃତ୍ୟୁ ପରେ ତାଙ୍କ ମରଶରୀରକୁ ମଧ୍ୟ ସେନା ଗାଡ଼ିରେ ଅଣାଗଲା ନାହିଁ। ଏକ ଘରୋଇ ଆମ୍ବୁଲାନ୍ସ ଭଡ଼ାକରି ପରିବାର ଲୋକ ମୃତଦେହକୁ ତାଙ୍କ ଗାଁକୁ ଆଣିଲେ। ଜଣେ ଜୁନିୟର କମିସନ୍ଡ ଅଫିସର (ଜେସିଓ) ଓ ଅନ୍ୟ ର୍ୟାଙ୍କର ୩ ଜଣ ଯବାନଙ୍କୁ ସାଦା ପୋଷାକରେ ଅମ୍ରିତପାଲଙ୍କ ଗାଁକୁ ପଠାଯାଇଥିଲା ବୋଲି କୁହାଯାଉଛି। ଏଥିରୁ ସ୍ପଷ୍ଟ ହେଉଛି ଯେ, ଏହି ଅଗ୍ନିବୀରଙ୍କ ପାଇଁ ସେନାରେ କୌଣସି ମର୍ଯ୍ୟାଦାପୂର୍ଣ୍ଣ ସ୍ଥାନ ନାହିଁ।

ଏଠାରେ ଏହା ମଧ୍ୟ ଉଲ୍ଲେଖ କରାଯାଇପାରେ ଯେ, ସେନାରେ କୌଣସି ସୈନିକଙ୍କର ଯଦି ସିଧାସଳଖ ଡ୍ୟୁଟିରେ ଥିବାବେଳେ ରାସ୍ତା ଦୁର୍ଘଟଣାଭଳି କାରଣ ଯୋଗୁ ମୃତ୍ୟୁ ଘଟୁଛି, ତେବେ ତାଙ୍କୁ 'ଶହୀଦ'ର ଆଖ୍ୟା ଦିଆଯାଇ 'ଗାର୍ଡ ଅଫ୍ ଅନର' ପ୍ରଦର୍ଶନ କରାଯାଉଛି। କିନ୍ତୁ ଏହି ସର୍ବନିମ୍ନ ସମ୍ମାନ ଅଗ୍ନିବୀରଙ୍କୁ ଦିଆ ନ ଯିବା ଅତ୍ୟନ୍ତ ଦୁଃଖଦାୟକ।

**ସେନାରେ କୌଣସି ସୈନିକଙ୍କର ଯଦି ସିଧାସଳଖ ଡ୍ୟୁଟିରେ ଥିବାବେଳେ ରାସ୍ତା ଦୁର୍ଘଟଣାଭଳି କାରଣ ଯୋଗୁ ମୃତ୍ୟୁ ଘଟୁଛି, ତେବେ ତାଙ୍କୁ 'ଶହୀଦ'ର ଆଖ୍ୟା ଦିଆଯାଇ 'ଗାର୍ଡ ଅଫ୍ ଅନର' ପ୍ରଦର୍ଶନ କରାଯାଉଛି। କିନ୍ତୁ ଏହି ସର୍ବନିମ୍ନ ସମ୍ମାନ ଅଗ୍ନିବୀରଙ୍କୁ ଦିଆ ନ ଯିବା ଅତ୍ୟନ୍ତ ଦୁଃଖଦାୟକ।**

## su | do | ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 7 | | 9 | | | 8 | | |
| | 1 | | | 2 | | 3 | | |
| | | 4 | | | | | 1 | |
| | | | | 3 | | | | |
| 5 | | 6 | | 7 | | 4 | | |
| | | | | 6 | | | 8 | |
| 3 | | | | | 6 | | | 7 |
| 9 | | | | 8 | 7 | | | 1 |
| | | | | | | | 6 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 8 | 1 | 2 | 3 | 6 | 7 | 5 | 9 | 4 |
| 6 | 3 | 7 | 4 | 9 | 5 | 8 | 1 | 2 |
| 4 | 5 | 9 | 2 | 8 | 1 | 3 | 7 | 6 |
| 5 | 9 | 4 | 1 | 2 | 6 | 7 | 8 | 3 |
| 2 | 6 | 8 | 5 | 7 | 3 | 9 | 4 | 1 |
| 1 | 7 | 3 | 9 | 4 | 8 | 2 | 6 | 5 |
| 3 | 4 | 1 | 8 | 5 | 9 | 6 | 2 | 7 |
| 9 | 2 | 6 | 7 | 3 | 4 | 1 | 5 | 8 |
| 7 | 8 | 5 | 6 | 1 | 2 | 4 | 3 | 9 |

ଗତକାଲିର ଉତ୍ତର

# ଭାରତରେ କ୍ଷୁଧାର ସ୍ଥିତି



ଭାଲଚନ୍ଦ୍ର ଷଡ଼ଙ୍ଗୀ

ସଦ୍ୟ ପ୍ରକାଶିତ ଚଳିତବର୍ଷର 'ବିଶ୍ୱ କ୍ଷୁଧା ସୂଚକାଙ୍କ'ରେ ଭାରତ ପୁଣିଥରେ ନୈରାଶ୍ୟଜନକ ସ୍ଥିତିରେ ରହିଥିବା ଜଣାପଡ଼ିଛି। କ୍ଷୁଧା ଓ ଅନାହାର ପରିସ୍ଥିତି ଥିବା ବିଶ୍ୱର ୧୨୫ଟି ଦେଶକୁ ନେଇ ଆୟର୍ଲାଣ୍ଡର ସଂସ୍ଥା କନ୍‌ସର୍ଣ୍ଣ ୱାର୍ଲ୍ଡ ୱାଇଡ୍ ଓ ଜର୍ମାନ ସଂସ୍ଥା ୱେଲ୍ଟ ହଙ୍ଗର୍ ହିଲାଇଫ୍ ପକ୍ଷରୁ ମିଳିତ ଭାବେ ପ୍ରସ୍ତୁତ ହୋଇଥିବା 'ବିଶ୍ୱ କ୍ଷୁଧା ସୂଚକାଙ୍କ'ରେ ଚଳିତବର୍ଷ ଭାରତ ୧୧୧ତମ ସ୍ଥାନରେ ରହିଛି। ଗତବର୍ଷ ୧୨୧ଟି ଦେଶକୁ ନେଇ ହୋଇଥିବା ଏହି ସୂଚକାଙ୍କରେ ଭାରତ ୧୦୭ତମ ସ୍ଥାନରେ ଥିବା ବେଳେ ଚଳିତବର୍ଷ ତାହା ୪ଟି ସ୍ଥାନ ତଳକୁ ଖସିଛି। କ୍ଷୁଧା ସୂଚକାଙ୍କରେ ମୋଟ ୧୦୦ରୁ ୨୮.୭ ସ୍କୋର ରଖିଥିବା ଭାରତରେ କ୍ଷୁଧାର ସ୍ଥିତିକୁ ଏହି ରିପୋର୍ଟରେ ଗୁରୁତର ବୋଲି ଉଲ୍ଲେଖ କରାଯାଇଛି। ଏଥିରେ '୦' ସ୍କୋରର ଅର୍ଥ ହେଲା କ୍ଷୁଧାର ପରିସ୍ଥିତି ନଥିବା। ତେବେ କ୍ଷୁଧା ଓ ପୁଷ୍ଟିହୀନତାକୁ ନିରାକରଣ କରିବାରେ ଆମେ ବିଶ୍ୱର ଅନ୍ୟ ଦେଶଙ୍କଠାରୁ ଅନେକ ପଛରେ ରହିଛେ- ଏହା ରିପୋର୍ଟରୁ ସ୍ପଷ୍ଟ ହେଉଛି। ଏ କ୍ଷେତ୍ରରେ ଆମେ ଆମର ପଡ଼ୋଶୀ ଦେଶଗୁଡ଼ିକଠାରୁ ବି ଖରାପ ସ୍ଥିତିରେ ରହିଥିବା ରିପୋର୍ଟ କହୁଛି। ପଡ଼ୋଶୀ ଦେଶ ନେପାଳ (୬୯), ପାକିସ୍ତାନ (୧୦୨), ବାଂଲାଦେଶ (୮୧) ଓ ଶ୍ରୀଲଙ୍କା (୬୦) ଆଦି ଆମଠାରୁ ଆଗରେ ରହିଛନ୍ତି। କେବଳ ଆଫଗାନିସ୍ତାନ ଓ ହାଇତି ସମେତ ୧୨ଟି ଉପ ସାହାରା ଦେଶ ହିଁ ଆମଠାରୁ ଏ କ୍ଷେତ୍ରରେ ତଳେ ରହିଛନ୍ତି। ଦେଶକୁ ବିଶ୍ୱଗୁରୁ ଓ ମହାଶକ୍ତିରେ ପରିଣତ କରିବାର ଆସ୍ଫାଳନ କରୁଥିବା ଶାସକମାନଙ୍କ ଶାସନରେ କ୍ଷୁଧା ଓ ଅନାହାରର ମୁକାବିଲାରେ ବିଶ୍ୱର ଅଧିକାଂଶ ଦେଶଠାରୁ ଆମ ଦେଶ ଲଗାତାର ଭାବେ ଖରାପ ସ୍ଥିତିରେ ରହିବା ଲଜ୍ଜାଜନକ ମନେହୁଏ।

ଆନ୍ତର୍ଜାତିକ ସ୍ତରରେ ବିଭିନ୍ନ ଦେଶରେ ରହିଥିବା କ୍ଷୁଧାର ପରିସ୍ଥିତିକୁ ମାପିବାର ନିର୍ଭରଯୋଗ୍ୟ ମାଧ୍ୟମ ହେଉଛି ବିଶ୍ୱ କ୍ଷୁଧା ସୂଚକାଙ୍କ। ତେବେ କ୍ଷୁଧା ସୂଚକାଙ୍କ ଯେଉଁସବୁ ମାପକାଠିର ଆଧାରରେ ପ୍ରସ୍ତୁତ ହେଉଛି ତା'ମଧ୍ୟରେ ରହିଛି ୧) ପୁଷ୍ଟିହୀନତା, ୨) ଚାଇଲ୍ଡ ୱେଷ୍ଟିଂ (ଶିଶୁର ଉଚ୍ଚତା ତୁଳନାରେ ଓଜନ ନ ବଢ଼ିବା), ୩) ଚାଇଲ୍ଡ ଷ୍ଟଂଟିଙ୍ଗ୍ (ଶିଶୁର ବୟସ ତୁଳନାରେ ଉଚ୍ଚତା ଅତ୍ୟଧିକ କମ୍ ହେବା) ଏବଂ ୪) ଶିଶୁ ମୃତ୍ୟୁହାର। ଉପରୋକ୍ତ ଚାରୋଟିଯାକ ପରିମାପକରେ ନୈରାଶ୍ୟଜନକ ସ୍ଥିତିଟି ବ୍ୟକ୍ତିର ଶରୀର ପାଇଁ ଆବଶ୍ୟକୀୟ ଖାଦ୍ୟର ପରିମାଣ (କ୍ୟାଲୋରୀ) ଏବଂ ଖାଦ୍ୟର ବିଭିନ୍ନ ଉପାଦାନ ବା ସୂକ୍ଷ୍ମ ପୋଷକ (ମାଇକ୍ରୋନ୍ୟୁଟ୍ରିଏଣ୍ଟସ୍)ର ଅଭାବକୁ ସ୍ପଷ୍ଟ ଭାବେ ଦର୍ଶାଉଛି। ଚଳିତବର୍ଷର ରିପୋର୍ଟରେ ସବୁଠାରୁ ଲଜ୍ଜାଜନକ ବିଷୟଟି ହେଲା, ଉପରୋକ୍ତ ସମସ୍ତ ମାପକାଠିରେ ଆମେ ବହୁତ ପଛରେ ରହିଛୁ।

ବିଶ୍ୱରେ ପୁଷ୍ଟିହୀନତା, ଶିଶୁଙ୍କ ଅନଗ୍ରସରତା ଏବଂ ମୃତ୍ୟୁହାରରେ ଭାରତର ସ୍ଥିତି ବହୁ ତଳେ ଅଛି। ଶରୀରରେ ପୁଷ୍ଟିହୀନତାର ଅର୍ଥ ହେଉଛି ଅର୍ଥାତ୍ ବଂଚିବା ପାଇଁ ଶରୀରରେ ଆବଶ୍ୟକୀୟ କ୍ୟାଲୋରୀର ଅଭାବ। ସେହି ଦୃଷ୍ଟିରୁ ଦେଖିଲେ ଆମ ଦେଶର ୧୬.୬% ଲୋକ ପୁଷ୍ଟିହୀନତାର ଶିକାର ହୋଇଥିବା ରିପୋର୍ଟରେ କୁହାଯାଇଛି। ସେହିଭଳି ଚାଇଲ୍ଡ ୱେଷ୍ଟିଂର ଅର୍ଥ ହେଲା ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁଙ୍କ ଉଚ୍ଚତା ତୁଳନାରେ ଓଜନରେ ବୃଦ୍ଧି ନ ଘଟିବା। ଏହା ଏକ ଭୟଙ୍କର ପୁଷ୍ଟିହୀନତାକୁ ସୂଚାଉଛି ଏବଂ ଏ କ୍ଷେତ୍ରରେ ଭାରତର ହାର ଚଳିତବର୍ଷ ୧୮.୭%ରେ ପହଞ୍ଚି ଉଦ୍‌ବେଗଜନକ ସ୍ଥିତିରେ ରହିଛି, ଯାହାକି ଯୁଦ୍ଧଗ୍ରସ୍ତ ୟେମେନ୍ (୧୪.୪%) ଓ ସୁଦାନ (୧୩.୭%) ଠାରୁ ଅଧିକ। ଏହା ଶିଶୁଙ୍କ ମଧ୍ୟରେ ଅତିଶୟ ପୁଷ୍ଟିହୀନତାକୁ ଦର୍ଶାଉଛି। ଅନ୍ୟତମ ମାପକାଠି ରୂପେ ପରିଚିତ ଚାଇଲ୍ଡ ଷ୍ଟଂଟିଙ୍ଗ୍‌ର ଅର୍ଥ ହେଲା ପୁଷ୍ଟିହୀନତା କାରଣରୁ ବୟସ ତୁଳନାରେ ଶିଶୁର ଉଚ୍ଚତାରେ ଆବଶ୍ୟକୀୟ ବୃଦ୍ଧି ନ ହେବା। ଏ କ୍ଷେତ୍ରରେ ବି ଭାରତର ସ୍ଥିତି ଖରାପ ରହିଛି। କ୍ଷୁଧା ସୂଚକାଙ୍କର ସର୍ବଶେଷ ମାପକାଠି ହେଉଛି ଦେଶରେ ଶିଶୁ ମୃତ୍ୟୁହାର। ଯଦିଓ ଆମ ଦେଶରେ ପାଞ୍ଚବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁହାର ୩.୪% ରହିଛି, କିନ୍ତୁ ତାହା ବିଶ୍ୱର ଅନ୍ୟ ଦେଶଗୁଡ଼ିକ ସହ ତୁଳନାରେ ବହୁତ ଅଧିକ। ସମୟ ପୂର୍ବରୁ ଜନ୍ମ ଏବଂ କମ୍ ଓଜନର ଶିଶୁ ଜନ୍ମ ହେବା ଶିଶୁ ମୃତ୍ୟୁର ସବୁଠାରୁ ବଡ଼ କାରଣ ହୋଇଛି, ଯାହାକି ଦେଶରେ ଗୁରୁତର ପୁଷ୍ଟିହୀନତା ସ୍ଥିତିକୁ ପ୍ରମାଣିତ କରୁଛି।



ରିପୋର୍ଟରୁ ଜଣାପଡ଼ିଛି , ଭାରତରେ ପାଞ୍ଚ ବର୍ଷରୁ କମ୍ ବୟସର ଶିଶୁଙ୍କ ମୃତ୍ୟୁହାର ଏବେ ୩.୧% ରହିଛି। ପୁନଶ୍ଚ ଉଚ୍ଚତା ତୁଳନାରେ ଓଜନରେ କମ୍ ଥିବା ଶିଶୁଙ୍କ ହାର ବିଶ୍ୱରେ ସର୍ବାଧିକ ଅର୍ଥାତ୍ ୧୮.୭%। ଏହାବାଦ୍ ୧୫ରୁ ୨୪ ବର୍ଷ ମଧ୍ୟରେ ମହିଳାଙ୍କ ରକ୍ତହୀନତା ହାର ୫୮.୧% ରହିଛି। ୨୦୦୦ରେ କ୍ଷୁଧାର ଏହି ସ୍କୋର ବା ତୀବ୍ରତା ୩୮.୮% ଥିବା ବେଳେ ୨୦୧୨ ବେଳକୁ ସେଥିରେ ଯଥେଷ୍ଟ ଉନ୍ନତି ହୋଇ ୨୮.୮%କୁ ହ୍ରାସ ପାଇଥିଲା। ଚଳିତବର୍ଷ ତାହା ୨୮.୭% ରହିଛି। ଏହାର ଅର୍ଥ ହେଲା ଗତ ଏକ ଦଶନ୍ଧି ମଧ୍ୟରେ ଏଥିରେ କୌଣସି ଉନ୍ନତି ପରିଲକ୍ଷିତ ନ ହୋଇ ସ୍ଥିର ରହିଛି।

ଏଠାରେ ପ୍ରଶ୍ନ ଉଠେ, ବାର୍ଷିକ ପାଞ୍ଚ ଟ୍ରିଲିଅନ୍ ଅର୍ଥନୀତି ହେବାର ସ୍ୱପ୍ନ ଦେଖୁଥିବା ଭାରତର ଶାସକମାନେ, ଦେଶରେ ଏତେ ସଂଖ୍ୟାରେ ଲୋକ ଭୋକିଲା ଓ ପୁଷ୍ଟିହୀନତାର ଶିକାର କାହିଁକି, ତା'ର ଉତ୍ତର ଦେବାକୁ ନାରାଜ। ତେବେ ବିଶ୍ୱରେ ଅନାହାରର କାରଣ ଯେ ଖାଦ୍ୟର ଅଭାବ ବା ଅନୁପଲବ୍ଧତା ନୁହେଁ, ଏକଥା କେହି ନହେଲେ ବି କମ୍‌ସେ କମ୍ ସରକାର ଭଲରୂପେ ଜାଣନ୍ତି। ବରଂ ସମାଜରେ ଶ୍ରେଣୀ ବିଭାଜନ ଜନିତ ଆର୍ଥିକ ଅସମାନତା ଏବଂ ତାକୁ ଦୂର କରିବାରେ ସରକାରୀ ନୀତି ଅଭାବ କାରଣରୁ ସମାଜର ଏକ ବଡ଼ଭାଗ ଜନତା ଅନାହାର ଏବଂ ପୁଷ୍ଟିହୀନତା ମଧ୍ୟରେ ବଞ୍ଚିବାକୁ ବାଧ୍ୟ ହେଉଛନ୍ତି। ଦେଶରେ ଖାଦ୍ୟଶସ୍ୟ ଉତ୍ପାଦନ ଲଗାତର ବଢ଼ୁଥିଲେ ବି ସମୁଚିତ ବଣ୍ଟନ ଅଭାବରୁ ଖାଦ୍ୟାଭାବ ଲାଗି ରହି ମୁଣ୍ଡପିଛା ତା'ର ଉପଲବ୍ଧତା କମିବାରେ ଲାଗିଛି।

ବଜାରରେ ଖାଦ୍ୟ ପଦାର୍ଥର ଦରଦାମ୍‌କୁ ନିୟନ୍ତ୍ରଣ କରିବାରେ ସରକାରଙ୍କ ବିଫଳତା ତଥା ଖାଦ୍ୟ ସୁରକ୍ଷା ଓ ପୁଷ୍ଟିଜନିତ କାର୍ଯ୍ୟକ୍ରମ ବାବଦରେ ବଜେଟରେ ଲଗାତର ଅନୁଦାନ ହ୍ରାସ ଯୋଗୁଁ ଦେଶରେ କ୍ଷୁଧା ଓ ପୁଷ୍ଟିହୀନତା ବୃଦ୍ଧି ପାଉଛି। ବିଶ୍ୱର ଖାଦ୍ୟ ବଜାରରେ ଖାଦ୍ୟଶସ୍ୟ କାରବାର କରୁଥିବା ବଡ଼ ବଡ଼ କମ୍ପାନୀଙ୍କ ଏକଚାଟିଆ କାରବାର ବଢ଼ିଚାଲିଥିବା ବେଳେ ଆମ ଦେଶରେ ତାହା ଦେଖିବାକୁ ମିଳିଛି। ଆଦାନୀର ଉଇଲମାର କମ୍ପାନୀ ସମ୍ପ୍ରତି ଭାରତର ଖାଇବା ତେଲର ବଜାରର ସିଂହଭାଗକୁ ଅକ୍ତିଆର କରିଛି। ଖାଇବା ତେଲର ଦାମ୍ ଆଜି ଶହେରୁ କମ୍ ହେଉନଥିବା ବେଳେ ଡାଲି ଦର ଲୋକଙ୍କ ପହଞ୍ଚରୁ ବାହାରେ ରହିଛି। ତେବେ କେବଳ ତେଲ କି ଡାଲି ନୁହେଁ ଦେଶର ଖାଦ୍ୟଶସ୍ୟର ବଜାରରେ ବଡ଼ ବଡ଼ ଦେଶୀ ବିଦେଶୀ କମ୍ପାନୀ ନିଜର ଏକାଧିକାର ପ୍ରତିଷ୍ଠା କରି ମୁନାଫାକୁ ଲୁଟିବାକୁ ଚାହୁଁଛନ୍ତି।

ତେବେ କେନ୍ଦ୍ର ସରକାର ବର୍ତ୍ତମାନ ଖାଦ୍ୟ ସୁରକ୍ଷା ଆଇନ ଅଧୀନରେ ଦେଶରେ ଭୋକିଲାଙ୍କୁ ଯେଉଁ ଖାଦ୍ୟଶସ୍ୟ ବଣ୍ଟନ କରୁଛନ୍ତି ତାହା ଉଭୟ ମାନ ଓ ପରିମାଣ ଦୃଷ୍ଟିରୁ ପର୍ଯ୍ୟାପ୍ତ ନୁହେଁ। ଖୋଦ୍ କେନ୍ଦ୍ର ସରକାରଙ୍କ 'ଇଣ୍ଡିଆନ୍ କାଉନ୍‌ସିଲ ଫର୍ ମେଡିକାଲ୍ ରିସର୍ଚ୍ଚ' (ଆଇସିଏମ୍‌ଆର୍) ସଂସ୍ଥା, ଜଣେ ବୟସ୍କ ବ୍ୟକ୍ତି ପାଇଁ ମାସିକ ସର୍ବନିମ୍ନ ୧୫ କିଲୋ ଖାଦ୍ୟଶସ୍ୟ ଜରୁରୀ ବୋଲି କହୁଥିବା ବେଳେ ସରକାର ନିଜର ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମରେ ପ୍ରତି ବ୍ୟକ୍ତି ମାସିକ ମାତ୍ର ପାଞ୍ଚ କିଲୋ ଖାଦ୍ୟଶସ୍ୟ ହିଁ ଦେଉଛନ୍ତି। ଏପରିକି କୋଭିଡ୍ ସମୟରେ ଦେଶର ଗରିବ ଲୋକଙ୍କୁ ଏହି ପାଞ୍ଚ କିଲୋ ବ୍ୟତୀତ ମାସିକ ଯେଉଁ ଅତିରିକ୍ତ ୫ କିଲୋ ଖାଦ୍ୟଶସ୍ୟ ଦେଉଥିଲେ ତାକୁ ଇତିମଧ୍ୟରେ ବନ୍ଦ କରିଦେବା ଫଳରେ କେବଳ ୫ କିଲୋ ହିଁ ମିଳୁଛି। ଶରୀରର ପୁଷ୍ଟିହୀନତା ଦୂର ପାଇଁ ଡାଲି, ଖାଇବା ତେଲ ଓ ସବୁଜ ପନିପରିବାର ଆବଶ୍ୟକତା ରହିଥିବା ବେଳେ ସରକାରଙ୍କ ଖାଦ୍ୟ ସୁରକ୍ଷା କାର୍ଯ୍ୟକ୍ରମ କେବଳ ଚାଉଳ ବା ଗହମରେ ସୀମିତ ରହିଛି।

ଦେଶରେ ଅନାହାର ଓ ପୁଷ୍ଟିହୀନତାର ଅନ୍ୟତମ ବଡ଼ କାରଣ ହେଲା, ଲୋକଙ୍କ କ୍ରୟଶକ୍ତିରେ କ୍ରମାଗତ ହ୍ରାସ। କ୍ରମବର୍ଦ୍ଧମାନ ଦାରିଦ୍ର୍ୟ ଓ ବେକାରି ଯୋଗୁ ବଜାରରୁ ଖାଦ୍ୟ କିଣିବାକୁ ଅଧିକରୁ ଅଧିକ ଲୋକ ଅସମର୍ଥ ହେଉଛନ୍ତି। ଏଭଳି ପରିସ୍ଥିତିରେ 'ବିଶ୍ୱ କ୍ଷୁଧା ସୂଚକାଙ୍କ'ର ସଦ୍ୟତମ ରିପୋର୍ଟ ଦେଶର ସଂଖ୍ୟାଗରିଷ୍ଠ ଲୋକଙ୍କ ଖାଦ୍ୟ ଅସୁରକ୍ଷାର ଭୟଙ୍କର ସ୍ଥିତିକୁ ପୁଣିଥରେ ଆମ ସାମ୍ନାକୁ ଆଣିଛି। କିନ୍ତୁ ପରିତାପର ବିଷୟ, କେନ୍ଦ୍ର ସରକାର ଏହି ରିପୋର୍ଟକୁ ଗମ୍ଭୀରତାର ସହିତ ନେଇ ନିଜର ଖାଦ୍ୟ ସୁରକ୍ଷା ନୀତି ଓ କାର୍ଯ୍ୟକ୍ରମକୁ ପୁନଃ ନିର୍ଦ୍ଧାରିତ କରିବାକୁ ଚେଷ୍ଟା କରିବା ବଦଳରେ ନିଜର ଦୋଷକୁ ଲୁଚାଇବାକୁ ତାକୁ ଅସ୍ୱୀକାର କରିଛନ୍ତି। ରିପୋର୍ଟକୁ ତ୍ରୁଟିପୂର୍ଣ୍ଣ ଏବଂ ଭାରତର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିବାକୁ ଉଦ୍ଦିଷ୍ଟ ବୋଲି କହିଛନ୍ତି। ତେବେ ଯେଉଁ ଦେଶର ୮୦ କୋଟି ଲୋକ ମାସିକ ପାଞ୍ଚ କିଲୋ ସରକାରୀ ରାଶନ ଉପରେ ନିର୍ଭରଶୀଳ, ସେଠାରେ କ୍ଷୁଧାର ସ୍ଥିତିକୁ ପ୍ରମାଣିତ କରିବାକୁ କୌଣସି ଗବେଷଣାର ଆବଶ୍ୟକତା ନାହିଁ।

ମୋ:୯୪୩୭୧୬୭୩୯୧

# ପ୍ରଳୟ କାଳର ନାଉରିଆ



ସତ୍ୟବ୍ରତ ପାଣିଗ୍ରାହୀ

କୈବର୍ତ୍ତ ବା କେଉଟଙ୍କ ମୁଖ୍ୟ କାମ ମାଛ ଧରିବା ଏବଂ ନାଉରିଆ ସାଜି ନୌକାରେ ଲୋକଙ୍କୁ ନଦୀ ସାଗର ପାର କରାଇବା। କୈବର୍ତ୍ତ ଜାତିର କିମ୍ବଦନ୍ତୀକୁ ନେଇ ପଞ୍ଚସଖା ଯୁଗର କବି ଅଚ୍ୟୁତାନନ୍ଦ ଦାସ ରଚନା କରିଥିବା କୈବର୍ତ୍ତ ଗୀତା ଅନୁସାରେ ପ୍ରଳୟ କାଳରେ ଶୟନରତ ବିଷ୍ଣୁଙ୍କ କର୍ଣ୍ଣମଳିରୁ ଏକ ପୁରୁଷ ଜନ୍ମ ହେଲା, ଯାହାର ନାମ ଦାସରାଜ କୈବର୍ତ୍ତ। ନାଉରିଆ ଜାତିର ଏଭଳି ଅନେକ କିମ୍ବଦନ୍ତୀ ସହ ଯୋଡ଼ି ହୋଇରହିଛି ଦର୍ଶନ ଓ ବିଜ୍ଞାନ। କେଉଟ ଜାଲରେ ମାଛ ଫସିଲା ଭଳି ମଣିଷ ମଧ୍ୟ ଅତ୍ୟଧିକ ଲୋଭର ବଶବର୍ତ୍ତୀ ହୋଇ ପ୍ରକୃତିକୁ ଶୋଷଣ କରିବାର କୁପରିଣାମ ଏବେ ଭୋଗୁଛି। ଜଳବାୟୁ ପରିବର୍ତ୍ତନ ଯୋଗୁ ତାପମାତ୍ରା ବୃଦ୍ଧି ଘଟି ବନ୍ୟା,ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟର ଆଶଙ୍କା ବଢୁଛି ଏବଂ ସମୁଦ୍ର ଜଳପତନ ବୃଦ୍ଧିପାଉଛି। ତେବେ ଏହି ସମସ୍ୟା ନୂଆ ନୁହେଁ, ବରଂ ପ୍ରାଚୀନ ସାହିତ୍ୟରେ ମଧ୍ୟ ଏଭଳି ଜଳ ବିପର୍ଯ୍ୟୟ ବର୍ଣ୍ଣନା ରହିଛି। ଆଉ ସେହି ବନ୍ୟା ବିପର୍ଯ୍ୟୟ ସମୟରେ ନାଉରିଆର ନୌକା ହିଁ ଜୀବଜଗତର ରକ୍ଷା କରିବାରେ ସହାୟକ ହୋଇଛି। ଏଭଳି ଅନେକ କିମ୍ବଦନ୍ତୀ ରହିଛି, ଯେଉଁଥିରେ ପ୍ରଳୟ କାଳରେ ପୃଥିବୀରେ ସ୍ଥଳଭାଗକୁ ସମୁଦ୍ର ମାଡିଆସି ବିନାଶ ତାଣ୍ଡବ ରଚିଛି। ଏହି ସମୟରେ ନାଉରିଆ ଓ ନୌକା ହିଁ ଜୀବଜଗତ ଉଦ୍ଧାର କରିବାରେ ସାହାରା ହୋଇଛନ୍ତି। ହିନ୍ଦୁ, ଗ୍ରୀକ୍, ମେସୋପଟାମିଆ, ସୁମେରିଆନ, ବାଇବେଲ ଆଦିର ଜଳପ୍ଲାବନ କିମ୍ବଦନ୍ତୀ ବା ଫ୍ଲଡ୍ ମିଥ୍‌ରେ କେହି ଜଣେ ମହାନ୍ ନାୟକ ଈଶ୍ୱରଙ୍କ ଆଦେଶରେ ନାଉରିଆ ସାଜି ଜୀବଜଗତର ରକ୍ଷା କରିଛନ୍ତି ଏବଂ ନୂତନ ସୃଷ୍ଟିର ଆରମ୍ଭ କରିଛନ୍ତି।

ଭାରତରେ ଷଷ୍ଠ ଶତାବ୍ଦୀର ଶତପଥ ବ୍ରାହ୍ମଣ ଏବଂ ପୁରାଣ ସାହିତ୍ୟରେ ବିନାଶକାରୀ ବନ୍ୟାପ୍ଲାବନର କାହାଣୀ ଉଲ୍ଲେଖ ଅଛି। ପ୍ରଳୟ ପୂର୍ବରୁ ଭଗବାନ ବିଷ୍ଣୁ ମତ୍ସ୍ୟ ଅବତାର ଧାରଣ କରି ବୈବସ୍ୱତ ମନୁଙ୍କୁ ବନ୍ୟାପ୍ଲାବନ ସମ୍ପର୍କରେ ଚେତାବନୀ ଦେଇଥିଲେ। ବିଷ୍ଣୁଙ୍କ ପରାମର୍ଶ ଅନୁଯାୟୀ ମନୁ ଏକ ନୌକା ନିର୍ମାଣ କଲେ। ସେହି ନୌକାରେ ତାଙ୍କ ପରିବାର ସହ ସପ୍ତଋଷି, କିଛି ପଶୁପକ୍ଷୀ ଏବଂ ନଅ ପ୍ରକାରର ଶସ୍ୟ ବୀଜ ସାଙ୍ଗରେ ଧରି ହିମାବତ ପର୍ବତ ଉପରେ ଆଶ୍ରୟ ନେଇଥିଲେ। ବନ୍ୟା ପ୍ଲାବନ ଶେଷ ହେବା ପରେ ବଳକା ରହିଯାଇଥିବା ଭୂଭାଗରେ ପୁନଃ ଜୀବଜଗତ ବିସ୍ତାର କରିବାର ଉଦ୍ଦେଶ୍ୟ ନେଇ ମନୁ ସ୍ୱୟଂ ନାଉରିଆ ସାଜିଥିଲେ ବୋଲି କିମ୍ବଦନ୍ତୀ ଅଛି। ଠିକ୍ ସମାନ କାହାଣୀ ବିଭିନ୍ନ ସଭ୍ୟତା ଓ ସାହିତ୍ୟରେ ଶୁଣିବାକୁ ମିଳେ। ଖ୍ରୀଷ୍ଟପୂର୍ବ ୨୦୦୦ ମସିହାର ସୁମେରିଆନ ଗ୍ରନ୍ଥ ଗିଲଗାମେସ କିମ୍ବଦନ୍ତୀରେ ବନ୍ୟାପ୍ଲାବନ କାହାଣୀ ଉଲ୍ଲେଖ ଅଛି। ଗ୍ରୀକ୍ ଈଶ୍ୱର ଇଆଙ୍କ ପରାମର୍ଶରେ ରାଜା ଉତନାପିସ୍ତିମ ନୌକା ନିର୍ମାଣ କରି ମଣିଷ ଜାତିକୁ ବନ୍ୟାପ୍ରଳୟରୁ ରକ୍ଷା କରିଥିଲେ। ବାଇବେଲର ବୁକ୍ ଅଫ ଜେନେସିସରେ 'ନୋହାଙ୍କ ନୌକା' କଥା ବର୍ଣ୍ଣିତ ଅଛି। ଈଶ୍ୱର ନୋହାଙ୍କୁ ବନ୍ୟାପ୍ଲାବନ ଯୋଗୁ ଜୀବଜଗତର ବିନାଶ ସମ୍ପର୍କରେ ସତର୍କ କରାଇଥିଲେ। ମଣିଷ ଜାତିର କୁକର୍ମ ଯୋଗୁ ଏଭଳି ବନ୍ୟା ପ୍ରଳୟ ଘଟିଥିଲା।



ତେଣୁ ନୋହା କିଛି ଜୀବଙ୍କୁ ନିଜ ନୌକାରେ ବଞ୍ଚାଇ ରଖିଥିଲେ। ବନ୍ୟା ଶାନ୍ତ ହେବା ପରେ ପୁଣି ଏକ ନୂତନ ସୃଷ୍ଟିର ଆରମ୍ଭ ହୋଇଥିଲା, ଯାହାର ହିରୋ ଥିଲେ ନୋହା। ମେସୋପଟାମିଆ କିମ୍ବଦନ୍ତୀରେ ମଧ୍ୟ ଏଭଳି କାହାଣୀ ଅଛି। ବୈବସ୍ୱତ ମନୁ, ଗ୍ରୀକ୍ ରାଜା ଉତନାପିସ୍ତିମ, ନୋହା ହେଉଛନ୍ତି ଏହି କାହାଣୀଗୁଡ଼ିକର ଜଣେ ଜଣେ ନାୟକ। ସେହି ନାୟକମାନେ ହିଁ ନାଉରିଆ ସାଜି ପ୍ରଳୟ କାଳରେ ପୃଥିବୀରେ ମଣିଷ ଜାତିର ରକ୍ଷକ ଭାବେ ଉଭା ହୋଇଛନ୍ତି। ପ୍ରତ୍ୟେକ କିମ୍ବଦନ୍ତୀରେ ବନ୍ୟା ପ୍ରଳୟର କାରଣ ହେଉଛି ମଣିଷର କୁକର୍ମ ବ୍ୟତୀତ ଆଉ କିଛି ନୁହେଁ। ବର୍ତ୍ତମାନ ସମୟରେ ପ୍ରକୃତି ଉପରେ ମଣିଷର ଅକଥନୀୟ ଅତ୍ୟାଚାର ଯୋଗୁ ଜଳବାୟୁ ପରିବର୍ତ୍ତନ ଘଟୁଛି। ଏହାର କୁପରିଣାମ ଧୀରେ ଧୀରେ ସାମ୍ନାକୁ ଆସିବା ପରେ ମଣିଷ ମୁଣ୍ଡରେ ଚେତା ପଶିଛି। ତାପମାତ୍ରା ବୃଦ୍ଧି ଯୋଗୁ ବରଫ ତରଳି ସମୁଦ୍ର ଜଳପତନ ବୃଦ୍ଧି ପାଉଛି। ସମୁଦ୍ର ଏବେ ସହରମୁହାଁ। ମୁମ୍ବାଇ ଭଳି ଅନେକ ସହର ସମୁଦ୍ରରେ ବୁଡ଼ିଯିବ ବୋଲି ୨୦୨୨ର ଆଇପିସିସି ରିପୋର୍ଟରେ ଦର୍ଶାଯାଇଛି। ଏଭଳି ଅସୁବିଧାରୁ ବର୍ତ୍ତିବା ପାଇଁ ଇଣ୍ଡୋନେସିଆ ନିଜର ରାଜଧାନୀ ପରିବର୍ତ୍ତନ କରୁଛି। ବର୍ତ୍ତମାନ ରାଜଧାନୀ ଜାକର୍ତ୍ତା ଭବିଷ୍ୟତରେ ଜଳମଗ୍ନ ହେବାର ଆଶଙ୍କା ଥିବାରୁ ବୋର୍ଣ୍ଣିଓକୁ ନୂଆ ରାଜଧାନୀ ସ୍ଥାନାନ୍ତର କରିବା ପାଇଁ ଯୋଜନା କରୁଛି ଇଣ୍ଡୋନେସିଆ। ଜଳ ବଢୁଲେ ସୃଷ୍ଟି ନାଶର ସମସ୍ୟା ଉପୁଜିଛି। ପଞ୍ଚସଖା ଯୁଗର କବି ଅଚ୍ୟୁତାନନ୍ଦ ଦାସଙ୍କ ରଚିତ ମାଳିକା ବଚନରେ ଲେଖାଯାଇଥିବା 'ବାଇଶି ପାହାଚେ ଖେଳିବ ମୀନ' ଭବିଷ୍ୟବାଣୀ ସତ ହେବାର ଆଶଙ୍କା ଦେଖାଦେଇଛି। ଓଡ଼ିଶାର ଭଦ୍ରକ ଉପକୂଳରେ ଥିବା ୪ଟି ଦୀପ ଏବେ ସମୁଦ୍ର ଆଁ ଭିତରେ। ଗଞ୍ଜାମର ପୋଡ଼ମପେଟା ଗାଁ ମଧ୍ୟ ସମୁଦ୍ର ଭିତରେ ବୁଡ଼ିଯାଇଛି। କେନ୍ଦ୍ରାପଡ଼ାର ସାତଭାୟା ଗାଁରେ ସମୁଦ୍ର ମାଡ଼ିଆସିବା ଯୋଗୁ ସେଠାରେ ଜୀବନ ଜୀବିକାର ଚିହ୍ନବର୍ଣ୍ଣ ନାହିଁ। ଜଳବାୟୁ ପରିବର୍ତ୍ତନ ଏବଂ ସାତଭାୟା ବାସିନ୍ଦାଙ୍କ ସଂଘର୍ଷର କାହାଣୀକୁ ନିର୍ଦ୍ଦେଶକ ହିମାଂଶୁ ଖଟୁଆ 'ଦ ସି ଆଣ୍ଡ ସେଭେନ ଭିଲେଜ' ପ୍ରାମାଣିକ ଚଳଚ୍ଚିତ୍ରରେ ଦର୍ଶାଇଛନ୍ତି।

ଚଳିତ ବର୍ଷ ଲିବିୟାରେ ଡ୍ୟାମ୍ ଭାଙ୍ଗିଯାଇ ଭୟଙ୍କର ବନ୍ୟାରେ ମୃତ୍ୟୁସଂଖ୍ୟା ୨୦ ହଜାର ଟପିଥିବା ବେଳେ ୧୦ ହଜାରରୁ ଅଧିକ ଲୋକ ନିଖୋଜ ଅଛନ୍ତି। ବିଶ୍ୱ ଜଳବାୟୁ ସଂଗଠନର ମତ ଅନୁସାରେ ଜଳବାୟୁ ପରିବର୍ତ୍ତନ ଯୋଗୁ ଭୂମଧ୍ୟସାଗରରେ 'ଡାନିଏଲ' ନାମକ ଝଡ଼ ସୃଷ୍ଟି ହୋଇଥିଲା, ଯାହାର ପ୍ରଭାବରେ ଅତି ପ୍ରବଳ ବର୍ଷା ହୋଇ ଲିବିୟାରେ ବନ୍ୟା ପରିସ୍ଥିତି ଉପୁଜିଛି। ସମୟ ଚକ୍ରରେ ପଛକୁ ଫେରିଯାଇ ଦେଖିଲେ ଜଣାଯାଏ ଯେ, ପ୍ରାଚୀନ କିମ୍ବଦନ୍ତୀଗୁଡିକରେ ବନ୍ୟା ପ୍ଲାବନ ସମୟରେ ଜଣେ ଜଣେ ନାୟକ ନାଉରିଆ ସାଜି ଜୀବଜଗତର ରକ୍ଷା କରିଛନ୍ତି। କିନ୍ତୁ ବର୍ତ୍ତମାନ ଯୁଗରେ ମନୁଷ୍ୟକୃତ ଜଳବାୟୁ ପରିବର୍ତ୍ତନ ଯୋଗୁ ଭବିଷ୍ୟତରେ ହେବାକୁ ଥିବା ବନ୍ୟାରେ କେଉଁ ମହାନାୟକ ନାଉରିଆ ସାଜି ମାନବ ଜାତିର ଉଦ୍ଧାର କରିବେ, ତାହା ସମୟ ଆସିଲେ ହିଁ ଜଣାପଡ଼ିବ।

**ଗୁଣପୁର, ରାୟଗଡ଼ା**
**ମୋ- ୬୩୭୧୬୮୪୬୯୯**

## ଏଇ ଭାରତରେ

ଘରର ଅଦରକାରୀ ଜିନିଷ ଫିଙ୍ଗି ନ ଦେଇ ତାହାର ସଦୁପଯୋଗ ଉପାୟ ଆପଣାଇ ପାରନ୍ତି। ଏହି ଉପାୟର ମାର୍ଗଦର୍ଶକ ହେଉଛନ୍ତି ଅଞ୍ଜଳି ପଭନ। ସେ ବର୍ଜ୍ୟର ପୁନଃ ଉପଯୋଗ କରି ଏକ ସୁନ୍ଦର ବଗିଚା କରିଛନ୍ତି। ତାଙ୍କ ମା'ଙ୍କ ବାନ୍ଧବୀଙ୍କ ଘରକୁ ବୁଲିଯିବା ଅବସରରେ ଅଞ୍ଜଳି ସେଠାରେ ଏକ ଜାପାନିଜ୍ ଗାର୍ଡେନିଂ ମେଥଡ୍ (କୋଡେଡାମା, ଯେଉଁ ବଗିଚାରେ କେବଳ ବର୍ଜ୍ୟ ବ୍ୟବହାର କରାଯାଇଥାଏ) ଦେଖିବାକୁ ପାଇଲେ। ଏହାପରେ ସେ ତାଙ୍କ ମା'ଙ୍କ ବର୍ଜ୍ୟ ଉପଯୋଗ କରି ତାଙ୍କ ଘରେ ବଗିଚା କରିଛନ୍ତି। ଏହି ବଗିଚାରେ ସେମାନେ ପୁରୁଣା କ୍ୟାନ, ଟାୟାର, ଶଢ଼େଇ, ନଡ଼ିଆକତା, ପ୍ଲାଷ୍ଟିକ୍ ବୋତଲ, ପୁରୁଣା ସିଲାଇ ମେସିନ ଏବଂ ଡ୍ରମ୍ ବ୍ୟବହାର କରିଛନ୍ତି। ଅଞ୍ଜଳିଙ୍କ ମା' ପୁରୁଣା କନାରେ ବ୍ୟାଗ ତିଆରି କରିଛନ୍ତି, ଯେଉଁଥିରେ ବିଭିନ୍ନ ଗଛ ଲଗାଯାଇଛି ଓ ତାହାକୁ ଝୁଲାଇ ରଖାଯାଇଛି। ମା' ଓ ଝିଅ ସେମାନଙ୍କ କାର୍ଯ୍ୟ ଓ ବଗିଚା ତିଆରି କରିବାର ସମ୍ପୂର୍ଣ୍ଣ ଯାତ୍ରା ସମ୍ପର୍କରେ ଇନ୍‌ଷ୍ଟାଗ୍ରାମରେ ଶେୟାର କରିବା ପରେ ଏବେ ୭୬,୬୮୬ ଫଲୋୟର ରହିଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୬ ଅକ୍ଟୋବର ୧୯୯୮

- ରାଜ୍ୟର ବିଶିଷ୍ଟ ଗୀତିକାର, ନାଟ୍ୟକାର ତଥା ସାମ୍ବାଦିକ ନରସିଂହ ମହାପାତ୍ରଙ୍କ ୭୩ ବର୍ଷ ବୟସରେ ପରଲୋକ।
- ଫିଲିପାଇନ୍ସରେ ପ୍ରବଳ ଝଡ଼ତୋଫାନ ଫଳରେ ୩୦ ଜଣଙ୍କ ମୃତ୍ୟୁ।
- ଶ୍ରୀଲଙ୍କାର ବିବାଦୀୟ ଉତ୍ତରାଞ୍ଚଳ ଓ ପୂର୍ବାଞ୍ଚଳ ପ୍ରଦେଶଗୁଡ଼ିକର ବିଭିନ୍ନ ସ୍ଥାନରେ ସରକାରୀ ସୈନ୍ୟ ଓ ଏଲ୍‌ଟିଟିଇ ମଧ୍ୟରେ ପୃଥକ ପୃଥକ ସ୍ଥାନରେ ସଂଘର୍ଷ ଘଟି ଉଭୟ ପକ୍ଷର ୧୭୦ ମୃତ।

## ଚିରନ୍ତନୀ

"ଅଖିଳ ଜୀବର ବଂଶ
ହେଉ ଧନ୍ୟ ହେଉ ସମୁଜ୍ଜ୍ୱଳ
ସତ୍ୟ ହେଉ ପୁଣ୍ୟ ହେଉ
ମହୀୟାନ ହେଉ ଚରାଚର !"
-(ମହାଦୀପ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### କାକରାକୁ ଜିଆଇ ମାନ୍ୟତା ମିଳୁ

ମହାଶୟ,

ଟାଙ୍ଗି କାକରାପିଠା ସ୍ୱାଦିଷ୍ଟ ଓ ରୁଚିକର। ଏହା ମଇଦା, ଗୁଡ଼, ଚିନି, ଗୁଜୁରାତି, ନଡ଼ିଆ, ଛେନା ଏବଂ ଗୁଆଘିଅରେ ପ୍ରସ୍ତୁତ ହୋଇଥାଏ। ଅନ୍ୟ ରାଜ୍ୟ ତଥା ବିଦେଶରେ ଚାହିଦା ବୃଦ୍ଧି ହେବା ସହ ଆଦୃତି ଲାଭ କରିପାରିବ। ଏହା କେବଳ ରାଜ୍ୟ ମଧ୍ୟରେ ସୀମିତ ନ ହେଉ। ଏଥିପ୍ରତି ସରକାର ବିଚାର କରି ଏହାକୁ ଜିଆଇ ମାନ୍ୟତା ଦେବା ଜରୁରୀ। ପ୍ରଚାର ଓ ପ୍ରସାର ଲାଭ ହୋଇପାରିଲେ ସର୍ବାଦୃତ ଭାବେ ଚାହିଦା ବୃଦ୍ଧି ହୋଇ ବିକ୍ରି ବୃଦ୍ଧି ହେବ।

**-ରମେଶ ଚନ୍ଦ୍ର ବେହେରା, ଆୟତପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଅମରାବତୀ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ

ଛତିଆ,୧୫।୧୦(ସୌମ୍ୟ ରଞ୍ଜନ ସାହୁ): ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆର ମାଳିକା ପ୍ରସିଦ୍ଧ ଅମରାବତି ମଠ ପ୍ରାଙ୍ଗଣରେ ଅମରାବତି ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଆସନ୍ତା ମକର ସଂକ୍ରାନ୍ତିଠାରୁ ୫ ଦିନ ବ୍ୟାପୀ ମହୋତ୍ସବ ହେବାକୁ ସ୍ଥିର କରାଯାଇଛି। ମଠ ପରିସରରେ ପ୍ରସ୍ତର ଶିଳ୍ପୀ ମହେଶ୍ୱର ଓଝାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସୋଲର ପଞ୍ଚାୟତ ସମିତି ସଭ୍ୟ ସଞ୍ଜୟ ବେହେରା, ନେଳିଆ ସରପଞ୍ଚ ଜୟନ୍ତୀ ସ୍ୱାଇଁ, ସାମାଜିକ କର୍ମୀ ଧୀରେନ୍ଦ୍ର ନାଥ, ଗିରୀଶ ପାତ୍ର, ଅମରେଶ ନନ୍ଦ, ଚମ୍ପାପୁର ସରପଞ୍ଚ, ସମିତିସଭ୍ୟ, ଛତିଆ ସରପଞ୍ଚ ରମେଶ ପୃଷ୍ଟି ଓ ସମିତସଭ୍ୟ ଦୀପକ ସାହୁ ଯୋଗଦେଇ ମହୋତ୍ସବ ପାଇଁ ସହମତି ପ୍ରଦାନ କରିଥିଲେ। ବହୁ ବୁଦ୍ଧିଜୀବୀ ଓ ସାମାଜିକ କର୍ମୀ ଉପସ୍ଥିତ ରହି ନିଜ ମତ ରଖିଥିଲେ। ରାଜ୍ୟ ହସ୍ତତନ୍ତ, ବୟନ ଶିଳ୍ପ ଓ ସଂସ୍କୃତି ବିଭାଗ ପକ୍ଷରୁ ଆନୁଷଙ୍ଗିକ ଅନୁମତି ପ୍ରଦାନ ନିମନ୍ତେ ବିଧାୟକ ଅମର ପ୍ରସାଦ ଶତପଥୀଙ୍କୁ ଅନୁରୋଧ ପାଇଁ ଆବାହକ ବିପିନ ବିଶ୍ୱାଳ ପ୍ରସ୍ତାବ ଦେଇଥିଲେ। ଏଥିସହିତ ପରବର୍ତ୍ତୀ ବୈଠକରେ ଏକ କମିଟି ଗଠନ କରାଯିବାର ପ୍ରସ୍ତାବ ରଖିଥିଲେ। ଶେଷରେ ଚମ୍ପାପୁର ପୂର୍ବତନ ସରପଞ୍ଚ ବାସୁଦେବ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

### ଯୌତୁକ ଜନିତ ବଧୂହତ୍ୟା ଘଟଣା: ସ୍ୱାମୀକୋର୍ଟ ଚାଲାଣ

ରସୁଲପୁର,୧୫।୧୦(ରଞ୍ଜିତ ରାଉତ): ଯୌତୁକ ଜନିତ ବଧୂହତ୍ୟା ଘଟଣାରେ କୁଆଖିଆ ପୋଲିସ ମହିଳାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଉକ୍ତ ଥାନା ଅନ୍ତର୍ଗତ କଲଣ ଗ୍ରାମର ତପନ କୁମାର ପୃଷ୍ଟି। ଘଟଣାରେ ଅନ୍ୟ ଅଭିଯୁକ୍ତଙ୍କ ସମ୍ପୃକ୍ତିକୁ ନେଇ ପୋଲିସ ତଦନ୍ତ ଜାରି ରଖିଛି। ଶନିବାର ଉଷା ଶୋଇବା ଘରେ ବେକରେ ଶାଢ଼ି ବାନ୍ଧି ଝୁଲି ପଡ଼ିଥିଲେ। ତାଙ୍କୁ ଉଦ୍ଧାର କରାଯାଇ ସିଂହାପରୁ ଡାକ୍ତରଖାନରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଉଷାଙ୍କ ବାପଘର ଲୋକ ଖବର ପାଇ ଡାକ୍ତରଖାନରେ ପହଞ୍ଚିଥିଲେ। ଝିଅ ମୃତ ଦେହ ଯାଞ୍ଚ କରିବାରୁ ବିଭିନ୍ନ ସ୍ଥାନରେ କ୍ଷତ ଚିହ୍ନ ଥିବା ଦେଖି ସେମାନଙ୍କ ସନ୍ଦେହ ହୋଇଥିଲ। ତେଣୁ ଉଷାଙ୍କୁ ଶାଶୁଘର ଲୋକେ ତଣ୍ଟି ଚିପି ମାରି ଦେଇଛନ୍ତି ବୋଲି ବାପା ଦୋଳଗୋବିନ୍ଦ ସାହୁ ଥାନାରେ ଅଭିଯୋଗ କରିଥିଲେ। ଉଷାଙ୍କ ପରିବାରରେ ବିଭିନ୍ନ ସମୟରେ କଳି ଝଗଡ଼ା ହେଉଥିଲା। ଘଟଣା ଦିନ ମଧ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ତେବେ କେଉଁ କାରଣରୁ ମହିଳାଙ୍କ ମୃତ୍ୟୁ ଘଟିଲା ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସ୍ପଷ୍ଟ ହୋଇପାରିବ ବୋଲି ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ ସୂଚନା ଦେଇଛନ୍ତି।

# ସତ୍ୟ, ଅସତ୍ୟ, ଅର୍ଦ୍ଧସତ୍ୟ ପାର୍ଥକ୍ୟ ବୁଝିବା ଗଣମାଧ୍ୟମର କାମ

## ପାରାଦୀପ ପ୍ରେସ ମିଡିଆର ବାର୍ଷିକ ଉତ୍ସବ

ପାରାଦୀପ,୧୫।୧୦(ଶରତ ରାଉତ): ଜଣେ ଖବରଦାତାଙ୍କ ନିଷ୍ଠା ଓ ପ୍ରତିଷ୍ଠା ତାଙ୍କ ଖବରରୁ ଜଣାପଡ଼େ। ଗୋଟିଏ ଘଟଣାକୁ ଲୋକଲୋଚନକୁ ଆଣିବା ବେଳେ ଖବରଦାତା ଧ୍ୟାନ ଦେବା ଜରୁରୀ। ଘଟଣାର ସତ୍ୟତା ଜାଣିବା ପାଇଁ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରି ଖବର ପରିବେଷଣ କରିବା ଦରକାର। ଲୋକଙ୍କ କଥା ଶୁଣି ଖବର କଲେ ସେଥିରେ ଅସତ୍ୟ ରହିଥାଏ। କାହାଠାରୁ କିଛି ଶୁଣି ଫଟୋ ଓ ଭିଡିଓ ସଂଗ୍ରହ କରି ଖବର କଲେ ସେଥିରେ ଅର୍ଦ୍ଧସତ୍ୟ ରହିଥାଏ ବୋଲି ରବିବାର ପାରାଦୀପ ନୂଆବଜାରସ୍ଥିତ ପୋର୍ଟ କ୍ଲବ ପରିସରରେ ପାରାଦୀପ ପ୍ରେସ୍ ମିଡ଼ିଆ ସଂଘର ୮ମ ବାର୍ଷିକ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଅଧ୍ୟାପକ ତଥା ସାମାଜିକ କର୍ମୀ ପ୍ରଦୀପ ଶତପଥୀ ଏହା କହିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ କହିଛନ୍ତି, ସାମ୍ପ୍ରତିକ ସ୍ଥିତିରେ ଗଣମାଧ୍ୟମକୁ ରାଜନୀତିଠାରୁ ଅଲଗା କରି ହେବନାହିଁ। ରାଜନୀତି ପ୍ରତି ପରିବାରରୁ ହେଉଛି। ସେ ପୁଣି କହିଛନ୍ତି, ଯେମିତି ଶୈଶବରୁ ଜଣେ ପିଲା ତା'ର ମା' ବାପାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରୁଛି, ସେମିତି ଗଣମାଧ୍ୟମ ଲୋକଙ୍କର ସମସ୍ୟା ସମ୍ପର୍କରେ ପ୍ରଶ୍ନ ପଚାରିବା ହେଉଛି ମୌଳିକ କର୍ତ୍ତବ୍ୟ। ମାତ୍ର ଏକବିଂଶ ଶତାବ୍ଦୀରେ ଏହା ଏବେ ପରିବର୍ତ୍ତନ ହେବାରେ ଲାଗିଛି। ରାଜନେତାମାନେ ଏବେ ଗଣମାଧ୍ୟମକୁ ନିୟନ୍ତ୍ରଣ କରୁଛନ୍ତି। କେତେକାଂଶରେ ସଫଳ ମଧ ହେଉଛନ୍ତି। ଅନ୍ୟ ଦେଶରେ ପ୍ରତିଷ୍ଠିତ ବ୍ୟବସାୟୀମାନେ ନିଜର ଗବେଷଣା ବଳରେ ଉଚ୍ଚ ସୋପାନରେ ପହଞ୍ଚିଛନ୍ତି। କିନ୍ତୁ ଭାରତରେ ବ୍ୟବସାୟୀମାନେ ସରକାରଙ୍କ ସହ ସାଲିସ କରି ଗଣମାଧ୍ୟମକୁ ବ୍ୟବହାର କରି ବଡ଼ ହେବାକୁ ଚେଷ୍ଟା କରୁଛନ୍ତି। ଅଧିକାଂଶ ମିଡିଆ ଏବେ ବ୍ୟବସାୟୀ ଓ ରାଜନେତାଙ୍କ ନିୟନ୍ତ୍ରଣରେ। ଯେଉଁ ଗଣମାଧ୍ୟମ ସରକାରଙ୍କୁ ପ୍ରଶ୍ନ ପଚାରିବା କଥା ସେ ଏବେ ପ୍ରଶ୍ନବାଚୀରେ ପହଞ୍ଚିଗଲାଣି। ମୁଦ୍ରିତ ଗଣମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମ ପରେ ଏବେ ସାମାଜିକ ଗଣମାଧ୍ୟମରେ ଯୁବପିଢ଼ି କବଳିତ। ଆଜିର ଯୁବପିଢ଼ି ଆଖିଠାରୁ ଆଠ ଇଞ୍ଚ ଦୂରତାରେ ରହୁଥିବା ସୋସିଆଲ ମିଡିଆରେ ନିଜର ଭବିଷ୍ୟତ ଦେଖୁଛନ୍ତି। ଏହା ପ୍ରତ୍ୟେକ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ବୋଲି ସତପଥୀ ପ୍ରକାଶ କରିଛନ୍ତି।

ଏଥିରେ ସମ୍ମାନିତ ଅତିଥି ଭାବେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ କହିଥିଲେ, ସଶକ୍ତ ସମାଜ ଗଠନ କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ଅଧିକ। ଖବରଦାତାମାନେ ସତର୍କ, ସଜାଗ ରହି କାମ କଲେ ସାମାଜିକସ୍ତରରେ ପରିବର୍ତ୍ତନ ଆସିପାରିବ। ଅନ୍ୟତମ ସମ୍ମାନିତ ଅତିଥି 'ପରିଦର୍ଶକ ମିଡିଆ' ସମ୍ପାଦକ ବାବା ଲଲାଟେନ୍ଦୁ କେଶରୀ କହିଥିଲେ, ଏବର ନେତା ସେବା ଓ କର୍ତ୍ତବ୍ୟ ଭୁଲି ଗଲେଣି। ଗଣମାଧ୍ୟମ ସେଥିରେ ବଳି ନ ପଡୁ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରେସ୍ ମିଡିଆ ପରାମର୍ଶଦାତା ଚିତ୍ତ ସ୍ୱାଇଁ ବାର୍ଷିକ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସଭାପତି ବସନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବଟ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଅଜିତ ଦାସ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ପାରାଦୀପ ବିତରକ ସଂଘ ପକ୍ଷରୁ ସଭାପତି ପ୍ରଦୀପ ଜେନା ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ପାରାଦୀପର ୫ଟି ସ୍ୱେଚ୍ଛାସେବୀ ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେଗୁଡିକ ହେଲା ମନସା ଚାରିଟେବୁଲ ଟ୍ରଷ୍ଟ, ଆହ୍ୱାନ କମ୍ବାଇନ୍ଡ ଫାଉଣ୍ଡେଶନ, ଆଦର୍ଶପ୍ରୟାସ, ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ଏବଂ ବିବେକାନନ୍ଦ ୟୁଥ୍ କ୍ଲବ। କାର୍ଯ୍ୟକ୍ରମ ପୂର୍ବରୁ ପ୍ରେସ୍ ମିଡିଆ ପକ୍ଷରୁ ଗଲ୍ସ ପଢ଼ିଆଠାରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।



ପାରାଦୀପ ପ୍ରେସ୍ ମିଡିଆର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# କଲାମଙ୍କ ଜୟନ୍ତୀରେ ବିଶାଳ ଗଣଦୌଡ଼

ଚଣ୍ଡିଖୋଲ,୧୫।୧୦(ପ୍ରଦୀପ୍ତ କୁମାର ପୃଷ୍ଟି): ଭାରତର ପୂର୍ବତନ ରାଷ୍ଟ୍ରପତି ଡ. ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ରବିବାର ପାଳିତ ହୋଇଯାଇଛି। ପ୍ରୟାସ ସ୍ୱେଚ୍ଛାସବୀ ସଂଗଠନ ଆନୁକୂଲ୍ୟରେ ଏହି ଆୟୋଜିତ ଜୟନ୍ତୀ ଅବସରରେ ରାଣୀବନ୍ଦୀ ଗ୍ରାମ ନିକଟରୁ ଏକ ବିଶାଳ ଗଣଦୌଡ଼ ଚଣ୍ଡିଖୋଲ ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପତାକା ହଲାଇ ଗଣଦୌଡ଼ର ଶୁଭାରମ୍ଭ କରିଥିଲେ। କଲାମ ୨୦୦୩ରେ ରାଣୀବନ୍ଦୀ ଗ୍ରାମକୁ ଆସିଥିଲେ। ସେହି ସ୍ମୃତି ଉଜ୍ଜୀବିତ ପାଇଁ ପ୍ରତ୍ୟେକ ବର୍ଷ ଜୟନ୍ତୀ ଉତ୍ସବ ପାଳନ କରାଯାଏ। ଏହି ଗଣଦୌଡ଼ରେ ବାବା ଭୈରବାନନ୍ଦ ମହାବିଦ୍ୟାଳୟର ସମର ଶିକ୍ଷାର୍ଥୀ ବାହିନୀ, ଜାତୀୟ ସେବା ଯୋଜନା ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ଛାତ୍ରୀଛାତ୍ର ୫୩ ନମ୍ବର ଜାତୀୟ ରାଜପଥର ଦେଇ ଚଣ୍ଡିଖୋଲ ଛକସ୍ଥିତ ବୁଦ୍ଧ ମୂର୍ତ୍ତି ଓ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚି ମାଲ୍ୟାର୍ପଣ କରିଥିଲେ। ପରେ ବିଜୁ କଲ୍ୟାଣ ମଣ୍ଡପରେ ପହଞ୍ଚି ଥିଲେ। ଅନୁଷ୍ଠାନ ସଭାପତି ଆଶିଷ ରଞ୍ଜନ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବିଜୁ କଲ୍ୟାଣ ମଣ୍ଡପଠାରେ ଏକ ସଭା ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଧାୟକ ଶତପଥୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାଧ୍ୟାପକ ମନୋରଞ୍ଜନ ମହାନ୍ତି, ସମ୍ମାନିତ ଅତିଥି ଭାବେ ଖବରଦାତା ମହେଶ୍ୱର ବଳ ଓ ବେଣୁଧର ପଣ୍ଡା ଉପସ୍ଥିତ ଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ପରିଷଦ ସଭ୍ୟ ଯତୀନ୍ଦ୍ର ନାୟକ, ଭୂଷଣ୍ଡପୁର ସରପଞ୍ଚ ଯଯାତୀ କେଶରୀ ରାଉତ ଓ ପଲ୍ଲୀମଙ୍ଗଳ ସଭାପତି ସଞ୍ଜୟ ସ୍ୱାଇଁ ଯୋଗ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ଅଧ୍ୟାପକ ସଲିଳ ରାଜନନ୍ଦନ ମାହାନ୍ତି, ସରକାରୀ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସିଦ୍ଧାର୍ଥ ଶଙ୍କର ବେହେରା, କ୍ରୀଡା ଶିକ୍ଷକ ରାମଚନ୍ଦ୍ର ମଲ୍ଲିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗଣଦୌଡ଼ରେ ସାମିଲ ଛାତ୍ରୀଛାତ୍ରଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସମ୍ପାଦକ ଭାରତ ଭୂଷଣ ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଅତିଥି ପରିଚୟ ଦେଇଥିଲେ ପ୍ରସନ୍ନ ବିଶ୍ୱାଳ। ଅନୁଷ୍ଠାନର ସଭ୍ୟ ଅମିୟ ମହାରଣା, ପ୍ରତାପ ଗୋଚ୍ଛାୟତ, ଅନିଲ ନାୟକ , ବସନ୍ତ କୁମାର ପଲେଇ, ମକର ଧ୍ୱଜ ଦାସ, ପ୍ରମୋଦ ଜେନା, ଭବତୋଷ ବିଶ୍ୱାଳ ପ୍ରମୁଖ ଯୋଗଦେଇସହଯୋଗକରିଥିଲେ। ଆଇନଜୀବୀ ଦେବରାଜ ବେହେରା, ମୋହନ ଖିଲାର, ପ୍ରଶାନ୍ତ ଜେନା ଓ ପ୍ରଦ୍ୟୁମ୍ନ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସୁରେନ୍ଦ୍ର ସାମଲ ଧନ୍ୟବାଦ ଦେଇଥିଲେ।



ଗଣଦୌଡ଼କୁ ବିଧାୟକ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି।

ଗ୍ୟାସ୍ ଓ ଏସିଡ଼ିଟି ପାଇଁ ଚିନ୍ତିତ କି ?
available at amazon
ଓଡ଼ିଶା ଆୟୁର୍ବେଦ ଭବନ ଦ୍ୱାରା ପ୍ରସ୍ତୁତ
ଶିବାଷ୍ଟକ ଚୂର୍ଣ୍ଣ
Sibastaka Churna
ଗ୍ୟାସ୍, ଏସିଡ଼ିଟି, ବଦହଜମି, ଆମ୍ବିଳା ହାକୁଟି, ଛାତି ତଣ୍ଟି ପୋଡ଼ା ଜଳା ଅଜୀର୍ଣ୍ଣ କୋଷ୍ଠ କାଠିନ୍ୟ ଦୂର କରି ଆଶ୍ଚର୍ଯ୍ୟ ଭାବରେ ହଜମ ଶକ୍ତି ବଢ଼ାଏ
Fast Relief from ACIDITY,INDIGESTION & CONSTIPATION
DOUBLE STRENGTH JADRUDAMAN JADU MALAM
ଯଦ୍ରୁଦମନ ଯାଦୁ ମଲମ (ଯାଦୁ ପାଇଁ ବେଷ୍ଟ)
ଓଡ଼ିଶା ଆୟୁର୍ବେଦ ଭବନ,କଲେଜ ଛକ, କଟକ
Contact:9437883226

# ବାର୍‌ରେ ଗୋଷ୍ଠୀ ସଂଘର୍ଷ: ୪ ଗିରଫ

## ୩ ଆହତ, ଜଣେ ଗୁରୁତର

ଛତିଆ,୧୫।୧୦(ସୌମ୍ୟ ରଞ୍ଜନ ସାହୁ): ଯାଜପୁର ଜିଲା ବୈରି ଥାନା ଅନ୍ତର୍ଗତ ପାଇକରାପୁରଠାରେ ଥିବା ଅମୃତ ବାର୍‌ରେ ଶନିବାର ରାତିରେ ଗୋଷ୍ଠୀ ସଂଘର୍ଷ ଘଟିଛି।

ଏଥିରେ ୩ ଜଣ ଆହତ ହୋଇଥିବାବେଳେ ଜଣେ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ପରିଚୟ ମିଳି ପାରିନାହିଁ। ଅନ୍ୟପକ୍ଷରେ ଘଟଣାରେ ସମ୍ପୃକ୍ତ ୪ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ ଖଇରା ଗ୍ରାମର ସନ୍ତୋଷ ନାୟକ, ସୋଲର ଗ୍ରାମର ମନୋଜ ସାମଲ, ଜିତେନ୍ଦ୍ର ସାମଲ ଓ ସଂଗ୍ରାମ ବାରିକ। ଘଟଣାରେ ସମ୍ପୃକ୍ତ ଆଉ କେତେଜଣ ଯୁବକ ଫେରାରଥିବା ସୂଚନା ମିଳିଛି।

ସୋଲର ଗ୍ରାମର କେତେଜଣ ଯୁବକ ଉକ୍ତ ବାର୍‌ରେ ମଦ ପିଉଥିବାବେଳେ ଚଣ୍ଡିଖୋଲର କେତେଜଣ ଯୁବକ ବାର୍‌କୁ ଆସିଥିଲେ। ଏହାପରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ବଚସା ହୋଇଥିଲା। ଏଥିରେ ଉତ୍ୟକ୍ତ ହୋଇ ଚଣ୍ଡିଖୋଲର ଜଣେ ଯୁବକ ଏକ ମଦ ବୋତଲକୁ ମନୋଜ ସାମଲଙ୍କ ମୁଣ୍ଡରେ ବାଡ଼େଇ ଦେଇଥିଲେ। ଏହାପରେ ଉକ୍ତ ବିୟର୍ ବାର୍ ପାଲଟିଯାଇଥିଲା ରଣକ୍ଷେତ୍ର। ଉଭୟ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟିଥିଲା। ଖବର ପାଇ ବୈରୀ ଥାନା ଏସ୍‌ଆଇ ଜହର୍ ଆବେଦିନ, ଧୀରେନ ପଣ୍ଡା, ଅସରଫ ଅଲ୍ଲୀ ରାଜ, ଅଜୟ ଗିରି ଓ ପୀତାମ୍ବର ମହାନ୍ତି ପ୍ରମୁଖ ପହଞ୍ଚି ଆହତଙ୍କୁ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ଏନେଇ ଥାନାରେ ଉଭୟ ଗୋଷ୍ଠୀ ପକ୍ଷରୁ ଅଭିଯୋଗ ହୋଇଛି। ପୋଲିସ ନଂ.୨୦୧/୨୩ ଓ ୨୦୨/୨୩ରେ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି।

# ରେଙ୍ଗାଲି ଷ୍ଟକ୍‌ଗାର୍ଡରୁ ମିଳିଲା ମୃତ ଭାଲୁ ଛୁଆ

- କୋରାବନ୍ଦୀ-ବରାଙ୍ଗ ସଂରକ୍ଷିତ ଜଙ୍ଗଲରେ ଅସୁରକ୍ଷିତ ବନ୍ୟପ୍ରାଣୀ
- ୪ ବର୍ଷରେ ମଲେଣି ୪ ଭାଲୁ

କୋରେଇ,୧୫।୧୦(ଚନ୍ଦ୍ରକାନ୍ତ ପତି): କଟକ ବନଖଣ୍ଡର ଯାଜପୁର ରୋଡ୍ ରେଞ୍ଜ ଅଧୀନ ପଛିକୋଟ ଡିପିଏଫ୍(ଡିମାର୍କେଟ ପ୍ରୋଟେକ୍ଟ ଫରେଷ୍ଟ)ର କୋରାବନ୍ଦୀ ଓ ମଲାରିଆ ମଧ ଭାଗରେ ଥିବା ୧୪୮ ହେକ୍ଟର ପରିମିତ ଏକମାତ୍ର ଶାଳ ଜଙ୍ଗଲ ଏବେ ବନ୍ୟପ୍ରାଣୀଙ୍କ ପାଇଁ ଅସୁରକ୍ଷିତ ହୋଇପଡ଼ିଛି। କୋରାବନ୍ଦୀ ରାଇସମିଲ ନିକଟ ୮ ଏକରରୁ ଉର୍ଦ୍ଧ୍ୱ ଏକ ବ୍ୟକ୍ତିଗତ ଜମିରେ ରେଙ୍ଗାଲି କେନାଲ କାମ କରୁଥିବା ଠିକାସଂସ୍ଥା ତାରବାଡ଼ ଘେରାଉ କରି ଏକ ଷ୍ଟକଗାର୍ଡ ନିର୍ମାଣ କରିଛି। ରବିବାର ସକାଳୁ ସେହି ଷ୍ଟକଗାର୍ଡ ମଧ୍ୟରୁ ପ୍ରାୟ ୩ ବର୍ଷୀୟ ଭାଲୁ ଛୁଆର ମୃତଦେହ ମିଳିଛି। ମୃତଦେହକୁ ବନ ବିଭାଗ ଜବତ କରିଛି।

ଏହି ଷ୍ଟକଗାର୍ଡରେ ଉକ୍ତ କମ୍ପାନୀର ସମଗ୍ରୀ ରହୁଥିବାରୁ ଏକାଧିକ ସୁରକ୍ଷା କର୍ମୀ ରାତିରେ ଆଲର୍ଟ ରହୁଛନ୍ତି। ଚାରିପାଖରେ ସିସିଟିଭି କ୍ୟାମେରା ଲାଗିଛି। ସୁରକ୍ଷାକର୍ମୀଙ୍କ କହିବା ମୁତାବକ, ୨ ବଡ଼ ଏବଂ ଗୋଟିଏ ଛୁଆ ଭାଲୁ ରାତିରେ ପଛପାଖ ଷ୍ଟକଗାର୍ଡ ଦେଇ ଭିତରକୁ ପଶି ଆସିଥିଲେ। ୪ ପାଖରେ ତାରବାଡ଼ ରହିଥିବାରୁ ଆଉ ପଦାକୁ ଯାଇ ପାରି ନ ଥିଲେ। ରାତିରେ ଅନେକ ଚିତ୍କାର କରିବା ପରେ ୨ ବଡ଼ ଭାଲୁ ବାଡ଼ ଡେଇଁ ହତା ବାହାରକୁ ଚାଲିଯାଇଥିଲେ। ଛୁଆ ଭାଲୁଟି ବାହାରକୁ ଯାଇ ନ ପାରି ରାତି ପହିବା ପର୍ଯ୍ୟନ୍ତ ବିକଟାଳ ରଡି ଛାଡୁଥିଲା। ସକାଳକୁ ଭାଲୁ ଛୁଆଟି ମରିପଡ଼ିଥିବା ଦେଖିବାକୁ ମିଳିଥିଲା। ଯାଜପୁର ରୋଡ ବନବିଭାଗ କର୍ମଚାରୀ ଭାଲୁ ଛୁଆର ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ନେଇଥିଲେ। ଏଠି ପ୍ରଶ୍ନ ଉଠୁଛି ଯଦି ଭାଲୁ ୩ଟି ଷ୍ଟକଗାର୍ଡ ମଧ୍ୟକୁ ପଶିଥିଲେ ତେବେ ସୁରକ୍ଷାକର୍ମୀ ଯାଜପୁର ରୋଡ୍ ବନବିଭାଗ କିମ୍ବା କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇଲେ ନାହିଁ କାହିଁକି। ଅନ୍ୟପକ୍ଷରେ କମ୍ପାନୀ କର୍ତ୍ତୃପକ୍ଷ ସାମଗ୍ରୀ ଚୋରି ଭୟରେ ତାର ବାଡ଼ଗୁଡିକୁ ରାତିରେ ବିଦ୍ୟୁତ୍ ସଂଯୋଗ ଦେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଏହା ସତ୍ୟକି ନାହିଁ ଭାଲୁ ଛୁଆର ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ଜଣାପଡିବ ବୋଲି କୁହାଯାଉଛି।



୨୦୧୮ରେ ଏହି ରେଞ୍ଜ ଅଧୀନ ଭାଲୁକାହୁଡ଼ି ଆଦିବାସୀ ବସ୍ତିରେ ଲୋକଙ୍କ ଆକ୍ରୋଶର ଶିକାର ହୋଇ ପ୍ରାୟ ୧୦ ବର୍ଷର ଅଣ୍ଡିରା ଭାଲୁର ମୃତ୍ୟୁହୋଇଥିଲା। ସେହିପରି ୨୦୧୯ ମେ' ୨୧ରେ ୨୦ ନମ୍ବର ଜାତୀୟ ରାଜପଥର ରଗଡ଼ି ଛକ ସରକାରୀ ପଲିଟେକନିକ ସାମ୍ନାରେ ଟ୍ରକ୍ ଧକ୍କାରେ ୨ ଭାଲୁଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ରାସ୍ତା ପାର ହେଉଥିବା ସମୟରେ ଦୁର୍ଘଟଣା ଘଟି ମା' ଓ ଛୁଆ ଭାଲୁଙ୍କ ମୃତ୍ୟୁ ଘଟିଥିଲା। ମା' ଭାଲୁର ବୟସ ୮ ବର୍ଷ ହୋଇଥିବାବେଳେ ଛୁଆ ଭାଲୁଟି ୬ ମାସର ବୋଲି ବନବିଭାଗ ଅଧିକାରୀ ସୂଚନା ଦେଇଥିଲେ। ସମାନ ଭାବରେ ରବିବାର ଏହି ମୃତ ଭାଲୁ ଛୁଆକୁ ଦେଖି ଯାଜପୁର ରୋଡ୍ ବନବିଭାଗର କାର୍ଯ୍ୟଶୈଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କେଉଁ ପରିସ୍ଥିତିରେ ଭାଲୁ ଛୁଆର ମୃତ୍ୟୁହେଲା ତା'ର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ଯାଜପୁର ରୋଡ ବନଖଣ୍ଡ ଅଧିକାରୀ ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି କହିଛନ୍ତି।

# ମା' ବିରଜାଙ୍କ ରଥଯାତ୍ରା ଆରମ୍ଭ

ଯାଜପୁର ଟାଉନ,୧୫।୧୦ (ପ୍ରଯଲ୍ଲା ପ୍ରିୟଦର୍ଶନୀ ମହାନ୍ତି): ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ରଥଯାତ୍ରା ଉତ୍ସବ ରବିବାରଠାରୁ ଆରମ୍ଭ ହୋଇଛି। ଏହା ୯ଦିନ ପର୍ଯ୍ୟନ୍ତ ଚାଲିବ। ରଥ ଟାଣିବା ପାଇଁ ବହୁ ଶ୍ରଦ୍ଧାଳୁ ଭକ୍ତଙ୍କର ସମାଗମ ହୋଇଥିଲା। ରଥଯାତ୍ରା ଉତ୍ସବକୁ ବହୁ ଆଡମ୍ବର ସହକାରେ ପାଳନ ପାଇଁ ମନ୍ଦିର ପ୍ରଶାସନ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଇଛି। ବିଗତ ବର୍ଷଗୁଡ଼ିକ ପରି ଚଳିତ ବର୍ଷ ମଧ ଯାଜପୁରର ବୈଦ୍ୟରାଜପୁର ଘଣ୍ଟବାଦକ ସଂଘ ପକ୍ଷରୁ ଘଣ୍ଟ ବାଦନ ସହ ବିଭିନ୍ନ କୀର୍ତ୍ତନ ଦଳ ଏହି କାର୍ଯ୍ୟକ୍ରମରେ ସାମିଲ ହେବେ ବୋଲି ଜଣାପଡ଼ିଛି।

ଓଡ଼ିଶାରେ ଯେତେଗୁଡିଏ କ୍ଷେତ୍ର ଅଛି ସେଥିମଧ୍ୟରୁ ୪ଟି କ୍ଷେତ୍ରକୁ ପ୍ରାଧାନ୍ୟ ଦିଆଯାଇଛି ରଥ ସଂସ୍କୃତି ପାଇଁ। ସେଥିମଧ୍ୟରୁ ଗଦାକ୍ଷେତ୍ର ବା ଯାଜପୁରର ଅଧିଷ୍ଠାତ୍ରୀ ଦେବୀ ମା' ବିରଜାଙ୍କ ରଥଯାତ୍ରା ଅନ୍ୟତମ। ଆଶ୍ୱିନ ଶୁକ୍ଳ ପ୍ରତିପଦ ତିଥିରେ ମା'ଙ୍କ ରଥ ପ୍ରତିଷ୍ଠା ପର୍ବ ହୋଇଥାଏ। ଦେବୀଙ୍କର ରୌପ୍ୟ ଆଶାଦଣ୍ଡ ରଥ ମଣ୍ଡପକୁ ବିଜେ କରନ୍ତି। ସେଠାରେ ଗଣପତିଙ୍କ କଳସ ସହ ଦଶଦିଗପାଳଙ୍କ କଳସ ସ୍ଥାପନା କରାଯାଇ ଯଥାବିଧି ପୂଜା ପାଠ ଓ ହୋମ କରାଯାଏ। ରଥ ଉପରେ ରଥାଧିଷ୍ଠାତୃଦେବ/ଦେବୀଙ୍କର ପୂଜାକରାଯାଇ ରଥ ଚାରିଦିଗରେ ଦଶଦିଗପାଳଙ୍କୁ ମାଷୋଦୋନ-ବଳି ପ୍ରଦାନ କରାଯାଏ। ପୂଜାକର୍ମ ସମୟରେ ଦେବୀଙ୍କ ସେବାୟତ, ବ୍ରାହ୍ମଣ, ଅନ୍ୟାନ୍ୟ ସେବକ, ରଥନିର୍ମାତା ମହାରଣା ଓ ଭକ୍ତମାନେ ଉପସ୍ଥିତ ରୁହନ୍ତି। ପୂଜା ଶେଷପରେ ରଥକୁ ବିଜେ ପାଇଁ ପୂଜକ ଦେବୀଙ୍କୁ ନିବେଦନ ଜଣାନ୍ତି। ଛତ୍ର, ଚାମର, ଘଣ୍ଟା, ଆଲଟ, ତରାସ ଆଦି ସେବକମାନେ ଧରି ମା'ଙ୍କ ସେବାକରନ୍ତି। ଭକ୍ତମାନଙ୍କର ହରିବୋଲ, ହୁଳହୁଳି, ମୃଦଙ୍ଗ, ଶଙ୍ଖ, ଆଦି ବାଦ୍ୟଘୋଷ ଓ ପୂଜକଙ୍କ ସ୍ତୁତି ଗାନରେ ପ୍ରକମ୍ପିତ ହୋଇପଡେ ମା'ଙ୍କ ମନ୍ଦିର ପରିବେଶ। ପରେ ପରେ ଦେବୀ ବିରଜାଙ୍କ ଚଳନ୍ତି ପ୍ରତିମା ମନ୍ଦିରରୁ ବାହାରି ସୁସଜ୍ଜିତ ଦୋଳା ବିମାନରେ ସିଂହଦ୍ୱାର ନିକଟକୁ ବିଜେ କରନ୍ତି। ରଥ ପ୍ରଦକ୍ଷିଣ କରିବା ପରେ ଦେବୀଙ୍କୁ ରଥାରୂଢ଼ କରାଯାଇଥାଏ। ବିଧି ଅନୁସାରେ ରଥ ପ୍ରତ୍ୟେକ ଦିନ ୯ଥର ମନ୍ଦିର ବେଢା ପରିକ୍ରମା କରିଥାଏ। ରଥକୁ ସିଂହଧ୍ୱଜ ବା ବିଜୟା ରଥ ବୋଲି କୁହାଯାଏ। ରଥର ଉଚ୍ଚତା ୪୫ହାତ ଅଧେ ଏବଂ ଏଥିରେ ୧୨ଟି ଚକ ଲାଗିଥାଏ। ୭୪୬ ଖଣ୍ଡ ଦାରୁରେ ତିଆରି ହୋଇଥିବା ସିଂହଧ୍ୱଜ ରଥଟି ନିର୍ମାଣ ସରିବା ପରେ ଏହାକୁ ଶ୍ୱେତ, ରକ୍ତ ଓ ପିତ ବସ୍ତ୍ରରେ ଆବରଣ କରାଯାଇଥାଏ। ରଥରେ ଥିବା ଚକ ୧୨ଟିକୁ ଦ୍ୱାଦଶ ଆଦିତ୍ୟଙ୍କର ପ୍ରତୀକ ଏବଂ ଏହାକୁ ଯୁଗଚକ୍ର, କାଳଚକ୍ର ଇତ୍ୟାଦି ନାମରେ ନାମିତ କରାଯାଇଛି। ରଥଟଣା ପରେ ମା'ଙ୍କ ପ୍ରତିମୂର୍ତ୍ତିକୁ ନବମ ଦିନ ରଥରୁ ଓହ୍ଲାଯାଇ ସ୍ଥାନୀୟ ଲାଖବିନ୍ଧା ପଡ଼ିଆକୁ ନିଆଯାଇଥାଏ ଏବଂ ସେଠାରେ ମା'ଙ୍କ ମୁଖ୍ୟ ପୂଜକ ଚାରି ଦିଗକୁ ଚାରିଟି ଶର ମାରିବା ପରେ ମା'ଙ୍କ ପ୍ରତିମାକୁ ମନ୍ଦିରକୁ ଅଣାଯାଏ।


ମା' ବିରଜାଙ୍କ ରଥ।


ମା' ବିରଜା

# ସତ୍ୟ, ଅସତ୍ୟ, ଅର୍ଦ୍ଧସତ୍ୟ ପାର୍ଥକ୍ୟ ବୁଝିବା ଗଣମାଧ୍ୟମର କାମ



ପାରାଦୀପ ପ୍ରେସ୍ ମିଡିଆର ବାର୍ଷିକ ଉତ୍ସବରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ପାରାଦୀପ,୧୫।୧୦(ଶରତ ରାଉତ)**

### ପାରାଦୀପ ପ୍ରେସ୍ ମିଡିଆର ବାର୍ଷିକ ଉତ୍ସବ

ଜଣେ ଖବରଦାତାଙ୍କ ନିଷ୍ଠା ଓ ପ୍ରତିଷ୍ଠା ତାଙ୍କ ଖବରରୁ ଜଣାପଡ଼େ। ଗୋଟିଏ ଘଟଣାକୁ ଲୋକଲୋଚନକୁ ଆଣିବା ବେଳେ ଖବରଦାତା ଧ୍ୟାନ ଦେବା ଜରୁରୀ। ଘଟଣାର ସତ୍ୟତା ଜାଣିବା ପାଇଁ ଘଟଣାସ୍ଥଳକୁ ଯାଇ ଅନୁଧ୍ୟାନ କରି ଖବର ପରିବେଷଣ କରିବା ଦରକାର। ଲୋକଙ୍କ କଥା ଶୁଣି ଖବର କଲେ ସେଥିରେ ଅସତ୍ୟ ରହିଥାଏ । କାହାଠାରୁ କିଛି ଶୁଣି ଫଟୋ ଓ ଭିଡିଓ ସଂଗ୍ରହ କରି ଖବର କଲେ ସେଥିରେ ଅର୍ଦ୍ଧସତ୍ୟ ରହିଥାଏ ବୋଲି ରବିବାର ପାରାଦୀପ ନୂଆବଜାରସ୍ଥିତ ପୋର୍ଟ କ୍ଲବ ପରିସରରେ ପାରାଦୀପ ପ୍ରେସ୍ ମିଡିଆ ସଂଘର ୮ମ ବାର୍ଷିକ ଉତ୍ସବରେ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଅଧ୍ୟାପକ ତଥା ସାମାଜିକ କର୍ମୀ ପ୍ରଦୀପ ଶତପଥୀ ଏହା କହିଛନ୍ତି।

ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟର ସମ୍ପାଦକ ତଥାଗତ ସତପଥୀ ଯୋଗଦେଇ କହିଛନ୍ତି, ସାମ୍ପ୍ରତିକ ସ୍ଥିତିରେ ଗଣମାଧ୍ୟମକୁ ରାଜନୀତିଠାରୁ ଅଲଗା କରି ହେବନାହିଁ। ରାଜନୀତି ପ୍ରତି ପରିବାରରୁ ହେଉଛି। ସେ ପୁଣି କହିଛନ୍ତି, ଯେମିତି ଶୈଶବରୁ ଜଣେ ପିଲା ତା'ର ମା' ବାପାଙ୍କୁ ବିଭିନ୍ନ ପ୍ରଶ୍ନ ପଚାରୁଛି, ସେମିତି ଗଣମାଧ୍ୟମ ଲୋକଙ୍କର ସମସ୍ୟା ସମ୍ପର୍କରେ ପ୍ରଶ୍ନ ପଚାରିବା ହେଉଛି ମୌଳିକ କର୍ତ୍ତବ୍ୟ। ମାତ୍ର ଏକବିଂଶ ଶତାବ୍ଦୀରେ ଏହା ଏବେ ପରିବର୍ତ୍ତନ ହେବାରେ ଲାଗିଛି। ରାଜନେତାମାନେ ଏବେ ଗଣମାଧ୍ୟମକୁ ନିୟନ୍ତ୍ରଣ କରୁଛନ୍ତି। କେତେକାଂଶରେ ସଫଳ ମଧ୍ୟ ହେଉଛନ୍ତି। ଅନ୍ୟ ଦେଶରେ ପ୍ରତିଷ୍ଠିତ ବ୍ୟବସାୟୀମାନେ ନିଜର ଗବେଷଣା ବଳରେ ଉଚ୍ଚ ସୋପାନରେ ପହଞ୍ଚିଛନ୍ତି। କିନ୍ତୁ ଭାରତରେ ବ୍ୟବସାୟୀମାନେ ସରକାରଙ୍କ ସହ ସାଲିସ କରି ଗଣମାଧ୍ୟମକୁ ବ୍ୟବହାର କରି ବଡ଼ ହେବାକୁ ଚେଷ୍ଟା କରୁଛନ୍ତି। ଅଧିକାଂଶ ମିଡିଆ ଏବେ ବ୍ୟବସାୟୀ ଓ ରାଜନେତାଙ୍କ ନିୟନ୍ତ୍ରଣରେ। ଯେଉଁ ଗଣମାଧ୍ୟମ ସରକାରଙ୍କୁ ପ୍ରଶ୍ନ ପଚାରିବା କଥା ସେ ଏବେ ପ୍ରଶ୍ନବାଚୀରେ ପହଞ୍ଚିଗଲାଣି। ମୁଦ୍ରିତ ଗଣମାଧ୍ୟମ, ବୈଦ୍ୟୁତିକ ଗଣମାଧ୍ୟମ ପରେ ଏବେ ସାମାଜିକ ଗଣମାଧ୍ୟମରେ ଯୁବପିଢ଼ି କବଳିତ। ଆଜିର ଯୁବପିଢ଼ି ଆଖିଠାରୁ ଆଠ ଇଞ୍ଚ ଦୂରତାରେ ରହୁଥିବା ସୋସିଆଲ ମିଡିଆରେ ନିଜର ଭବିଷ୍ୟତ ଦେଖୁଛନ୍ତି। ଏହା ପ୍ରତ୍ୟେକ ଲୋକଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି ବୋଲି ସତପଥୀ ପ୍ରକାଶ କରିଛନ୍ତି।

ଏଥିରେ ସମ୍ମାନିତ ଅତିଥି ଭାବେ ପାରାଦୀପ ପୌରାଧ୍ୟକ୍ଷ ବସନ୍ତ ବିଶ୍ୱାଳ ଯୋଗଦେଇ କହିଥିଲେ, ସଶକ୍ତ ସମାଜ ଗଠନ କ୍ଷେତ୍ରରେ ଗଣମାଧ୍ୟମର ଭୂମିକା ଅଧିକ। ଖବରଦାତାମାନେ ସତର୍କ, ସଜାଗ ରହି କାମ କଲେ ସାମାଜିକସ୍ତରରେ ପରିବର୍ତ୍ତନ ଆସିପାରିବ। ଅନ୍ୟତମ ସମ୍ମାନିତ ଅତିଥି 'ପରିଦର୍ଶକ ମିଡିଆ' ସମ୍ପାଦକ ବାବା ଲଲାଟେନ୍ଦୁ କେଶରୀ କହିଥିଲେ, ଏବର ନେତା ସେବା ଓ କର୍ତ୍ତବ୍ୟ ଭୁଲି ଗଲେଣି। ଗଣମାଧ୍ୟମ ସେଥିରେ ବଳି ନ ପଡୁ ବୋଲି ସେ ମତବ୍ୟକ୍ତ କରିଥିଲେ। ପ୍ରେସ୍ ମିଡିଆ ପରାମର୍ଶଦାତା ଚିତ୍ତ ସ୍ୱାଇଁ ବାର୍ଷିକ ଉତ୍ସବରେ ଅଧ୍ୟକ୍ଷତା କରିଥିଲେ। ସଭାପତି ବସନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବଟ ଦାସ ବାର୍ଷିକ ବିବରଣୀ ପାଠ କରିଥିଲେ। ଶେଷରେ ଅଜିତ ଦାସ ଧନ୍ୟବାଦ ଦେଇଥିଲେ।

ଏହି ଅବସରରେ ପାରାଦୀପ ବିତରକ ସଂଘ ପକ୍ଷରୁ ସଭାପତି ପ୍ରଦୀପ ଜେନା ଧରିତ୍ରୀ ଏବଂ ଓଡ଼ିଶା ପୋଷ୍ଟ ସମ୍ପାଦକ ତଥାଗତ ସତପଥୀଙ୍କୁ ପୁଷ୍ପଗୁଚ୍ଛ ଏବଂ ଉତ୍ତରୀୟ ଦେଇ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ପାରାଦୀପର ୫ଟି ସ୍ୱେଚ୍ଛାସେବୀ ସଙ୍ଗଠନକୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେଗୁଡିକ ହେଲା ମନସା ଚାରିଟେବୁଲ ଟ୍ରଷ୍ଟ, ଆହ୍ୱାନ କମ୍ବାଇନ୍ସ ଫାଉଣ୍ଡେଶନ, ଆଦର୍ଶପ୍ରୟାସ, ବାବା ବାଲୁଙ୍କେଶ୍ୱର ଗ୍ରାମ୍ୟ ବିକାଶ ପରିଷଦ ଏବଂ ବିବେକାନନ୍ଦ ୟୁଥ୍ କ୍ଲବ। କାର୍ଯ୍ୟକ୍ରମ ପୂର୍ବରୁ ପ୍ରେସ୍ ମିଡିଆ ପକ୍ଷରୁ ଗଲ୍ଫ ପଡ଼ିଆଠାରେ ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଥିଲା।

# ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ କାର୍ଯ୍ୟରେ ଅନିୟମିତତା

**ନୟାଗଡ଼,୧୫।୧୦(ଲୋକନାଥ ମିଶ୍ର)**

- ଗୋଡିପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥାୟିତ୍ୱ ନେଇ ଉଠିଲା ପ୍ରଶ୍ନ
- ସୂଚନା ଫଳକ ନ ଲଗାଇ ଚାଲିଛି କାମ
- ସରପଞ୍ଚଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଫେରାଦ ହେଲେ ଗ୍ରାମବାସୀ

ନୟାଗଡ଼ ଜିଲାର ଗୋଡିପଡ଼ାରେ ଚାଲିଛି ୨୪ ଘଣ୍ଟିଆ ସ୍ୱାସ୍ଥ୍ୟକେନ୍ଦ୍ରର ଗୃହ କାର୍ଯ୍ୟ। ଜାତୀୟ ସ୍ୱାସ୍ଥ୍ୟ ମିଶନ(ଏନ୍ଏଚ୍ଏମ୍) ପକ୍ଷରୁ ୨କୋଟି ୧୮ ଲକ୍ଷ ୮୯ ହଜାର ଟଙ୍କାରେ ଏହା ନିର୍ମାଣ ଚାଲିଛି। ତେବେ ୨୪ ଘଣ୍ଟିଆ ସ୍ୱାସ୍ଥ୍ୟକେନ୍ଦ୍ରର କାମ ଠିକ୍‌ରେ ହେଉନି ବୋଲି ଅଭିଯୋଗ ଉଠିଛି। ପୁଣି ସୂଚନାଫଳକ ନ ଲଗାଇ କାମ ଚାଲିଛି। ଏପରିକି ଗୋଡିପଡ଼ା ବାସିନ୍ଦା କାମକୁ ବିଭିନ୍ନ ସମୟରେ ବନ୍ଦ କଲେ ଏନଏଚଏମ ପକ୍ଷରୁ ନିୟୋଜିତ ଠିକା କର୍ମଚାରୀ ଶୁଣୁ ନାହାନ୍ତି। ଠିକାଦାରୀଙ୍କ ମନମାନି ଓ ସ୍ୱାସ୍ଥ୍ୟକେନ୍ଦ୍ରର ସ୍ଥାୟିତ୍ୱ ନେଇ ଗୋଡିପଡ଼ା ବାସିନ୍ଦା ଗୋଡିପଡା ସରପଞ୍ଚ ଅନ୍ତର୍ଯ୍ୟାମୀ ସାହୁଙ୍କ ନେତୃତ୍ୱରେ ଜିଲାପାଳଙ୍କୁ ଭେଟି ସ୍ମାରକପତ୍ର ଦେଇଛନ୍ତି। ଅଭିଯୋଗ ଅନୁସାରେ କୋଭିଡ ସମୟରେ ଡାକ୍ତର ଚାମ୍ବର ଓ ଅନ୍ୟ କିଛି ଅଫିସକୁ ଠିକାଦାର ସିମେଣ୍ଟ ଗୋଦାମ କରି ନଷ୍ଟ କରି ସାରିଲାଣି। ସ୍ୱାସ୍ଥ୍ୟକେନ୍ଦ୍ରର କୌଣସି ଗୃହକୁ ଠିକାଦାର ବ୍ୟବହାର ନ କରିବାକୁ ନିର୍ଦ୍ଦେଶ ରହିଛି। ତେବେ ସରକାରୀ ନିର୍ଦ୍ଦେଶକୁ ଅଣଦେଖା କରି ଆଉଟ୍ ହାଉସ ତିଆରି ନ କରି ସ୍ୱାସ୍ଥ୍ୟକେନ୍ଦ୍ରକୁ ଗୋଦାମ ଘର କରି ସାରିଲାଣି। ପୁଣି ଅସ୍ଥାୟୀ ବିଦ୍ୟୁତ୍ ସଂଯୋଗ ନ ନେଇ ସ୍ୱାସ୍ଥ୍ୟକେନ୍ଦ୍ରର ବିଦ୍ୟୁତ୍ ବ୍ୟବହାର କରି ଘର କାମ ଚାଲିଛି। ୧୪ ବାଲିରେ ଗୋଟିଏ ସିମେଣ୍ଟ ପକାଯାଇ ନିର୍ମାଣ କାର୍ଯ୍ୟ ହେଉଛି। ପିଲରରେ ମଧ୍ୟ ଆବଶ୍ୟକ ଅନୁଯାୟୀ ରିଙ୍ଗ ଦିଆ ଯାଉନି। ଜେଇ ଓ ପ୍ରକୃତ ଠିକାଦାର କାମ ଉପରକୁ ଆସୁ ନାହାନ୍ତି ବୋଲି ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ଜିଲା ପ୍ରଶାସନକୁ ସ୍ଥାନୀୟ ଲୋକମାନେ ଜଣାଇଛନ୍ତି।

# ଜିଲାସ୍ତରୀୟ ଲୋକ ଅଦାଲତ

**ବ୍ରହ୍ମପୁର,୧୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)**

ଜିଲା ଦୌରାଜଜ୍ କୋର୍ଟ ପରିସରରେ ଚଳିତ ବର୍ଷର ତୃତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ଜିଲା ଆଇନସେବା ପ୍ରାଧୀକରଣ ସଚିବ ତଥା ଜିଲା ଦୌରାଜଜ୍ ରୂପଶ୍ରୀ ଚୌଧୁରୀ ଅଧ୍ୟକ୍ଷତା କରିଥିଲେ। ମୋଟ ୨୯୩୫ଟି ମାମଲାର ଆଶୁ ସମାଧାନ କରାଯାଇ ୯୭ ଲକ୍ଷ ୯୮ହଜାର ୭୩୯ ଟଙ୍କା ପ୍ରଦାନ କରାଯାଇଥିଲା। ୧୯ଟି ମୋଟରଯାନ ମାମଲାରେ ଶୁଣାଣି କରି ୯୬ଲକ୍ଷ ୧୫ ହଜାର ଟଙ୍କା ପ୍ରଦାନ କରାଯାଇଥିବା ବେଳେ ୧୭ଟି ବିବାହ ବିଚ୍ଛେଦ ମାମଲାର ଆପୋଷ ବୁଝାମଣା କରାଯାଇଥିଲା। ଅନ୍ୟାନ୍ୟ ୧୫ଗୋଟି ମାମଲାର ଫଇସଲା କରାଯାଇଥିଲା। ସେହିପରି ୨୮୮୪ ଟି ରାଜସ୍ୱ ମାମଲାର ଶୁଣାଣି କରି ଆଶୁ ସମାଧାନ କରାଯାଇଥିଲା। ଏହି ଲୋକ ଅଦାଲତରେ ୨ୟ ଏମଏସିଟି ଜଜ୍ ରାମଶଙ୍କର ହୋତା, ଆୟୁଷ୍ମାନ ମହନ୍ତ, ସମସ୍ତ ଜଜ୍, ରେଜିଷ୍ଟ୍ରର ସୁଶାନ୍ତ କୁମାର ମିଶ୍ର ପ୍ରମୁଖ ଉପସ୍ଥିତ ରହି ମାମଲାର ସମାଧାନ କରିଥିଲେ।




# ସାଲାଇନରେ ପାର୍ଶ୍ୱ ପ୍ରତିକ୍ରିୟା, ଅଭିଯୋଗ ପରେ ତଦନ୍ତ

**ବ୍ରହ୍ମପୁର,୧୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)**

ଏମକେସିଜି ମେଡିକାଲ କଲେଜ ଓ ହସ୍ପିଟାଲରେ ରୋଗୀଙ୍କୁ ସାଲାଇନ୍ (ସୋଡିୟମ କ୍ଲୋରାଇଡ୍ ଇଞ୍ଜେକସନ୍ ଆଇପି) ଦେଲେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଯାଉଛି। କାଜୁଆଲ୍ଟିରେ କେତେଜଣ ରୋଗୀଙ୍କ କ୍ଷେତ୍ରରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିବା ବେଳେ ଶନିବାର ମେଡିସିନ ୱାର୍ଡରେ ବହୁ ରୋଗୀଙ୍କ କ୍ଷେତ୍ରରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଛି। କେତେଜଣଙ୍କୁ ୧୦୦ ଏମ୍ଏଲ୍ ଓ ଆଉ କେତେଜଣଙ୍କୁ ୫୦୦ ଏମ୍ଏଲର ସାଲାଇନ୍ ଦିଆଯାଇଥିଲା। ସାଲାଇନ୍ ଲାଗିବା ପରେ ରୋଗୀମାନେ ଥରି ଉଠିଥିଲେ। ଆଇସିୟୁରେ ମଧ୍ୟ କିଛି ରୋଗୀଙ୍କ କ୍ଷେତ୍ରରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିବା ଅଭିଯୋଗ ହୋଇଛି। ରୋଗୀମାନେ ଥରିବା ସହ ମୁଣ୍ଡ ବିନ୍ଧିବା ଏବଂ ଶରୀର ପୀଡ଼ା ହୋଇଥିବା ଅଭିଯୋଗ କରିଥିଲେ। ସଙ୍ଗେ ସଙ୍ଗେ ନର୍ସଙ୍କୁ ଡାକିଥିଲେ ରୋଗୀ ଏବଂ ନର୍ସ ଅନ୍ୟ ଇଞ୍ଜେକସନ୍ ଦେବା ପରେ ରୋଗୀଙ୍କ ଅବସ୍ଥା ସ୍ଥିର ହୋଇଥିଲା। ମେଡିସିନ ୱାର୍ଡର ପ୍ରାୟ ୨୦ରୁ ଉର୍ଦ୍ଧ୍ୱ ରୋଗୀ ଏବଂ ଆଇସିୟୁରେ ୧୦ଜଣ ରୋଗୀଙ୍କ କ୍ଷେତ୍ରରେ ଏଭଳି ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଥିବା ଅଭିଯୋଗ ହୋଇଛି। ମେଡିସିନି ୱାର୍ଡରେ ଚିକିତ୍ସିତ ହେଉଥିବା ସୁଦକ୍ଷା ପଲେଇ କହିଛନ୍ତି, ସାଲାଇନ୍ ଲାଗିବା ପରେ ସେ ଥରି ଉଠିଥିଲେ। ଆଉଜଣେ ରୋଗୀ ଲକ୍ଷ୍ମୀ ମହାରଣା କହିଛନ୍ତି, ତାଙ୍କ ମୁଣ୍ଡ ଘୁରାଇଥିଲା ଏବଂ ଶରୀର ପୀଡା ହୋଇଥିଲା। ଆଇସିୟୁରେ ଥିବା ଜଣେ ରୋଗୀଙ୍କ ସମ୍ପର୍କୀୟ କହିଛନ୍ତି ଯେ, ସାଲାଇନ୍ ଲାଗିବା ପରେ ରୋଗୀ ଅସୁସ୍ଥ ହୋଇଥିଲେ। ସାଲାଇନରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେବା ପରେ ଏହାର ତଦନ୍ତ କରିବାକୁ ଅଧୀକ୍ଷକ ପ୍ରଫେସର ଡା.ସୁଚିତ୍ରା ଦାଶ କହିଛନ୍ତି। ମେଡିସିନି ବିଭାଗରୁ ୧୨୫ଟି ସାଲାଇନ୍ ଷ୍ଟୋରକୁ ଫେରାଇ ଦିଆଯାଇଛି। ସେହି ସାଲାଇନ୍ ଏବେ କୌଣସି ରୋଗୀଙ୍କୁ ଦିଆଯିବ ନାହିଁ ବୋଲି ଅଧୀକ୍ଷକ କହିଛନ୍ତି। ଷ୍ଟୋର୍ ମେଡିକାଲ ଅଫିସର ପ୍ରଫେସର ଡା. ଅବିନାଶ ପଣ୍ଡା କହିଛନ୍ତି, ଯେଉଁ ସାଲାଇନରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଦେଇଛି ତାହା ରୋଗୀଙ୍କୁ ନଦେବା ପାଇଁ ଅଧୀକ୍ଷକ ନିର୍ଦ୍ଦେଶ କରିଛନ୍ତି।

# ୧୮ରୁ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞର ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ

**ଖଣ୍ଡପଡ଼ା,୧୫।୧୦(ଅଜୟ କୁମାର ମହାରଣା)**

ଖଣ୍ଡପଡ଼ା ବ୍ଲକ୍ ଅଧୀନ କଣ୍ଟିଲୋ ପାଣୁସାହୁ ପାଟଣା ଗ୍ରାମବାସୀଙ୍କ ପକ୍ଷରୁ ବିଶ୍ୱଶାନ୍ତି ବୈଦିକ ମହାଯଜ୍ଞ ଅନୁଷ୍ଠିତ ହୋଇ ଆସୁଛି। ଚଳିତ ବର୍ଷ ଏହି ମହାଯଜ୍ଞର ୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହେବ। ଆସନ୍ତା ୧୮ରୁ ୨୯ ତାରିଖ ପର୍ଯ୍ୟନ୍ତ ୧୨ ଦିନ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ଶନିବାର ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ମହୋତ୍ସବ କମିଟିର ସଭାପତି ସ୍ୱପ୍ନେଶ୍ୱର ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସମସ୍ତ କାର୍ଯ୍ୟକ୍ରମ କିପରି ଶୃଙ୍ଖଳିତ ଭାବେ ଶେଷ ହେବ ସେ ନେଇ ଆଲୋଚନା କରାଯାଇଥିଲା। ପ୍ରଥମ ଦିବସ ଅର୍ଥାତ୍ ୧୮ ତାରିଖରେ ଯଜ୍ଞ ସ୍ଥଳରେ କଳସ ସ୍ଥାପନ ସହ ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବ ପାଇଁ ଏକ ସ୍ମରଣୀକା ଉନ୍ମୋଚନ କରାଯିବ। ସନ୍ଧ୍ୟାରେ ଭଜନ ସମାରୋହର କାର୍ଯ୍ୟକ୍ରମ ରହିଛି। ପ୍ରତ୍ୟେହ ଯଜ୍ଞ ସହିତ ୧୯ରେ ସମୁହ ବ୍ରତୋପନୟନ ଓ କୁନି ପ୍ରବଚକ କେଶବ ଦାସ ଦ୍ୱିତୀକୃଷ୍ଣଙ୍କ ଦ୍ୱାରା ପ୍ରବଚନ। ୨୦ରେ ସମ୍ବଲପୁରୀ ଲୋକନୃତ୍ୟ ସହ ରାତିରେ ପଣ୍ଡିତ ବିରେନ୍ଦ୍ର କୁମାର ପଣ୍ଡାଙ୍କ ଦ୍ୱାରା ପ୍ରବଚନ । ୨୧ରେ ୫୦ କୁଣ୍ଡୀୟ ଯଜ୍ଞ, ପୂର୍ଣ୍ଣାହୁତି, ଶତାଧିକ ବୈଦିକ ସାଧୁ ଓ ଅଲେଖ ସାଧୁଙ୍କ ସମ୍ମିଳନୀ, ଶ୍ରୀକ୍ଷେତ୍ର ଭଜନ ସନ୍ଧ୍ୟା ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହେବ। ୨୨ରୁ ୨୪ ତାରିଖ ପର୍ଯ୍ୟନ୍ତ ୨୪ ପ୍ରହର ନାମଯଜ୍ଞ ଓ ରାବଣ ପୋଡ଼ି। ୨୫ ଓ ୨୬ରେ ଲୋକନୃତ୍ୟ ଘୋଡା ନାଚ ଓ ମୋଗଲ ତାମସା ପରିବେଷଣ କରାଯିବ। ୨୭ ଓ ୨୮ ତାରିଖ ଦୁଇଦିନ ସାମାଜିକ ନାଟକ 'ଅସତୀ ତୁଳସୀ, ସତୀ ଚଉରା' ଓ 'ଭୁଲ ତୋର, ଭୋଗୁଛି ମୁଁ' ମଞ୍ଚସ୍ଥ ହେବ। ୨୯ ତାରିଖ ସୁବର୍ଣ୍ଣ ଜୟନ୍ତୀ ଉଦ୍‌ଯାପନୀ ଦିବସରେ ସମ୍ବର୍ଦ୍ଧନା ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସମ୍ବଲପୁରୀ ମେଲୋଡି ଅନୁଷ୍ଠିତ ହେବାର କାର୍ଯ୍ୟକ୍ରମ ରହିଛି।

# ମଧ୍ୟାହ୍ନଭୋଜନ ପାଚିକାପାଚକଙ୍କ ବୈଠକ


ବୈଠକରେ ଯୋଗଦେଇଥିବା ପାଚିକାମାନେ।

**ନୟାଗଡ଼,୧୫।୧୦(ଲୋକନାଥ ମିଶ୍ର)**

ବିଜୁ ଶ୍ରମିକ ସାମ୍ମୁଖ୍ୟ ସହବନ୍ଧିତ ମଧ୍ୟାହ୍ନ ଭୋଜନ ପାଇଁ କାର୍ଯ୍ୟରତ ପାଚିକା ପାଚକଙ୍କ ନୟାଗଡ଼ ବ୍ଲକର ୧୨ନଂ. ଜିଲା ପରିଷଦ ଜୋନରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବିଜୁ ଶ୍ରମିକ ସାମ୍ମୁଖ୍ୟ ରାଜ୍ୟ ସହସମ୍ପାଦକ ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକ,୧୨ନଂ.ଜୋନର ଜିଲା ପରିଷଦ ସଭ୍ୟ ସୁବାସ ଚନ୍ଦ୍ର କଅଁର ଏବଂ ବାଲୁଗାଁ ପଞ୍ଚାୟତର ମନୋଜ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ପାଚିକା,ପାଚକମାନଙ୍କ ପାରିଶ୍ରମିକ ବୃଦ୍ଧି ପାଇଁ ରାଜ୍ୟ ସରକାର ନିଷ୍ପତ୍ତି ନେଇଥିବାରୁ ଉକ୍ତ ବୈଠକରେ ଧନ୍ୟବାଦ ଅର୍ପଣ କରାଯିବା ସହ ଜିଲାର ପାଚିକାପାଚକମାନଙ୍କ ସମସ୍ୟା ସମାଧାନ ପାଇଁ ପଦକ୍ଷେପ ନେଇଥିବାରୁ ନୟାଗଡ଼ ବିଧାୟକ ଡ.ଅରୁଣ କୁମାର ସାହୁଙ୍କୁ ବୈଠକରେ ଧନ୍ୟବାଦ ଅର୍ପଣ କରାଯାଇଥିଲା। ମଧ୍ୟାହ୍ନ ଭୋଜନ କେନ୍ଦ୍ରୀୟ ଯୋଜନା ହୋଇଥିଲେ ମଧ କେନ୍ଦ୍ରସରକାର କେନ୍ଦ୍ରୀୟ ଯୋଜନାର ଅର୍ଥ କାଟ କରିବା ଯୋଗୁ ପାଚିକା,ପାଚକମାନଙ୍କ ପାରିଶ୍ରମିକ ବୃଦ୍ଧିରେ ସମସ୍ୟା ସୃଷ୍ଟି ହୋଉଛି ବୋଲି ବକ୍ତାମାନେ କହିଥିଲେ ।

# ଜବତ ଗଞ୍ଜେଇ, ବ୍ରାଉନସୁଗାର ନଷ୍ଟ କଲା ପୋଲିସ

**ବ୍ରହ୍ମପୁର,୧୫।୧୦(ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁର ପୋଲିସ ଜିଲା, ଅବକାରୀ ଗୋଇନ୍ଦା ଓ ବ୍ରହ୍ମପୁର ଅବକାରୀ ବିଭାଗ ପକ୍ଷରୁ ଜବତ ହୋଇଥିବା ୬୩୪୦ କି.ଗ୍ରା. ଗଞ୍ଜେଇ ଓ ୨୬୮ ଗ୍ରାମ୍ ବ୍ରାଉନସୁଗାର ନଷ୍ଟ କରାଯାଇଛି। କୋର୍ଟଙ୍କ ନିର୍ଦ୍ଦେଶ ପ୍ରକାରେ ଜିଲା ଡ୍ରଗ୍ସ ଡିସ୍ପୋଜାଲ୍ କମିଟି ଶେରଗଡ଼ରେ ଥିବା ବାୟୋମେଡିକାଲ ବର୍ଜ୍ୟବସ୍ତୁ ପରିଚାଳନା କେନ୍ଦ୍ରରେ ଏସପି ଡା.ସର୍ବଣା ବିବେକ ଏମ୍, ଅବକାରୀ ଅଧୀକ୍ଷକ ଆର୍.ଏନ୍ ନାୟକ ଓ ଶେରଗଡ଼ ତହସିଲଦାରଙ୍କ ଉପସ୍ଥିତିରେ ଏସବୁ ନଷ୍ଟ କରାଯାଇଛି। ପୂର୍ବରୁ ୪୯୭୨ କି.ଗ୍ରା ଗଞ୍ଜେଇ, ୯.୪୮ ଗ୍ରାମ୍ ବ୍ରାଉନସୁଗାର ନଷ୍ଟ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ବ୍ରହ୍ମପୁର ଡ୍ରଗସ୍ ଡିସ୍ପୋଜାଲ୍ କମିଟି ୧୧, ୩୧୩ କି.ଗ୍ରା. ଗଞ୍ଜେଇ ଓ ୨୭୭.୪୮ ଗ୍ରାମ୍ ବ୍ରାଉନସୁଗାର ନଷ୍ଟ କରିଥିବା ବ୍ରହ୍ମପୁର ଏସପି ସୂଚନା ଦେଇଛନ୍ତି।

# ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ


ଏ.ପି.ଜେ.ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।

**ନୟାଗଡ଼,୧୫।୧୦(ଲୋକନାଥ ମିଶ୍ର)**

ଭାରତର ମିଶାଇଲ ମ୍ୟାନ, ପ୍ରଥମ ବୈଜ୍ଞାନିକ ରାଷ୍ଟ୍ରପତି ତଥା ଭାରତରତ୍ନ ସ୍ୱର୍ଗତ ଏ.ପି.ଜେ.ଅବଦୁଲ କଲାମଙ୍କ ୯୨ତମ ଜୟନ୍ତୀ ନୟାଗଡ଼ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି । ଅବଦୁଲ କଲାମ ସ୍ମୃତି କମିଟି ଏବଂ ଶିକ୍ଷକ ସମାଜ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ସ୍ଥାପିତ କାଲାମଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ବ୍ଲକ ଶିକ୍ଷାଧିକାରୀ ନିମାଇଁ ଚରଣ ପ୍ରଧାନ,ସମ୍ମାନୀତ ଅତିଥି ସାମାଜିକ କର୍ମୀ ଦାମୋଦର ସାହୁ, ଅତିରିକ୍ତ ବ୍ଲକ୍ ଶିକ୍ଷାଧିକାରୀ ସଞ୍ଜୟ କୁମାର ମଲିକ ଏବଂ ଧନେଶ୍ୱର ସେଠୀ, ଓଷ୍ଟା ରାଜ୍ୟ ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ, ନୟାଗଡ଼ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସମ୍ପାଦକ ଭକ୍ତରଞ୍ଜନ ମିଶ୍ର ପ୍ରମୁଖ ଯୋଗଦେଇ ଡ. କଲାମଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନୟାଗଡ଼ ବ୍ଲକ୍ ଶିକ୍ଷକ ସଂଘ ନେତା ବିପିନ ବିହାରୀ ଦାସ, ପୀତବାସ ପ୍ରଧାନ, ଲକ୍ଷ୍ମୀଧର ସାହୁ, ସନ୍ତୋଷ ସାହୁ, ଅଶୋକ ମଲ୍ଲ, ଉମେଶ ସ୍ୱାଇଁ, ରବିନ୍ଦ୍ର କୁମାର ସାହୁ,ସଲିମ ଇବ୍ରାହିମ, ଶରତ ପାଳ, ଚିତ୍ତରଞ୍ଜନ ଦାଶ ପ୍ରମୁଖ ଯୋଗଦାନ କରି ଶିକ୍ଷକ ସମାଜ ଦ୍ୱାରା ସ୍ଥାପିତ ଡ.କଲାମଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । କାର୍ଯ୍ୟାଳୟ ସହକାରୀ ଦିନେଶ ରାଉତରା ସହଯୋଗ କରିଥିଲେ ।

# ଗଞ୍ଜାମ ଜିଲାରେ ୧୭୦ ଅତିଥି ଶିକ୍ଷକ ନିଯୁକ୍ତି

**ବ୍ରହ୍ମପୁର,୧୫।୧୦(ସ୍ମୃତି ରଞ୍ଜନ ମହାଲିକ)**

### ହାଇସ୍କୁଲରେ ପାଠ ପଢ଼ାଇବେ ଅବସରପ୍ରାପ୍ତ ଶିକ୍ଷକ

ଗଞ୍ଜାମ ଜିଲାରେ ଶିକ୍ଷକ ପଦବୀ ଖାଲି ପଡିବା କାରଣରୁ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ପାଠପଢା ବ୍ୟାହତ ହେଉଛି। ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ପାଇଁ ଚିନ୍ତିତ ଅଭିଭାବକମାନେ ଶିକ୍ଷକ ପଦବୀ ପୂରଣ ପାଇଁ ଦାବି କରିଆସୁଥିଲେ। ତେବେ ବିଳମ୍ବରେ ହେଲେ ମଧ ରାଜ୍ୟ ସରକାର ଶିକ୍ଷକ ଅଭାବ ପୂରଣ ନେଇ ପଦକ୍ଷେପ ଗ୍ରହଣ କରିଛନ୍ତି। ସରକାର 'ଟିଚର ଅନ କଲ' ଯୋଜନା ମାଧ୍ୟମରେ ଅନୁଦାନ ପ୍ରାପ୍ତ, ନୂତନ ଗ୍ରାଣ୍ଟ ଇନ ଏଇଡ ଓ ସରକାରୀ ହାଇସ୍କୁଲଗୁଡିକରେ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ଭାବେ ନିଯୁକ୍ତି ଦେଇଛନ୍ତି। ଏହାଦ୍ୱରା ଛାତ୍ରୀଛାତ୍ରଙ୍କ ପାଠପଢ଼ା ବ୍ୟାହତ ହେବନାହିଁ ଓ ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ଏହା ସହାୟକ ହେବ ବୋଲି ଆଶା କରାଯାଉଛି।

ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଗଞ୍ଜାମ ଜିଲାରେ ୧୩୧ଟି ହାଇସ୍କୁଲରେ ବିଭିନ୍ନ ବିଷୟରେ ୧୭୦ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି। ସେଥିମଧ୍ୟରୁ ୫୪ଟି ସରକାରୀ ହାଇସ୍କୁଲ, ୩୨ଟି ଅନୁଦାନ ପ୍ରାପ୍ତ ହାଇସ୍କୁଲ ଓ ୪୫ଟି ନୂତନ ଗ୍ରାଣ୍ଟ ଇନ ଏଇଡ ହାଇସ୍କୁଲରେ ନିଯୁକ୍ତି ଦିଆଯାଇଛି। ସେହିପରି ଟିଜିଟି ଆର୍ଟସ ବିଷୟରେ ୯୫ ଜଣ, ପିସିଏମ ବିଷୟରେ ୨୬ଜଣ, ହିନ୍ଦୀରେ ୨୪ଜଣ, ସିବିଜେଡରେ ୯ ଜଣ ଓ କ୍ଲାସିକାଲ ବିଷୟରେ ୧୬ଜଣ ଅବସରପ୍ରାପ୍ତ ଶିକ୍ଷକଙ୍କୁ ଅତିଥି ଶିକ୍ଷକ ରୂପେ ନିଯୁକ୍ତି ଦିଆଯାଇଛି। ଏହି ଅବସରପ୍ରାପ୍ତ ଶିକ୍ଷକମାନେ ମାସକୁ ୨୦ ଦିନ ପାଠ ପଢ଼ାଇବେ ଓ ମାସିକ ୧୨ ହଜାର ଟଙ୍କା ଦରମା ନେବେ। ସେମାନେ କେତେଟି ପିରିୟଡ ପଢାଇବେ ତାହା ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ କିମ୍ବା ପ୍ରଧାନ ଶିକ୍ଷକ ସ୍ଥିର କରିବେ ବୋଲି ଜିଲା ଶିକ୍ଷାଧିକାରୀ ଅମିତା ପଟ୍ଟନାୟକ କହିଛନ୍ତି। ଗତ ୩୦ ତାରିଖ ସୁଦ୍ଧା ଅବସରପ୍ରାପ୍ତ ଶିକ୍ଷକମାନେ ନିଯୁକ୍ତି ହେବା ନିମନ୍ତେ ନିର୍ଦ୍ଦେଶ ରହିଥିଲା। ଗତ ୧୩ ତାରିଖ ସୁଦ୍ଧା ଜିଲାରେ ୯୬ ଜଣ ଅତିଥି ଶିକ୍ଷକ କାର୍ଯ୍ୟରେ ଯୋଗ ଦେଇଥିବା ବେଳେ ପାଠପଢା ମଧ୍ୟ ଆରମ୍ଭ ହୋଇଥିବା ଜିଲା ଶିକ୍ଷାଧିକାରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମ ଜିଲା ଶିକ୍ଷକ ମହାସଂଘର ଉପଦେଷ୍ଟା ରାଜେନ୍ଦ୍ର କୁମାର ପଣ୍ଡା କହିଛନ୍ତି, ଅବସର ନେବା ପରେ ଜଣେ ଶିକ୍ଷକଙ୍କୁ ପୁଣି ଥରେ ନିଯୁକ୍ତି ଦିଆଯିବା ଆଦୌ ଗ୍ରହଣୀୟ ନୁହେଁ। ଜିଲାରେ ବହୁ ଯୁବତୀ ଯୁବକ ବିଇଡି ପଢ଼ିଥିବା ବେଳେ ଓଟିଇଟି ମଧ୍ୟ ପାସ୍ କରିଛନ୍ତି। ସେମାନଙ୍କୁ ଖାଲି ପଡିଥିବା ପଦବୀରେ ନିଯୁକ୍ତି ଦିଆଗଲେ ଜିଲାରେ ଶିକ୍ଷାର ବିକାଶ ହେବ। ସରକାର କେବଳ ଆଗାମୀ ଆନ୍ଦୋଳନକୁ ରୋକିବା ପାଇଁ ଏଭଳି ପ୍ରୟାସ ବୋଲି ପଣ୍ଡା କହିଛନ୍ତି। ଅବସର ପ୍ରାପ୍ତ ଶିକ୍ଷକଙ୍କ ବଦଳରେ ଶିକ୍ଷକତା ନିମନ୍ତେ ବିଭିନ୍ନ ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ଯୁବ ପିଢୀଙ୍କୁ ଶିକ୍ଷକତା ନିମନ୍ତେ ସୁଯୋଗ ଦେବା ପାଇଁ ଦାବି ହୋଇଛି।


ପିଲାମାନଙ୍କ ଗହଣରେ ନିଜର ୭୧ତମ ଜନ୍ମ ଦିବସ ପାଳନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ

# ନୀରବ ନାୟକ-ନବୀନ

ନବୀନ ପଟ୍ଟନାୟକ- କେବଳ ଏକ ନାମ ନୁହେଁ,
ବରଂ ଅନନ୍ୟ ସଫଳତାର ଏକ ବିରଳ କାହାଣୀ।



ଏକ ଦୁର୍ବାର ରାଜନୈତିକ ଅଭିଯାନ। ସେ ଅଭିଯାନ ଯେତିକି ରୋମାଞ୍ଚକର, ସେତିକି ଉଦ୍‌ବୋଧନୀୟ। ରାଜନୀତିରେ ରୁଚି ନ ଥାଇ ମଧ ଓଡ଼ିଶାବାସୀଙ୍କ ଶ୍ରଦ୍ଧା, ଆଗ୍ରହ ଓ ଅନୁରୋଧକୁ ଏଡ଼ି ନ ପାରି ସେ ରାଜନୀତି କ୍ଷେତ୍ରକୁ ଆସିଥିଲେ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ(୧୯୯୭) ପରେ। କଳା ସାହିତ୍ୟର ପରିଚୟ ଓ ପ୍ରତିଷ୍ଠା ଭିତରୁ ବାହାରି ପ୍ରଥମେ ଉପନିର୍ବାଚନରେ ଜିତି କେନ୍ଦ୍ରମନ୍ତ୍ରୀ (୧୯୯୮) ଏବଂ ତା'ର ଦୁଇ ବର୍ଷ ପରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ବିପୁଳ ଜନସମର୍ଥନ ପାଇ ଶପଥ ନେଲେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ସେତେବେଳେ ରାଜନୈତିକ ଅଭିଜ୍ଞତା ନ ଥିଲା ସତ, କିନ୍ତୁ ଥିଲା ନିଷ୍କଳଙ୍କ ବ୍ୟକ୍ତିତ୍ୱ ଓ ବୁଦ୍ଧିଦୀପ୍ତ ସ୍ଥିତପ୍ରଜ୍ଞତା। ନିଜର ନିଷ୍ଠାପର ଉଦ୍ୟମ ବଳରେ ଓଡ଼ିଶାର ବିକାଶ କ୍ରମରେ ଯୋଡ଼ିଚାଲିଲେ ସଫଳତାର ନୂଆ ନୂଆ ଫର୍ଦ୍ଦ। ଓଡ଼ିଶା ରାଜନୀତିକୁ ପ୍ରବେଶ କରିବାର ବର୍ଷ କେଇଟା ମଧରେ ସେ ଲୋକଙ୍କ ବିଶ୍ୱାସ ଓ ଭରସାକୁ ଜିଣି ହାସଲ କଲେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତାର ପରିଚୟ ଓ ପ୍ରତିଷ୍ଠା।

ନବୀନ ପଟ୍ଟନାୟକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ନେଲା ବେଳକୁ (୨୦୦୦) ପ୍ରଳୟଙ୍କରୀ ମହାବାତ୍ୟା(୧୯୯୯)ର ତାଣ୍ଡବରେ ଭାଙ୍ଗିଯାଇଥିଲା ଓଡ଼ିଶାର ମେରୁଦଣ୍ଡ। ରାଜ୍ୟର ଆର୍ଥିକ ସ୍ଥିତି ଏମିତି ଦେବାଳିଆ ଅବସ୍ଥାରେ ଥିଲା ଯେ ଉନ୍ନୟନ କାର୍ଯ୍ୟ ତ ଦୂରର କଥା, କର୍ମଚାରୀଙ୍କୁ ଦରମା ଦେବା ପାଇଁ ବି ରାଜକୋଷରେ ନ ଥିଲା ଅର୍ଥ। ଏଭଳି ବିପର୍ଯ୍ୟସ୍ତ ହୋଇପଡ଼ିଥିବା ଅର୍ଥନୀତିକୁ ସଜାଡ଼ିବା ପାଇଁ କଠୋର ଆର୍ଥିକ ଶୃଙ୍ଖଳା ଭିତରେ ଅତିବାହିତ ହୋଇଥିଲା ତାଙ୍କର ପ୍ରଥମ ପାଳି ଶାସନ ଅବଧି। ଦୀର୍ଘ ପାଞ୍ଚ ବର୍ଷର ନିରବଚ୍ଛିନ୍ନ ପ୍ରୟାସ ଫଳରେ କ୍ରମଶଃ ବଦଳିବାକୁ ଲାଗିଲା ସ୍ଥିତି। ଦ୍ୱିତୀୟ ପାଳି ଆରମ୍ଭରୁ ରାଜସ୍ୱ ଆୟ ବୃଦ୍ଧି ସାଙ୍ଗକୁ ନିୟନ୍ତ୍ରଣକୁ ଆସିଲା ବିତ୍ତୀୟ ନିଅଣ୍ଟ। ଧୀରେ ଧୀରେ ତ୍ୱରାନ୍ୱିତ ହେବାକୁ ଲାଗିଲା ଉନ୍ନୟନ କାର୍ଯ୍ୟ।

ସେତେବେଳକୁ ଏକ ଲମ୍ବା ସମୟ ଧରି ଓଡ଼ିଶା ମଥାରେ ଲାଗିଥିଲା ଗୋଟେ ଅନାହାର ମୃତ୍ୟୁପ୍ରବଣ ରାଜ୍ୟର ମୋହର। ଦାରିଦ୍ର୍ୟ ଓ ଅନଗ୍ରସରତା ପାଇଁ ବିଶ୍ୱ ଦରବାରରେ ବାରମ୍ବାର ନିନ୍ଦିତ ହେଉଥିଲା ଓଡ଼ିଶା। ଖାଦ୍ୟାଭାବର ଏଭଳି ଦୟନୀୟ ଚିତ୍ରକୁ ବଦଳାଇବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରଣୟନ କଲେ ଏକ ଯୁଗାନ୍ତକାରୀ ଯୋଜନା। କ୍ଷୁଧାର୍ତ୍ତ ଓ ଅନାହାର ପୀଡ଼ିତଙ୍କୁ ରିହାତି ମୂଲ୍ୟରେ ଖାଦ୍ୟଶସ୍ୟ ଯୋଗାଇଦେଇ ସାରା ଦେଶରେ ସୃଷ୍ଟି କଲେ ଉଦାହରଣ। ତାଙ୍କର ଏହି କଲ୍ୟାଣକାରୀ ଯୋଜନାକୁ ଅନୁସରଣ କରି ପରବର୍ତ୍ତୀ ସମୟରେ କେନ୍ଦ୍ର ସରକାର ପ୍ରଣୟନ କଲେ ଖାଦ୍ୟ ସୁରକ୍ଷା (୨୦୧୩) ଆଇନ।

ଏକ କୃଷି ପ୍ରଧାନ ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବରେ କୃଷି ଓ କୃଷକର ଉନ୍ନତିକୁ ଅଗ୍ରାଧିକାର ଦେଇ ସେ ପ୍ରସ୍ତୁତ କଲେ ସ୍ୱତନ୍ତ୍ର କୃଷି ବଜେଟ। କୃଷି ସହିତ ଜଳସେଚନ, ମତ୍ସ୍ୟଚାଷ, ପଶୁପାଳନ ଓ ସମବାୟ ଆଦି କ୍ଷେତ୍ରକୁ ନେଇ ଗଠନ ହେଲା କୃଷି କ୍ୟାବିନେଟ। ଧୀରେ ଧୀରେ ବଢ଼ିଲା କୃଷି ଉତ୍ପାଦନ। କ୍ରମାଗତ ଭାବେ ରାଜ୍ୟକୁ ମିଳିଲା କୃଷି କର୍ମଣ ପୁରସ୍କାର। କୃଷକର ଆୟ ବୃଦ୍ଧି ତଥା ଜୀବିକା ନିର୍ବାହ ନିମନ୍ତେ ସହାୟତା ଯୋଗାଇ ଦେବା ପାଇଁ ରାଜ୍ୟରେ କାର୍ଯ୍ୟକାରୀ ହେଲା କାଳିଆ ଯୋଜନା। ସାମଗ୍ରିକ ଭାବେ କୃଷି କ୍ଷେତ୍ରରେ ତିଆରି ହେଲା ବିକାଶର ନୂଆ ନକ୍ସା। ୧୯୯୯-୨୦୦୦ ସାମାଜିକ ଓ ଅର୍ଥନୈତିକ ସର୍ଭେ ରିପୋର୍ଟ ଅନୁଯାୟୀ, ରାଜ୍ୟରେ ପ୍ରାୟ ୬୫.୫୮ ଲକ୍ଷ ହେକ୍ଟର ଚାଷଜମି ଥିଲା ଏବଂ ସେଥି ମଧରୁ ୨୪.୮୫ ଲକ୍ଷ ହେକ୍ଟର ଜମିଥିଲା ଜଳସେଚିତ। ସରକାର ଜଳସେଚନ ଉପରେ ଗୁରୁତ୍ୱ ଦେବା ଫଳରେ ୨୦୨୦-୨୧ ବେଳକୁ ଜଳସେଚିତ ଜମିର ପରିମାଣ ବୃଦ୍ଧିପାଇ ହେଲା ୪୨.୫୧ଲକ୍ଷ ହେକ୍ଟର।

ରାଜ୍ୟରେ ଅନୁସୂଚିତ ଜନଜାତି ଲୋକଙ୍କ ସଂଖ୍ୟା ପାଖାପାଖି ଏକ ଚତୁର୍ଥାଂଶ। ସେମାନଙ୍କ ଉନ୍ନତି ବିନା ରାଜ୍ୟର ବିକାଶ ଅସମ୍ଭବ। ଏକଥା ଉପଲବ୍ଧି କରି ଜନଜାତିର ବିକାଶ ଦିଗରେ ବିଶେଷ ଧ୍ୟାନ ଦେବା କାରଣରୁ ୯ ଆଦିବାସୀ ବହୁଳ ଜିଲାରେ ଗଠନ ହେଲା ସ୍ୱତନ୍ତ୍ର ବିକାଶ ପରିଷଦ। ତାକୁ ସାମ୍ବିଧାନିକ ମାନ୍ୟତା ମିଳିବା ସହିତ ଜନଜାତି ଉନ୍ନତି ପାଇଁ ମଞ୍ଜୁର ହେଲା ସ୍ୱତନ୍ତ୍ର ଅର୍ଥ ରାଶି। ଗାନ୍ଧିଜୀ କହୁଥିଲେ, ନାରୀ ସଶକ୍ତ ନ ହେଲେ ଆଗକୁ ଯାଇପାରିବନି ଦେଶ। ତେଣୁ ନାରୀମାନେ କେମିତି ଆତ୍ମନିର୍ଭରଶୀଳ ଓ ଶୋଷଣମୁକ୍ତ ହୋଇ ସ୍ୱାଧୀନ ଓ ନିର୍ଭୀକ ଭାବରେ ଜୀବନ ଧାରଣ କରିବେ,ତାହା ସୁନିଶ୍ଚିତ କରିବା ରାଷ୍ଟ୍ରର କର୍ତ୍ତବ୍ୟ। ସେଥିପାଇଁ ବିଜୁବାବୁଙ୍କ ସ୍ଲୋଗାନ ଥିଲା ଗାଁକୁ କାମ ଓ ମାଆକୁ ସମ୍ମାନ। ଏହି ନୀତିକୁ ଅବଲମ୍ବନ କରି ନବୀନବାବୁ ଆରମ୍ଭ କଲେ ମିଶନ ଶକ୍ତି ପ୍ରକଳ୍ପ (୨୦୦୧)। ଏଥିରେ ସାମିଲ ହେଲେ ୭୦ଲକ୍ଷରୁ ଅଧିକ ମହିଳା। ସେମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ବିନା ସୁଧରେ ଯୋଗାଇ ଦିଆଗଲା ଋଣ। ରାଜନୀତି କ୍ଷେତ୍ରରେ ମହିଳାଙ୍କ ସକ୍ରିୟ ଅଂଶଗ୍ରହଣ ପାଇଁ ପଞ୍ଚାୟତ ଓ ପୌର ସଂସ୍ଥାରେ ରହିଲା ୫୦ ପ୍ରତିଶତ ସ୍ଥାନ ସଂରକ୍ଷଣ ବ୍ୟବସ୍ଥା। ୫୦ ପ୍ରତିଶତ ଗାଁର ବିକାଶ ଦାୟିତ୍ୱ ମହିଳାଙ୍କ ହାତରେ ରହିବା ସାଙ୍ଗକୁ ବିଜୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ମହିଳାଙ୍କ ପାଇଁ ରହିଛି ୧୦ ଲକ୍ଷ ଟଙ୍କାର ସ୍ୱାସ୍ଥ୍ୟ ବୀମା। ଏହି ଦୃଷ୍ଟିରୁ ବିଚାର କଲେ ମହିଳା ସଶକ୍ତୀକରଣ କ୍ଷେତ୍ରରେ ଓଡ଼ିଶା ଏବେ ଯେକୌଣସି ରାଜ୍ୟଠାରୁ ଆଗରେ।

ବିପଦ ବେଳେ ଜଣାପଡ଼େ ନେତୃତ୍ୱର ଅସଲ ପରାକାଷ୍ଠା। ଗୋଟିଏ ପରେ ଗୋଟିଏ ପ୍ରାକୃତିକ ବିପର୍ଯ୍ୟୟର ସଫଳ ମୁକାବିଲା କରି ତା'ର ପ୍ରମାଣ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଫାଇଲିନ(୨୦୧୩) ହେଉ କି ହୁଡ୍‌ହୁଡ୍(୨୦୧୪) ସବୁ କ୍ଷେତ୍ରରେ ଜିରୋ କାଜୁଆଲିଟି ଘୋଷଣା କରି କ୍ଷୟକ୍ଷତିକୁ ରୋକିଛନ୍ତି ଆଗୁଆ ପ୍ରସ୍ତୁତି ଓ ପଦକ୍ଷେପ ବଳରେ।

ଲୋକଙ୍କ ଧନଜୀବନ ରକ୍ଷାକରି ସାରା ଦେଶକୁ ବିପର୍ଯ୍ୟୟ ମୁକାବିଲାର ବାଟ ଦେଖାଇଛି ଓଡ଼ିଶା।

ବିଶେଷକରି ମହାମାରୀ କରୋନାକୁ ନେଇ ମୁଖ୍ୟମନ୍ତ୍ରୀଙ୍କ ପଞ୍ଚମ ପାଳି ଥିଲା ସବୁଠାରୁ ସଂଘର୍ଷପୂର୍ଣ୍ଣ। 'ଅର୍ଥନୀତି ନୁହେଁ, ଜୀବନ ବଡ଼'-ଏହି ବିଚାରଧାରା ନେଇ ସେ ଲୋକଙ୍କ ସହଯୋଗ କ୍ରମେ କରୋନା ସହିତ ଲଢ଼ିଲେ ଯୋଜନାବଦ୍ଧ ଲଢ଼େଇ। ସଂକ୍ରମଣ ସାଂଘାତିକ ହେବା ପୂର୍ବରୁ ସବୁ ଜିଲାରେ କୋଭିଡ୍ ହସ୍ପିଟାଲ ପ୍ରତିଷ୍ଠା କରି ପ୍ରମାଣ କଲେ ନିଜର ପ୍ରତିବଦ୍ଧତା। କରୋନା ଭୟଙ୍କର ସଂକ୍ରମଣ ବେଳେ ସ୍ଥିତିକୁ ଅଧିକ ଗମ୍ଭୀର କରି ଦେଇଥିଲା ଅମ୍ଳଜାନ ସଙ୍କଟ। ଡାକ୍ତରଖାନାରେ ଅମ୍ଳଜାନ ସିଲିଣ୍ଡର ଅଭାବ କାରଣରୁ ବିଭିନ୍ନ ରାଜ୍ୟରେ ପ୍ରତିଦିନ ମୃତ୍ୟୁବରଣ କରୁଥିଲେ ଅନେକ ହଜାର ରୋଗୀ। ଏତିକିବେଳେ ବିଭିନ୍ନ ରାଜ୍ୟକୁ ଓଡ଼ିଶା ଯୋଗାଇଥିଲା ଜୀବନ ସଞ୍ଜୀବନୀ ଅମ୍ଳଜାନ। ମୁଖ୍ୟମନ୍ତ୍ରୀଙ୍କ ଏହି ସମ୍ବେଦନା ପାଇଁ ସାରା ଦେଶରୁ ଅଜାଡ଼ି ହୋଇ ପଡ଼ିଥିଲା ଅଜସ୍ର ପ୍ରଶଂସା। ବସ୍ତୁତଃ ବିପର୍ଯ୍ୟୟ ମୁକାବିଲା କ୍ଷେତ୍ରରେ କେବଳ ଦେଶରେ ନୁହେଁ, ଅନ୍ତର୍ଜାତୀୟ ସ୍ତରରେ ଏକ ମଡେଲ ହୋଇ ଉଭା ହୋଇଛି ଓଡ଼ିଶା।

କ୍ରୀଡ଼ା ଯୁବପିଢ଼ିଙ୍କ ଭବିଷ୍ୟତ। ଏହାକୁ ଦୃଷ୍ଟିରେ ରଖି କ୍ରୀଡ଼ା ଭିତ୍ତିଭୂମିର ବିକାଶ ଦିଗରେ ସେ ଗ୍ରହଣ କରିଛନ୍ତି ଅନେକ ଉଲ୍ଲେଖନୀୟ ପଦକ୍ଷେପ। ସାହାରା ଇଣ୍ଡିଆ ହାତ ଛାଡ଼ିଦେବା ପରେ ଏକପ୍ରକାର ଅନାଥ ହୋଇ ପଡ଼ିଥିଲା ଭାରତୀୟ ହକି। ଏତିକିବେଳେ ଭାରତୀୟ ହକିକୁ ସାହାରା ଦେଇଥିଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଜାତୀୟ କ୍ରୀଡ଼ାକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ ତା'ର ପୃଷ୍ଠପୋଷକତା କରିବାକୁ ଆଗେଇ ଆସିଥିଲା ଓଡ଼ିଶା। ଆଗରୁ କେବେ କୌଣସି ରାଜ୍ୟ ସରକାର ଜାତୀୟ କ୍ରୀଡ଼ାର ପୃଷ୍ଠପୋଷକ ହୋଇ ନ ଥିବାରୁ ଏହା ଥିଲା ହକି ଇତିହାସର ପ୍ରଥମ ଘଟଣା। ସାଧାରଣତଃ କୌଣସି ବ୍ୟବସାୟିକ ସଂସ୍ଥା କ୍ରୀଡ଼ାର ପୃଷ୍ଠପୋଷକତା କରିବା ପଛରେ ଥାଏ ନିଜକୁ ବିଜ୍ଞାପିତ କରିବାର ଲାଭଖୋର ମନୋବୃତ୍ତି। ମାତ୍ର ଭାରତୀୟ ହକିରେ ବିପ୍ଳବ ଆଣିବା ଥିଲା ଓଡ଼ିଶାର ଲକ୍ଷ୍ୟ। ତେଣୁ ଖୁବ୍‌ଶୀଘ୍ର ଦେଖିବାକୁ ମିଳିଲା ଭାରତୀୟ ହକିର ନବକଳେବର। ଦୀର୍ଘ ୪ ଦଶନ୍ଧି ପରେ ଟୋକିଓ ଅଲିମ୍ପିକ୍ସରେ ସଫଳତାର ସ୍ୱାଦ ଚାଖିଲା ଦେଶ। ସଫଳତାର ଶ୍ରେୟ ପାଇଲେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଯେଉଁମାନେ ବିରୋଧ କରୁଥିଲେ, ସେମାନଙ୍କ ମୁହଁ ବନ୍ଦ ହୋଇଗଲା ଆପେ ଆପେ। କ୍ରୀଡ଼ାକୁ ନେଇ ରାଜନୀତି ହେବା କିଛି ନୂଆ କଥା ନୁହେଁ, ମାତ୍ର ଏଠି ପ୍ରଥମଥର ପାଇଁ କ୍ରୀଡ଼ା ବଦଳାଇ ଦେଲା ରାଜନୀତିର ଧାରା। ଟୋକିଓ ଅଲିମ୍ପିକ୍ସରେ ଉଭୟ ପୁରୁଷ ଓ ମହିଳା ହକି ଦଳର ପ୍ରଦର୍ଶନ ଭାରତୀୟ ରାଜନୈତିକ ଦୃଶ୍ୟପଟରେ ଆଣିଲା ନୂଆ ସମୀକରଣ। କାରଣ ଓଡ଼ିଶାରେ ବିଶ୍ୱକପ୍ ହକି ଆୟୋଜନଠାରୁ ଆରମ୍ଭ କରି ସୁନ୍ଦରଗଡ଼ରେ ସର୍ବବୃହତ୍ ହକି ଷ୍ଟାଡିୟମ ନିର୍ମାଣ ପର୍ଯ୍ୟନ୍ତ କ୍ରୀଡ଼ାର ବିକାଶ ପାଇଁ ନବୀନ ପଟ୍ଟନାୟକ ଅନେକ କିଛି କରିଛନ୍ତି, ହେଲେ କୌଣସି ପ୍ରତିଷ୍ଠାନକୁ ନିଜ ନାମରେ ନାମିତ କରିନାହାନ୍ତି କି କେଉଁ ଅନୁଷ୍ଠାନର ନାମ ପରିବର୍ତ୍ତନ କରିନାହାନ୍ତି ଦଳୀୟ ରାଜନୀତି ଭିତ୍ତିରେ। ଏସବୁ ଦୃଷ୍ଟିରୁ ଯେତେ ପ୍ରଶଂସା କଲେ ବି ତାହା ଊଣା ପଡ଼ିବ ତାଙ୍କ ସଫଳତା ତୁଳନାରେ। ସୁସ୍ଥ ଗଣତାନ୍ତ୍ରିକ ପରମ୍ପରା ଓ ସ୍ଥିର ଶାସନର ସ୍ଥପତି ନବୀନ ପଟ୍ଟନାୟକ। ସମକାଳୀନ ରାଜନୀତିରେ ଜଣେ ବିରଳ ବ୍ୟକ୍ତିତ୍ୱ। ତାଙ୍କ ରାଜନୈତିକ ଜୀବନକୁ ବହୁ ଭାବରେ ପ୍ରଭାବିତ କରିଛି ଗାନ୍ଧିଜୀଙ୍କ ନୀତି ଓ ଆଦର୍ଶ। ସେ କହନ୍ତି, ଗାନ୍ଧିଜୀ ଥିଲେ ସତ୍ୟ ଓ ଅହିଂସାର ଏକ ଆଲୋକ ବର୍ତ୍ତିକା। ସମଗ୍ର ବିଶ୍ୱ ଏକଥା ଅନୁଭବ କରିଥିବାରୁ ତାଙ୍କ ଜନ୍ମଦିନକୁ ଆନ୍ତର୍ଜାତିକ ଅହିଂସା ଦିବସ ଭାବରେ ପାଳନ କରୁଛି ଜାତିସଂଘ। ତେଣୁ ଗାନ୍ଧିଜୀଙ୍କ ଅହିଂସା ତତ୍ତ୍ୱ ଭାରତ ସମ୍ବିଧାନର ମୁଖବନ୍ଧରେ ବି ସ୍ଥାନ ପାଇବା ଉଚିତ ବୋଲି ସେ ପ୍ରସ୍ତାବ ରଖିଥିଲେ ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ପାଇଁ ଦିଲ୍ଲୀରେ ଆୟୋଜିତ ଆଲୋଚନାଚକ୍ରରେ। ତାଙ୍କର ଏଭଳି ପ୍ରସ୍ତାବ କେବଳ ଐତିହାସିକ ନୁହେଁ, ଯୁଗାନ୍ତକାରୀ। ସହଯୋଗ ଓ ସହମତି ରାଜନୀତିରେ ବିଶ୍ୱାସ କରୁଥିବା ନବୀନ ପଟ୍ଟନାୟକଙ୍କୁ କେବେ କାବୁ କରିପାରିନି ରାଜନୈତିକ ସଂକୀର୍ଣ୍ଣତା। ତେଣୁ ତାଙ୍କ କାର୍ଯ୍ୟଧାରାକୁ ଯେତେ ଯିଏ ସମାଲୋଚନା କଲେ ବି ଆଦୌ ପ୍ରତିକ୍ରିୟାଶୀଳ ନ ହେବା ହିଁ ତାଙ୍କ ରାଜନୈତିକ ଉଦାରତାର ପରିଚାୟକ। ଓଡ଼ିଶାର ବିକାଶ ହିଁ ତାଙ୍କର ଏକମାତ୍ର ଲକ୍ଷ୍ୟ। ତେଣୁ ବୈଚାରିକ ବିଭେଦତା ସତ୍ତ୍ୱେ ବିଭିନ୍ନ ସମୟରେ କେନ୍ଦ୍ର ସରକାରଙ୍କ ଅନେକ ପ୍ରସ୍ତାବକୁ ସେ ସମର୍ଥନ କରିଛନ୍ତି ବାଧ ବାଧକତାରେ। ତାଙ୍କର ଏଭଳି ମନୋଭାବ ପାଇଁ ଦୀର୍ଘ ୨୩ ବର୍ଷ ମଧରେ ବିକାଶ ପଥରେ ଅନେକ ପାହାଚ ଅତିକ୍ରମ କରିଛି ଓଡ଼ିଶା। ଗତ ଦୁଇ ଦଶନ୍ଧି ଭିତରେ ରାଜ୍ୟର ଆମୂଳଚୂଳ ପରିବର୍ତ୍ତନ ହୋଇଛି ବିଦ୍ୟାଳୟ ଶିକ୍ଷାର ଛବି। ଆଉ ନାହିଁ ଚାଳଛପର ଓ ବାଉଁଶ ତିଆରି ଝାଟିମାଟି ଘରେ କିମ୍ବା ଗଛମୂଳେ ବସି ପିଲା ପାଠ ପଢ଼ିବାର ବିକଳ ଚିତ୍ର। ଶିକ୍ଷାର ପୁନର୍ବିନ୍ୟାସ ପାଇଁ ସହଭାଗିତା ଓ ସହଯୋଗିତାଭିତ୍ତିରେ ଆରମ୍ଭ ହୋଇଛି 'ମୋ ବିଦ୍ୟାଳୟ ଅଭିଯାନ'। ମାତୃଗର୍ଭରେ ଭ୍ରୂଣ ସଞ୍ଚାର ହେବାଠାରୁ(ମମତା ଯୋଜନା) ମୃତ୍ୟୁ ପର ପର୍ଯ୍ୟନ୍ତ (ହରିଶ୍ଚନ୍ଦ୍ର ଯୋଜନା) ଓଡ଼ିଶାରେ ଏବେ କାର୍ଯ୍ୟକାରୀ ହେଉଛି ଅସୁମାରି କଲ୍ୟାଣକାରୀ ଯୋଜନା।

- ଡ. ପ୍ରଫୁଲ୍ଲ କୁମାର ସାହୁ
ଅବସରପ୍ରାପ୍ତ ଅଧକ୍ଷ
ବିଜୁ ପଟ୍ଟନାୟକ ନଗର, ଭଦ୍ରକ
ମୋ: ୬୩୭୧୬୪୨୪୬୪


ଏକାମ୍ର ପ୍ରକଳ୍ପ ପ୍ରତିଷ୍ଠା ସମାରୋହରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



'ସ୍ପୋର୍ଟ୍ସ ଷ୍ଟାର୍ ଏଏସ୍-୨୦୨୩ ଆୱାର୍ଡ' କାର୍ଯ୍ୟକ୍ରମରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଖ୍ୟାତ କ୍ରିକେଟର ସୁନୀଲ ଗାଭାସ୍କର 'ବେଷ୍ଟ ଷ୍ଟେଟ୍ ଫର୍ ପ୍ରମୋଶନ ଅଫ୍ ସ୍ପୋର୍ଟ୍ସ' ସମ୍ମାନରେ ସମ୍ମାନିତ କରୁଛନ୍ତି। ନିକଟରେ ଅଛନ୍ତି 'ଦି ହିନ୍ଦୁ'ର ସମ୍ପାଦକ ସୁରେଶ ନମ୍ବଥ।



ଗ୍ରାମୀ ଆୱାର୍ଡ ୱିନର ତଥା ଭାରତୀୟ ମ୍ୟୁଜିକ୍ କମ୍ପୋଜର ରିକି କେଜ୍‌ଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରୁଛନ୍ତି


ମାଲକାନଗିରିରେ ଆଦିବାସୀଙ୍କ ଗହଣରେ ମୁଖ୍ୟମନ୍ତ୍ରୀ

# ୭୮ରେ ପ୍ରବୀଣ ନବୀନ





## ଗାଁର ସମୃଦ୍ଧି ପାଇଁ 'ଲକ୍ଷ୍ମୀ'

ରାଜ୍ୟ ପରିବହନ ବ୍ୟବସ୍ଥାରେ ରୂପାନ୍ତରଣ ଆଣିବା ସହିତ ଅର୍ଥନୀତିକୁ ଆହୁରି ମଜଭୁତ କରିବା ଏବଂ ଗାଁ ଗାଁରେ ସମୃଦ୍ଧି ଆଣିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଆରମ୍ଭ କରିଛନ୍ତି 'ଲକ୍ଷ୍ମୀ ବସ୍ ଯୋଜନା'। ଏହି ଯୋଜନାରେ ସାରା ରାଜ୍ୟରେ ୧ ହଜାରରୁ ଅଧିକ ବସ୍ ଚାଲିବ। ଜିଲାର ସବୁ ପଞ୍ଚାୟତରେ ବିକାଶର ନୂଆ ଧାରା ଆରମ୍ଭ ହେବ। ଲକ୍ଷ୍ମୀ ଯୋଜନା ସମସ୍ତଙ୍କୁ ବିକାଶ ସହିତ ଯୋଡ଼ିବ। ଘର ପାଖକୁ ଆସିବ ବସ୍। ପିଲାଙ୍କୁ ସ୍କୁଲ, କଲେଜ ସହିତ ଚାଷୀଙ୍କୁ ମାର୍କେଟ ଓ ରୋଗୀଙ୍କୁ ହସ୍ପିଟାଲ ନେବ। ମା'ମାନେ ସେମାନଙ୍କ କାମ ପାଇଁ ବିଭିନ୍ନ ସ୍ଥାନକୁ ସୁବିଧାରେ ଯାଇପାରିବେ। ଲକ୍ଷ୍ମୀ ଯୋଜନା ଘରେ ଘରେ ଖୁସି ଆଣିବ ବୋଲି ଏହାର ଶୁଭାରମ୍ଭ ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ। ମାଲକାନଗିରି ଜିଲା ଷ୍ଟାଡିୟମରୁ ଗତ ୧୨ ତାରିଖରେ 'ଲକ୍ଷ୍ମୀ ବସ୍ ଯୋଜନା'ର ଶୁଭାରମ୍ଭ ହୋଇଥିଲା। ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟର ମାଲକାନଗିରି ଗସ୍ତରୁ ଲୋକଙ୍କ ଅସୁବିଧା ବିଷୟରେ ଜଣାପଡ଼ିଥିଲା। ଏହାପରେ ଏହି ଲକ୍ଷ୍ମୀ ଯୋଜନାର ପରିକଳ୍ପନା କରାଯାଇଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏହି ଯୋଜନାରେ ୩୬ଟି ବସ୍ ଜିଲାର ୧୧୧ ପଞ୍ଚାୟତକୁ ସଦର ମହକୁମା ସହ ଯୋଡ଼ିବ। ଯୋଜନାର ଶୁଭାରମ୍ଭ ପରେ ମୁଖ୍ୟମନ୍ତ୍ରୀ ୧୦ ଟଙ୍କା ଦେଇ ପ୍ରଥମ ଟିକେଟ୍ କିଣି ମାଲକାନଗିରିରୁ ଏମ୍‌ଭି-୦୩ ପର୍ଯ୍ୟନ୍ତ ଯାତ୍ରା କରିଥିଲେ। ପ୍ରଥମ ଦିନରେ ମାଲକାନଗିରି ସହ ନବରଙ୍ଗପୁର, କୋରାପୁଟ, ରାୟଗଡ଼ା, ଗଜପତି ଓ କନ୍ଧମାଳରେ 'ଲକ୍ଷ୍ମୀ ଯୋଜନା' ଆରମ୍ଭ ହୋଇଛି। ଆଗକୁ ସବୁ ଗାଁକୁ ଲକ୍ଷ୍ମୀ ବସ୍ ଚାଲିବା ସହ ନୂଆ ବିକାଶର ପଥ ସୃଷ୍ଟି ହେବ।

ଦୀର୍ଘ ୨ଦଶନ୍ଧିରୁ ଊର୍ଦ୍ଧ୍ୱ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ରାଜ୍ୟବାସୀଙ୍କ ସେବା କରି ଆସୁଥିବା ନବୀନ ପଟ୍ଟନାୟକ ସୋମବାର ୭୮ ବର୍ଷରେ ପଦାର୍ପଣ କରିଛନ୍ତି। ଲେଖକରୁ ରାଜନେତା ପାଲଟିବା ନବୀନଙ୍କ ପାଇଁ ଥିଲା ଏକ ସଂଯୋଗ। ସ୍ଥିର, ନମ୍ର ଏବଂ ବିଚକ୍ଷଣତା ତାଙ୍କୁ ଆଜି ଜଣେ ସଫଳ ରାଜନେତା କରାଇପାରିଛି। ଧୈର୍ଯ୍ୟର ସହ ଜଟିଳ ସ୍ଥିତିର ମୁକାବିଲା କରିବାରେ ଭାରତୀୟ ରାଜନୀତିକୁ ସେ ଦେଖାଇଛନ୍ତି ନୂଆ ବାଟ। ତାଙ୍କର ଜନ୍ମ ଦିବସରେ ଅଜସ୍ର ଶୁଭେଚ୍ଛା ଓ ଶୁଭକାମନା ।

## ଗତି ହିଁ ଶକ୍ତି

ମହିଳା ସଶକ୍ତୀକରଣ କ୍ଷେତ୍ରରେ ରାଜ୍ୟ ସରକାର ଆଉଏକ ବଡ଼ ପଦକ୍ଷେପ ନେଇଥିଲେ। ଗତ ୧୧ ତାରିଖରେ ମୁଖ୍ୟମନ୍ତ୍ରୀ ଐତିହାସିକ 'ମିଶନ ଶକ୍ତି ସ୍କୁଟର ଯୋଜନା' ଶୁଭାରମ୍ଭ କରିଥିଲେ। ଏହି ଯୋଜନାରେ ମିଶନ ଶକ୍ତିର ମା'ମାନଙ୍କୁ ସ୍କୁଟର କିଣିବା ପାଇଁ ୧ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯିବ। ସେମାନଙ୍କର ଏହି ଋଣ ବାବଦକୁ ରାଜ୍ୟ ସରକାର ୫୨୮ କୋଟି ଟଙ୍କାର ସୁଧ ଦେବେ। ୨ ଲକ୍ଷରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳାମାନେ ସ୍କୁଟର ପାଇବେ। ଯୋଜନାର ଶୁଭାରମ୍ଭ ଅବସରରେ ୧୫ ହଜାର ସଦସ୍ୟଙ୍କୁ ସ୍କୁଟର ଦିଆଯାଇଛି। 'ଗତି ହିଁ ଶକ୍ତି, ଗତି ହିଁ ସଶକ୍ତୀକରଣ'ର ଆହ୍ୱାନ ଦେଉଥିବା ସ୍କୁଟର ଯୋଜନା ମା'ମାନଙ୍କ ଯାତାୟାତକୁ ସୁଗମ କରିବ। ବୃତ୍ତିଗତ କ୍ଷେତ୍ରରେ ମଧ ନୂଆ ସୁଯୋଗ ଆଣିବ। ମା'ମାନେ ବହୁତ ଭଲ କାମ କରୁଛନ୍ତି। ୭୦ ଲକ୍ଷ ସଦସ୍ୟାଙ୍କ ନିଜ ଅନୁଷ୍ଠାନ ମିଶନ ଶକ୍ତି ଆହୁରି ମଜଭୁତ ହେବ। ମା'ମାନଙ୍କ ଗତିଶୀଳତା ଓଡ଼ିଶାର ପ୍ରଗତିକୁ ନୂଆ ବେଗ ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



## ୨୦୨୩ର କିଛି ମୁହୂର୍ତ୍ତ



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ସହ ସାକ୍ଷାତ



ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



ନବୀନ ନିବାସରେ ବିହାର ମୁଖ୍ୟମନ୍ତ୍ରୀ ନୀତିଶ କୁମାରଙ୍କ ସହ ସାକ୍ଷାତ



ଭୁବନେଶ୍ୱରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଦ ନ୍ୟୁ ଇଣ୍ଡିଆନ୍ ଏକ୍ସପ୍ରେସ୍ ଏଡିଟୋରିଆଲ୍ ଡାଇରେକ୍ଟର ପ୍ରଭୁ ଚାୱଲାଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ



୨୦୨୩ ପୁରୁଷ ହକି ୱାର୍ଲ୍ଡ କପ୍ ଆରମ୍ଭ ପୂର୍ବରୁ ବଲିଉଡ୍ ଅଭିନେତା ରଣବୀର ସିଂ ଏବଂ ଅଭିନେତ୍ରୀ ଦିଶା ପଟାନୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ




ଏସିଆନ୍ ଗେମ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ଭାରତୀୟ ହକି ଦଳର ସଦସ୍ୟ ଅମିତ ରୋହିଦାସଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପୁରସ୍କୃତ କରୁଛନ୍ତି



ଭାରତୀୟ ହକିକୁ ଓଡ଼ିଶା ସରକାରଙ୍କ ପ୍ରୋତ୍ସାହନ ଜାରି ରହିଥିବାବେଳେ ଦଳ ବିଭିନ୍ନ ଅନ୍ତର୍ଜାତୀୟ କ୍ରୀଡ଼ାରେ ସଫଳତା ଅର୍ଜନ କରିଆସୁଛି। ପୁରୁଷ ହକି ଦଳ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ବିଶେଷ ମୁହୂର୍ତ୍ତ



ଇଣ୍ଟର କଣ୍ଟିନେଣ୍ଟାଲ୍ କପ୍-୨୦୨୩ରେ ଚାମ୍ପିୟନ୍ ଭାରତୀୟ ଫୁଟବଲ ଦଳର ଅଧିନାୟକ ସୁନୀଲ ଛେତ୍ରୀଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟ୍ରଫି ପ୍ରଦାନ କରୁଛନ୍ତି

# ଅଳାଇଲୋରେ ଅଧିକୃତ ଜମି ଚାଷୀଙ୍କୁ ଫେରାଅ

କେନ୍ଦ୍ରାପଡ଼ା, ୧୫।୧୦ (ଜଗନ୍ନାଥ ଧଳ)


ପ୍ରସ୍ତାବିତ ବିଦ୍ୟୁତ୍ ପ୍ରକଳ୍ପ ଜମି ପଡ଼ିଆ ପଡ଼ିଛି।

- ସ୍ୱପ୍ନରେ ସୀମିତ ୮୭୫ ଏକରରେ ବିଦ୍ୟୁତ୍ କାରଖାନା
- ପଡ଼ିଆ ପଡ଼ିଛି ଏସ୍‌ପିଆଇପିଏଲ୍ ସହ ଏମ୍‌ଓୟୁ
- ୫୦ ଏକର ଜମି ଉପରେ ହୋଇଥାନ୍ତା ସହରାଞ୍ଚଳ

କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଅଳାଇଲୋଠାରେ ବିଦ୍ୟୁତ୍ ପ୍ଲାଣ୍ଟ ସ୍ଥାପନ ପାଇଁ ସ୍ଥାନୀୟ ଲୋକଙ୍କଠାରୁ ୧୨ବର୍ଷ ପୂର୍ବେ ଜମି ଅଧିଗ୍ରହଣ କରାଯାଇଥିଲା। ତେବେ ଏହି ଜମି ଚାଷୀଙ୍କୁ ଫେରାଇବା ପାଇଁ ଜିଲା ଜନ ଅଧିକାର ଅଭିଯାନ ପକ୍ଷରୁ ଜିଲାପାଳଙ୍କୁ ଚିଠି ମାଧ୍ୟମରେ ଦାବି ଉପସ୍ଥାପନ କରାଯାଇଛି। ଏ ସମ୍ପର୍କରେ ଜିଲା ଜନ ଅଧିକାର ଅଭିଯାନର ସଭାପତି ଭୁବନ ମୋହନ ଜେନା, ଇଚ୍ଛାପୁରର ଡିଭ ରଞ୍ଜନ ସାହୁ, ଯୁବ ନେତା ରାକେଶ ମହାନ୍ତି, ସାମାଜିକ କର୍ମୀ ସୁମନ କୁମାର ଗନ୍ତାୟତ, ପ୍ରତାପ କୁମାର ତ୍ରିପାଠୀ, ଆଲୟ ସାମନ୍ତରାୟ ପ୍ରମୁଖ କହିଛନ୍ତି, ୱାରି ଗ୍ରୁପ ପକ୍ଷରୁ ଢେଙ୍କାନାଳ ଜିଲାରେ ଏକ ମେଗା ସୌର ପ୍ୟାନେଲ ପ୍ରକଳ୍ପ ନିର୍ମାଣ ହେବ ବୋଲି ପ୍ରସ୍ତୁତି ଆରମ୍ଭ ହୋଇଛି। ବିଶ୍ୱର ବୃହତ ସମନ୍ୱିତ ସୌର ପ୍ୟାନେଲ କାରଖାନା ସେଠାରେ ନିର୍ମିତ ହେବ। ଯାହାର ୧୦ହଜାର ମେଗାୱାଟ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ରହିବ। ୯୦୦ ହେକ୍ଟର ଜମି ଉପରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପରେ ପ୍ରାୟ ୧୪ ହଜାର ପ୍ରତ୍ୟକ୍ଷ ଓ ୨୫ ହଜାର ଲୋକଙ୍କୁ ପରୋକ୍ଷ ନିଯୁକ୍ତି ମିଳିବ। ତେବେ କେନ୍ଦ୍ରାପଡ଼ା ଜିଲାର ୧୨ ବର୍ଷ ତଳର ଏପରି ପ୍ରକଳ୍ପ ସ୍ୱପ୍ନ ଏବେ ଧୂଳିସାତ ହୋଇଛି। ଥର୍ମାଲ ପାୱାର ପ୍ଲାଣ୍ଟ ନିର୍ମାଣ ପାଇଁ ମହାକାଳପଡା ବ୍ଲକ ଅଞ୍ଚଳରେ ଅଧିଗ୍ରହଣ ହୋଇଥିବା ୮୭୫ ଏକର ଜମି ଏବେ ସୁଦ୍ଧା ପଡ଼ିଆ ପଡ଼ିଛି। ୫୦ ଏକର ଜମି ଉପରେ ସହରାଞ୍ଚଳ ଗଢ଼ି ଉଠୁଥିବା ସ୍ୱପ୍ନରେ ଭଙ୍ଗା ପଡ଼ିଛି। ୨୦୧୧ ମସିହାରେ ଜିଲାର ମହାକାଳପଡା ତହସିଲ ଅଞ୍ଚଳରେ ୨ଟି ୬୬୦ ମେଗାୱାଟ ବିଶିଷ୍ଟ ଥର୍ମାଲ ପାୱାର ପ୍ଲାଣ୍ଟ ନିର୍ମାଣ ହେବ ବୋଲି ଜିଲାବାସୀ ସ୍ୱପ୍ନ ଦେଖୁଥିଲେ। ସେହିବର୍ଷ ଜାନୁଆରୀ ୩ରେ ତତ୍କାଳୀନ ଶକ୍ତି ସଚିବ ଓ ଚେନ୍ନାଇସ୍ଥିତ ମେସର୍ସ ଏସ୍‌ପିଆଇ ପୋର୍ଟ ପ୍ରାଇଭେଟ ଲିମିଟେଡ (ଏସ୍‌ପିଆଇପିଏଲ୍)ର ନିର୍ଦ୍ଦେଶକଙ୍କ ମଧ୍ୟରେ କମ୍ପାନୀ ଧାରା ୧୯୫୬ ଅନୁଯାୟୀ ଏକ ଏମ୍‌ଓୟୁ ହୋଇଥିଲା। ଏହି ଚୁକ୍ତି ଅନୁଯାୟୀ ମହାକାଳପଡ଼ା ତହସିଲ ଅନ୍ତର୍ଗତ ଅଳାଇଲୋ, କିଲିପଡ଼ା, ନଳିପଡ଼ା ଓ ନିୟାମତପୁର ରାଜସ୍ୱ ଗ୍ରାମର ୮୭୫ ଏକର ଜମି ଜିଲା ପ୍ରଶାସନ ପକ୍ଷରୁ ଅଧିଗ୍ରହଣ କରାଯାଇଥିଲା। ଏଥିମଧ୍ୟରୁ ୮୪୦ ଏକରୁ ଉର୍ଦ୍ଧ୍ୱ ଜମିରେ ଚାଷ ହେଉଥିଲା। ଜମି ଅଧିଗ୍ରହଣ ପରେ ଏହା ପଡ଼ିଆ ପଡ଼ିଛି। ପାୱାର ପ୍ଲାଣ୍ଟ ପ୍ରକଳ୍ପ ଅନୁଯାୟୀ, ଅଧିଗ୍ରହଣ ଜମିରେ ୫୭୫ ଏକର ଜମି ପ୍ଲାଣ୍ଟ ପାଇଁ ଉପଯୋଗ କରିବାକୁ ଥିବା ବେଳେ ୧୨୫ ଏକର ଜମି ରେଳପଥ, ପାଣି ପାଇପ ଲାଇନ ବିଛାଇବାରେ ବିନିଯୋଗ ହୋଇଥାନ୍ତା। ଅବଶିଷ୍ଟ ଜମିରୁ ୫୦ ଏକର ଜମିରେ ସହରାଞ୍ଚଳ ଓ ୧୨୦ ଏକର ଜମିରେ ସବୁଜ ବଳୟ ସୃଷ୍ଟି କରାଯାଇଥାନ୍ତା। ତେବେ ୨୦୧୬ ଜାନୁଆରୀ ୩ରୁ ଏମ୍‌ଓୟୁ ଅବଧି ସରି ଯାଇଥିବା ବେଳେ ଜିଲାବାସୀଙ୍କ ଶିଳ୍ପ ସ୍ୱପ୍ନ ଅଧୁରା ରହିଛି। ସେହିପରି ଏହି ବିଦ୍ୟୁତ୍ ପ୍ଲାଣ୍ଟର ସାମଗ୍ରୀ ପରିବହନ ପାଇଁ ପ୍ରାଥମିକସ୍ତରରେ ଭିତ୍ତିଭୂମି ନ ଥିବା ବେଳେ ୩ ବର୍ଷ ଧରି ହିଦାବାସପୁର- ପାରାଦୀପ ବ୍ରଡଗେଜ ଲାଇନରେ ପଣ୍ୟବାହୀ ରେଳ ଚଳାଚଳ କରୁଛି। ବିଦ୍ୟୁତ୍ ପ୍ଲାଣ୍ଟ ପାଇଁ ଅଧିଗ୍ରହଣ ଜମି କାର୍ଯ୍ୟରେ ଲାଗୁ ନ ଥିବାରୁ ଜିଲା ପ୍ରଶାସନ ଚାଷୀଙ୍କୁ ଜମି ଫେରାଇ ଦେବାକୁ ସେମାନେ ମତ ରଖିଛନ୍ତି।

ସେଲ୍‌ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଗଣେଶ


@ ସନ୍ତୋଷ


@ ଶୁଭଶ୍ରୀ


@ ଡିଲୁ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ରାଜନଗର, ୧୫।୧୦ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଡେରା ପଞ୍ଚାୟତ ଚିରିଞ୍ଚି ଗାଁର ବିରଞ୍ଚି ପ୍ରଧାନଙ୍କ ସ୍ତ୍ରୀ ସ୍ୱର୍ଣ୍ଣଲତା (୪୦) ଶୋଇଥିବା ବେଳେ ଶନିବାର ବିଳମ୍ବିତ ରାତ୍ରିରେ ତାଙ୍କୁ ଏକ ବିଷଧର ସାପ କାମୁଡି ଦେଇଥିଲା। ପରିବାର ଲୋକେ ଜାଣିବା ପରେ ତାଙ୍କୁ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଅବସ୍ଥା ନ ସୁଧୁରିବାରୁ କେନ୍ଦ୍ରାପଡ଼ାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

### ଚୋରି ଅଭିଯୋଗରେ୨ ଗିରଫ

କୁଜଙ୍ଗ, ୧୫।୧୦ (ମନୋଜ ପ୍ରଧାନ)

କୁଜଙ୍ଗ ଥାନା ଅନ୍ତର୍ଗତ ପାରିଆଙ୍ଗ ଗ୍ରାମର ଆଲୋକ ବାରିକ ପାରାଦୀପରୁ ବାଇକ୍ ଯୋଗେ ଶୁକ୍ରବାର ବିଳମ୍ବିତ ରାତିରେ ଫେରୁଥିଲେ। ଏହି ସମୟରେ କଟକ-ପାରାଦୀପ ରାସ୍ତାର କୁଜଙ୍ଗସ୍ଥିତ ଶିକ୍ଷକ ଭବନଠାରେ ୩ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ମାଡ ମାରି ସୁନା ଚେନ ଓ ୬ଟି ଏଟିଏମ୍ କାର୍ଡ ସହ ନଗଦ ଟଙ୍କା ଛଡାଇ ନେଇଥିଲେ। ଏ ସମ୍ପର୍କରେ ଆଲୋକ ଥାନାରେ ଅଭିଯୋଗ କରିବାରେ ପୋଲିସ ତନାଘନା କରି ଶନିବାର ରାତିରେ ତିର୍ତ୍ତୋଲ ଥାନା ଅନ୍ତର୍ଗତ ଓଲାଘର ଗାଁର ଜଗନ୍ନାଥ ସୂତାର ଓ ଏହି ଥାନା ଅନ୍ତର୍ଗତ ପାରିଆଙ୍ଗ ଗାଁର ସନ୍ତୋଷ ସ୍ୱାଇଁଙ୍କୁ ପାରାଦୀପରୁ ଗିରଫ କରିବାକୁ ସକ୍ଷମ ହୋଇଛି। ଏମାନଙ୍କ ନାମରେ କେସ ନଂ.୪୫୧/୨୩ରେ ରୁଜୁ କରି ଅଦାଲତ ଚାଲଣ କରିଥିବାର ଥାନା ଅଧିକାରୀ ରଶ୍ମିରଂଜନ ଦାଶଙ୍କଠାରୁ ପ୍ରକାଶ। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣଙ୍କୁ ଧରିବାରେ ପୋଲିସ ସକ୍ଷମ ହୋଇ ପାରିନାହିଁ।

### ପ୍ରାଣୀ ବିଜ୍ଞାନ ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା, ଆଲୋଚନାଚକ୍ର

ଡେରାବିଶ, ୧୫।୧୦(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଚାନ୍ଦୋଳସ୍ଥିତ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ପକ୍ଷରୁ ଯୁକ୍ତ ୩ ଶ୍ରେଣୀର ନୂତନ ଛାତ୍ରୀଛାତ୍ରମାନଙ୍କୁ ସ୍ୱାଗତ କରାଯାଇଛି। ଆୟୋଜିତ ସଭାରେ ବିଭାଗୀୟ ମୁଖ୍ୟ ପ୍ରାଧ୍ୟାପିକା ସ୍ମୃତି ଶ୍ରାବଣୀ ସଭାପତିତ୍ୱ କରିଥିବା ବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମଣ କୁମାର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ପୁରାତନ ଛାତ୍ରୀଛାତ୍ରଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ କରାଯାଇଥିଲା। ବିଷୟ ବିଶାରଦ ଭାବେ ବିରୂପା କଲେଜର ପ୍ରାଣୀ ବିଜ୍ଞାନ ବିଭାଗର ମୁଖ୍ୟ ଡ. ଗୋକୁଳାନନ୍ଦ ଭୁଜବଳ ଯୋଗ ଦେଇଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ପକ୍ଷରୁ ଡ. ଭୁଜବଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଛାତ୍ରୀ ପ୍ରଗତି ପ୍ରିୟା, ଇତିଶ୍ରୀ ମହାରଣା, ମନିଷା ଦାସ ପ୍ରମୁଖ ନିବନ୍ଧ ପାଠ କରିବା ପରେ ଆଲୋଚନା କରାଯାଇଥିଲା। ଶେଷରେ ଅଧ୍ୟାପକ ବିମଳ ପ୍ରସାଦ ବାରିକ ଧନ୍ୟବାଦ ଦେଇଥିଲେ।

## ମନ୍ଦିର ଉନ୍ନତୀକରଣକୁ ନେଇ ବିବାଦ

କୁଜଙ୍ଗ, ୧୫।୧୦ (ମନୋଜ ପ୍ରଧାନ)


ପ୍ରଶାସନିକ ଅଧିକାରୀମାନଙ୍କ ସହ ଗାଁର ଲୋକମାନେ ଆଲୋଚନା କରୁଛନ୍ତି।

କୁଜଙ୍ଗ ଥାନା ଅନ୍ତର୍ଗତ ଜିଲାନାସି ପଞ୍ଚାୟତ ଅନ୍ତର୍ଗତ ତେନ୍ତୁଳିଆଖମାର ଗାଁରେ ଏକ ମନ୍ଦିର ଉନ୍ନତିକରଣ କାର୍ଯ୍ୟକୁ ନେଇ ବିବାଦ ଦେଖାଦେଇଛି। ଗ୍ରାମର ମନ୍ଦିର ଉନ୍ନତୀକରଣ ନିମନ୍ତେ ସରକାର ୪ଲକ୍ଷ ଟଙ୍କା ଅନୁଦାନ ଦେଇଥିଲେ। ଉକ୍ତ ଉନ୍ନତୀକରଣ କାମ ପଞ୍ଚାୟତ ଦାୟିତ୍ୱରେ ଥିବା ବ୍ଲକ ଯନ୍ତ୍ରୀଙ୍କ ନାମରେ କାର୍ଯ୍ୟାଦେଶ ଥିବା ବେଳେ ଗାଁର ନିର୍ଦ୍ଦିଷ୍ଟ ୪ ଜଣ ବ୍ୟକ୍ତି କାମ କରୁଥିବାରୁ ଗ୍ରାମବାସୀ ବିରୋଧ କରିଥିଲେ। ସେମାନଙ୍କ ବିରୋଧକୁ ଭୃକ୍ଷେପ ନ କରି ମନ୍ଦିରର ଚଟାଣରେ ପଡିଥିବା ଟାଇଲ ସବୁକୁ ତାଡି ଦେଇଥିଲେ। ଏହାକୁ ମହିଳାମାନେ ବିରୋଧ କରିବାରୁ ସେମାନଙ୍କୁ ସମ୍ପୃକ୍ତ ବ୍ୟକ୍ତିମାନେ ଜାତିଆଣ ଆକ୍ଷେପ କରି ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏ ନେଇ ଗ୍ରାମର ରାଧା ଦାସ, ପ୍ରଭାତି ମଳିକ, କିରଣ ମଲ୍ଲିକ, ଡମି ରାଉତ, କାଞ୍ଚନ ଦାସ ପ୍ରମୁଖ ମହିଳା ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ରବିବାର ପୋଲିସ, ବିଡିଓ ଦୀପକ ପ୍ରସାଦ ସ୍ୱାଇଁ, ସମ୍ପୃକ୍ତ ଯନ୍ତ୍ରୀ ସଞ୍ଜୀୟ କୁମାର କାଲୋ, ଅଭୟ ପରିଡା ଓ ଜିଲା ପରିଷଦ ସଦସ୍ୟ ପ୍ରମୋଦ କୁମାର ସ୍ୱାଇଁ ଘଟଣାସ୍ଥଳରେ ପହଞ୍ଚି ଭଙ୍ଗା ଯାଇଥିବା ମନ୍ଦିରକୁ ଅନୁଧ୍ୟାନ କରିବା ସହ ଉଭୟପକ୍ଷଙ୍କ ସହ ଆଲୋଚନା କରିଥିଲେ। କୌଣସି ନିର୍ଯ୍ୟାସ ବାହାରି ନ ପାରିବାରୁ ପୁଣି ଥାନାରେ ବିଡିଓ, ଥାନା ଅଧିକାରୀ, ସରପଞ୍ଚ ନଳିନୀ ପ୍ରଭା ପରିଡାଙ୍କ ସମେତ ଗ୍ରାମର ମୁରବୀମାନେ ବସି ଆଲୋଚନା କରୁଥିବାର ଜଣାପଡିଛି। ଉକ୍ତ ଘଟଣା ସମ୍ପର୍କରେ ବିଡିଓ ଦୀପକ ପ୍ରସାଦ ସ୍ୱାଇଁ ଓ ଥାନା ଅଧିକାରୀ ରଶ୍ମିରଞ୍ଜନ ଦାଶଙ୍କୁ ପଚାରିବାରେ କହିଥିଲେ ଯେ ଆଲୋଚନା ଜାରି ରହିଛି।

## ଗାଡ଼ି ପାର୍କିଂକୁ ନେଇ ଛୁରାମାଡ, ଯୁବକ ଗୁରୁତର

ରାଜକନିକା, ୧୫।୧୦ (ସଞ୍ଜୟ କୁମାର ଦାଶ)

ରାଜକନିକା ଥାନା ଅଞ୍ଚଳରେ ରବିବାର ରାତିରେ ଗାଡ଼ି ପାର୍କିଂକୁ ନେଇ ୨ ଯୁବକଙ୍କ ମଧ୍ୟରେ ବଚସାରୁ ଛୁରାମାଡ଼ରେ ଜଣେ ଗୁରୁତର ହୋଇଛନ୍ତି। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଯୁବକଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ଡାକ୍ତର ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିଛନ୍ତି। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଥାନା ଅନ୍ତର୍ଗତ ଓହ୍ତିଆ ଡ଼ାକବଙ୍ଗଳା ନିକଟରେ ରାତିରେ ଗାଡ଼ି ପାର୍କିଂକୁ ନେଇ ଜୟନଗର ପଞ୍ଚାୟତ ଚାଟିରିସାହି ଗାଁର ରାଜେନ୍ଦ୍ର ପ୍ରଧାନଙ୍କ ସହ ସ୍ଥାନୀୟ ଅଞ୍ଚଳର ୩ଜଣ ଯୁବକ ବଚସା ହୋଇଥିଲା। ଏହା ଉଗ୍ର ରୂପ ଧାରଣ କରିବାରୁ ୩ ଜଣ ଯୁବକ ଏକ ଧାରୁଆ ଅସ୍ତ୍ରରେ ରାଜେନ୍ଦ୍ରଙ୍କ ହାତ, ପେଟ୍ ଏବଂ ଛାତିରେ ଆକ୍ରମଣ କରିଥିଲେ। ଫଳରେ ରାଜେନ୍ଦ୍ର ଗୁରୁତର ଆହତ ହୋଇଛନ୍ତି। ଆକ୍ରମଣ କରିଥିବା ଯୁବକମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଛନ୍ତି। ଖବରପାଇ କେତେଜଣ ଯୁବକ ରାଜେନ୍ଦ୍ରଙ୍କୁ ରାଜକନିକା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି।

## ପଟ୍ଟାମୁଣ୍ଡାଇ ଥାନା ପକ୍ଷରୁ ସାଇବର ସଚେତନତା

ପଟ୍ଟାମୁଣ୍ଡାଇ, ୧୫।୧୦ (କଳ୍ପତରୁ ନାୟକ)

ସାଇବର ଅପରାଧ ସରକାର ଓ ପ୍ରଶାସନ ପାଇଁ ଆହ୍ୱାନ ସୃଷ୍ଟି କରିଛି। ପ୍ରତ୍ୟେକ ଦିନ ବହୁ ସାଧାରଣ ଜନତା ସାଇବର ଠକେଇର ଶିକାର ହେବା ଦେଖାଯାଉଛି। ସାଇବର ଅପରାଧ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ସାରା ରାଜ୍ୟରେ ବିଶେଷ କରି କେନ୍ଦ୍ରାପଡ଼ା ଜିଲାରେ ଜନସଚେତନତା ପାଇଁ ସାଇବର ରଥ ପରିକ୍ରମା କାର୍ଯ୍ୟକ୍ରମ କରାଯାଇଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ସାଇବର ସଚେତନତା କାର୍ଯ୍ୟକ୍ରମକୁ ଅଧିକ ପ୍ରଭାବୀ କରିବା ପାଇଁ ସ୍ଥାନୀୟ ଥାନା ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ପଟ୍ଟାମୁଣ୍ଡାଇ ଏସ୍‌ଡିପିଓ କ୍ଷମା ସାଗର ପଣ୍ଡା ଓ ଆଦର୍ଶ ଥାନା ଆଇଆଇସି ରଞ୍ଜିତ ମହାନ୍ତିଙ୍କ ନେତୃତ୍ୱରେ ପ୍ରଶାସନିକ ଅଧିକାରୀ, ଲୋକ ପ୍ରତିନିଧି, ମାନ୍ୟଗଣ୍ୟବ୍ୟକ୍ତିଙ୍କୁ ନେଇ ଶନିବାର ସନ୍ଧ୍ୟାରେ ଏକ ଶୋଭାଯାତ୍ରା ପଟ୍ଟାମୁଣ୍ଡାଇ ସହର ପରିକ୍ରମା କରି ସାଇବର ଅପରାଧ ସମ୍ପର୍କରେ ବ୍ୟାପକ ଜନସଚେତନତା ସୃଷ୍ଟି କରିଥିଲେ। ଏଥିରେ ପଟ୍ଟାମୁଣ୍ଡାଇ ପୌର ଅଧକ୍ଷ ହେମନ୍ତ ସାହୁ, ବିକାଶ ପରିଷଦ ସଭାପତି ଗୋପୀବଲ୍ଲଭ ନାୟକ, ସମ୍ପାଦକ ଗୋପୀନାଥ ତ୍ରିପାଠୀ, ନଗର ଯୁବ ବିଜେଡି ସଭାପତି ମନୋଜ ନାୟକ, ଶିକ୍ଷକ ନେତା ବିଜୟ ସାହୁ, ରାଧାମୋହନ ଦାଶ, ସରୋଜ ପାଢ଼ୀ, ବିଜୟ ଦାସ, ନୃସିଂହ ସେଠୀ, ରବୀନ୍ଦ୍ର ସାହୁ, ରମେଶ ଦେ, ମିଟୁ ପଣ୍ଡା ପ୍ରମୁଖ ସାମିଲ ହୋଇ ସାଇବର ଅପରାଧ ସମ୍ପର୍କରେ ଜନସଚେତନତା ସୃଷ୍ଟି କରିଥିଲେ।


ସଚେତନତା କାର୍ଯ୍ୟକ୍ରମରେ ପୋଲିସ ଓ ଅନ୍ୟମାନେ।

## ବେଆଇନ ବାଣ ଗଚ୍ଛିତ ରଖି ଜଣେ ଗିରଫ

ଜଗତ୍‌ସିଂହପୁର, ୧୫।୧୦ (ପ୍ରମୋଦ କୁମାର ନାୟକ)

ଆଗକୁ ଦୀପାବଳୀ ଥିବାରୁ ବାଣ କାରବାର ଉପରେ ଚାହିଦା ରହିଛି। କେତେଜଣ ବ୍ୟକ୍ତି ବେଆଇନ ଭାବେ ବାଣ ଗଛିତ ରଖିଥିବାରୁ ବିପଦ ବଢୁଛି। ରବିବାର ଜଗତ୍‌ସିଂହପୁର ଥାନା ପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ବଡ଼ଦେଭିଲୋ ଗ୍ରାମର ଯଯାତି ସିଂହ (୬୦) ବେଆଇନ ବାଣ ଗଛିତ ରଖିଥିଲେ। ପୋଲିସ ଚଢାଉ କରି ବାଣ ଜବତ କରିବା ସହ ନଂ. ୬୬୭/୨୩ ମାମଲା ରୁଜୁ କରି ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି।

## ଗାଈ ସହ ଧକ୍କା ହୋଇ ରାସ୍ତା ତଳକୁ ଖସିଲା କାର୍

ଆଳି, ୧୫।୧୦(ବନମାଳୀ ସେନାପତି )

ଆଳି ଥାନା ଅନ୍ତର୍ଗତ କଟକ-ଚାନ୍ଦବାଲି ରାସ୍ତାର ପତ୍ରପୁର ସେତୁ ନିକଟରୁ ଗଡ଼ଗଡି ସେତୁ ପର୍ଯ୍ୟନ୍ତ ରାସ୍ତାରେ ବୁଲା ଗୋରୁଙ୍କ ଯୋଗୁ ବାରମ୍ବାର ଦୁର୍ଘଟଣା ଘଟୁଛି। ରବିବାର ପୂର୍ବାହ୍ନରେ ଆଳି ଶାସନ ଛକ ନିକଟରେ ଗାଈକୁ ଏକ କାର ଧକ୍କା ଦେଇ ରାସ୍ତା ତାଳକୁ ପଲଟି ପଡିଥିଲା। ପଟ୍ଟାମୁଣ୍ଡାଇ ପଟରୁ କାର ନଂ. ଓଡି ୦୨ ବିଏକ୍ସ ୬୬୩୫ ଆଳି ଆଡ଼କୁ ଆସୁଥିବା ବେଳେ ବଳଭଦ୍ରପୁର ଶାସନ ଛକ ନିକଟରେ ଏକ ଗାଈ ସହିତ ଧକ୍କା ଖାଇ ରାସ୍ତାର ଗୋଟିଏ ପାର୍ଶ୍ୱକୁ ଗଡି ଯାଇ ଏକ ବିଦ୍ୟୁତ୍ ଖୁଣ୍ଟିକୁ ଧକ୍କା ଦେଇଥିଲା। ଏହି ଦୁର୍ଘଟଣାରେ ଧକ୍କା ଖାଇଥିବା ଗାଈଟି ଘଟଣା ସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ସ୍ଥାନୀୟ ଲୋକ ଦୁର୍ଘଟଣା ଗ୍ରସ୍ତ ଗାଡି ମଧ୍ୟରୁ ଆଳି ପୂର୍ତ୍ତ ବିଭାଗ ଯନ୍ତ୍ରୀ ଜ୍ୟୋତି ରଞ୍ଜନ ବେହେରାଙ୍କୁ ଉଦ୍ଧାର କରିଥିଲେ। ଯନ୍ତ୍ରୀ ବେହେରାଙ୍କର କୌଣସି କ୍ଷତି ହୋଇ ନାହିଁ। ଆଳି ଦମକଳ କର୍ମଚାରୀ ପହଞ୍ଚି କାରର ଡୋର ତାଡ଼ି ଭିତରେ ଥିବା ଯନ୍ତ୍ରୀଙ୍କ ମୋବାଇଲ ସମେତ ଜରୁରୀ କାଗଜପତ୍ର କାଢି ଥିଲେ।


ଦୁର୍ଘଟଣାଗ୍ରସ୍ତ କାର୍।

## ୮ ଦଫା ଦାବିରେ ସଦସ୍ୟଙ୍କଠାରୁ ଦସ୍ତଖତ ସଂଗ୍ରହ କରାଯିବ

### ଅଲ ଓଡ଼ିଶା ଗୋପାଳ ସମାଜର ଜିଲା କାର୍ଯ୍ୟକାରିଣୀ ବୈଠକ

ତିର୍ତ୍ତୋଲ, ୧୫।୧୦ (ଗୌରାଙ୍ଗ ଚରଣ ସ୍ୱାଇଁ)

ତିର୍ତ୍ତୋଲ ବ୍ଲକ କନକପୁରସ୍ଥିତ ଶାରଳା ମନ୍ଦିର ସମ୍ମୁଖ ଦୋଳ ମଣ୍ଡପରେ ରବିବାର ଅଲ୍ ଓଡ଼ିଶା ଗୋପାଳ ସମାଜର ଜଗତ୍‌ସିଂହପୁର ଜିଲା କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ୮ ଦଫା ଦାବିରେ ଜିଲାର ସମସ୍ତ ସଦସ୍ୟଙ୍କଠାରୁ ଏହି ଅବସରରେ ଦସ୍ତଖତ ସଂଗ୍ରହ କରିବା ଲାଗି ପ୍ରସ୍ତାବ ଗୃହୀତ ହୋଇଥିଲା। ଏହାପରେ ଉକ୍ତ ୮ ଦଫା ସମ୍ବଳିତ ଦାବିପତ୍ର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ପ୍ରଦାନ କରାଯିବ ବୋଲି ସ୍ଥିର ହୋଇଥିଲା। ଏହି ଅବସରରେ ବିଭିନ୍ନ ଦାବି ଯଥା ମଣ୍ଡଳ କମିଶନ ରିପୋର୍ଟ ଆଧାରରେ ରାଜ୍ୟରେ ଶିକ୍ଷା ଓ ଚାକିରି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ଲାଗୁ କରିବା, କାଠି ଲଉଡି କଳାକାରମାନଙ୍କୁ ରାଜ୍ୟ ସରକାର କଳାକାର ଭତ୍ତା ପ୍ରଦାନ କରିବା, କଟକ, ଭୁବନେଶ୍ୱର ଓ ପୁରୀରେ ଗୋପାଳ ଭବନ ତିଆରି ନିମନ୍ତେ ଜାଗା ସହ ଘର ତିଆରି ପାଇଁ ସରକାରୀ ସହାୟତା ପ୍ରଦାନ, ପ୍ରତ୍ୟେକ ଗୋପାଳ ପରିବାରକୁ ଗାଈ, ମଇଁଷି କିଣିବା ଲାଗି ଋଣ ଓ ସରକାରୀ ସହାୟତା ପ୍ରଦାନ ସମେତ ଆଠ ଗୋଟି ଦାବି ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏଥିରେ ଗୋପାଳ ସମାଜର ରାଜ୍ୟ ଉପସଭାପତି ମନୋଜ କୁମାର ଦାସ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦକ ନାରାୟଣ ଡାଲୁଆ, ରାଜ୍ୟ ଓବିସି ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା କେଶରୀ, ଜଗତ୍‌ସିଂହପୁର ଜିଲା ସଭାନେତ୍ରୀ ଅପରାଜିତା ପରିଜା, ରାଜ୍ୟ ଓବିସି ମହିଳା ଶାଖା ସମ୍ପାଦିକା ସ୍ୱର୍ଣ୍ଣଲତା ବେହେରା, ଜିଲା ସଭାପତି ବୁଲୁ ମାଟିଆ, ଜିଲା ସମ୍ପାଦକ ଲିପୁନ ଦାସ, ତିର୍ତ୍ତୋଲ ବ୍ଲକ ସଭାପତି ଅନିଲ ଦାସ, ନାଉଗାଁ ବ୍ଲକ ଓବିସି ଶାଖା ସଭାପତି ଦୈତାରି ଦାସ ପ୍ରମୁଖ ଏଥିରେ ଯୋଗଦାନ କରିଥିଲେ। ଜିଲାର ପ୍ରତ୍ୟେକ ବ୍ଲକର କର୍ମକର୍ତ୍ତା ଏବଂ ସଦସ୍ୟମାନେ ଉପସ୍ଥିତ ଥିଲେ।

## ହଳଦିଆପାଟଣା ମା’ ଦୁର୍ଗାଙ୍କ ପୂଜା ଶକ୍ତିପୀଠ ଭାବେ ପ୍ରସିଦ୍ଧି ରହିଛି

ଡେରାବିଶ, ୧୫।୧୦(ବେବର୍ତ୍ତା ଅଜୟ ଦାସ)

ଶାରଦୀୟ ଦୁର୍ଗାପୂଜା ପାଇଁ ଡେରାବିଶର ବିଭିନ୍ନ ଅଞ୍ଚଳ ଉତ୍ସବମୁଖର ହେବାକୁ ଯାଉଛି। ଏହି ପୂଜା ଆଉ ମାତ୍ର ୬ ଦିନ ରହିଛି। ବ୍ଲକ ଅଧୀନ ମଙ୍ଗଳପୁର ପଞ୍ଚାୟତ ହଳଦିଆପାଟଣାଠାରେ ଅନୁଷ୍ଠିତ ହେବାକୁ ଥିବା ପୂଜା ଶକ୍ତିପୀଠ ଭାବେ ପ୍ରସିଦ୍ଧିଲାଭ କରିଛି। ପବିତ୍ର ମହାଳୟା ତିଥି ଶନିବାର ଖଡି ଅମାବାସ୍ୟାରେ ଏହି ପୀଠରେ ମାଟିରେ ନିର୍ମିତ ମୃଣ୍ମୟୀ ମୂର୍ତ୍ତିରେ ଖଡ଼ି ସ୍ପର୍ଶ କରାଯାଇଛି। ଏଥିପାଇଁ ମା’ଙ୍କ ନିକଟରେ ଥିବା ବେଲଗଛକୁ ପୂଜାର୍ଚ୍ଚନା କରାଯାଇଥିଲା। ପରମ୍ପରା ଅନୁଯାୟୀ, ଏହି ତିଥି ପୀଠ ପାଇଁ ଗୁରୁତ୍ୱ ଥିବାରୁ ପୂଜା ହୋଇଥିବା ବେଲଗଛ ନିକଟରେ ଶତାଧିକ ଗ୍ରାମବାସୀ ଭଜନ କୀର୍ତ୍ତନ ମଧ୍ୟରେ ନିଜକୁ ହଜାଇ ଦେଇଥିଲେ।

ଦୀର୍ଘବର୍ଷ ଧରି ହଳଦିଆପାଟଣାରେ ପୂଜା ପାଉଥିବା ମା’ ଦୁର୍ଗାଙ୍କ ବିଷୟରେ ବହୁ ଜନଶ୍ରୁତି ରହିଛି। ଦଶହରା ପର୍ବ ପୂର୍ବରୁ ଗ୍ରାମର ଖଗେଶ୍ୱର ଦାସ, ନୃସିଂହ ସାହୁ, ଦୈତାରୀ ପ୍ରଧାନ, ସର୍ବେଶ୍ୱର ପରିଡା, ବାବାଜୀ ଚରଣ ସାହୁ, ସ୍ୱାଧୀନତା ସଂଗ୍ରାମୀ ଗୋଲଖ ଦାସ ଗ୍ରାମ ନିକଟରେ ବହି ଯାଇଥିବା ବିରୂପା ନଦୀ କୂଳରେ ସନ୍ଧ୍ୟା ସମୟରେ ବସିଥିବାବେଳେ ଏକ ଅଦ୍ଭୁତ ଆଲୋକ ଦେଖିଥିଲେ। ଏହି ଆଲୋକ ଗ୍ରାମରେ ମା’ ଦୁର୍ଗାଙ୍କ ପୂଜା ପାଇଁ ସଂକେତ ଦେଉଥିବା ଭାବି ଆରମ୍ଭ କରିଥିଲେ ମା’ଙ୍କ ଏହି ଶାରଦୀୟ ପୂଜା। ବହୁ ଅନୁଭୂତିକୁ ପାଥେୟ କରି ଏହି ପୂଜାର ପରମ୍ପରା କିଭଳି ଉଜ୍ଜୀବିତ ରହିପାରିବ ସେ ନେଇ କେବଳ ହଳଦିଆପାଟଣା ନୁହେଁ ଆଖପାଖ ୧୦ଟି ଗ୍ରାମର ଅଧିବାସୀ ଏହି ପୂଜା ପାଇଁ ସମସ୍ତ ସହଯୋଗ କରିଥାନ୍ତି ବୋଲି ପୂଜା କମିଟିର ସମ୍ପାଦକ ଗୌରାଙ୍ଗ ସାହୁ ଓ ସଭାପତି ଉତ୍ତମ ଚରଣ ମଳିକ କହିଛନ୍ତି। ପୂଜା ପାଇଁ ପ୍ରଥମେ ସୁନିଆରେ ମାଟି ପୂଜା ହୋଇ ଆସୁଥିଲା। ପରେ ଏହି ମାଟି ଉଠା ତିଥିକୁ ଜନ୍ମାଷ୍ଟମୀକୁ ଘୁଞ୍ଚାଇ ଦିଆଯାଇଥିଲା। ନିଜର ଅନୁଭୂତି ସମ୍ପର୍କରେ ଉତ୍ତମ କୁହନ୍ତି, ବର୍ଷେ ସପ୍ତମୀ ତିଥିରେ ରାତି ୩ଟାରେ ମା’ଙ୍କ ମୂର୍ତ୍ତି ନିକଟରେ ସ୍ଥାପନ ହେଉଥିବା ଘଟ ନିମନ୍ତେ ବିରୂପା ନଦୀକୁ ଜଳ ଆଣିବା ପାଇଁ ଯିବା ବେଳେ ଏକ ବିରାଟ ଆଲୁଅ ଆମ ଗ୍ରାମରେ ଉଦ୍ଭାଷିତ ହୋଇଥିଲା। ଏହି ଆଲୁଅ କେଉଁଠୁ ଆସୁଥିଲା କେହି ଜାଣି ପାରି ନ ଥିଲେ। ଲାଗୁଥିଲା ଗ୍ରାମଟି ଯେପରି ଅଗ୍ନି ପିଣ୍ଡୁଳାରେ ଆଚ୍ଛାଦିତ ହୋଇଛି। ଖୁବ୍ କମ୍ ସମୟ ମଧ୍ୟରେ ଏହି ଆଲୁଅ ଅପସାରିତ ହୋଇଥିଲା। ସେଦିନର ସେଇ ଦୃଶ୍ୟ କେବଳ ଆମ ଗ୍ରାମ ନୁହେଁ ଆଖପାଖ ଗ୍ରାମବାସୀ ମଧ ଦେଖି ଚକିତ ହୋଇପଡ଼ିଥିଲେ। ସେବେଠାରୁ ଏହି ପୀଠ ଶକ୍ତିପୀଠ ଭାବେ ପରିଚିତ ହୋଇଆସୁଛି। ଚଳିତବର୍ଷ ପୂଜା କମିଟି ପକ୍ଷରୁ ଆକର୍ଷଣୀୟ ତୋରଣ ଓ ଆଲୋକ ସଜାସଜି ବ୍ୟବସ୍ଥା କରାଯାଇଛି। ମା’ଙ୍କ ନିକଟରେ ଚଳିତବର୍ଷ ୨୦ତାରିଖ ଷଷ୍ଠୀ ତିଥି ରାତି ୪ ଟାରେ ଘଟ ଆବାହନ, ମହାସପ୍ତମୀରେ ଚକ୍ଷୁଦାନ ଓ ପୂଜା, ମହାଷ୍ଟମୀ ସନ୍ଧିପୂଜା, ଦୁର୍ଗାବ୍ରତ, ସନ୍ଧି ବଳି ପ୍ରୋକ୍ଷଣ ପୂଜା, ମହାନବମୀ ବିହିତ ପୂଜା ଓ ପଣା ଲାଗି, ବିଜୟାଦଶମୀ ଅପରାଜିତା ପୂଜା ସହ ମା’ଙ୍କୁ ବିସର୍ଜନ କରାଯିବ ବୋଲି କମିଟିର ସମ୍ପାଦକ ଗୌରାଙ୍ଗ କହିଛନ୍ତି। ଏହି ପୀଠରେ ପୂଜା ସମୟରେ ଗାଈ ଘିଅରେ ସମସ୍ତ ଭୋଗ ପ୍ରସ୍ତୁତ ହୋଇଥାଏ। ପୀଠରେ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଲକ୍ଷ୍ୟ କରି ନିକିରେଇ ଥାନା ପକ୍ଷରୁ ପୋଲିସ ମୁତୟନର ବ୍ୟବସ୍ଥା ହୋଇଛି। ପ୍ରତିବର୍ଷ ପରି ଚଳିତବର୍ଷ ପଲ୍ଲୀମଙ୍ଗଳ ଯୁବକ ସଂଘ ଓ ମଙ୍ଗଳେଶ୍ୱର ନାଟ୍ୟ ସଂସଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ୩ଦିନ ଧରି ନାଟକ ପରିବେଷଣ କରାଯିବା ସହ ପ୍ରତ୍ୟହ ସନ୍ଧ୍ୟାରେ ପ୍ରବଚନ, ପାଲା ପରିବେଷଣ ଓ ଭଜନ ସମାରୋହ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।


ହଳଦିଆପାଟଣାରେ ଦୁର୍ଗାଙ୍କ ମୂର୍ତ୍ତି ନିର୍ମାଣ ଚାଲିଛି।

# ରାଜନୈତିକ ରୂପ ନେଉଛି ଲାଉସେଣା ଆକ୍ରମଣ

■ସରପଞ୍ଚଙ୍କୁ ଗିରଫ ନ କରିବାରୁ ବଢ଼ୁଛି ପ୍ରତିବାଦ

■ଆହତ ପରିବାରକୁ ଭେଟିଲା କଂଗ୍ରେସ ଟିମ୍

ନୟାଗଡ଼,୧୫।୧୦(ଲୋକନାଥ ମିଶ୍ର)



ଆହତ ପରିବାର ସଦସ୍ୟଙ୍କ ସହ କଂଗ୍ରେସ ଟିମ୍ ଆଲୋଚନା କରୁଛନ୍ତି ।

ନୟାଗଡ଼ ସଦର ଥାନା ଜେମାଦେଇପୁରପାଟଣା ପଞ୍ଚାୟତ ଲାଉସେଣା ଗାଁର ଯୁବ ବ୍ୟବସାୟୀ ଦିବ୍ୟରଞ୍ଜନ ସାହୁ(୨୮)ଙ୍କୁ ଜୀବନରେ ମାରିଦେବା ଉଦ୍ଦେଶ୍ୟରେ ମିଳିତ ଆକ୍ରମଣ ଘଟଣା ଧିରେ ଧିରେ ବିବାଦୀୟ ହୋଇ ରାଜନେତିକ ରୂପ ନେବାକୁ ବସିଲାଣି । ଏହି ଘଟଣାରେ ରାଜପାଟଣା ସରପଞ୍ଚ ସଦାଶିବ ନାୟକଙ୍କୁ ପୋଲିସ ଗିରଫ କରୁ ନ ଥିବାରୁ କଂଗ୍ରେସ ଓ ଭାଜପା ଆନ୍ଦୋଳନ କରିବାକୁ ସଜବାଜ ହେଉଛନ୍ତି । ରବିବାର ଜିଲା କଂଗ୍ରେସର ଏକ ପ୍ରତିନିଧି ଦଳ ଲାଉସେଣା ଗାଁକୁ ଯାଇ ଆହତ ଦିବ୍ୟରଞ୍ଜନଙ୍କ ପରିବାର ସହ କଥା ହୋଇଛନ୍ତି । ପ୍ରତିନିଧି ଦଳରେ କଂଗ୍ରେସ ନେତା କମଳ ଚରଣ ସାହୁ, ବ୍ରଜ କିଶୋର ଲେଙ୍କା, ଜିଲା ଯୁବ କଂଗ୍ରେସ ସଭାପତି ଯଶୋଦା କାଣ୍ଡି, ପ୍ରଦେଶ ଛାତ୍ର କଂଗ୍ରେସ ସାଧାରଣ ସମ୍ପାଦକ ଅକ୍ଷୟ ମଲ ପ୍ରମୁଖ ଯାଇଥିଲେ ।

ଗତ ୧୦ ତାରିଖ ରାତି ୧୦ ଟାରେ ପରେ ନୟାଗଡ଼ରୁ ଦୋକାନ ବନ୍ଦ କରି ଲାଉସେଣା ଗାଁର ଦିବ୍ୟରଞ୍ଜନ ଘରକୁ ଫେରୁଥିଲେ । ସେହି ସମୟରେ ରାଜପାଟଣା ଛକରେ କେତେଜଣ ବ୍ୟକ୍ତି ଲୁଚି ରହି ଦିବ୍ୟରଞ୍ଜନଙ୍କୁ ଆକ୍ରମଣ କରିଥିଲେ । ରାଜପାଟଣା ସରପଞ୍ଚ ସଦାଶିବ ନାୟକ ଓ ଭାଇ ବ୍ରହ୍ମାନନ୍ଦ ନାୟକ, ସମର୍ଥକ ରଘୁନାଥ ପ୍ରସାଦର ନୀର ପଲେଇଙ୍କ ସମେତ ବହୁ ବ୍ୟକ୍ତି ମିଳିତ ହୋଇ ଖଣ୍ଡା ଓ କଟୁରୀରେ ତାଙ୍କୁ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି । ପୋଲିସ ମାମଲା ରୁଜୁ କରି ନୀର ପଲେଇ ଓ ସରପଞ୍ଚଙ୍କ ଭାଇଙ୍କୁ ଗିରଫ କରି ଜେଲ ପଠାଇଛି ।

**ଆନ୍ଦୋଳନ କରିବ ଭାଜପା:** ଲାଉସେଣା ମିଳିତ ଆକ୍ରମଣ ଘଟଣାରେ ସରପଞ୍ଚଙ୍କୁ ଗିରଫ ପାଇଁ ପୋଲିସ ନୀରବତା ଅବଲମ୍ବନ କରୁଥିବାରୁ ଭାଜପା ଆନ୍ଦୋଳନ କରିବ ବୋଲି ପ୍ରସ୍ତୁତି ହେଉଛି । ଏନେଇ ଭାଜପା ନେତା ସନ୍ତୋଷ ପ୍ରଧାନ କୁହନ୍ତି, ରାଜନୈତିକ ପ୍ରତିଶୋଧ ପରାୟଣ ହୋଇ ରାଜପାଟଣା ସରପଞ୍ଚ ନିଜର ଭାଇ ଓ ସହଯୋଗୀଙ୍କ ଦ୍ୱାରା ଭାଜପାର କର୍ମୀ ଦିବ୍ୟରଞ୍ଜନଙ୍କୁ ଆକ୍ରମଣ କରିଥିଲେ । ପୋଲିସ ଯଦିଓ ୨ଜଣଙ୍କୁ ଗିରଫ କରିଛି ତେବେ ପୋଲିସ ସରପଞ୍ଚଙ୍କୁ ଗିରଫ କରିବାକୁ ଆନ୍ତରିକତା ପ୍ରକାଶ କରୁନାହିଁ । ପୋଲିସର ଅସହଯୋଗ ଉପରେ ଦଳ ପକ୍ଷରୁ ଅସନ୍ତୋଷ ପ୍ରକାଶ ପାଇଲାଣି । ୫ଦିନ ଭିତରେ ପୋଲିସ ସରପଞ୍ଚଙ୍କୁ ଗିରଫ ନ କଲେ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ନିଷ୍ପତ୍ତି ହୋଇଛି । ତେବେ ଆନ୍ଦୋଳନ ପାଇଁ କେବଳ ତାରିଖ ଧାର୍ଯ୍ୟ କରାଯିବ ବୋଲି କହିଛନ୍ତି ।

**ଜାମିନ ପାଇଁ ସରପଞ୍ଚଙ୍କୁ ସୁଯୋଗ:** ଲାଉସେଣା ମିଳିତ ଆକ୍ରମଣ ଘଟଣାରେ ପୋଲିସ ରାଜପାଟଣା ସରପଞ୍ଚଙ୍କୁ ହାଇକୋର୍ଟରେ ଜାମିନ ପାଇଁ ସୁଯୋଗ ଦିଆଯାଇଛି । ରୋହିବାଙ୍କ ସରପଞ୍ଚଙ୍କୁ ଯେପରି ଜାମିନ ପାଇଁ ଓଡ଼ଗାଁ ଆଦର୍ଶ ଥାନା ପୋଲିସ ସୁଯୋଗ ଦେଇଥିଲା ସେପରି ସୁଯୋଗ ନୟାଗଡ଼ ସଦର ଥାନା ପୋଲିସ ଦେଉଛି ବୋଲି ପୋଲିସ ବିରୋଧରେ ଅଭିଯୋଗ ଉଠିଛି । ଏନେଇ ନୟାଗଡ଼ ଜିଲା କଂଗ୍ରେସ ସଭାପତି ରଣଜିତ୍ ଦାଶ କୁହନ୍ତି, ଜୁଲାଇ ୧୭ ସନ୍ଧ୍ୟାରେ ଓଡଗାଁ ଆଦର୍ଶ ଥାନା ବାଘୁଆ ଛକର ଦୋକାନରେ ଶୈଳବାଳା ଭଞ୍ଜ(୩୫) ଓ ପୁଅ ଗଗନ(୧୮) ବସିଥିଲେ । ଦୋକାନକୁ ରୋହିବାଙ୍କ ସରପଞ୍ଚ ମହନ୍ତ ବେହେରା ଓ ସମର୍ଥକ ଆସି ମା'ପୁଅଙ୍କୁ ମାରପିଟ୍ କଲେ । ଦୋକାନରୁ ଲୁଟ୍ କଲେ । ମା'ପୁଅ ଉଭୟ ଗୁରୁତର ହୋଇଥିଲେ । ରୋହିବାଙ୍କ ସରପଞ୍ଚଙ୍କ ଦାଦାଗିରି ପରି ୩ ମାସ ପରେ ରାଜପାଟଣା ସରପଞ୍ଚ ଦାଦାଗିରି ଦେଖାଇଛନ୍ତି । ରୋହିବାଙ୍କ ସରପଞ୍ଚଙ୍କୁ ଗିରଫ କରିବାକୁ କଂଗ୍ରେସ ଥାନା ଘେରାଉ କରି ଆନ୍ଦୋଳନ କରିଥିଲା । ତେବେ ପୋଲିସ ଗିରଫ ନ କରି ହାଇକୋର୍ଟରେ ଜାମିନ ହେବାକୁ ସୁଯୋଗ ଦେଇଥିଲା । ବର୍ତ୍ତମାନ ରାଜପାଟଣା ସରପଞ୍ଚଙ୍କୁ ଜାମିନ ପାଇଁ ସୁଯୋଗ ଦିଆଯାଇଛି । ହେଲେ ଅଭିଯୁକ୍ତ ସରପଞ୍ଚ ପ୍ରତି ପୋଲିସର ପ୍ରତି ବିରୋଧରେ କଂଗ୍ରେସ ଖୁବ ଶୀଘ୍ର ଆନ୍ଦୋଳନ କରିବ ବୋଲି ଘୋଷଣା କରିଛି । ଏ ସଂକ୍ରାନ୍ତରେ ନୟାଗଡ଼ ସଦର ଥାନା ଆଇଆଇସି ଅନିତା ସାହୁ କୁହନ୍ତି, ଲାଉସେଣା ଆକ୍ରମଣ ଘଟଣାରେ ପୋଲିସ ପକ୍ଷ ନ ହୋଇ ତାର କର୍ତ୍ତବ୍ୟ କରୁଛି । ଘଟଣାର ୬ଦିନ ଭିତରେ ୨ ଅଭିଯୁକ୍ତ ଗିରଫ ହୋଇ ସାରିଲେଣି । ଆଗକୁ ପୋଲିସ ତଦନ୍ତ ଜାରି ରଖିଛି ।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଟିଲୁ



@ ସନ୍ତୋଷ



@ ଶୁଭଶ୍ରୀ



@ ଗଣେଶ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ମୁଣ୍ଡିଆରେ ଚାଲିଛି ଜୁଆଖେଳ

### ପୋଲିସର ଚଢ଼ାଉ ନାହିଁ

ନୟାଗଡ଼,୧୫।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଜିଲା ଓଡ଼ଗାଁ ଥାନା ବାଙ୍କତରା ଡୁବୁରୀମୁଣ୍ଡିଆର ଢ଼ୋଲମକ୍କା ପାହାଡ଼ରେ ପ୍ରତିଦିନ ଚାଲିଛି ଜୁଆଖେଳ । ଗଞ୍ଜାମ ଜିଲାର କେତେଜଣ ବ୍ୟକ୍ତି ଆସି ପ୍ରାୟ ୬ମାସ ହେଲା ଜୁଆ ଖେଳ ଚଲାଇଛନ୍ତି । ଜୁଆଖେଳ ଦିନ ଓ ରାତିରେ ମଧ୍ୟ ଚାଲିଛି ବୋଲି ଆଖପାଖ ଲୋକମାନେ କହିଛନ୍ତି । ହେଲେ ସବୁ ଜାଣି ବି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନାହିଁ ବୋଲି ଅଭିଯୋଗ ହୋଇଛି । ସେହିପରି ନନ୍ଦିଘୋର ଜଗନ୍ନାଥ ମନ୍ଦିର ପାଖରେ ଅନୁରୂପ ଭାବେ ଜୁଆଖେଳ ହେଉଥିବା ଅଭିଯୋଗ ହୋଇଛି । ଏନେଇ ପୋଲିସ ନିକଟରେ ଅଭିଯୋଗ ହୋଇଥିଲେ ମଧ୍ୟ କୌଣସି ଗୁରୁତ୍ୱ ଦିଆଯାଉନାହିଁ ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଏହାଦ୍ୱାରା କେତେଜଣ ସ୍ଥାନୀୟ ବ୍ୟକ୍ତି ଜୁଆରେ ହାରି ସର୍ବସ୍ୱାନ୍ତ ହେଉଛନ୍ତି ବୋଲି ସୂଚନା ମିଳିଛି ।

## ନାଟକ ବାଣ୍ଟିଲା ସାଇବର ଅପରାଧର ସୁରକ୍ଷା ବାର୍ତ୍ତା




ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ,ଏସ୍‌ପି ଓ ଅନ୍ୟମାନେ ।

ନୟାଗଡ଼,୧୫।୧୦(ଲୋକନାଥ ମିଶ୍ର)

**ଉଦ୍‌ଯାପିତ ହେଲା ୧୪ ଦିନିଆ ସଚେତନତା ଅଭିଯାନ**

ନୟାଗଡ଼ ଜିଲା ପରିଷଦର ସୃଜନୀ ସଭାଗୃହରେ ସାଇବର ଅପରାଧର ସୁରକ୍ଷା ସଚେତନତା ଅଭିଯାନ ନୟାଗଡ଼ ଜିଲାରେ ରବିବାର ଉଦ୍‌ଯାପିତ ହୋଇଯାଇଛି । ଗତ ୨ ତାରିଖରେ ଏହା ଆରମ୍ଭ ହୋଇଥିଲା । ଏହି ଅବସରରେ ଅନୁଷ୍ଠିତ ନାଟକ ସାଇବର ଅପରାଧର ସୁରକ୍ଷାର ବାର୍ତ୍ତ ବାଣ୍ଟିଥିଲା । ଲୋକମାନେ କିପରି ସାଇବର ଠକେଇର ଶିକାର ହେଉଛନ୍ତି ସେନେଇ ନାଟକରେ ଉପସ୍ଥାପନ କରାଯାଇଥିଲା । ନୟାଗଡ଼ ଏସ୍‌ପି ରାହୁଲ ଜୈନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଯୋଗ ଦେଇ କହିଲେ, ଜିଲାରେ ସାଇବର ଅପରାଧର ସୁରକ୍ଷା ସଚେତନତା ଅଭିଯାନ ଚାଲୁ ରହିଥିବାବେଳେ ସାଇବର ଠକେଇ ନଜରକୁ ଆସିଥିଲା । ବହୁ ଲୋକ ଠକେଇର ଶିକାର ହୋଇଥିଲେ । ପୋଲିସ ୨ଜଣଙ୍କୁ ଗିରଫ କରି ମକଦ୍ଦମାକୁ ଠିକ ମାର୍ଗରେ ନେଇଛି । ତେବେ ସାଇବର ଅପରାଧିଙ୍କୁ ରୋକିବାକୁ ହେଲେ ଲୋଭ ଠାରୁ ଦୂରେଇ ରହିବାକୁ ପଡିବ ବୋଲି କହିଥିଲେ । ନୟାଗଡ଼ ମ୍ୟୁନିସିପାଲିଟି ଅଧକ୍ଷା ନିରୁପମା ଖଟେଇ କହିଥିଲେ ସାଇବର ଅପରାଧିମାନେ ବିଭିନ୍ନ ଉପାୟରେ ଠକିବାକୁ ଉଦ୍ୟମ କରୁଛନ୍ତି । ମୋତେ ବି କେତେଜଣ ସାଇବର ଅପରାଧି ଠକିବାକୁ ଉଦ୍ୟମ କରିଥିଲେ । ତେବେ ମୁଁ ବର୍ତ୍ତି ଯାଇଥିଲି । ପିଟିଏସ୍ ପ୍ରିନ୍ସପାଲ ଭବେଶ ନାୟକ କହିଥିଲେ, ଅନ୍‌ଲାଇନରେ ଜିନିଷ ମଗାଇ ନ ଥିଲେ ମଧ୍ୟ ମୋର ଜିନିଷ ଆସିଥିଲା । ମୋ ସ୍ତ୍ରୀ ଉପକରଣ ରଖି ସାରିଥିଲେ । ମୁଁ ଘରେ ପହଞ୍ଚିବା ପରେ ଏହାକୁ ଫେରାଇଥିଲି । ମୋ ଅଫିସର ଜଣେ ମହିଳା କର୍ମଚାରୀ ସାଇବର ଠକଙ୍କ କବଳରେ ପଡିଥିଲେ । ଏଣୁ ମୁଁ ସଚେତନ ଥିଲେ କଣ ହେବ ମୋ ପରିବାର ସାଇବର ଠକେଇ ନେଇ ସଚେତନ ନୁହନ୍ତି । ଏଣୁ ସବୁ ଲୋକ ଏ ନେଇ ସଚେନତା ହେବା ଦରକାର । ସେହିପରି ଅତିରିକ୍ତ ଏସ୍‌ପି ସନାତନ କାଲୁ ଅତିଥି ରୂପେ ଯୋଗ ଦେଇଥିଲେ । ଏଥିରେ ପୋଲିସ ଅଧିକାରୀ, କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଂସ୍କୃତିକ ଆସର ଲାଗି ରହିଥିଲା ।

## ମା'ବିମଳାଙ୍କ ଭଦ୍ରକାଳୀବେଶ

### ଶ୍ରୀ ନୀଳମାଧବ ଜୀଉଙ୍କ ସ୍ୱତନ୍ତ୍ର ବେଶ ଦର୍ଶନ କଲେ ଶ୍ରଦ୍ଧାଳୁ

ଖଣ୍ଡପଡ଼ା,୧୫।୧୦(ଅଜୟ କୁମାର ମହାରଣା)–ଜଗନ୍ନାଥ ସଂସ୍କୃତିର ଆଦିପୀଠ ନୀଳମାଧବ ପୀଠର ଇଷ୍ଟଦେବୀ ମା'ବିମଳାଙ୍କ ୧୬ପୂଜା ଦ୍ୱିତୀୟା ଓଷାଠାରୁ ଆରମ୍ଭ ହୋଇଛି । ଏହି ପାରମ୍ପରିକ ପର୍ବ ମହାନବମୀ ପର୍ଯ୍ୟନ୍ତ ଚାଲିବ । ମହାଳୟା ଅମାବାସ୍ୟାଠାରୁ ମା'ଙ୍କର ନବରାତ୍ରୀ ପୂଜା ଆରମ୍ଭ ହେବା ସହ ପ୍ରତିଦିନ ଚଣ୍ଡୀପାଠ, ହୋମଯଜ୍ଞ କରାଯାଉଛି । ଯଜ୍ଞରେ କର୍ତ୍ତା ବ୍ରଜରାଜ ମିଶ୍ର ଓ ପୁରୋଧା ଭାବେ ଶ୍ରୀକାନ୍ତ ମିଶ୍ର ଦାୟିତ୍ୱ ନିର୍ବାହ କରୁଛନ୍ତି । ମା'ଙ୍କ ନିକଟରେ ପ୍ରତିଦିନ ଖଇ, କୋରା, କାକରା, ଫଳମୂଳ, ବିରିକାନ୍ତି ଓ ଅନ୍ନଭୋଗ ଲାଗି କରାଯାଇଥାଏ । ନବରାତ୍ରୀ ପାଇଁ ପୂଜକ ମନୋଜ କୁମାର ମିଶ୍ର, ଦୟାନିଧି ମିଶ୍ର, ଶ୍ରବଣରାମ ମିଶ୍ର, ନୀଳମାଧବ ମିଶ୍ର, ମନୋରଞ୍ଜନ ମିଶ୍ର ଓ ଦୀପକ ମିଶ୍ର ପ୍ରମୁଖ ବ୍ରତଧାରଣ କରି ନବରାତ୍ରୀ ପାଳନ କରୁଛନ୍ତି । ନବରାତ୍ରୀର ୨ୟ ଦିବସ ରବିବାର ମା'ଙ୍କୁ ଭଦ୍ରକାଳୀ ବେଶରେ ସଜ୍ଜିତ କରାଯାଇଥିଲା । ଏହାଛଡା ଶ୍ରୀ ନୀଳମାଧବ ଜୀଉଙ୍କ ସ୍ୱତନ୍ତ୍ର ବେଶ କରାଯାଇଛି । ମା'ଙ୍କ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା ।

## ମା'କାଉଁରୀଙ୍କ ବେଶ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

ନୟାଗଡ଼,୧୫।୧୦(ଲୋକନାଥ ମିଶ୍ର)



ପାର୍ବଣ ଅବକାଶରେ ନୟାଗଡ଼ ବ୍ଲକର ଗୋବିନ୍ଦପୁରସ୍ଥ ମା'କାଉଁରୀ ଠାକୁରାଣୀଙ୍କ ଆଶ୍ୱିନ ପର୍ବ ନବପତ୍ରିକା ଆରମ୍ଭ ହୋଇଛି । ଆଶ୍ୱିନ ଅମାବାସ୍ୟା ପରଦିନ ପ୍ରତିପଦାଠାରୁ ନବମୀ ପର୍ଯ୍ୟନ୍ତ ଠାକୁରାଣୀଙ୍କ ଆଶ୍ୱିନ ପର୍ବ ପାଳିତ ହୋଇଥାଏ। ମା'ପ୍ରତିପଦାରେ ପିତଳ ଶ୍ରୀମୁଖରେ କମଳା ରୂପରେ ଦର୍ଶନ ଦେଉଛନ୍ତି । ମା'ଙ୍କ ବେଶ ଦେଖିବାକୁ ଭକ୍ତଙ୍କ ଭିଡ଼ ଜମୁଛି । ଅନ୍ୟପକ୍ଷେ ମା'ଙ୍କ ଚଳନ୍ତି ପ୍ରତିମା ତପ୍ତ ଷଷ୍ଠୀରେ ରୁପା ଶୀମୁଖରେ ଚମ୍ପତିପୁର ଗାଁକୁ ଯିବେ। ଏଥିପାଇଁ ମନ୍ଦିର ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି ।

## ଓଡ଼ଗାଁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ସବ୍‌ଡିଭିଜନ ମାନ୍ୟତା

### ପରିତ୍ୟକ୍ତ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଖୋଲିବା ସମ୍ଭାବନା

ଓଡ଼ଗାଁ,୧୫।୧୦
(ଆଦର୍ଶ କୁମାର ପଟ୍ଟନାୟକ)



ଅବହେଳିତ ଭାବେ ଦୀର୍ଘଦିନରୁ ପଡିରହିଥିବା ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ।

ସାରା ରାଜ୍ୟରେ ଓଡ଼ଗାଁ ସମେତ ୧୪୪ ବ୍ଲକରେ ଗ୍ରାମ୍ୟ ଉନ୍ନୟନ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଖୋଲିବା ନିମନ୍ତେ ରାଜ୍ୟପାଳଙ୍କ ଅନୁମୋଦନ ମିଳିସାରିଛି । ଏନେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ୧୧ ତାରିଖରେ ଜାରି କରାଯାଇଥିବା ଏକ ବିଜ୍ଞପ୍ତିରେ ଉଲ୍ଲେଖ ରହିଛି । ଏଥିରେ ସମସ୍ତ ନୂତନ ୧୪୪ ଗ୍ରାମ୍ୟ ଉନ୍ନୟନ ବିଭାଗ ସବ୍ ଡିଭିଜନ ଖୋଲିବା ନିମନ୍ତେ ଆବଶ୍ୟକ ୧୪୪ ଜୁନିୟର କିରାଣୀ ପଦବୀ ପାଇଁ ଆର୍ଥିକ ଅନୁମୋଦନ ନିମନ୍ତେ ବିଭାଗ ତରଫରୁ ଆକାଉଣ୍ଟାଣ୍ଟ ଜେନେରାଲଙ୍କୁ ପ୍ରଦାନ କରାଯାଇଥିବା ଚିଠିରେ ଉଲ୍ଲେଖ ରହିଛି । ଏହି ତାଲିକାରେ ଓଡ଼ଗାଁ ସମେତ ଜିଲାର ଗଣିଆ ଓ ଭାପୁର ସ୍ଥାନ ପାଇଛି । ଅନ୍ୟପକ୍ଷେ ଓଡ଼ଗାଁରେ ଅବସ୍ଥିତ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଅତ୍ୟନ୍ତ ଅବହେଳିତ ଓ ଅବ୍ୟବହୃତ ଅବସ୍ଥାରେ ଦୀର୍ଘ ଦିନରୁ ରହିଛି । ସେଠାକୁ ବହୁ ବର୍ଷ ଧରି କେହି ଆସି ନାହାନ୍ତି । ଏହି କାର୍ଯ୍ୟାଳୟରେ ବିଦ୍ୟୁତ୍ ନ ଥିବା ଦର୍ଶାଇ ଉକ୍ତ ଅଫିସକୁ କେହି ଆସୁ ନ ଥିବା ବେଳେ ସବ୍‌ଡିଡ଼ିଜନ ମାନ୍ୟତା ପାଇବା ପରେ ଉକ୍ତ କାର୍ଯ୍ୟାଳୟର ଭାଗ୍ୟରେ ପରିବର୍ତ୍ତନ ଆସିବା ସମ୍ଭାବନା ଦେଖା ଦେଇଛି । ଅନ୍ୟପକ୍ଷେ ଓଡ଼ଗାଁରେ ସବ୍‌ଡିଭିଜନ ଖୋଲିବା ପରେ ଉକ୍ତ ବ୍ଲକ ଅଧୀନ ଶରଣକୁଳ ଓ ଓଡ଼ଗାଁରେ ରହିଥିବା ୨ ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ୩୬ ପଞ୍ଚାୟତର ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟ ପରିଚାଳନାରେ ସ୍ୱଚ୍ଛତା ଆସିବା ନେଇ ଲୋକେ ଆଶାବାଦୀ ଅଛନ୍ତି । ହେଲେ ସରକାରୀ ଅନୁମୋଦନ ପାଇବା ପରେ ଏଠାରେ ସବ୍‌ଡିଭିଜନ ଅଫିସ ଖୋଲିବାକୁ ଘୋଷଣାକୁ ନେଇ ହେଉଥିବା ବିଳମ୍ବ ସମ୍ପର୍କରେ ନୟାଗଡ଼ରେ ଅବସ୍ଥାପିତ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ମତାମତ ମିଳିପାରି ନାହିଁ । ତେବେ ସହକାରୀ ଯନ୍ତ୍ରୀ ସଞ୍ଜୀବ ରଥ ଆପ୍ରୁଭାଲ ଷ୍ଟେଜରେ ଥିବା କଥା କହିଥିଲେ । ନିଜ ଦପ୍ତର ଖୋଲିବା ନେଇ ପଚାରିବାରେ ଖୁବ୍‌ଶୀଘ୍ର ଏହାକୁ କାର୍ଯ୍ୟକ୍ଷମ କରାଯିବ ବୋଲି କହିଛନ୍ତି ।

## ୯ ମାସ ବିତିଲା, ୩ ଚୋରି ଘଟଣାର ଟେର ପାଉନି ପୋଲିସ

### ପାଟ୍ରୋଲିଂ ନ ଥିବାରୁ ବଢ଼ୁଛି ଅପରାଧ

ନୟାଗଡ଼,୧୫।୧୦(ଲୋକନାଥ ମିଶ୍ର)

ନୟାଗଡ଼ ଟାଉନ ଥାନା ଅଞ୍ଚଳରେ ପାଟ୍ରୋଲିଂ ନ ଥିବାରୁ ଚୋରି, ରାହାଜାନୀ ପରି ଅପରାଧ ବଢ଼ୁଥିବା ଅଭିଯୋଗ ହୋଇଛି । ଗତ ଫେବୃୟାରୀରୁ ଅକ୍ଟୋବର ୯ ମାସ ମଧ୍ୟରେ ନୟାଗଡ଼ ଟାଉନ ଥାନା ଅଞ୍ଚଳରେ ୩ଟି ଚୋରି ଘଟଣା ଘଟିଛି । ସବୁ ଚୋରି ନୟାଗଡ଼ ସହରରୁ ହୋଇଛି । ପୋଲିସ କୌଣସି ଚୋରିର ଟେର ପାଇନାହିଁ । ତଥାପି ଚୋରି ନିୟନ୍ତ୍ରଣାଧୀନ କହି ପୋଲିସ ବାହାବା ନେଉଛି ବୋଲି ସ୍ଥାନୀୟ ଲୋକେ କହିଛନ୍ତି ।

ନୟାଗଡ଼ ଟାଉନ ଥାନା ନୀଳାଦ୍ରୀବିହାରର ଶୁକଦେବ ଦାସଙ୍କ ଘରୁ ଗତ ୧୪ ତାରିଖରେ ଚୋରି ହୋଇଛି । ଚୋରମାନେ ୧ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା, ପ୍ରାୟ ୨ ଲକ୍ଷ ଟଙ୍କାର ସୁନା ଅଳଙ୍କାର, ଏକ ନୂଆ ଆଇଫୋନ ଚୋରାଇ ନେଇଛନ୍ତି । ଶୁକଦେବଙ୍କ ପରିବାର ଶ୍ରାଦ୍ଧ ପକାଇବା ପାଇଁ ନିଜ ଗାଁ ଖଣ୍ଡପଡ଼ା ଥାନାର ଖଳିସାହିକୁ ୨ ଦିନ ତଳେ ଯାଇଥିଲେ । ଏହାର ସୁଯୋଗ ନେଇ ଚୋରମାନେ ପାଚେରିରେ ଚଢ଼ି ପାଇଖାନା ଝରକା ତାଡି ଘରେ ପଶିଥିଲେ । ଘର ଜୁଗୁଆଳିକୁ ମାରପିଟ୍ କରି ତାଙ୍କୁ ଘରେ ପୁରାଇ ତାଲା ପକାଇ ଦେଇଥିଲେ । ପରେ ଘରୁ ସବୁ ଅଳଙ୍କାର ଓ ଟଙ୍କା ଲୁଟି ନେଇଥିଲେ । ଚୋରି ଘଟଣାର ୩୦ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ବି ପୋଲିସ ଏ ନେଇ କିଛି ସୁରାକ ପାଉନି । ସେହିଭଳି ନୟାଗଡ଼ ପୁରୁଣା ସହର ଭିଜିଲାନ୍ସ କାର୍ଯ୍ୟାଳୟ ଲେନ୍‌ରେ ଗତ ସେପ୍ଟେମ୍ବର ୧୭ ତାରିଖ ରବିବାର ସନ୍ଧ୍ୟାରେ ୩ଜଣ ଦୁର୍ବୃତ୍ତ ପାଣି ମାଗି ଘରେ କଳା କନା ବୁଲାଇ ଦେଇଥିଲେ। ଘର ମାଲିକାଣି ଉର୍ମିଳା ଦେଓଙ୍କୁ ବାନ୍ଧି, ମାରପିଟ୍ କରି ଟ୍ରଙ୍କ ଓ ଆଲମିରାରୁ ଦେଢ଼ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଓ ୨ ଲକ୍ଷ ଟଙ୍କା ଲୁଟି ନେଇଥିଲେ । ଲୁଟେରା ଚାଲି ଯିବା ପରେ ଉର୍ମିଳା ବହୁ କଷ୍ଟରେ ବାହାରକୁ ଆସି ଲୁଟ୍ ସମ୍ପର୍କରେ କହି ସହଯୋଗ ମାଗିଥିଲେ । ସ୍ଥାନୀୟ ଲୋକ ଉର୍ମିଳାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ । ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାନ୍‌ଭିନ୍ ଆରମ୍ଭ କରିଥିଲା। ଘଟଣାର ୨୯ ଦିନ ପରେ ପୋଲିସ ହାତ ଖାଲି । ପୋଲିସ ଅନ୍ଧାରରେ ବାଡି ବୁଲାଉଥିବା ଅଭିଯୋଗ ହୋଇଛି ।

ପୁଣି ନୀଳମାଧବ କଲ୍ୟାଣ ମଣ୍ଡପ ଲେନରେ ରହୁଥିବା ବାହାଡାଝୋଲା ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ସୁଦାମ ଚରଣ ଜେନାଙ୍କ ଘରୁ ଗତ ଫେବୃୟାରୀ ୧୧ରେ ୨୦ରୁ ୨୫ ଲକ୍ଷ ଟଙ୍କାର ସୁନା ଅଳଙ୍କାର ସହ ୫୦ ହଜାର ଟଙ୍କା ଚୋରି ହୋଇଥିଲା । ସୁଦାମ ସେଦିନ ଅଫିସକୁ ଚାଲି ଯାଇଥିଲେ । ଶିକ୍ଷୟିତ୍ରୀ ସ୍ତ୍ରୀ ସ୍କୁଲକୁ ଯାଇଥିଲେ । ସୁଦାମଙ୍କ ଘରେ ଭଡାରେ ରହୁଥିବା ପରିବାର ଘର ଛାଡି ଦେଇଥିଲେ । ଦୀର୍ଘ ୬ରୁ ୭ ଘଣ୍ଟା ଘରେ ତାଲା ପଡୁଥିବା ଦେଖି ଚୋରମାନେ ସେହି ଘରକୁ ଟାର୍ଗେଟ କରି ଚୋରି କରିଥିଲେ । ବାରିପଟ ଝରକା ଗ୍ରୀଲ ଭାଙ୍ଗି ଘରେ ପଶି ଦାଣ୍ଡପଟ କବାଟ ଭିତର ପଟୁ ଲକ୍ କରି ଦେଇଥିଲେ । ପରେ ଗଡ୍ରେଜ ଭଙ୍ଗାରୁଜା କରି ଟଙ୍କା ଓ ସୁନା ଅଳଙ୍କାର ଚୋରି କରିଥିଲେ । ଅପରାହ୍ନ ୪ଟାରେ ଘରକୁ ଫେରିବା ପରେ ଦାଣ୍ଡପଟ କବାଟ ଭିତର ପଟୁ ଲକ୍ ହୋଇଥିବା ଦେଖି ସନ୍ଦେହ ବଢ଼ିଥିଲା । ପରେ ଚୋରି ଘଟଣା ନଜରକୁ ଆସିଥିଲା । ଚୋରି ଘଟଣାକୁ ୯ ମାସ ବିତି ଯିବାକୁ ବସିଥିବାବେଳେ ପୋଲିସ ପ୍ରସଙ୍ଗକୁ ଶୀତଳଭଣ୍ଡାରକୁ ଫୋପାଡି ନୀରବତା ଅବଲମ୍ବନ କରିଛି ।

## ରାସ୍ତାରେ ବୁଲୁଛନ୍ତି ବାର୍‌ହା, ବଢ଼ୁଛି ଦୁର୍ଘଟଣା

ନୟାଗଡ଼,୧୫।୧୦(ଲୋକନାଥ ମିଶ୍ର):ନୟାଗଡ଼ ଜିଲାର ଶରଣକୁଳ ଥାନା ଅଞ୍ଚଳର ବିଭିନ୍ନ ରାସ୍ତାରେ ବାର୍‌ହାଙ୍କ ଉତ୍ପାତ ଆରମ୍ଭ ହୋଇଛି । କୌଣସି ବ୍ୟକ୍ତି ରାସ୍ତାରେ ବାଇକ୍, ସାଇକେଲରେ ଯାଉଥିବାବେଳେ ବାର୍‌ହା ଅତର୍କିତ ଭାବେ ରାସ୍ତା ଅତିକ୍ରମ କରୁଥିବାରୁ ଦୁର୍ଘଟଣା ବଢ଼ୁଛି । ଲଡୁବାବାଙ୍କ ଯାତ୍ରା ପଡ଼ିଆକୁ ସନ୍ଧ୍ୟା ହେଲେ ବାର୍‌ହାଙ୍କ ଗହଳି ବଢ଼ୁଛି । କେତେକ ବାର୍‌ହା ଯାତ୍ରା ପଡିଆରୁ ବିଭିନ୍ନ ରାସ୍ତାକୁ ଦୌଡ଼ି ଯାଉଛନ୍ତି । ସେହିପରି ଶରଣକୁଳ ନୟାଗଡ଼ ରାସ୍ତା, ଶରଣକୁଳ - ଓଡ଼ଗାଁ ରାସ୍ତା, ଶରଣକୁଳ - ଶିଖରପୁର ରାସ୍ତା, ଗୋଡିସାହି - ବାଉଁଶିଆ ରାସ୍ତା, କଟରାଝରୀ - ସାବିଦେଇପୁର ରାସ୍ତାରେ ଅନୁରୂପ ଭାବେ ବାର୍‌ହା ପଲ ସନ୍ଧ୍ୟା ପରେ ଦେଖିବାକୁ ମିଳୁଛନ୍ତି। ଅଧିକାଂଶ ବାର୍‌ହା ଜଙ୍ଗଲକୁ ନ ଯାଇ ଦିନରେ ଶରଣକୁଳ ଚିନାମାଳି ଗହୀରର ନେତ୍ରା ପୋଖରୀ ପାଖରେ ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି ।

## ସଂକ୍ଷେପରେ

### ଇନର ହୁଇଲ୍ କ୍ଲବ୍ ଜିଲା ଅଧ୍ୟକ୍ଷାଙ୍କ ଜାରକା କ୍ଲବ ପରିଦର୍ଶନ

ଧର୍ମଶାଳା,୧୫।୧୦(ବଟକୃଷ୍ଣ ପରିଡ଼ା): ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ ଜାରକା ଇନର ହୁଇଲ କ୍ଲବକୁ ଶନିବାର ଜିଲା ଅଧ୍ୟକ୍ଷା ରସିକା ବାହାଦୁର ପରିଦର୍ଶନରେ ଆସି ବିଭିନ୍ନ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି। ଜାରକା କ୍ଲବ୍ ସଭାପତି ଶୁଭଲକ୍ଷ୍ମୀ କରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କ୍ଲବର ପୂର୍ବତନ ସଭାପତି ଶକୁନ୍ତଳା ମହାନ୍ତି, ଅରୁଣା ରଶ୍ମି ସାମଲ, କୋଷାଧ୍ୟକ୍ଷ ଅର୍ଚ୍ଚନା ସ୍ୱାଇଁ ଓ ଇନ୍ଦୁପ୍ରଭା ସାମଲ ପ୍ରମୁଖ ଯୋଗଦେଇଥିଲେ। ସବିତା ସାହୁଙ୍କୁ ନୂତନ ସଭ୍ୟା ଭାବେ ଗ୍ରହଣ କରାଯାଇଥିବାବେଳେ ସସ୍ମିତା ରାଉତ ଓ ତାଙ୍କ ୨ ଝିଅଙ୍କୁ ବସ୍ତ୍ର ଏବଂ ଅର୍ଥରାଶି ପ୍ରଦାନ କରାଯାଇଥିଲା। ବିଷ୍ଣୁ ସାମନ୍ତରା କଲେଜର କୃତୀ ଛାତ୍ରୀ କସ୍ତୁରୀ ଦାସଙ୍କୁ ସାଇକେଲ ପ୍ରଦାନ କରାଯାଇଥିଲା। କ୍ଲବର ବାର୍ଷିକ ମୁଖପତ୍ର ଅସ୍ମିତାକୁ ଜିଲା ଅଧ୍ୟକ୍ଷା ଲୋକାର୍ପଣ କରିଥିଲେ। ଜାରକା କ୍ଲବର ସମ୍ପାଦକ ବିଶ୍ୱମିତ୍ରା ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ପରେ କ୍ଲବ କର୍ମକର୍ତ୍ତା ଓ ଜିଲା ଅଧ୍ୟକ୍ଷା ମଧୁପୁର ଗଡ଼ ହାଇସ୍କୁଲ ପରିଦର୍ଶନ କରି ଛାତ୍ରୀଛାତ୍ରଙ୍କୁ ଖେଳ ସାମଗ୍ରୀ ଓ ୱାଇଫାଇ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମିନତି ସାହୁ, ମାଧୁରୀ ଶତପଥୀ, ରଶ୍ମିତା ନାୟକ, ଗୋଲାପ ପଣ୍ଡା, କଳ୍ପନା ପରିଡ଼ା, ଉପାସନା ଶତପଥୀ, ପ୍ରଭାତ ନଳିନୀ ସାହୁ, ଲୋପମୁଦ୍ରା ଷେଣ୍ଡ, କଳ୍ପନା ନାୟକ, କାଦମ୍ବିନୀ ମିଶ୍ର ଓ ସରୋଜିନ ପଣ୍ଡାଙ୍କ ସମେତ କ୍ଲବର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ବେଆଇନ ବାଲି ପରିବହନକୁ ନେଇ ଉତ୍ତେଜନା

- ଠିକାଦାର ସପକ୍ଷ,ବିପକ୍ଷ ଗୋଷ୍ଠୀ ମୁହାଁମୁହିଁ
- ଖବରଦାତାଙ୍କ ବାଇକ୍ ଅଟକାଇଲେ ବାଲି ମାଫିଆ
- ପୋକ୍‌ଲିନ, ହାଇୱା ଜବତ



ଜବତ ହାଇୱା ଓ ପୋକ୍‌ଲିନ୍।

ରସୁଲପୁର,୧୫।୧୦(ରଞ୍ଜିତ ରାଉତ): ରସୁଲପୁର ତହସିଲ ଅଧୀନ ବାରବାଟୀ ପଞ୍ଚାୟତ ଭଗତପୁର ଓ ପଦ୍ମପୁର ଗ୍ରାମ ସୀମାନ୍ତବର୍ତ୍ତି ଅଞ୍ଚଳ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ ପଠା(ଭଗତପୁର ବାଲିଘାଟ)ରୁ ରାତି ଅଧିଆ ବେଆଇନ ବାଲି ପରିବହନ ନେଇ ରବିବାର ଭଗତପୁର ଗାଁରେ ଉତ୍ତେଜନା ପ୍ରକାଶ ପାଇଛି। ବାଲି ପରିବହନରେ ସମ୍ପୃକ୍ତ ଠିକା ସଂସ୍ଥା ପାଇଁ ୨ ଗ୍ରାମର ସପକ୍ଷ ଓ ବିପକ୍ଷ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଏ ନେଇ ଭଗତପୁର ଗ୍ରାମବାସୀଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଛି। ଧର୍ମଶାଳା ଥାନା ପକ୍ଷରୁ ଏକ ଟିମ୍ ପହଞ୍ଚି ବାଲି ପରିବହନରେ ବ୍ୟବହୃତ ଏକ ଟିପ୍ପର ଓ ପ୍ରୋକଲିନ ମେଶିନ ଜବତ କରିଛି। ଘଟଣାକୁ ନେଇ ଖବର ସଂଗ୍ରହ କରିବା ସହ ଘାଟର ଫଟୋ ଉତ୍ତୋଳନ କରୁଥିବା ଖବରଦାତାମାନଙ୍କ ବାଇକ୍‌କୁ ପଦ୍ମପୁର ଗ୍ରାମର କେତେଜଣ ମାଫିଆ ଅଟକ ରଖିଥବାବେଳେ ପୋଲିସ ହସ୍ତକ୍ଷେପ କରି ତାହାକୁ ଉଦ୍ଧାର କରିଛି। ଅଭିଯୋଗର ୮ ଘଣ୍ଟା ପରେ ବି ଥାନାରେ ମାମଲା ରୁଜୁ ହୋଇ ନ ଥିବା ପୋଲିସ ସୂତ୍ରରୁ ଜଣାଯାଇଛି।

ତହସିଲ ପକ୍ଷରୁ ଭଗତପୁର ବାଲିଘାଟକୁ ନିଲାମ ଦିଆଯାଇଥିଲା। ବାଲିଘାଟ ଯୋଗୁ ଗ୍ରାମବାସୀଙ୍କ ଧନଜୀବନ ପ୍ରତି ବିପଦ ସୃଷ୍ଟି ହେଉଥିଲା। ଏହାକୁ ନେଇ ଗ୍ରାମବାସୀଙ୍କ ପକ୍ଷରୁ କୋର୍ଟରେ ମାମଲା ରୁଜୁ କରାଯାଇଛି। ମାମଲା ଏଯାଏ କୋର୍ଟରେ ବିଚାରାଧୀନ ଅଛି। ନିଲାମ ବାଲିଘାଟ ପରିଚାଳନା ଉପରେ କୋର୍ଟ ପକ୍ଷରୁ ରୋକ୍ ଲଗାଯାଇଆସୁଛି। ହେଲେ ଏହାକୁ ଅଣଦେଖା କରି ମାଫିଆ ଓ ଠିକାଦାରମାନେ ରାତି ଅଧିଆ ବାଲି ପରିବହନ କରୁଥିବା ଭଗତପୁର ଗ୍ରାମବାସୀ ଜାଣିବାକୁ ପାଇଥିଲେ। ତେଣୁ ଶନିବାର ରାତି ପ୍ରାୟ ସାଢ଼େ ୧୨ଟାରେ ଗ୍ରାମବାସୀ ଘାଟରେ ପହଞ୍ଚି ପରିବହନରେ ବ୍ୟବହୃତ ଗାଡ଼ିଗୁଡ଼ିକୁ ଅଟକ ରଖିଥିଲେ। କେତେକ ଗାଡ଼ି ଚତୁରତାର ସହ ଖସି ପଳାଇଥିଲେ। ଗାଁ ଲୋକେ ବାଲି ଖୋଳିବାରେ ବ୍ୟବହୃତ ପ୍ରୋକଲିନ ମେଶିନ ଓ ଗୋଟିଏ ଟିପ୍ପରକୁ କାବୁ କରିବାରେ ସକ୍ଷମ ହୋଇଥିଲେ। ବାଲି ପରିବହନ କାର୍ଯ୍ୟ ତଦାରଖ କରୁଥିବା ବ୍ୟକ୍ତିଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲା। ଏହି ସୁଯୋଗରେ ବେଆଇନ ବାଲି ଚାଲାଣରେ ସଂପୃକ୍ତ ଜାରକା ଅଞ୍ଚଳର କେତେଜଣ ବ୍ୟକ୍ତି ଖସି ପଳାଇଥିଲେ। ବାଲି ପରିବହନରେ ଏକ ଠିକାସଂସ୍ଥା ସମ୍ପୃକ୍ତି ରହିଛି ବୋଲି ଜଣାପଡ଼ିଥିଲା। ଠିକାସଂସ୍ଥା ପକ୍ଷରୁ ବାଲି ନିଆଯାଇ ବ୍ରାହ୍ମଣୀ ନଦୀବନ୍ଧ ରାସ୍ତାର ବାରବାଟୀଠାରୁ ଶିଆଳିଆ ପର୍ଯ୍ୟନ୍ତ ପ୍ରଶସ୍ତୀକରଣ କାର୍ଯ୍ୟରେ ବ୍ୟବହାର କରାଯାଉଛି। ଠିକାସଂସ୍ଥା ବାଲି ଚୋରି କରି ଲକ୍ଷାଧିକ ଟଙ୍କାର ରାଜସ୍ୱ ଫାଙ୍କୁଥିବା ଜଣାଯାଇଛି। ଏହାକୁ ଭଗତପୁର ଗ୍ରାମବାସୀ ବିରୋଧ କରିବାରୁ ପଡ଼ୋଶୀ ପଦ୍ମପୁର ଗ୍ରାମର କେତେଜଣ ଲୋକ ଠିକାସଂସ୍ଥା ସପକ୍ଷରେ ବାହାରିଥିଲେ। ସେହି ଗାଁର ଜଣେ ବ୍ୟକ୍ତି ଠିକାଦାରୀ କାର୍ଯ୍ୟରେ ସମ୍ପୃକ୍ତି ରହିଥିବା ଜଣାଯାଇଛି। ଉକ୍ତ ବ୍ୟକ୍ତିଙ୍କ ପ୍ରରୋଚନାରେ କେତେଜଣ ବ୍ୟକ୍ତି ମାରଣାସ୍ତ୍ର ଧରି ବାଲିଘାଟରେ ପହଞ୍ଚିଥିଲେ। ଫଳରେ ଉଭୟ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ। ପୋଲିସ ପହଞ୍ଚିବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ଉଭୟ ଗୋଷ୍ଠୀ ମଧ୍ୟରେ ଛକାପଞ୍ଝା ଲାଗି ରହିଛି। ଅପରପକ୍ଷରେ ପୋଲିସର କୋହଳ ମନୋଭାବ ବାଲି ମାଫିଆ ଓ ଠିକାଦାରଙ୍କୁ ପ୍ରୋତ୍ସାହିତ କରୁଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, ବାଲିଘାଟକୁ ନେଇ ଭଗତପୁର ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି। ବାଲିଘାଟରେ ଜବତ ଗାଡ଼ି ୨ଟି ଫସି ରହିଛି। ତେଣୁ ମାମଲା ରୁଜୁ କରାଯାଇ ପଦକ୍ଷେପ ନିଆଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଯୁବକଙ୍କ ସନ୍ଦେହଜନକ ମୃତ୍ୟୁ

**ନାଳରୁ ମୃତଦେହ ଜବତ, ପୋଲିସ ତଦନ୍ତ ଆରମ୍ଭ**


ଅବିନାଶ ସ୍ୱାଇଁ

ରସୁଲପୁର,୧୫।୧୦(ରଞ୍ଜିତ ରାଉତ): କୁଆଖିଆ ଥାନା ଅନ୍ତର୍ଗତ ଗନ୍ଧଣ ପଞ୍ଚାୟତ କାର୍ଯ୍ୟାଳୟ ପଛପଟ ନାଳରୁ ଜଣେ ଯୁବକଙ୍କ ମୃତଦେହ ଜବତ କରାଯାଇଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସଂରକ୍ଷିତ ରଖିଛି। ସୋମବାର ବ୍ୟବଚ୍ଛେଦ ପାଇଁ ଯାଜପୁର ଜିଲା ମୁଖ୍ୟ ଚିକିତ୍ସା କେନ୍ଦ୍ରକୁ ପଠାଯିବ। ମୃତକ ହେଲେ ଅବିନାଶ ସ୍ୱାଇଁ(୨୨)। ତାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିବା ଜଣାଯାଇଛି। ପୋଲିସ ଏହାର ତଦନ୍ତ ଆରମ୍ଭ କରିଛି। କେଉଁ ପରିସ୍ଥିତିରେ ଯୁବକଙ୍କ ମୃତ୍ୟୁ ଘଟିଲା ତଦନ୍ତରୁ ସ୍ପଷ୍ଟ ହୋଇପାରିବ ବୋଲି କୁହାଯାଉଛି।

ଅବିନାଶ ଦୀର୍ଘବର୍ଷ ହେବ ମାମୁଁ ଘର ଗନ୍ଧଣରେ ରହି ଆସୁଥିଲେ। କୌଣସି ଏକ ବିବାଦ କାରଣରୁ ସ୍ଥାନୀୟ ନଠୁଆବର ଅଞ୍ଚଳରୁ ଆସି ତାଙ୍କ ପରିବାର ଏଠାରେ ରହୁଥିଲେ। ରବିବାର ଅପରାହ୍ନରେ ତାଙ୍କ ମୃତଦେହ ନାଳରେ ଭାସୁଥିବା ଗାଁ ଲୋକଙ୍କ ନଜରକୁ ଆସିଥିଲା। ସେମାନେ ଏହାଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଯୁବକ ଜଣକ ନିଶାଦ୍ରବ୍ୟ ସେବନରେ ଅଭ୍ୟସ୍ତ ଥିଲେ। ସେ ନିଶାରେ ଶୌଚ ହେବାକୁ ନାଳକୁ ଯାଇ ପାଣିରେ ପଡିଯାଇ ମୃତ୍ୟୁବରଣ କରିଥାଇ ପାରନ୍ତି ବୋଲି ପୋଲିସ ପ୍ରାଥମିକ ତଦନ୍ତରୁ ଅନୁମାନ ଲଗାଇଛି। ମୃତ ଯୁବକଙ୍କ ବଡ଼ଭାଇ ଆଶିଷ ସ୍ୱାଇଁ ଏ ନେଇ ଥାନାରେ ଅଭିଯୋଗ କରିବା ପରେ ପୋଲିସ ନଂ.୧୯/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହୋଇପାରିବ ବୋଲି ଥାନା ଅଧିକାରୀ ଶ୍ରୀକାନ୍ତ କୁମାର ବାରିକ ସୂଚନା ଦେଇଛନ୍ତି।

# ନୂଆଁଖାଇ ଭେଟ୍‌ଘାଟ୍ ଭାଇଚାରାର ନିଦର୍ଶନ

**ଯାଜପୁର ସହିତ ପଶ୍ଚିମ ଓଡ଼ିଶାବାସୀଙ୍କ ଐତିହାସିକ ସମ୍ପର୍କ ନିବିଡ଼ ଥିଲା**


ନୂଆଁଖାଇ ଭେଟଘାଟ ଉତ୍ସବର ସଭ୍ୟାସଭ୍ୟ।

ଯାଜପୁର,୧୫।୧୦(ହର୍ଷବର୍ଦ୍ଧନ ବେହେରା) : ପୂର୍ବରୁ ଭିନ୍ନ ଭିନ୍ନ ଦିନରେ ନୂଆଁଖାଇ ପାଳିତ ହେଉଥିଲା । ୧୯୯୨ରୁ ସାରା ପଶ୍ଚିମ ଓଡ଼ିଶାବାସୀ ଗୋଟିଏ ଲଗ୍ନରେ ଭାଦ୍ରବ ଶୁକ୍ଳପକ୍ଷ ପଞ୍ଚମୀ ତିଥିରେ ନୂଆଁଖାଇ ପାଳନ କରି ଆସୁଛନ୍ତି । ତେବେ ନୂଆଁଖାଇ ପାଳନର ପ୍ରାୟ ୧ ମାସ ପରେ ରାଜ୍ୟର ଉପକୂଳବର୍ତ୍ତୀ ଯାଜପୁର ଜିଲାରେ ପ୍ରବାସୀ ପଶ୍ଚିମ ଓଡ଼ିଶାବାସୀଙ୍କ ନୂଆଁଖାଇ ଭେଟଘାଟ ଏକ ଭାଇଚାରାର ନିଦର୍ଶନ ଦେଇଛି ବୋଲି ଅତିଥିମାନେ କହିଛନ୍ତି ।

ରବିବାର ଯାଜପୁର ଜିଲା ବ୍ୟାସନଗର ସଂସ୍କୃତି ଭବନଠାରେ ସୁବୋଧ ପଣ୍ଡା, ଉମାରାଣୀ ଦେବତା, ଶ୍ୱେତାଲିନା ମହାପାତ୍ର ଓ ସଂସ୍କୃତି ପଣ୍ଡାଙ୍କ ସଂଯୋଜନାରେ ନୂଆଁଖାଇ ଭେଟଘାଟ ଅନୁଷ୍ଠିତ ହୋଇଥିଲା। ଏଥିରେ ସମସ୍ତଙ୍କ ମୁହଁରେ ନୂଆଁଖାଇ ଜୁହାର ଶୁଣିବାକୁ ମିଳିଥିଲା। ବ୍ୟାସନଗର ନୂଆଁଖାଇ ପରିବାରର ସଭାପତି ନୀଳକଣ୍ଠ ପ୍ରଧାନ, ସମ୍ପାଦକ ରାଧାକାନ୍ତ ସାହୁଙ୍କ ସମେତ ପୂର୍ଣ୍ଣେନ୍ଦୁ ଶୁକ୍ଳା, ବରୁଣ ବନ୍‌ଛୋର, ସୁମନ୍ତ ପଣ୍ଡା, ପ୍ରୀତିଶ ଗଡତ୍ୟା ପ୍ରମୁଖ ନୂଆଁଖାଇ ସମ୍ପର୍କରେ ସମ୍ୟକ୍ ସୂଚନା ଦେଇଥିଲେ। ସେମାନଙ୍କ ମତରେ କୃଷି, କୃଷକ ଓ ଶ୍ରମିକଙ୍କ ମଧ୍ୟରେ ନିବିଡ଼ ସମ୍ପର୍କ ରହିଛି । କେତେକ ନିର୍ଦ୍ଦିଷ୍ଟ ଜାତିର ଚଳଣି ଅନୁଯାୟୀ ବିଭିନ୍ନ ପତ୍ରରେ ଇଷ୍ଟଦେବୀଙ୍କୁ ନବାନ୍ନ ଭୋଗ ବଢ଼ାଯାଇଥାଏ ଏବଂ ସେହି ପତ୍ରରେ ନୂଆ ଖାଇବାର ପରମ୍ପରା ରହିଛି । ମହୁଲ, କୁରେଇ, ସର୍ଗି ପତ୍ରକୁ ମୁଖତଃ ଏଭଳି ବ୍ୟବହାର କରାଯାଇଥାଏ । ଏହାପଛରେ ନିର୍ଦ୍ଦିଷ୍ଟ ଗଛ ଓ ଇଷ୍ଟଦେବୀଙ୍କ ପାରମ୍ପରିକ ସମ୍ପର୍କ ରହିଛି । ସାଂପ୍ରତିକ ଅର୍ଥନୀତି ଓ ବିକାଶର ଧାରା ମଧ୍ୟ ନୂଆଁଖାଇକୁ ପ୍ରଭାବିତ କରିଛି। ଚାଷୀ ପରିବାରର ପୁଅ ଚାକିରି କରିବାକୁ ଘର ଛାଡି ଦୂରଦୂରାନ୍ତକୁ ଯାଇଛି । ତେଣୁ ନୂଆଁଖାଇରେ ପରିବାର ଲୋକେ ସମସ୍ତେ ଏକଜୁଟ ହେବା ଆଉ ସମ୍ଭବପର ହୋଇପାରୁନାହିଁ । ସେଥିପାଇଁ ନୂଆଁଖାଇ ଭେଟ୍‌ଘାଟ୍ ଏକ ପ୍ରମୁଖ ମାଧ୍ୟମ ବୋଲି ସେମାନେ କହିଛନ୍ତି। ଅନ୍ୟପକ୍ଷେ ବରିଷ୍ଠ ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା ଏହି ଅବସରରେ ଉପସ୍ଥିତ ରହି ଯାଜପୁର ଏବଂ ପଶ୍ଚିମ ଓଡ଼ିଶାର ସୁବର୍ଣ୍ଣପୁର ସହିତ ଐତିହାସିକ ନିବିଡ଼ିତା ଉପରେ ଆଲୋକପାତ କରିଥିଲେ। ସମ୍ରାଟ୍ ଯଯାତି କେଶରୀଙ୍କ ସମୟରୁ ଯାଜପୁର ଏବଂ ପଶ୍ଚିମ ଓଡ଼ିଶାବାସୀଙ୍କ ସହିତ ଭାଇଚାରା ରହି ଆସିଛି । ତେଣୁ ଏବେ ବି ସେହି ପରମ୍ପରା ଚାଲି ଆସୁଛି ବୋଲି କହିଥିଲେ। ଏହାପରେ ଏହି ଭେଟ୍‌ଘାଟ୍‌କୁ ସଫଳ କରିଥିବା କର୍ମକର୍ତ୍ତା, ସାଂସ୍କୃତିକ କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସଭ୍ୟାସଭ୍ୟ ପ୍ରମୁଖଙ୍କୁ ପୁରସ୍କୃତ କରାଯାଇଥିଲା। ଏହାପୂର୍ବରୁ ସମ୍ବଲପୁରର ସାଂସ୍କୃତିକ ଦଳ ରାଇଝାଇଁ ପକ୍ଷରୁ ପରିବେଶିତ ନାଚଗୀତରେ ସମସ୍ତେ ଝୁମି ଉଠିଥିଲେ। ଢୋଲ, ନିଶାନ, ତାସା, ମହୁରୀର ତାଳେତାଳେ ସମସ୍ତେ ମନ୍ତ୍ରମୁଗ୍ଧ ହୋଇଥିଲେ। ଶେଷରେ ଆଗାମୀ କାର୍ଯ୍ୟକ୍ରମଗୁଡ଼ିକ ପାଇଁ ନୂତନ କର୍ମକର୍ତ୍ତା ଘୋଷଣା କରାଯାଇଥିଲା।

## ୧୦ ବର୍ଷ ପରେ ଫେରାର ଅଭିଯୁକ୍ତ ଗିରଫ

ଧାମନଗର,୧୫।୧୦ (ସନ୍ତୋଷ ମହାପାତ୍ର) ଯୌତୁକଜନିତ ନିର୍ଯାତନା ସହ ବଧୂହତ୍ୟା ମାମଲାରେ ଦୀର୍ଘ ୧୦ ବର୍ଷ ଧରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଧାମନଗର ପୋଲିସ ଶନିବାର ବିଳମ୍ବିତ ରାତିରେ ଦୋବଲ ଗ୍ରାମର ତାଙ୍କ ଘରୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଦୋବଲର ସେକ୍ ଚାନ୍ଦ ବାବୁ। ୨୦୧୩ ରେ ତାଙ୍କ ନାମରେ ଯୌତୁକଜନିତ ନିର୍ଯାତନା ଓ ବଧୂହତ୍ୟା ନେଇ ଧାମନଗର ଥାନାରେ ଅଭିଯୋଗ ହୋଇଥିଲା।

ପ୍ରକାଶ ଯେ, ସେ ଧାମନଗର ଅଞ୍ଚଳର କାଜି ମହଲାର ମୀର ପ୍ୟାରୀଙ୍କ ଝିଅାରୀ ଚାନ୍ଦ ମୁନି(୨୨)ଙ୍କୁ ୨୦୧୧ରେ ବୈଦିକ ରୀତିରେ ବିବାହ କରିଥିଲେ। ପରବର୍ତ୍ତୀ ସମୟରେ ଅଧିକ ଯୌତୁକ ଦାବି କରି ଚାନ୍ଦ ମୁନିଙ୍କୁ ନିର୍ଯାତନା ଦେଉଥିଲେ। ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଯୌତୁକକୁ ନେଇ ବାରମ୍ବାର ଝଗଡ଼ା ଲାଗିରହୁଥିଲା। ୨୦୧୩ ଡିସେମ୍ବର ୨୯ରେ ଚାନ୍ଦ ମୁନିଙ୍କୁ ତାଙ୍କ ସ୍ୱାମୀ ଘର ଲୋକଙ୍କ ସହାୟତାରେ ମାରି ଦେଇଥିବା ନେଇ ମୀର ପ୍ୟାରୀ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା (ନଂ.୨୫୭/୨୦୧୩) ରୁଜୁ ହୋଇଥିଲା। ସେବେଠାରେ ସେକ୍ ଚାନ୍ଦ ବାବୁ ଫେରାର ଥିଲେ। ଧାମନଗର ଥାନାଧିକାରୀ ଫନୀନ୍ଦ୍ର ଭୂଷଣ ନାୟକ, ଏସ୍‌ଆଇ ନୋରେନ ଖୁଜୁରଙ୍କ ସମେତ ଏକ ଟିମ୍ ଚଢ଼ାଉ କରି ତାକୁ ଗିରଫ କରିଛନ୍ତି।

# ସଂଖ୍ୟାଲଘୁ ସମ୍ପ୍ରଦାୟର ବନ୍ଧୁମିଳନ


ବନ୍ଧୁମିଳନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

ବ୍ରହ୍ମବରଦା,୧୫।୧୦(ଯଯାତି କେଶାରୀ ବେହେରା): ବରୀ ବିଜୁ ଜନତା ଦଳ ପକ୍ଷରୁ ରସୁଲପୁର ବ୍ଲକ୍ ବ୍ରହ୍ମବରଦା ପଞ୍ଚାୟତସ୍ଥିତ ମୁସାଇରା ପଡ଼ିଆରେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକମାନଙ୍କୁ ନେଇ ଏକ ବନ୍ଧୁମିଳନ ରବିବାର ଅନୁଷ୍ଠିତ ହୋଇଯାଇଛି। ଜାବିର ଅଲ୍ଲିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ଏମ୍‌ପି ମଜିବୁଲ୍ଲା ଖାଁ(ମୁନ୍ନା ଭାଇ), ମୁଖ୍ୟବକ୍ତା ଭାବେ ଯାଜପୁର ଲୋକସଭା ସଦସ୍ୟା ଶର୍ମିଷ୍ଠା ସେଠୀ, ଶିକ୍ଷାବିତ ଆଲ୍ଲାଉଦ୍ଦିନ ଖାଁ, ସମ୍ମାନିତ ଅତିଥିଭାବେ ବରୀ ବିଧାୟିକା ସୁନନ୍ଦା ଦାସ ଓ ରସୁଲପୁର ସମିତିସଭ୍ୟ ଉପାଧ୍ୟକ୍ଷ ଜାୟନ୍ତୀ ଦାସ ଯୋଗ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ବ୍ରହ୍ମବରଦା ସରପଞ୍ଚ ମମତା ଶୁଭଦର୍ଶନୀ ଦେଓ, ମହେଶ୍ୱରପୁର ସରପଞ୍ଚ ଝରଣା ପାତ୍ର, ବନ୍ଧଡ଼ିହ ସରପଞ୍ଚ ବିକ୍ରମ ବେହେରା, ରାଉତରାପୁର ସରପଞ୍ଚ ସ୍ୱର୍ଣ୍ଣଲତା ସାହୁ, ବ୍ରହ୍ମବରଦା ସମିତିସଭ୍ୟ ରକସାନା ପରଭିନ, ଅବୁଦ୍ଦୁଲ ଦୟାନ ଖାଁ, ଫିରଦୋଷ ଆଲାମ, ଅକ୍ତର ହୁସେନ, ଅବଦୁଲ ହୁସେନ ଓ ଫୈଜଲ୍ଲ ଅଲ୍ଲି ଯୋଗଦେଇ ମୁସଲମାନ ସମ୍ପ୍ରଦାୟର ଲୋକଙ୍କ ମୌଳିକ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଭିନ୍ନ ସ୍କୁଲ୍‌ରେ ଫାଙ୍କାଥିବା ଉର୍ଦ୍ଦୁ ଶିକ୍ଷକ ପଦବୀ ଶୀଘ୍ରପୂରଣ କରିବା, ମଦରସାରେ ପଢ଼ାଉଥିବା ମୌଲବିଙ୍କୁ ଦରମା ପ୍ରଦାନ, ହଜଯାତ୍ରୀଙ୍କ ପାଇଁ ଭୁବନେଶ୍ୱରଠାରେ ହଜ ଟ୍ରେନିଂ ସେଣ୍ଟର ଖୋଲିବା ଓ ହଜ ଯାତ୍ରା ପାଇଁ ଭୁବନେଶ୍ୱରରୁ ବିମାନ ଉଡ଼ାଣ ଆରମ୍ଭ ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ବ୍ରହ୍ମବରଦା ଯୁବନେତା ରାକେଶ ଦେଓ, ପ୍ରଶାନ୍ତ ରାଉତ, ହିମାଂଶୁନାୟକ, ଆବୁଲା ଭାଇ ଓ ଅନଓ୍ୱର ଖାଁ ଉପସ୍ଥିତ ରହି ସହଯୋଗ କରିଥିଲେ। ଜୁଲ୍‌ଫିକର ଅଲ୍ଲି ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ସାବିର ଅଲ୍ଲି ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ବଜାର ଘାଟ ବ୍ରିଜ୍ ନିକଟରୁ ଏକ ପଦଯାତ୍ରାରେ ସଭାସ୍ଥଳକୁ ଅଣାଯାଇଥିଲା।

# ୮୩ ବର୍ଷରେ ରାଇସମିଲ୍ ଦୁର୍ଗାପୂଜା

**୫୦୦ ଟଙ୍କାରେ ଆରମ୍ଭ ହୋଇଥିବା ପୂଜା ୧୦ ଲକ୍ଷରେ ପହଞ୍ଚିଛି**


ମା' ଦୁର୍ଗାଙ୍କ ମୂର୍ତ୍ତି ଗଢ଼ା ହେଉଛି।


ପ୍ରଫୁଲ୍ଲ କୁମାର ବୋଇତାଇ, ସଭାପତି


ସତ୍ୟନାରାୟଣ ମହାନ୍ତି, ସମ୍ପାଦକ

ଯାଜପୁରରୋଡ୍,୧୫।୧୦(ପବିତ୍ର ରଞ୍ଜନ ମହାନ୍ତି): ଯାଜପୁରରୋଡ୍ ସହରରେ ସମୁଦାୟ ୭ ସ୍ଥାନରେ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ଏହା ମଧ୍ୟରେ ସହରର ସର୍ବ ପୁରାତନ ଦୁର୍ଗାପୂଜା ପ୍ରଫୁଲ୍ଲ କୁମାର ମଲ୍ଲିକ ରାଇସମିଲରେ ଆରମ୍ଭ ହୋଇଥିଲା। ଏହି ସହରର ନାମ ସେତେବେଳେ ଡୋଲିପୁର ନାମରେ ପରିଚିତ ଥିଲା। କାଳକ୍ରମେ ଯାଜପୁରରୋଡ୍ ଓ ବର୍ତ୍ତମାନ ବ୍ୟାସନଗର ନାମରେ ନିଜର ପରିଚୟ ସୃଷ୍ଟି କରିଛି। ଏହି ସହର ଦେଇ ରେଳଲାଇନ ଯିବାପରେ ଏଠାରେ ଯାଜପୁର-କେନ୍ଦୁଝର ରୋଡ୍ ନାମରେ ଏକ ଷ୍ଟେଶନ ପ୍ରତିଷ୍ଠା ହୋଇଛି। ସ୍ଥାନୀୟ ବ୍ୟବସାୟୀ ଓ କେତେଜଣ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଆର୍ଥିକ ସହଯୋଗରେ ଚାଲି ଆସୁଥିବା ଏହି ଅନୁଷ୍ଠାନ ଚଳିତ ବର୍ଷ ୮୩ ବର୍ଷରେ ପଦାର୍ପଣ କରିଛି। ସେସମୟରେ ପୂଜା ମାତ୍ର ୫୦୦ ଟଙ୍କାରେ ଆରମ୍ଭ ହୋଇ ଗତବର୍ଷ ୮ ଲକ୍ଷରେ ପହଞ୍ଚିଥିଲା। ତେବେ ଦରଦାମ ବୃଦ୍ଧି ଯୋଗୁ ଚଳିତ ବର୍ଷ ପୂଜା ପାଇଁ ୧୦ ଲକ୍ଷ ବ୍ୟୟ ଅଟକଳ କରାଯାଇଛି ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।

ଗୋଟିଏ ପଟେ କେନ୍ଦୁଝର ଲୁହାପଥର ଖଣି ଓ ଅନ୍ୟପଟେ ଦୈତାରୀ ସୁକିନ୍ଦା ଖଣି ଉପତ୍ୟକାର କାର୍ଯ୍ୟ ଆରମ୍ଭ ହେବାଦ୍ୱାରା ବାହାର ରାଜ୍ୟର ବ୍ୟବସାୟୀ ଏହି ସ୍ଥାନକୁ ଆସି ବ୍ୟବସାୟ ଆରମ୍ଭ କରିଥିଲେ। ବର୍ତ୍ତମାନର ଗୋପବନ୍ଧୁ ଛକ ସେତେବେଳେ କାଲଟା ଛକଭାବେ ପରିଚିତ ଥିଲା। ଷ୍ଟେଶନ ବଜାରରେ କିଛି ବ୍ୟବସାୟ ପ୍ରତିଷ୍ଠାନ ଗଢ଼ି ଉଠିଥିଲା। ସେମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ନାମକ ବଙ୍ଗାଳୀ ବ୍ୟବସାୟୀ ଏଠାରେ ଏକ ରାଇସ୍‌ମିଲ ସ୍ଥାପନ କରିଥିଲେ। ବଙ୍ଗାଳିମାନଙ୍କ ଆରାଧ୍ୟା ଦେବୀ ମା'ଦୁର୍ଗା ହୋଇଥିବାରୁ ସେ ସ୍ଥାନୀୟ କେତେଜଣ ପ୍ରତିଷ୍ଠିତ ବ୍ୟକ୍ତି ଓ ବ୍ୟବସାୟୀଙ୍କ ସହଯୋଗରେ ୧୯୪୧ରେ ପ୍ରଥମେ ଦୁର୍ଗାପୂଜା ମିଲ ପରିସରରେ ଆରମ୍ଭ କରିଥିଲେ। ତାଙ୍କ ସହ ଦେବ ଘୋଷ, କରୁଣାକର ଜେନା, ଗୌରାଙ୍ଗ ଚରଣ ସାହୁ, ରାଇଚନ୍ଦ ଧଳ, ଶଶିଭୂଷଣ ମହାନ୍ତି, ଜଗନ୍ନାଥ ମହାନ୍ତି ଓ ଗୋବିନ୍ଦ ଚନ୍ଦ୍ର ମହାନ୍ତି ପ୍ରମୁଖ ସ୍ଥାନୀୟ ବ୍ୟକ୍ତି ବିଶେଷଙ୍କ ଉଦ୍ୟମ ବହୁଦିନ ଧରି ରହିଥିଲା। ଦୀର୍ଘବର୍ଷ ହେବ ରାଇସମିଲ ବନ୍ଦ ହୋଇଯାଇଥିଲେ ମଧ୍ୟ ମା'ଙ୍କ ପୂଜା କମିଟି ମାଧ୍ୟମରେ ଚାଲିଆସୁଛି।

ବର୍ତ୍ତମାନ ରାଇସମିଲ ଦୁର୍ଗାପୂଜା କମିଟି ସଭାପତି ଭାବେ ପ୍ରଫୁଲ୍ଲ କୁମାର ବୋଇତାଇ ଓ ସମ୍ପାଦକ ଭାବେ ସତ୍ୟନାରାୟଣ ମହାନ୍ତି କାର୍ଯ୍ୟ ତୁଲାଉଛନ୍ତି। ୧୫୮ ସଭ୍ୟଙ୍କ ଆର୍ଥିକ ସହଯୋଗରେ ଏହି ଅନୁଷ୍ଠାନ ତା'ର ସ୍ଥିତି ବଜାୟ ରଖିଛି। ସହରର ମୁଖ୍ୟବଜାର ଗୋପବନ୍ଧୁ ଛକଠାରୁ ବ୍ୟାଙ୍କ୍ ଷ୍ଟ୍ରିଟ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳକୁ ନେଇ ଧୁମ୍‌ଧାମରେ ପୂଜା ଅନୁଷ୍ଠିତ ହୋଇଥାଏ। ଏଠାରେ ମୃଣ୍ମୟୀ ମୂର୍ତ୍ତି, ତୋରଣ, ଆଲୋକ ସଜ୍ଜା ଓ ମିନାବଜାର

ଲୋକଙ୍କୁ ଆକୃଷ୍ଟ କରିଥାଏ। ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥାଏ। ବର୍ତ୍ତମାନ କେତେଜଣ ଯୁବ ବ୍ୟବସାୟୀ ପୂଜାକୁ ସରସ ସୁନ୍ଦର କରିବା ସହ ସମସ୍ତ ଦାୟିତ୍ୱ ବହନ କରିଛନ୍ତି। ସେମାନଙ୍କ ମଧ୍ୟରେ ଗୋପୀନାଥ ମହାନ୍ତି, ସଞ୍ଜୀବ କୁମାର ନାୟକ, ମହାମାୟା ପ୍ରତାପ ସ୍ୱାଇଁ, ଅଜିତ ବିହାରୀ, ଆଲୋକ ମହାନ୍ତି, ପବନ ଓସୱାଲ୍ ଓ ପଙ୍କଜ ଅଗ୍ରୱାଲ ପ୍ରମୁଖ ରହିଛନ୍ତି ବୋଲି କମିଟି ପକ୍ଷରୁ କୁହାଯାଇଛି।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
**ବିଶେଷ ସୂଚନା**
ମରାମତି କାର୍ଯ୍ୟ ପାଇଁ ଅକ୍ଟୋବର ୧୬ ତାରିଖ ଦିନ ରଘୁନାଥପୁର, ଶ୍ରୀରାମ ବଜାର, ବଙ୍ଗାଳି ସାହି ଅଞ୍ଚଳରେ ସକାଳ ୯ଟାରୁ ଅପରାହ୍ନ ୩ଟା ଯାଏ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର
Plot No.-1/A, Jayadev Vihar, Xavier Square, Bhubaneswar-13
Website: www.gkcmorc.org, Email:gkcmorc@gmail.com
**ବିଜ୍ଞାପନ**
No.RR-22:ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ୨୦୨୩ ନିମନ୍ତେ ଆବେଦନ ପତ୍ର ତା ୧୬।୧୦।୨୩ ରିଖରୁ ତା ୪।୧୧।୨୩ ରିଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ ।
ଏହି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର website- www.gkcmorc.orgରେ ଉପଲବ୍ଧ ।
ଇଚ୍ଛୁକ ପ୍ରାର୍ଥୀମାନେ ଏହି websiteକୁ ଯାଇ ନିଃଶୁଳ୍କ ଆବେଦନ କରିପାରିବେ । କେବଳ online application ଗ୍ରହଣ କରାଯିବ ।
ସ୍ୱା./-
ମୁଖ୍ୟ କାର୍ଯ୍ୟନିର୍ବାହୀ
OIPR-03004/11/0004/2324

## ଭାଜପାରେ ଯୋଗଦେଲେ ୨୬ ପରିବାର

ରାଜକନିକା,(ସଞ୍ଜୟ କୁମାର ଦାଶ): କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅବଦୁଲପୁର ଗାଁରେ ଜିଲା ଭାଜପା ଉପସଭାପତି କୃଷ୍ଣଚନ୍ଦ୍ର ପଣ୍ଡାଙ୍କ ନେତୃତ୍ୱରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡି ଛାଡି ୨୬ ପରିବାର ଭାଜପାରେ ଯୋଗ ଦେଇଛନ୍ତି। ଦୁର୍ଯ୍ୟୋଧନ ଜେନା, ମଣିଭଦ୍ର ସାହୁ, ଉପେନ୍ଦ୍ର ଜେନା, ସୁଲେଖା ଜେନା, ଫୁଲିଆ ଜେନା, କାହ୍ନୁ ଜେନା, ମାନଗୋବିନ୍ଦ ଜେନା, ଦାମ ଜେନା, ଅରୁଣ ଦାସ, ଚୈତନ୍ୟ ଜେନା, ଭାଗବତ ବାରିକ, ନିରଞ୍ଜନ ବଳ, ମନୋଜ ଦାସ, ପ୍ରଫୁଲ୍ଲ ବଳ, ଗିରିଶ ଦାସ, ଜୟଦେବ ଜେନା ଓ କାବୁଲା ଜେନା ପ୍ରମୁଖ ଦଳ ଛାଡି ଭାଜପାରେ ସାମିଲ ହୋଇଥିଲେ। ସମସ୍ତଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ପଣ୍ଡା ଦଳକୁ ସ୍ୱାଗତ କରିଥିଲେ।

## ସଂକ୍ଷେପରେ

### ଏସ୍‌ଏନ୍ କଲେଜ ବାଣିଜ୍ୟ ବିଭାଗରେ ସ୍ୱାଗତ ଉତ୍ସବ

ରାଜକନିକା, ୧୫।୧୦(ସଞ୍ଜୟ କୁମାର ଦାଶ)

ରାଜକନିକା ଏସ୍‌ଏନ୍ କଲେଜରେ ନାମ ଲେଖାଇଥିବା ଯୁକ୍ତ ୩ ଛାତ୍ରୀଛାତ୍ରଙ୍କୁ ବାଣିଜ୍ୟ ବିଭାଗ ପକ୍ଷରୁ ସ୍ୱାଗତ କରାଯାଇଛି। କଲେଜ କନଫ୍ରେନ୍ସ ହଲରେ ବିଭାଗୀୟ ମୁଖ୍ୟ ପ୍ରଫେସର ସଞ୍ଜୟ କୁମାର ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥି ଭାବେ ପୂର୍ବତନ ଅଧକ୍ଷ ଶେଖର ଚନ୍ଦ୍ର ବାରିକ, ଅଧକ୍ଷା ସୁରେଖା ରାଉତ, ପ୍ରଶାସନିକ ଅଧିକାରୀ ଅଧ୍ୟାପିକା ତୃପ୍ତି ରାଉତ, ପ୍ରାଧ୍ୟାପକ ଡ. ମିଥିଳା ଦାସ, ଅଧ୍ୟାପକ ଅଜୟ କୁମାର କୁଣ୍ଡ, ଅଧ୍ୟାପକ ମିର୍ଜା ଇବ୍ରାହିମ ବେଗ୍, ଅଧ୍ୟାପିକା ପ୍ରଯୁକ୍ତା ପ୍ରିୟଦର୍ଶିନୀ, ଅଧ୍ୟାପକ ମନୋରଞ୍ଜନ ମଲ୍ଲିକ, ଅବସରପ୍ରାପ୍ତ ଅଧ୍ୟାପକ ସଚ୍ଚିକାନ୍ତ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏହି ପ୍ରରିପ୍ରେକ୍ଷୀରେ ବିଭାଗ ପକ୍ଷରୁ ବାଣିଜ୍ୟ ବିଭାଗରେ ବ୍ଲକ ଟପ୍ପର ହୋଇଥିବା ଶୁଭଲକ୍ଷ୍ମୀ ନାୟକ ଓ ମୁଖ୍ୟ ଅତିଥି ବାରିକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଉପର କ୍ଲାସର ଛାତ୍ରୀଛାତ୍ରମାନେ ନବାଗତଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ସାହୁ ଓ ଜୟଶ୍ରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବର୍ଷାରାଣୀ ବରାଳ ଧନ୍ୟବାଦ ଦେଇଥିଲେ। ଚଳିତ ବର୍ଷ ଛାତ୍ରୀ ଶୁଭଲକ୍ଷ୍ମୀ ନାୟକ ମିସ କ୍ରେଡିଟ ଓ ଛାତ୍ର ଶିବ ପ୍ରଧାନ ମିଷ୍ଟର ଡେବିଟ ହୋଇଥିଲେ। ବିଭାଗର ସମସ୍ତ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ‘ତୁ ଥା କାଳକାଳ ଚିରକାଳ’ ପୁସ୍ତକ ଉନ୍ମୋଚିତ

ପଟ୍ଟାମୁଣ୍ଡାଇ, ୧୫।୧୦(ଅକ୍ଷୟ ବିଶ୍ୱାଳ)

ପଟ୍ଟାମୁଣ୍ଡାଇ ବ୍ଲକ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ କକ୍ଷଣଅଣ୍ଟାଠାରେ ବେଲେଶ୍ୱର ସାହିତ୍ୟ ସଂସଦ ଆୟୋଜିତ କବି ନାରାୟଣ ପ୍ରସାଦ ରାଉଳଙ୍କ ରଚିତ ‘ତୁ ଥା କାଳକାଳ ଚିରକାଳ’ କବିତା ପୁସ୍ତକର ଉନ୍ମୋଚନ ହୋଇଯାଇଛି। ସଭାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କଥାକାର ଡ. ରାମଚନ୍ଦ୍ର ବେହେରା ସାହିତ୍ୟ ସାଧନା ଏକ ଆଧ୍ୟାତ୍ମିକ ଯାତ୍ରା, ଏକ ଦିବ୍ୟଚେତନା କବି ପ୍ରାଣକୁ ସ୍ପନ୍ଦିତ, ପୁଲକିତ କରୁଥାଏ ବୋଲି ମତବ୍ୟକ୍ତ କରିଛନ୍ତି।ଶିକ୍ଷାବିତ୍ ଗୌରାଙ୍ଗ ଚରଣ ରାଉଳଙ୍କ ପୌରୋହିତ୍ୟରେ ଏବଂ କଥାକାର ପ୍ରଦୀପ ନାୟକଙ୍କ ସଞ୍ଚାଳନାରେ ଅନୁଷ୍ଠିତ ସଭାରେ ବାମାବାଦୀ କବି ଡ. ଅପର୍ଣ୍ଣା ମହାନ୍ତି ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କଥାକାର ପ୍ରଫେସର ଅତୁଲ ବଳ ଓ ଶିକ୍ଷାବିତ କସ୍ତୁରୀ ଚରଣ ସ୍ୱାଇଁ ଉପସ୍ଥିତ ଥିଲେ। କବି ସଚ୍ଚିତ୍ର ବେହୁରା ସ୍ୱାଗତ ଭାଷଣ ଓ ବ୍ରଜବନ୍ଧୁ ଦାଶ ମଞ୍ଚ ପରିଚାଳନା କରିଥିଲେ। କବି ନବଜ୍ୟୋତି ରାୟ, ଅଭିରାମ ସାହୁ ଓ ରଶ୍ମିତା ସେନାପତି ଉନ୍ମୋଚିତ ପୁସ୍ତିକାରୁ କବିତା ପାଠ କରିଥିଲେ। ସଭାରେ ପ୍ରଫେସର ଅନିରୁଦ୍ଧ ରାଉଳ, ପ୍ରଶାସକ କେଳୁଚରଣ ସ୍ୱାଇଁ, ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ପ୍ରଫେସର କୈଳାସ ଚନ୍ଦ୍ର ପାତ୍ର ଯୋଗ ଦେଇଥିଲେ। ଶେଷରେ ବେଲେଶ୍ୱର ସାହିତ୍ୟ ସଂସଦର ସମ୍ପାଦକ ପ୍ରମୋଦ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ଜିଲାରେ ମେଡିକାଲ କଲେଜ ପ୍ରତିଷ୍ଠା ଦାବି ତେଜିଲା



ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ଜଗତ୍‌ସିଂହପୁରରେ ସର୍ବ ଦଳୀୟ ବୈଠକ ପୂର୍ବରୁ ବାହାରିଥିବା ଶୋଭାଯାତ୍ରା।

ଜଗତ୍‌ସିଂହପୁର, ୧୫।୧୦ (ପ୍ରମୋଦ କୁମାର ନାୟକ)

- ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର ପ୍ରତିବାଦ
- ଗଠନ ହେଲା ୫ ଜଣିଆ କମିଟି

ଦୀର୍ଘବର୍ଷ ପୂର୍ବରୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପଲ୍ଲୀ ସ୍ୱାସ୍ଥ୍ୟ କେନ୍ଦ୍ର (ଆର୍‌ଏଚ୍‌ସି) ରହି ଆସିଛି। ଏଥିରେ ବିଶେଷକରି ରୋଗ ସଚେତନତା ଉପରେ ତାଲିମ ଦିଆଯାଏ। ନବ ନିଯୁକ୍ତ ଡାକ୍ତର ଓ ନର୍ସଙ୍କୁ ମଧ୍ୟ ପ୍ରତ୍ୟେକ୍ଷ ତାଲିମ ଦିଆଯାଇଥାଏ। କିନ୍ତୁ ସରକାର ଏହି ଆର୍‌ଏଚ୍‌ସିକୁ କଟକ ଜିଲାକୁ ସ୍ଥାନାନ୍ତର ପାଇଁ ପଦକ୍ଷେପ ନେଉଛନ୍ତି। ଯାହାକି ଜିଲାକୁ ଗୌଣ କରାଯାଉଛି। ତେଣୁ ଜଗତ୍‌ସିଂହପୁରରୁ ପଲ୍ଲୀ ସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାନାନ୍ତର କରା ନ ଯାଉ। ଏଥିସହ ଜିଲାରେ ଏକ ସରକାରୀ ମେଡିକାଲ କଲେଜ ପ୍ରତିଷ୍ଠା କରାଯାଉ। ଏହି ଦାବି ନେଇ ରବିବାର ସ୍ଥାନୀୟ ସୋମନାଥ ମନ୍ଦିର ପରିସରରେ ଏକ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସ୍ଥାନୀୟ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଯୋଗଦେଇ ଜିଲା ମୁଖ୍ୟାଳୟରେ ମେଡିକାଲ କଲେଜ ପ୍ରତିଷ୍ଠାର ଆବଶ୍ୟକତା ଉପରେ ଜୋର ଦେଇଥିଲେ।

ସେମାନେ କହିଥିଲେ, ଜିଲାରେ ସ୍ୱାସ୍ଥ୍ୟ ସେବା ଦୁର୍ବଳ ସ୍ଥିତିରେ ରହିଛି। ରାଜ୍ୟର ଏକାଧିକ ଜିଲାରେ ସରକାର ମେଡିକାଲ କଲେଜ ପ୍ରତିଷ୍ଠା କରୁଥିବା ବେଳେ ଜଗତ୍‌ସିଂହପୁରକୁ ଅଣଦେଖା କରାଯାଉଛି। ଅତୀତରେ ଜିଲା ମୁଖ୍ୟା ଚିକିତ୍ସାଳୟରେ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ପ୍ରତିଷ୍ଠାକୁ ନେଇ ଦାବି ଜୋର ଧରିଥିଲା। ଏପରି କି ଆନ୍ଦୋଳନ ମୁଣ୍ଡ ଟେକିଥିଲା। ରାଜନୈତିକ ଇସ୍ୟୁ ହେବାରୁ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଖୁବ୍‌ଶୀଘ୍ର ଜଗତ୍‌ସିଂହପୁରରେ ମଲ୍ଟି ସ୍ପେଶିଆଲିଟି ହସ୍ପିଟାଲ ହେବ ବୋଲି ଘୋଷଣା କରିଥିଲେ। କିନ୍ତୁ ଏଥିମଧ୍ୟରେ ବର୍ଷାଧିକ କାଳ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ପ୍ରତିଶ୍ରୁତି ପାଣିର ଗାର ହୋଇଛି। ଜିଲା ମୁଖ୍ୟାଳୟ ନିକଟ ନିଁପୁରଠାରେ ମେଡିକାଲ କଲେଜ ପାଇଁ ପର୍ଯ୍ୟାପ୍ତ ଜମି ଅଛି। ସରକାର ଏହି ସ୍ଥାନରେ ମେଡିକାଲ କଲେଜ ପ୍ରତିଷ୍ଠା କଲେ ଲୋକେ ଉପକୃତ ହେବେ ବୋଲି ଯୁକ୍ତି କରାଯାଇଛି। ତେବେ ଦାବି ପୂରଣ ପାଇଁ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ର କରାଯିବ। ପ୍ରାଥମିକ ପର୍ଯ୍ୟାୟରେ ୫ ଜଣିଆ କମିଟି ଗଠନ କରାଯାଇଛି। ଯେଉଁଥିରେ ନବ ନିର୍ମାଣ କୃଷକ ସଙ୍ଗଠନ ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ସଙ୍ଗଠନ ଜିଲା ସଂଯୋଜକ ଅଶୋକ କୁମାର ସ୍ୱାଇଁ, ଜିଲା ଯୁବ କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମଲ୍ଲିକ, ଜିଲା ଦଳିତ ବିକାଶ ପରିଷଦ ସଭାପତି ଶଙ୍କର ଦାସ ଓ ଦେବେନ୍ଦ୍ର କୁମାର ସ୍ୱାଇଁ ପ୍ରମୁଖ ସ୍ଥାନ ପାଇଛନ୍ତି। ମେଡିକାଲ କଲେଜ ପ୍ରତିଷ୍ଠା ଦାବିରେ ନଭେମ୍ବର ୩ରେ ଜିଲା ମୁଖ୍ୟ ଚିକିତ୍ସାଳୟ ସାମ୍ନାରେ ଧାରଣା ଦିଆଯିବ ବୋଲି ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଆଇନ ବାସୁଦେବ, ସାମାଜିକ କର୍ମୀ ବିନାୟକ ପଟ୍ଟନାୟକ, ଜିଲା କଂଗ୍ରେସ ସଭାପତି ନଟବର ବାରିକ, ପୂର୍ବତନ ଜଗତ୍‌ସିଂହପୁର ପୌରାଧକ୍ଷ ବିପ୍ଳବ ଚୌଧୁରୀ, ଅଶୋକ କୁମାର ସ୍ୱାଇଁ, ଆଇନଜୀବୀ ଅନନ୍ତ ଚରଣ ପରିଡ଼ା, ଦିଲୀପ ରଥ, ସୁରେଶ ସ୍ୱାଇଁ, ପ୍ରମୋଦ ହୋତା, ଶିବ ଚରଣ ସାହୁ ଏବଂ ବନ୍ଧୁ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

# ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋ-ଖୋ ପ୍ରତିଯୋଗିତା: ଜଗତ୍‌ସିଂହପୁର ଜିଲାର ବାଜିମାତ୍



ଅତିଥିଙ୍କ ଗହଣରେ ଖେଳାଳିମାନେ।

ଜଗତ୍‌ସିଂହପୁର, ୧୫।୧୦ (ପ୍ରମୋଦ କୁମାର ନାୟକ)

ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ଖୋଖୋ ପ୍ରତିଯୋଗିତାରେ ଜଗତ୍‌ସିଂହପୁର ଜିଲା ବାଜିମାତ୍ କରିଛି। ଅନୁଗୋଳଠାରେ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ରାଜ୍ୟର ପ୍ରତ୍ୟେକ ଜିଲାର ଖେଳାଳି ଭାଗ ନେଇଥିଲେ। ଭୁବନେଶ୍ୱରସ୍ଥିତ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟଙ୍କ ପତ୍ର ଅନୁଯାୟୀ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶକ୍ରମେ ଜଗତ୍‌ସିଂହପୁର ଜିଲାର ଖୋ ଖୋ ଖେଳାଳିମାନେ ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜିଲା ଶାରୀରିକ ଶିକ୍ଷା ଅଧିକାରୀଙ୍କ ବଳିଷ୍ଠ ନେତୃତ୍ୱରେ ୧୭ ବର୍ଷରୁ କମ୍ ବୟସର ବାଳିକା ବିଭାଗର ଖେଳାଳିମାନେ ପ୍ରତିଯୋଗିତାରେ ଶ୍ରେଷ୍ଠତ୍ୱ ହାସଲ କରି ଜିଲାକୁ ଫେରିଛନ୍ତି । ଦଳ ପରିଚାଳକ ଭାବେ କ୍ରୀଡ଼ା ଶିକ୍ଷୟିତ୍ରୀ ନିରୁପମା ବାରିକ ଦାୟିତ୍ୱ ନେଇଥିଲେ । ଆଗାମୀ ଦିନରେ ଜିଲାର ଅନେକ ଖେଳାଳି ଜାତୀୟସ୍ତର ଖେଳରେ ଭାଗ ନେବେ ବୋଲି ପ୍ରଧାନ ମତବ୍ୟକ୍ତ କରିଛନ୍ତି ।

# ପାଟକୁରାରେ ଘରେ ଘରେ କଂଗ୍ରେସ, ଘରେ ଘରେ ହାତ କାର୍ଯ୍ୟକ୍ରମ

ପାଟକୁରା ୧୫।୧୦(ରବୀନ୍ଦ୍ର ନାଥ ବାରିକ )

ପ୍ରଦେଶ କଂଗ୍ରେସ କମିଟି ଆହ୍ୱାନରେ ରବିବାର ପାଟକୁରା କଂଗ୍ରେସ ପକ୍ଷରୁ ଗରଦପୁର ବ୍ଲକର ୯ ନଂ. ଜିଲା ପରିଷଦ ଜୋନରେ ଘରେ ଘରେ କଂଗ୍ରେସ ଓ ଘରେ ଘରେ ହାତ କାର୍ଯ୍ୟକ୍ରମ ଓ ପଦଯାତ୍ରା ଆରମ୍ଭ ହୋଇଛି। ପାଟକୁରା କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋଙ୍କ ନେତୃତ୍ୱରେ ମହିଳା ଓ କଂଗ୍ରେସ କର୍ମୀ ତଳକୁସମା ପଞ୍ଚାୟତର ଚାରିଛକରୁ ବାହାରି ବନ୍ତଳା ପଞ୍ଚାୟତର ମାହାଙ୍ଗା ଛକ ନିକଟରେ ପହଞ୍ଚି ଥିଲେ। ଏହି ପଦଯାତ୍ରାରେ ଆୟୋଜିତ ପଥପ୍ରାନ୍ତ ସଭାରେ ପାଟକୁରା କଂଗ୍ରେସ ନେତା କାନୁନ୍‌ଗୋ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ବିଭିନ୍ନ ଉନ୍ନୟନ ଯୋଜନା ଠିକ୍ ଭାବେ ହୋଇନାହିଁ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ କଂଗ୍ରେସ କମିଟି ସଭାପତି ଜ୍ୟୋତି ରଞ୍ଜନ ପରିଡ଼ା, କଂଗ୍ରେସ ନେତା ସୁବାସ ସାମଲ, ଡେରାବିଶ ବ୍ଲକ କଂଗ୍ରେସ କମିଟି ସଭାପତି ଉମେଶ ଚନ୍ଦ୍ର ତ୍ରିପାଠୀ, ଜିଲା ଉପସଭାପତି ନିରଞ୍ଜନ ରାଉତ, ଗୟାଧର ପ୍ରଧାନ, ପ୍ରଦୀପ କୁମାର ଜେନା, ବାବୁଲି ଦାସ,ଅର୍ଣପୂନା ପୃଷ୍ଟି, ସନ୍ଧ୍ୟାରାଣୀ ସାମଲ, ମନୋଜ ମହାନ୍ତି, ସମୀର ମଲ୍ଲିକ, ଶଙ୍କର୍ଷଣ ମଲ୍ଲିକ, ସମବାୟ ବିତ ଦୟାନିଧ ଜେନା ପ୍ରଦୀପ ଲେଙ୍କା, ସଂଖ୍ୟା ଲଘୁ ସେଲ୍‌ର ବ୍ଲକ ସଭାପତି ମୁଜୁବୁରୁ ରହେମନ, ସୁଦାମ ବାରିକଙ୍କ ସମେତ ବହୁ ମହିଳା କଂଗ୍ରେସ ଓ ଯୁବ ଛାତ୍ର କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ପ୍ରଜ୍ଞାନ ମିଶନର ଗୀତା ଆବୃତ୍ତି ପ୍ରତିଯୋଗିତା

ରାଜନଗର, ୧୫।୧୦ (ଭାସ୍କର ରାଉତରାୟ)

ରାଜନଗର ବ୍ଲକ ଶୈଳେନ୍ଦ୍ର ନାରାୟଣ ସଂସ୍କୃତ ମହାବିଦ୍ୟାଳୟରେ ପ୍ରଜ୍ଞାନ ମିଶନ ଆନୁକୂଲ୍ୟରେ ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ରମାନଙ୍କୁ ସୁନାଗରିକ ଭାବେ ଗଢି ତୋଳିବା ପାଇଁ ମିଶନ ପକ୍ଷରୁ ବିଦ୍ୟାଳୟ ଓ ମହାବିଦ୍ୟାଳୟ ପିଲାଙ୍କ ମଧ୍ୟରେ ଗୀତା ଆବୃତ୍ତି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ବ୍ଲକସ୍ତରୀୟ ଗୀତା ଆବୃତ୍ତି ପ୍ରତିଯୋଗିତାରେ ୪ଟି ବର୍ଗରେ ୧୪ଟି ବିଦ୍ୟାଳୟ ଓ ୨ଟି ମହାବିଦ୍ୟାଳୟରୁ ୪୧ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସ୍ୱାମୀ ଅନିର୍ବାଣାନନ୍ଦ ଗିରି ଓ ଅଧକ୍ଷ ଡ. ବିକ୍ରମାଦିତ୍ୟ ଦାସ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ୍ କ୍ଷୀରୋଦ କୁମାର ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରଜ୍ଞାନ ମିଶନର ଅନିଲ କୁମାର ଦାସ ଗୀତା ଆବୃତ୍ତି ପ୍ରତିଯୋଗିତାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ମହେଶ୍ୱର ରାଉତ, ଖବରଦାତା ଜଗନ୍ନାଥ ଦାସ, ଅଧ୍ୟାପକ ବିଶ୍ୱମ୍ଭର ତ୍ରିପାଠୀ ପ୍ରମୁଖ ଯୋଗଦେଇ ଗୀତା ପଠନର ଉପାଦେୟତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଅଧ୍ୟାପକ ରାଜକିଶୋର ପାଣି, ଗଣେଶ୍ୱର ସାହୁ, ପ୍ରଦୀପ କୁମାର ପାଲ, ତନୁଶ୍ରୀ ମିଶ୍ର, ପ୍ରଫୁଲ୍ଲ କୁମାର ପ୍ରଧାନ, ରତ୍ନାକର ଦାସ ବିଚାରକ ଭାବେ ଯୋଗଦେଇଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଗୀତା ପୁସ୍ତିକା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶାରଦା ପ୍ରସନ୍ନ ମିଶ୍ର, ପ୍ରତାପ କିଶୋର ପ୍ରଧାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଅଚଳ ଉଠାଜଳସେଚନ ପ୍ରକଳ୍ପ ବୁଲି ଦେଖିଲେ ନିଗମ ଅଧକ୍ଷ


ଚାଷୀମାନଙ୍କ ସହ ନିଗମ ଅଧକ୍ଷ ଅମରେଶ ପତ୍ରୀ ଆଲୋଚନା କରୁଛନ୍ତି।

ଡେରାବିଶ, ୧୫।୧୦ (ବେବର୍ତ୍ତା ଅଜୟ ଦାସ)

ଡେରାବିଶ ବ୍ଲକ ଅନ୍ତର୍ଗତ ଲୁଣାନଦୀର ଯଅଁରାବାରିମୂଳ ପଞ୍ଚାୟତ ଅନ୍ତର୍ଗତ ଖଲାରେଶ୍ୱର ମହାଦେବ ପୀଠଠାରୁ ଦାନପୁର ପଞ୍ଚାୟତର ଗହଗା ଯାଏ ଥିବା ଲୁଣା ନଦୀ ପଠା ଏକ ଉର୍ବର ଅଞ୍ଚଳ ଭାବେ ପରିଚିତ। ଏହି ଅଞ୍ଚଳରେ ଚାଷୀମାନେ ବିଭିନ୍ନ ପ୍ରକାର ପନିପରିବା ଚାଷ କରି ପରିବାର ପ୍ରତିପୋଷଣ କରିଥାନ୍ତି। ଚାଷୀମାନଙ୍କ କ୍ଷେତକୁ ଜଳଯୋଗାଣ ନିମନ୍ତେ ସରକାରଙ୍କ ଉଠାଜଳସେଚନ ବିଭାଗ ପକ୍ଷରୁ ୬ଟି ପ୍ରକଳ୍ପ ନିର୍ମିତ ହୋଇଥିଲା। ତେବେ ଏହି ପ୍ରକଳ୍ପଗୁଡ଼ିକର ରକ୍ଷଣାବେକ୍ଷଣ ଅଭାବରୁ ସମ୍ପୂର୍ଣ୍ଣ ରୂପେ ଅଚଳ ହୋଇପଡ଼ିଛି। ଏ ବିଷୟରେ ଚାଷୀମାନଙ୍କଠାରୁ ଖବରପାଇ ରାଜ୍ୟ ଉଠାଜଳସେଚନ ନିଗମ ଅଧକ୍ଷ ଅମରେଶ ପତ୍ରୀ ରବିବାର ବ୍ଲକ ଅନ୍ତର୍ଗତ ଖଲେରେଶ୍ୱର ପୀଠଠାରୁ ଦାନପୁର ପଞ୍ଚାୟତର ଗହଗା ଯାଏ ଲୁଣାନଦୀ ପଠାରେ ରହିଥିବା ବିଭିନ୍ନ ଅଚଳ ଉଠାଜଳସେଚନ ପ୍ରକଳ୍ପ ଗୁଡ଼ିକୁ ବୁଲି ଦେଖିଥିଲେ। ସେଗୁଡ଼ିକ ପୁନର୍ବାର କିପରି ସଚଳ କରାଯାଇ ଚାଷୀମାନଙ୍କ ଚାଷ ଜମିକୁ ଜଳସେଚିତ କରାଯାଇ ପାରିବ ସେ ବିଷୟରେ ଚାଷୀମାନଙ୍କ ସହ ହରିଅଙ୍କ ପଞ୍ଚାୟତ ଅଧୀନସ୍ଥ ବିଲ୍ୱମାଳ ମଠଠାରେ ଆଲୋଚନା କରିଥିଲେ। ଏହି ଅବସରରେ ଦାନପୁରର ଚାଷୀ ରଞ୍ଜନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ବୈଠକ ହୋଇଥିଲା। ଏଥିରେ ଅଲେଖ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିଗମର ଅଧକ୍ଷ ପତ୍ରୀ ସ୍ଥାନୀୟ ଦାନପୁର, ଯଅଁରାବାରିମୂଳ, ହରିଅଙ୍କ ପ୍ରଭୃତି ପଞ୍ଚାୟତର ଅଗ୍ରଣୀ ଚାଷୀ, ଯୁବକ ଓ ବୁଦ୍ଧିଜୀବୀମାନଙ୍କ ସହ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ କ୍ଷିତିଶ ପଣ୍ଡା ଅଞ୍ଚଳର ପାଣି ସମସ୍ୟା ସମ୍ପର୍କରେ ଅଭିଯୋଗ କରିଥିଲେ। ଅଧକ୍ଷ ପତ୍ରୀ ସମସ୍ୟା ସମ୍ପର୍କରେ ଅବଗତ ହେବା ପରେ ପ୍ରକଳ୍ପ ଗୁଡ଼ିକ ପୁନଃ କାର୍ଯ୍ୟକ୍ଷମ କରିବା ପାଇଁ ପଦକ୍ଷେପ ନେବେ ବୋଲି ଉପସ୍ଥିତ ଚାଷୀମାନଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅଧକ୍ଷ ପତ୍ରୀଙ୍କ ସହ ପୂର୍ବତନ ବ୍ଲକ ବିଜେଡି ସଭାପତି ଧୀରେନ୍ଦ୍ର କୁମାର ଜେନା ଓ ଚାଷୀମାନେ ଉପସ୍ଥିତ ରହିଥିଲେ।

# ତିର୍ତ୍ତୋଲ ସମିତିସଭ୍ୟ ସଂଘର ସମର୍ଥନ ଘୋଷଣା

ତିର୍ତ୍ତୋଲ,୧୫।୧୦ (ଗୌରାଙ୍ଗ ଚରଣ ସ୍ୱାଇଁ)


ତିର୍ତ୍ତୋଲ ସମିତି ସଭ୍ୟ ସଂଘର ସଦସ୍ୟମାନେ।

ତିର୍ତ୍ତୋଲ ବ୍ଲକ ସମିତି ସଭ୍ୟାସଭ୍ୟମାନଙ୍କର ଏକ ବୈଠକ ରବିବାର ନାଉସିରାସ୍ଥିତ କାଳୀ ମନ୍ଦିରରେ ଅନୁଷ୍ଠିତ ହୋଇଯାଇଛି। ଗୋବିନ୍ଦପୁର ସମିତିସଭ୍ୟ ଦେବପ୍ରସାଦ ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ରାଜ୍ୟସ୍ତରରେ ୧୨ ଦଫା ଦାବି ନେଇ ଚାଲୁଥିବା ଆନ୍ଦୋଳନ ଓ ତତ୍‌ସଂଲଗ୍ନ କାର୍ଯ୍ୟକ୍ରମଗୁଡ଼ିକୁ ତିର୍ତ୍ତୋଲ ବ୍ଲକର ସମିତି ସଭ୍ୟାସଭ୍ୟମାନେ ଗଣ ସମର୍ଥନ ଦେବା ଲାଗି ଘୋଷଣା କରିଥିଲେ। ଏଥିସହ ଆଗାମୀ ଦିନରେ ସମିତି ସଭ୍ୟାସଭ୍ୟମାନଙ୍କର ସ୍ୱାର୍ଥରେ ଯାହା କିଛି କାର୍ଯ୍ୟକ୍ରମ ରାଜ୍ୟ କିମ୍ବା ଜିଲାସ୍ତରରେ ହେବ ତାକୁ ତିର୍ତ୍ତୋଲ ବ୍ଲକର ସଭ୍ୟାସଭ୍ୟ ଗଣସମର୍ଥନ ଜଣାଇବେ ବୋଲି ସର୍ବସମ୍ମତି କ୍ରମେ ନିଷ୍ପତ୍ତି ହୋଇଥିଲା। ଏହି ପରିପ୍ରେକ୍ଷୀରେ ସର୍ବସମ୍ମତିକ୍ରମେ ଉକ୍ତ ବ୍ଲକର ସମିତିସଭ୍ୟମାନଙ୍କର ସଭାପତି ଭାବେ ତିର୍ତ୍ତୋଲ ପଞ୍ଚାୟତର ସମିତିସଭ୍ୟ ପ୍ରବୀର କୁମାର ରାୟ, ଉପ ସଭାପତି ଭାବେ ମଣିଜଙ୍ଗା ପଞ୍ଚାୟତର ସମିତିସଭ୍ୟ ନଚିକେତା ଦାସ, ସମ୍ପାଦକ ଭାବେ ଗୋବିନ୍ଦପୁର ସମିତିସଭ୍ୟ ଦେବ ପ୍ରସାଦ, ସହ ସମ୍ପାଦକ ଭାବେ କଟରା ସମିତିସଭ୍ୟା ରୋଜାଲିନ ଜେନା, କୋଷାଧକ୍ଷ ଭାବେ ତୁଳଙ୍ଗ ସମିତିସଭ୍ୟ ଦେବୀ ପ୍ରସାଦ ପାଳଙ୍କ ନାମ ଘୋଷଣା କରାଯାଇଥିଲା। ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, କନିମୂଳ ସମିତିସଭ୍ୟ ବସନ୍ତ ମହାପାତ୍ର, ରଞ୍ଜନ କୁମାର ସାହୁ, ଶିବ ପ୍ରସାଦ ସାହୁ, ଅରୁଣ ମଲ୍ଲିକ, ସୁବାସ ଚନ୍ଦ୍ର ବେହେରା, ରଞ୍ଜନ ମଲ୍ଲିକ, ନମିତା ନାୟକ, ବିଷ୍ଣୁପ୍ରିୟା ପ୍ରଧାନ, ସୁଭଦ୍ରା ଦାସ, ରାଜକୁମାରୀ ଦାସ, ନୟନା ସାମଲ, ସୁନିଶ୍ଚିତା ରାଉତ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# କଂଗ୍ରେସ ପକ୍ଷରୁ ଜନ ସଚେତନତା, କର୍ମୀ ସମ୍ମିଳନୀ

ରାଜକନିକା,୧୫।୧୦ (ସଞ୍ଜୟ କୁମାର ଦାଶ)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ କଂଗ୍ରେସ ପକ୍ଷରୁ ସେପ୍ଟେମ୍ବର ୨୫ରୁ ଆରମ୍ଭ ହୋଇଥିବା ‘ଘରେ ଘରେ ହାତ’ କାର୍ଯ୍ୟକ୍ରମ ରବିବାର ଆଖୁଲିପଡା ପଞ୍ଚାୟତରେ ଜନସଚେତନତା ଓ କର୍ମୀ ସମ୍ମିଳନୀ ସହ ଶେଷ ହୋଇଛି। ଆଳି ନିର୍ବାଚନ ମଣ୍ଡଳୀର ବିଭିନ୍ନ ପଞ୍ଚାୟତର ୱାର୍ଡ ସ୍ତରରେ ଘରକୁ ଘର ବୁଲି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଫଳତାକୁ ଲୋକଲୋଚନକୁ ଆଣିବା ସହ ଶିକ୍ଷିତ ବେକାରି ଯୁବତୀଯୁବକଙ୍କୁ ରୋଜଗାର ଯୋଗାଇ ବେକାରି ସମସ୍ୟା ଦୂର କରିବା, ଅହେତୁକ ଦରଦାମ୍ ବୃଦ୍ଧିକୁ ନୟନ୍ତ୍ରଣ କରିବା, କୃଷକ ଓ କୃଷି ପାଇଁ ଜଳସେଚନର ବ୍ୟାପକ ବ୍ୟବସ୍ଥା କରିବା, ଅଭାବୀ ଧାନ ବିକ୍ରିରେ ସୁଧାର ଆଣିବା, ବାସ୍ତବରେ ମହିଳାମାନଙ୍କୁ ସ୍ୱାବଲମ୍ବୀ କରି ରୋଜଗାର ଯୋଗାଇବା ସହ ସଶକ୍ତ କରିବା ଆଦି ବିଷୟରେ ପୋଷ୍ଟର ଓ ପ୍ରଚାରପତ୍ର ମାଧ୍ୟମରେ ଜନ ସଚେତନତା ସୃଷ୍ଟି କରାଯାଇଛି। ବର୍ତ୍ତନୀ ଛକଠାରୁ କଂଗ୍ରେସ ନେତା ଓ କର୍ମୀଙ୍କ ପକ୍ଷରୁ ବାହାରିଥିବା ପଦଯାତ୍ରା ବର୍ତ୍ତନୀ ଖେଳପଡିଆ ଶେଷ ହୋଇଥିଲା। ଆୟୋଜିତ କର୍ମୀ ସମ୍ମିଳନୀ କଂଗ୍ରେସ ପଞ୍ଚାୟତସ୍ତରୀୟ ସଭାପତି ରଞ୍ଜନ ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟକ ଦେବେନ୍ଦ୍ର ଶର୍ମା, ରାଜକନିକା ବ୍ଲକ କଂଗ୍ରେସ ସଭାପତି ମଙ୍ଗୁଳି ଚରଣ ବେହେରା, ଆଳି ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ବରୁଣାଡିହା ସରପଞ୍ଚ ଦୁର୍ଯ୍ୟୋଧନ ମହାନ୍ତି, ମୁରଲୀଧର ନାୟକ, ଅନୁସୂଚିତ ସେଲ୍ ସଭାପତି ରଞ୍ଜନ ସେଠୀ, ଯୁବ ନେତା ସତ୍ୟବ୍ରତ ପରିଡା, ୨୯ନଂ. ଜୋନ ସଭାପତି ରଙ୍ଗଲାଲ ମଲ୍ଲିକ, ସୁଶାନ୍ତ ମଲିକ, ହରେକୃଷ୍ଣ ନାୟକ, କୃତ୍ତିବାସ ଦାସ, କୈଳାସ ନାୟକ ପ୍ରମୁଖ ଶତାଧିକ କଂଗ୍ରେସ କର୍ମୀ ଓ ନେତା ଯୋଗଦେଇଥିଲେ। ସେମାନେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜନ ବିରୋଧୀ ଯୋଜନା ଓ ବିଭିନ୍ନ କ୍ଷେତ୍ରରେ ଦୁର୍ନୀତି ବିରୋଧରେ ସମାଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ରାଜକନିକାର ବିଭିନ୍ନ ପଞ୍ଚାୟତରୁ ବହୁ ନେତା ଓ କର୍ମୀ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ବିଶ୍ୱଜିତ ତରାଇ, ରତିକାନ୍ତ ନାୟକ, ଚୈତନ୍ୟ ତରାଇ, ସଞ୍ଜୀବ ସାହୁ, ଗଦାଧର ପ୍ରଧାନ, ସୌଭାଗ୍ୟ ପାତ୍ର, ମଧୁସୂଦନ ଦାସ, ରବୀନ୍ଦ୍ର ରାୟ, ରବି କରଣ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଟେଣ୍ଟ,ସାଉଣ୍ଡ, ଲାଇଟ ମାଲିକଙ୍କ ପ୍ରତି ପ୍ରଶାସନ ବୈମାତୃକ ମନୋଭାବ ବନ୍ଦ କରୁ



ବୈଠକରେ ଉପସ୍ଥିତ ଟେଣ୍ଟ ମାଲିକ ସଂଘର କର୍ମକର୍ତ୍ତାମାନେ।

କୁଜଙ୍ଗ,୧୫।୧୦ (ମନୋଜ ପ୍ରଧାନ)

ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ନିୟମାନୁଯାୟୀ ଡିଜେ ସାଉଣ୍ଡ ବ୍ୟବହାର କରାଯାଉଛି। ମାତ୍ର ଅନେକ କ୍ଷେତ୍ରରେ ପ୍ରଶାସନ ବୈମାତୃକ ମନୋଭାବ ପୋଷଣ କରି ବ୍ୟବହୃତ ଡିଜେ ମେଶିନ, ଗାଡି ଓ ଅନ୍ୟାନ୍ୟ ସରଞ୍ଜାମକୁ ଜବତ କରୁଛି । ଫଳରେ ମାଲିକମାନେ ହଇରାଣ ହେଉଛନ୍ତି। ସରକାରଙ୍କ ନିୟମାନୁସାରେ ୬୫ ଡେସିବଲରୁ ଅଧିକ ଜୋରରେ ଡିଜେ ବ୍ୟବହାର କରାଯାଉନାହିଁ । ରାତି ୧୦ଟା ମଧ୍ୟରେ ସମସ୍ତ ରୋଷଣି ବନ୍ଦ କରାଯାଉଛି। କିନ୍ତୁ ପୋଲିସ ପ୍ରଶାସନ ବିଭିନ୍ନ ଆଳ ଦେଖାଇ ଏସବୁକୁ ଜବତ କରୁଛି। ଏହି ବ୍ୟବସାୟ ବନ୍ଦ ହୋଇଗଲେ ଏହା ଉପରେ ନିର୍ଭର କରୁଥିବା ଓଡ଼ିଶାର ଏକକୋଟିରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ଜୀବିକା କ୍ଷତିଗ୍ରସ୍ତ ହେବ ବୋଲି ରାଜ୍ୟର ୩୦ ଜିଲାର ଟେଣ୍ଟ, ସାଉଣ୍ଡ ଏବଂ ଲାଇଟ ସଂଘର ସଭାପତି, ସମ୍ପାଦକମାନେ ପ୍ରକାଶ କରିଛନ୍ତି । ରବିବାର ଜଗତ୍‌ସିଂହପୁର ଜିଲା ଜଗନ୍ନାଥ ଟେଣ୍ଟ ସାଉଣ୍ଡ ଓ ଲାଇଟ ମାଲିକ ସଂଘ ଆନୁକୂଲ୍ୟରେ ରାହାମାସ୍ଥିତ ଜିତ ମଣ୍ଡପଠାରେ ଆୟୋଜିତ ସମ୍ମିଳନୀରେ ଓଡିଶାର ବିଭିନ୍ନ ଜିଲା ସଂଘର ସଭାପତି, ସମ୍ପାଦକମାନେ ଉପସ୍ଥିତ ରହି ଉପରୋକ୍ତ ମନ୍ତବ୍ୟ ଦେଇଥିଲେ। ସେମାନେ କହିଥିଲେ ବ୍ରାସବ୍ୟାଣ୍ଡ ସାଉଣ୍ଡଠାରୁ ଡିଜେ ସାଉଣ୍ଡ କମ୍ ହେଉଛି । ଋଣକରି ମାଲିକମାନେ ଡିଜେ ଓ ଗାଡ଼ି ଆଦି କିଣିଛନ୍ତି । ଯଦି ଏସବୁକୁ ଜବତ କରାଯାଏ ଋଣ ସୁଝିବା କଷ୍ଟକର ହେବ । ତେଣୁ ପ୍ରଶାସନ ନିର୍ଦ୍ଧାରିତ କରିଥିବା ଶବ୍ଦର ବେଗ, ଗାଡ଼ିର ଫିଟ୍‌ନେସ ଓ ସମୟ ଯାଞ୍ଚ କଲେ ମାଲିକମାନେ ସହଯୋଗ କରିବେ ବୋଲି କହିଥିଲେ। ଜଗନ୍ନାଥ ଟେଣ୍ଟ, ସାଉଣ୍ଡ ଏବଂ ଲାଇଟ ମାଲିକ ସଂଘର ସଭାପତି ଶିଶିର କୁମାର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ମିଳନୀରେ ସଂଘର କାର୍ଯ୍ୟକାରୀ ସଭାପତି ଉଷ୍ମରଶ୍ମି ବିଶ୍ୱାଳ, ସମ୍ପାଦକ ସୁଶାନ୍ତ ଖଟୁଆ, ଆଇନଜୀବୀ ସୁଶାନ୍ତ ପଟ୍ଟନାୟକ, ଉପସଭାପତି ପ୍ରଭାଞ୍ଜନ ଦାସ, ପ୍ରସନ୍ନ ସାହୁ, ସୁଶାନ୍ତ ଦାସ, ଅମର ନାୟକ, ଶିବ ପ୍ରସାଦ ସାହୁଙ୍କ ସମେତ ୩୦ଟି ଜିଲାର ସଭାପତି ସମ୍ପାଦକ ଉପସ୍ଥିତ ଥିଲେ ।

### ଜିଲା ଟେଣ୍ଟ ହାଉସ ମାଲିକଙ୍କୁ ସମ୍ବର୍ଦ୍ଧନା

ଜଗତ୍‌ସିଂହପୁର, ୧୫।୧୦ (ପ୍ରମୋଦ କୁମାର ନାୟକ)

ଖୋର୍ଦ୍ଧା ଜିଲା ମାଲିକ ସଂଘର ଦ୍ୱିତୀୟ ବାର୍ଷିକ ସାଧାରଣ ବୈଠକ ଓ ପ୍ରଦର୍ଶନୀ ଟଙ୍କପାଣି ରୋଡସ୍ଥିତ ଗ୍ରାଣ୍ଡ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସମ୍ମାନିତ ଅତିଥିଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ଉତ୍ତର ନିର୍ବାଚନ ମଣ୍ଡଳୀ ବିଧାୟକ ସୁଶାନ୍ତ ରାଉତ ଯୋଗ ଦେଇଥିଲେ । ସଂଘ ଖୋର୍ଦ୍ଧା ଜିଲା ସଭାପତି ଓ ସମ୍ପାଦକଙ୍କ ସମେତ ସର୍ବ ଭାରତୀୟ କର୍ମକର୍ତ୍ତାମାନେ ମଧ୍ୟ ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥିମାନେ ଜଗତ୍‌ସିଂହପୁର ଜିଲା ମା’ଶାରଳା ଟେଣ୍ଟ ହାଉସ ମାଲିକ ସଂଘର ସଭାପତି ମଧୁସୂଦନ ସାହୁ, ଉପଦେଷ୍ଟା ଦିଲୀପ କୁମାର ମହାନ୍ତି, ସଭ୍ୟ ଗଣେଶ ପାଲ ଓ ବିକାଶ ଦାଶ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

TPCODL
ଟିପି ସେଣ୍ଟ୍ରାଲ ଓଡ଼ିଶା
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର୍, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
ବିଶେଷ ସୂଚନା
ମରାମତି କାର୍ଯ୍ୟ ପାଇଁ ଅକ୍ଟୋବର ୧୬ ତାରିଖ ଦିନ ରଘୁନାଥପୁର, ଶ୍ରୀରାମ ବଜାର, ବଙ୍ଗାଳି ସାହି ଅଞ୍ଚଳରେ ସକାଳ ୯ଟାରୁ ଅପରାହ୍ନ ୩ଟା ଯାଏ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
Plot No.-1/A, Jayadev Vihar, Xavier Square, Bhubaneswar-13
Website: www.gkcmorc.org, Email:gkcmorc@gmail.com
ବିଜ୍ଞାପନ
No.RR-22:ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ୨୦୨୩ ନିମନ୍ତେ ଆବେଦନ ପତ୍ର ତା ୧୬।୧୦।୨୩ ରିଖରୁ ତା ୪।୧୧।୨୩ ରିଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ ।
ଏହି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର website-www.gkcmorc.orgରେ ଉପଲବ୍ଧ ।
ଇଚ୍ଛୁକ ପ୍ରାର୍ଥୀମାନେ ଏହି websiteକୁ ଯାଇ ନିଃଶୁଳ୍କ ଆବେଦନ କରିପାରିବେ । କେବଳ online application ଗ୍ରହଣ କରାଯିବ ।
ସ୍ୱା./-
ମୁଖ୍ୟ କାର୍ଯ୍ୟନିର୍ବାହୀ
OIPR-03004/11/0004/2324

## ସଂକ୍ଷେପରେ

### ବସ୍-ଭ୍ୟାନ ମୁହାଁମୁହିଁ ଧକ୍କା, ୧୦ରୁଊର୍ଦ୍ଧ୍ୱ ଆହତ

**ହିଞ୍ଜିଳିକାଟୁ, ୧୫।୧୦(ଦ୍ୱିତୀକୃଷ୍ଣ ପଣ୍ଡା)**

ହିଞ୍ଜିଳି ଥାନା ତଥା ୫୯ନଂ. ଜାତୀୟ ରାଜପଥ ସମରଝୋଳ ଛକ ନିକଟରେ ରବିବାର ଏକ ଯାତ୍ରୀବାହୀ ବସ ସହ ପିକଅପ ଭ୍ୟାନ ମୁହାମୁହିଁ ଧକ୍କା ହେବାରୁ ୧୦ରୁ ଊର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ କିଛି ଆହତଙ୍କୁ ଉଦ୍ଧାର କରି ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟ ଭର୍ତ୍ତି କରଥିବା ବେଳେ ଅନ୍ୟ କେତେଜଣ ବ୍ରହ୍ମପୁରର ବଡ ଡାକ୍ତରଖାନାରେ ଭର୍ତ୍ତି ହୋଇଥିବା ସୂଚନା ମିଳିଛି। ହିଞ୍ଜିଳିକାଟୁ ଉପଖଣ୍ଡ ଚିକିତ୍ସାଳୟରେ ସୋରଡା ଗ୍ରାମର ପିକଅପ ଭ୍ୟାନ ମାଲିକ ସଦାନନ୍ଦ ମହାପାତ୍ର (୫୨), ଚାଳକ ମଧୁସୂଦନ ପ୍ରଧାନ (୩୨), ବସରେ ଯାତ୍ରା କରୁଥିବା ଆସିକା ଥାନା ଅଞ୍ଚଳର ରୀନା ଦାସ(୩୫) ଓ ଲକ୍ଷ୍ମୀ ଦାସ(୩୫) ଚିକିତ୍ସିତ ହେଉଛନ୍ତି। ଖବର ପାଇ ହିଞ୍ଜିଳି ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ପିକଅପ ଭ୍ୟାନକୁ ଜବତ କରି ତଦନ୍ତ ଚଳାଇଛି। ଯାତ୍ରୀବାହୀ ବସ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବା ଜଣାପଡିଛି। ଭ୍ୟାନଟି ସୋରଡ଼ାରୁ ବ୍ରହ୍ମପୁର ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ବସ୍ ସହ ଧକ୍କା ହୋଇଥିଲା।

### ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

**ବୁଗୁଡ଼ା, ୧୫।୧୦(କଳୀଚରଣ ଦାଶ)**

ବୁଗୁଡା ପିପୁଲ୍ସ କଲେଜର ରାଜନୀତି ବିଜ୍ଞାନ ବିଭାଗ ପକ୍ଷରୁ ଏକ ରାଜ୍ୟସ୍ତରୀୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ମହିଳା ସଶକ୍ତିକରଣର ତତ୍ତ୍ୱ, ପ୍ରକ୍ରିୟା, ବାସ୍ତବ କାର୍ଯ୍ୟକାରିତା ଏବଂ ଗୁରୁତ୍ୱପୂର୍ଣ୍ଣ ବିଶ୍ଳେଷଣ ଏହି ଆଲୋଚନା ଚକ୍ରର ବିଷୟବସ୍ତୁ ରହିଥିଲା। କଲେଜ ଅଧ୍ୟକ୍ଷ ହରିକୃଷ୍ଣ ନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଉତ୍କଳ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଅଧ୍ୟାପକ ବ୍ରହ୍ମାନନ୍ଦ ଶତପଥି ଏବଂ ସମ୍ମାନିତ ଅତିଥି ଭାବେ ଶରଣକୁଳ କଲେଜ ଅଧ୍ୟାପକ ଅନ୍ତର୍ଯ୍ୟାମୀ ପରିଡ଼ା ଓ ବାଲିପଦର କଲେଜ ଅଧ୍ୟାପକ ଭାବଗ୍ରାହୀ ପଣ୍ଡା ଯୋଗ ଦେଇଥିଲେ। ଛାତ୍ରୀ ପୂଜାରାଣୀ ଦାସ ଓ ଅମ୍ରିତା ଅପରୂପା ସାହୁ ଆଲୋଚନା ଚକ୍ରର ସନ୍ଦର୍ଭ ପାଠ କରିଥିଲେ। ଆଇକ୍ୟୁଏସି ସଂଯୋଜକ ପ୍ରଦୀପ କୁମାର ଦାଶ ଆଲୋଚନା ଚକ୍ରର ବିଷୟ ଉପରେ ଆଲୋକପାତ କରିଥିଲେ। ଯେ କୌଣସି ରାଷ୍ଟ୍ରର ବିକାଶ ଦିଗରେ ନାରୀଙ୍କ ଭୂମିକା ଅପରିହାର୍ଯ୍ୟ ଏବଂ ମହିଳା ସଶକ୍ତିକରଣ ଦ୍ୱାରା ହିଁ ବିକଶିତ ରାଷ୍ଟ୍ରର କଳ୍ପନା କରାଯାଇପାରେ ବୋଲି ମତ ପ୍ରକାଶ ପାଇଥିଲା। କାର୍ଯ୍ୟକ୍ରମକୁ ଅଧ୍ୟାପକ ବିନୋଦ କୁମାର କର ପରିଚାଳନା କରିଥିଲେ।

# ଶେଷ ହେଲା ସାଇବର ସୁରକ୍ଷା ସଚେତନତା

**ଛତ୍ରପୁର, ୧୫।୧୦(ସନ୍ତୋଷ ପାଢୀ/ ଦିଲୀପ ସାମଲ)**

ସାଇବର ଅପରାଧ ରୋକିବା ପାଇଁ ସଚେତନତା ସୃଷ୍ଟି ନେଇ ଗତ ୨ ତାରିଖରୁ ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ଚାଲିଥିବା କାର୍ଯ୍ୟକ୍ରମ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଗଞ୍ଜାମ ପୋଲିସ ଜିଲା ପକ୍ଷରୁ ସ୍ଥାନୀୟ ଜିଲା ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ଯୋଗଦେଇ ପୋଲିସର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଗଞ୍ଜାମ ଏସ୍‌ପି ଜଗମୋହନ ମୀନା ଅଧ୍ୟକ୍ଷତା କରି ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଉପରେ କହିବା ସହ ସଚେତନ ହୋଇ ପୋଲିସକୁ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ସାଇବର ସୁରକ୍ଷା ନେଇ ୩ଟି କ୍ଷୁଦ୍ର ଚଳଚ୍ଚିତ୍ର ପ୍ରଦର୍ଶିତ ଓ ସଚେତନତା ଧର୍ମୀ ଏକ ନାଟକ ପରିବେଷଣ ହୋଇଥିଲା। ପରେ ସାଇବର ସମ୍ବନ୍ଧୀୟ ଏକ କୁଇଜ୍ ପ୍ରତିଯୋଗିତା କରାଯାଇ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମକୁ ଅତିରିକ୍ତ ଏସପି ରଞ୍ଜିତ କୁମାର ପୃଷ୍ଟି ସଂଯୋଜନା କରିଥିବାବେଳେ ଅତିରିକ୍ତ ଏସପି ସଂଗ୍ରାମ କେଶରୀ ବେହେରା, ଛତ୍ରପୁର ଏସଡିପିଓ ଗୌରହରି ସାହୁ, ଛତ୍ରପୁର ଥାନା ଆଇଆଇସି ନିରୋଦ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ଫୁଲବାଣୀରେ କନ୍ଧମାଳ ଏସ୍‌ପି ଜଣେ ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

**ଫୁଲବାଣୀ, (ରାକେଶ କୁମାର ରାଉତ):** ଗାନ୍ଧୀ ଜୟନ୍ତୀରୁ ଆରମ୍ଭ ହୋଇଥିଲା ସାଇବର ସୁରକ୍ଷା ସଚେତନତା ଅଭିଯାନ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉପଲକ୍ଷେ ସ୍ଥାନୀୟ ଗାନ୍ଧୀ ସ୍ମୃତି ଭବନଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ସମ୍ମାନିତ ଅତିଥି ଭାବେ ଏସ୍‌ପି ଶୁଭନ୍ଦୁ କୁମାର ପାତ୍ର, ବରିଷ୍ଠ ଆଇନଜୀବୀ ବିଜୟକୃଷ୍ଣ ପଟ୍ଟନାୟକ, ଏସ୍‌ଡିପିଓ ସୁପ୍ରସନ୍ନ ମଲ୍ଲିକ, ଡିଏସ୍‌ପି ପ୍ରଭାତ କୁମାର ସେଠୀ, ହୃଷିକେଶ ନାୟକ, ସୁବ୍ରତ ବେହେରା, ସର୍ବେଶ୍ୱର ବେହେରା, କମଳାକାନ୍ତ ପଣ୍ଡା, ଜି ଉଦୟଗିରି ଏସ୍‌ଡିପିଓ ବିଜୟ କୁମାର ବିଶି ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ। ସକାଳେ ପୋଲିସ ଏକାଦଶ ଓ ସ୍ପୋର୍ଟସ ହଷ୍ଟେଲ ମଧ୍ୟରେ ଏକ ପ୍ରଦର୍ଶନୀ ଫୁଟବଲ ମ୍ୟାଚ ଆୟୋଜିତ ହୋଇଥିଲା। ସମସ୍ତ କାର୍ଯ୍ୟକ୍ରମ ଅତିରିକ୍ତ ଏସ୍‌ପି ଲଳିତ କୁମାର ପଟ୍ଟନାୟକ ଓ ସାଇବର ଥାନାଧିକାରୀ ତରୁଣ ତପନ ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସମ୍ପନ୍ନ ହୋଇଥିଲା।

**ପାରଳାଖେମୁଣ୍ଡି(ଗିରିଧାରୀ ପରିଚ୍ଛା):** ପାରଳାଖେମୁଣ୍ଡି ସ୍ଥିତ ଗ୍ରାମୀଣ ଆତ୍ମନିଯୁକ୍ତି ତାଲିମ ସଂସ୍ଥା ସଭାଗୃହଠାରେ ସାଇବର ସୁରକ୍ଷା ସଚେତନ ଉଦଯାପନି କାର୍ଯ୍ୟକ୍ରମରେ ଗଜପତି ଜିଲା ଆରକ୍ଷୀ ଅଧିକ୍ଷକ ଏସ ସ୍ୱାତୀ କୁମାର ମୁଖ୍ୟଅତିଥି ରୂପେ ଯୋଗଦାନ କରିଥିବା ବେଳେ ଗଜପତି ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଗୁଣନିଧି ନାୟକ ସମ୍ମାନୀୟ ଅତିଥି ରୂପେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଗଜପତି ଜିଲ୍ଲାର ସମସ୍ତ ଥାନା ଅଧିକାରୀ ଓ ପାରଳାଖେମୁଣ୍ଡି ଥାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

**ଗୁମ୍ମା,(ପ୍ରବୀଣ କୁମାର ଲିମା):** ଗୁମ୍ମା ବ୍ଲକ ଅନ୍ତର୍ଗତ ସେରଙ୍ଗ ପୋଲିସ ଥାନା ପକ୍ଷରୁ ସାଇବର୍ ସୁରକ୍ଷା ସଚେତନତା ରାଲି ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଗ୍ରାମର ବରିଷ୍ଠ ନାଗରିକ ମାନେ ଅଂଶଗ୍ରହଣ କରି ସାଇବର ସୁରକ୍ଷା ସଚେତନତା ବାର୍ତ୍ତା ଜଣାଇଥିଲେ। ଗୁମ୍ମା ଫାଣ୍ଡି ନିକଟରେ ସମସ୍ତଙ୍କୁ ନେଇ ଥାନା ଅଧିକାରୀ ଅଶୋକ କୁମାର ହାଂସାଦାଙ୍କ ନେତୃତ୍ୱରେ ଏକ ସଚେତନତା ସଭା ହୋଇଥିଲା। ସଚେତନତା ରାଲିରେ ଗୁମ୍ମା ବ୍ଲକର କାର୍ଯ୍ୟରତ ସାମାଜିକ ଅଧିକାରୀ ଉପେନ୍ଦ୍ର ମାଛ, ଗୁମ୍ମା ପୋଲିସ ଫାଣ୍ଡି ଅଧିକାରୀ ପ୍ରଫୁଲ୍ଲ ଜାଗାରାଙ୍ଗା, ହାବିଲଦାର ବାସ୍କର ଶାୟା, ସେରଙ୍ଗ ବାପଟିଷ୍ଟ ମଣ୍ଡଳୀର ପାଳକ ରେଭ୍ ସବୁଲନ ପାଣି ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ।

# ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଆଶାକର୍ମୀଙ୍କ ଧାରଣା


ହିଞ୍ଜିଳି ଥାନା ପରିସରରେ ଆଶାକର୍ମୀଙ୍କ ଧାରଣା।

**ହିଞ୍ଜିଳିକାଟୁ, ୧୫।୧୦ (ଦ୍ୱିତୀକୃଷ୍ଣ ପଣ୍ଡା)**

ଜଣେ ଆଶା କର୍ମୀଙ୍କୁ କାର୍ଯ୍ୟରତ ସମୟରେ ଡାକ୍ତରଖାନାରେ ଦୁର୍ବ୍ୟବହାର କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ରବିବାର ଅଭିଯୁକ୍ତଙ୍କୁ ଗିରଫ ଦାବି କରି ଆଶାକର୍ମୀମାନେ ହିଞ୍ଜିଳିକାଟୁ ଥାନାରେ ଧାରଣା ଦେଇଥିଲେ।

ଶନିବାର ହିଞ୍ଜିଳିକାଟୁ ପୌରାଞ୍ଚଳ ୧୭ ନଂ ୱାର୍ଡର ଜଣେ ଆଶାକର୍ମୀଙ୍କୁ ଉକ୍ତ ୱାର୍ଡର ଜଣେ ବ୍ୟକ୍ତି ଡାକ୍ତରଖାନାରେ ଦୁର୍ବ୍ୟବହାର କରିଥିବା ଆଶାକର୍ମୀମାନେ ଅଭିଯୋଗ କରିଛନ୍ତି। ବ୍ୟକ୍ତି ଜଣକ ତାଙ୍କର ସ୍ତ୍ରୀଙ୍କ ସହ ଡାକ୍ତରଖାନା

**ଆଶାକର୍ମୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ**

ଆସିଥିଲେ। କୌଣସି ଘଟଣା ନେଇ ଆଶାକର୍ମୀଙ୍କ ସହ ତାଙ୍କର ପାଟିତୁଣ୍ଡ ହୋଇଥିଲା ଓ ଆଶାକର୍ମୀଙ୍କୁ ଦୁର୍ବ୍ୟବହାର କରିଥିଲେ। ଏଥିନେଇ ଅଭିଯୁକ୍ତଙ୍କୁ ଶୀଘ୍ର ଗିରଫ କରିବା ପାଇଁ ଅପରାହ୍ନରେ ହିଞ୍ଜିଳିକାଟୁ ବ୍ଲକ ଆଶାକର୍ମୀ ସଂଘର ବହୁ ସଦସ୍ୟା ଥାନା ପରିସରରେ ରୁଣ୍ଡ ହୋଇଥିଲେ। ଆଶାକର୍ମୀ ଶାନ୍ତିଲତାଙ୍କ ଅଭିଯୋଗ କ୍ରମେ ପୋଲିସ ନଂ. ୭୬୧/୨୩ରେ ମାମଲା ରୁଜୁ କରିଛି। ଅଭିଯୁକ୍ତଙ୍କୁ ଗିରଫ ପାଇଁ ପ୍ରତିଶ୍ରୁତି ମିଳିବା ପରେ ଆଶାକର୍ମୀମାନେ ଥାନାରୁ ହଟିଥିଲେ।

# ବିଭିନ୍ନ ଶକ୍ତିପୀଠରେ ନବରାତ୍ର

**ଆସିକା, ୧୫।୧୦(ସୁରେନ୍ଦ୍ର ନାଥ ସାହୁ)**

ଆସିକା ସହର ଓ ଆଖପାଖ ଅଞ୍ଚଳର ବିଭିନ୍ନ ଶକ୍ତିପୀଠରେ ସୋମବାରଠାରୁ ଶାରଦୀୟ ନବରାତ୍ର ପୂଜା ଆରମ୍ଭ ହୋଇଛି। ଆସିକାର ଆରାଧ୍ୟା ଦେବୀ ମା' ଖମ୍ବେଶ୍ୱରୀଙ୍କ ପୀଠରେ ରବିବାର ଭୋରରୁ ଶ୍ରଦ୍ଧାଳୁଙ୍କ ସମାଗମ ଲାଗି ରହିଛି। ଶ୍ରଦ୍ଧାଳୁ ମନ୍ଦିର ବେଢାରେ ଅଖଣ୍ଡ ଦୀପ ଲାଗି କରିବା ସହ ମା'ଙ୍କ ଦର୍ଶନ କରି ଫେରୁଛନ୍ତି। ମନ୍ଦିର ପରିଚାଳନା କମିଟି ସଭାପତି ସତ୍ୟନାରାୟଣ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେବୀଙ୍କ ପୂଜାନୀତି ଶୃଙ୍ଖଳାର ସହ ଚାଲିଛି। ସେହିପରି ଆସିକା ସହରର ଶ୍ୟାମାକାଳୀ ମନ୍ଦିର, ବସଷ୍ଟାଣ୍ଡ ଠାକୁରାଣୀ, ବୈଷ୍ଣଦେବୀ ମନ୍ଦିର, ଦଣ୍ଡକାଳୀ ମନ୍ଦିର ଏବଂ ବିଭିନ୍ନ ଶକ୍ତିପୀଠରେ ନବରାତ୍ର ପୂଜା ଲାଗି ମନ୍ଦିର ପରିସର ଉତ୍ସବ ମୁଖରିତ ହେଉଛି।

**(ଫଟୋ – ମା ଖମ୍ବେଶ୍ୱରୀ ଆସିକ)**

**ଖଲ୍ଲିକୋଟ,(ପ୍ରଶାନ୍ତ କୁମାର ମିଶ୍ର)–** ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ଶ୍ରୀକୃଷ୍ଣ ଶରଣପୁର ଶାସନରେ ଦୁର୍ଗାଦେବୀଙ୍କ ନବରାତ୍ର ପୂଜା ଆରମ୍ଭ ହୋଇଛି। ପୁରୋହିତ ଶରତ ରଥ ଦେବନୀତି ପ୍ରକାରେ ମା'ଙ୍କ ପୂଜାର୍ଚ୍ଚନା କରି ନୂତନ ପୂଜା ମଣ୍ଡପକୁ ନେଇଥିଲେ।


ଆସିକା


କ. ନୂଆଗାଁ


ପାତ୍ରପୁର

ସନ୍ଧ୍ୟାରେ ବିମାନରେ ଦୁର୍ଗା ଦେବୀଙ୍କୁ ବିଜେକରି ସାହି ପରିକ୍ରମା କରିଥିଲେ। ରାମକୃଷ୍ଣ ତ୍ରିପାଠୀ ପୂଜାର ଦାୟିତ୍ୱରେ ଥିବା ବେଳେ ତାଙ୍କୁ ଶାସନର ଜୋତିଶ କୁମାର ନନ୍ଦ, ଲକ୍ଷଣ ରଥ, ପ୍ରଭାତ ଶିଶିର ପଣ୍ଡା, ମନୋଜ ରଥ, ପୂଜକ ଦେବରାଜ ପଣ୍ଡା, ନୟନ ପ୍ରସାଦ ମିଶ୍ର, ରତ୍ନାକର ମିଶ୍ର, ଦୁର୍ଗା ତ୍ରିପାଠୀ, ହରପ୍ରସାଦ ତ୍ରିପାଠୀ ପ୍ରମୁଖ ସହଯୋଗ କରୁଛନ୍ତି। ସେହିପରି କୁଷଡ଼ିପା ଶାଶନ, ବାଲୁଙ୍କେଶ୍ୱରପୁର ପ୍ରଭୃତି ଶାଶନରେ ଏହି ପୂଜା ଅନୁଷ୍ଠିତ ହେଉଛି।

**ପାତ୍ରପୁର,(ଉମା ଚରଣ ନେପାକ):** ପାତ୍ରପୁର ସ୍ଥିତ ମା' କୁଠାରୀଶ୍ୱରୀଙ୍କ ପୀଠରେ ନବରାତ୍ର ପୂଜା ମହାଆଡମ୍ବର ସହକାରେ ଆରମ୍ଭ ହୋଇଯାଇଛି। ପୀଠରେ ଶନିବାରଠାରୁ ପୂଜା ଆରମ୍ଭ ହୋଇଥିବା ବେଳେ ଆସନ୍ତା ୨୧ତାରିଖ ଶନିବାର ପର୍ଯ୍ୟନ୍ତ ପୂଜା ମହାସମାରୋହରେ ଅନୁଷ୍ଠିତ ହେବ ବୋଲି ପୂଜା କମିଟ ସଭାପତି ପି. ସଚିଦାନନ୍ଦ ସୁବୁଦ୍ଧି ଏବଂ କୋଷାଧ୍ୟକ୍ଷ ସୁରେଶ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି।

**କବିସୂର୍ଯ୍ୟନଗର,(କୃପାସିନ୍ଧୁ ସ୍ୱାଇଁ)–** କବିସୂର୍ଯ୍ୟନଗରର ଅଧିଷ୍ଠାତ୍ରୀ ଦେବୀ ମା ମହାମାୟୀଙ୍କ ନବରାତ୍ର ପୂଜା ଆରମ୍ଭ ହୋଇଛି। ରବିବାର ଆଶ୍ୱିନ ଶୁକ୍ଳ ପ୍ରତିପଦା ପ୍ରଥମ ଦିନ ସକାଳେ ଷଡ଼ାଙ୍ଗ, ସୂର୍ଯ୍ୟପୂଜା, ଦ୍ୱାର ପୂଜା, ବିଲ୍ୱ ପୂଜା, ପୀଠ ପୂଜା ଓ ଦେବୀଙ୍କ ଉପଚାର ଏବଂ ଚଣ୍ଡୀପାଠ ଚାଲିଛି। ସତଚଣ୍ଡୀ ପାଠ ସହ ଉପଚାର, ଧୂପ, ଆଳତି, ପୁଷ୍ପାଞ୍ଜଳି, ବଳୀପୂଜା ପରେ ରାତ୍ର ଧୂପ ଦିଆଯାଏ। କର୍ତ୍ତାଭାବେ ଜି. ଶମ୍ଭୁଲିଙ୍ଗମ ଆଚାରୀ ଓ ତାଙ୍କ ସ୍ତ୍ରୀ ଧନଲକ୍ଷ୍ମୀ କାର୍ଯ୍ୟ ତୁଲାଉଛନ୍ତି। ଟ୍ରଷ୍ଟ ସଭାପତି ବିଜୟ କହଁର, ପୂଜାରୀ ମାଧବ, କୋଷାଦକ୍ଷ ବାଳରାଜୁ, ଗୌରୀଶଙ୍କର ଶାସମଲ ଓ ପୂଜକମାନେ ମା'ଙ୍କ ପୂଜର୍ଚ୍ଚନା କରୁଛନ୍ତି।

**କ.ନୂଆଗାଁ(କାଳି ପ୍ରସାଦ ତ୍ରିପାଠୀ)–** କନ୍ଧମାଳ ଜିଲା ନୂଆଗାଁର ହରିହର ମନ୍ଦିର ପରିସରରେ ଥିବା ମା' ଚାମୁଣ୍ଡେଶ୍ୱରୀଙ୍କ ପୀଠରେ ନବରାତ୍ର ପୂଜା ଆରମ୍ଭ ହୋଇଯାଇଛି। ପ୍ରତ୍ୟେକ ଦିନ ଯଥା ରୀତି ଅନୁସାରେ ପୂଜା କରାଯାଉଛି। ରବିବାର ପ୍ରଥମ ଦିନରେ ମା'ଙ୍କୁ ଶୈଳପୁତ୍ରୀ ରୂପରେ ପୂଜା କରାଯାଇଛି। କର୍ତ୍ତା ଭାବରେ ପ୍ରଫୁଲ୍ଲ ଚନ୍ଦ୍ର ଦାସ ଓ ପୂଜକ ଭାବରେ ଦିବାକର ଆଚାର୍ଯ୍ୟ କାର୍ଯ୍ୟ ସମ୍ପାଦନ କରୁଛନ୍ତି। ଏହି କାର୍ଯ୍ୟକ୍ରମ ଆସନ୍ତା ୨୩ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଆୟୋଜକ କହିଛନ୍ତି।

# କବିସୂର୍ଯ୍ୟ ବଳଦେବ ଚାଷୀ, କୃଷକ ସମାବେଶ



**କବିର୍ଯ୍ୟନଗର, ୧୫।୧୦(କୃପାସିନ୍ଧୁ ସ୍ୱାଇଁ)**

କବିସୂର୍ଯ୍ୟନଗର ବ୍ଲକ ଓ ଏନ୍‌ଏସିର ସମସ୍ତ ଚାଷୀଙ୍କୁ ନେଇ ବଡ଼ ଆଗୁଳ ମା' ବ୍ରାହ୍ମଣୀ ଦେବୀ ପିଠ ଠାରେ କୃଷକ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷର ବୃଷ୍ଟି ହିନ ଜଳ ସମସ୍ୟା ନେଇ ମେଗା ଜଳ ପ୍ରକଳ୍ପ, ଜଳ ଭଣ୍ଡାରର ପୁନଉଦ୍ଧାର, କେନାଲ ଖନନ ଓ ଭିତର ସାଗର ଜଳପ୍ରକଳ୍ପ ପ୍ରମୁଖ ସମସ୍ୟା ଉପରେ ଆଲୋଚନା କରାଯାଇଥିଲା। କବିସୂର୍ଯ୍ୟ ବଳଦେବ ଚାଷୀ ଏବଂ କୃଷକ ସଙ୍ଗଠନର ସଭାପତି ରୂପେ ବିଶିଷ୍ଟ ସାମାଜିକ କର୍ମୀ ଇ. ମାହେଶରୀ ଦୋରା, ସାଧାରଣ ସମ୍ପାଦକ ବାଳକୃଷ୍ଣ ପଟ୍ଟନାୟକ ଏବଂ ଡାଇରେକ୍ଟର ଭାବେ ଡକ୍ଟର କଂଗ୍ରେସ ପ୍ରଧାନଙ୍କୁ ସର୍ବ ସମ୍ମତି କ୍ରମେ ଚୟନ କରାଯାଇଥିଲା। ପରବର୍ତ୍ତୀ କର୍ମକର୍ତ୍ତାମାନଙ୍କୁ ପରବର୍ତ୍ତୀ ସମୟରେ ସାଙ୍ଗଠାନିକ ସଭାରେ ମନୋନିତ କରିବା ପାଇଁ ସର୍ବ ସାଧାରଣଙ୍କ ନିକଟରେ ପ୍ରସ୍ତାବ ରଖାଯାଇଥିଲା। ଏଥିରେ ଶତାଧିକ ମହିଳା, ସ୍ୱୟଂ ସେବିକା ଗୋଷ୍ଠୀ, ଶତାଧିକ ଚାଷୀ ଯୋଗ ଦେଇଥିଲେ। ବଡଆଗୁଳ ମା ବ୍ରାହ୍ମଣ ଦେବି ଚାଷୀ ଓ କୃଷକ ସଂଘ ସଭାପତି ରଞ୍ଜନ କୁମାର ଗୌଡ଼, ସମ୍ପାଦକ ଚନ୍ଦ୍ର ପ୍ରଧାନ, କୋଷାଧ୍ୟକ୍ଷ ଉମାକାନ୍ତ ଗୌଡ଼ ପ୍ରମୁଖ ଉପସ୍ଥିତ ଥିଲେ।

### ଭାଜପାର ମୋ ମାଟି ଓ ଦେଶ କାର୍ଯ୍ୟକ୍ରମ

**ବୁଗୁଡ଼ା, ୧୫।୧୦(କଳୀଚରଣ ଦାଶ)**

ଭାଜପା ପକ୍ଷରୁ ରବିବାର ବୁଗୁଡ଼ା ବ୍ଲକ ଅନ୍ତର୍ଗତ ବି. କରଡାବାଡି ଗ୍ରାମରେ ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଘୁମୁସର ସାଙ୍ଗଠନିକ ଜିଲା ସଭାପତି ଗୋକୁଳାନନ୍ଦ ମଲ୍ଲିକଙ୍କ ନେତୃତ୍ୱରେ ଭାଜପା କର୍ମକର୍ତ୍ତାମାନେ ଗାଁର ଘରକୁ ଘର ବୁଲି ଅମୃତ କଳସରେ ମାଟି ସଂଗ୍ରହ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବୁଗୁଡ଼ା ବ୍ଲକ୍ ଆବାହକ ହରିକୃଷ୍ଣ ସାହୁ, ଗଙ୍ଗାଧର ନାୟକ, ସରପଞ୍ଚ ଦିଲ୍ଲୀପ ପ୍ରଧାନ, ଚିତ୍ତରଞ୍ଜନ ନାୟକ, ଅନୁସୂଚିତ ଜାତି ଭାଜପା ମୋର୍ଚ୍ଚା ସଭାପତି ଗନ୍ଧମାର୍ଦ୍ଦନ ସେଠୀ, ଶ୍ରୀହରି ସେଠୀ, ସୁରେନ୍ଦ୍ର ରାଉତଙ୍କ ସମେତ ବହୁ ଯୁବ କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ଗଞ୍ଜାମର କବିତାଘର ସାହିତ୍ୟ ଉତ୍ସବ

**ଗୋପାଳପୁର, ୧୫।୧୦(ନବୀନରାଜ ଆଚାରୀ)**

ଜ୍ଞାନଜ୍ୟୋତି ଚାରିଟେବଲ ଟ୍ରଷ୍ଟ କରଞ୍ଜିଆ ଓ ଓଡିଶାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଗଞ୍ଜାମର କବିତାଘର ଲିଟେରାରୀ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେର ନବମ ସାହିତ୍ୟ ଉତ୍ସବ ଗୋପାଳପୁର ସେଣ୍ଟ ଭିନସେଣ୍ଟ ରିଟ୍ରିଟ ସେଣ୍ଟର ସଭାଗୃହରେ ରବିବାର ଅନୁଷ୍ଠିତ ହୋଇଯାଇଛି। କବିତା ପର୍ବକୁ ପ୍ରଶାସକ ଗଦାଧର ପାତ୍ର ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ସାହିତ୍ୟିକା ମମତା ଦାଶ, ସମ୍ମାନିତ ବକ୍ତା ଭାବେ ସମ୍ପାଦକ ସୁଶାନ୍ତ କୁମାର ନାୟକ, ସଭାପତି ଭାବେ ଚକ୍ଷୁ ବିଶେଷଜ୍ଞ ରାଜେନ୍ଦ୍ର ବେହେରା, ଜାହ୍ନବୀ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। କବିତା କ୍ଷେତ୍ରରେ କେନ୍ଦ୍ରପଡାର କବୟିତ୍ରୀ ପୁଷ୍ପାଞ୍ଜଳି ପଣ୍ଡାଙ୍କୁ 'ରାଜ୍ୟସ୍ତରୀୟ କବି ସମ୍ମାନ', ଖଲ୍ଲିକୋଟ ମାଟିର କବି ସରୋଜବାଳା ପଟ୍ଟନାୟକଙ୍କୁ 'ଜିଲାସ୍ତରୀୟ କବି ସମ୍ମାନ', କବିତା ପୁସ୍ତକ 'ଭଜନ ମଞ୍ଜରୀ' ନିମନ୍ତେ ବାଇବିନ ବାବାଙ୍କୁ ଖଲ୍ଲିକୋଟ ମାଟିର ସାହିତ୍ୟିକ ସୁଧାଂଶୁ ଶେଖର ସାହୁଙ୍କ ମାତାଙ୍କ ସ୍ମୃତିରେ ପ୍ରଦତ୍ତ 'ଦେବମଣି ସାହୁ ପୁସ୍ତକ ସ୍ମୃତି ସମ୍ମାନ' ଓ ଗୀତିନାଟ୍ୟ 'ଅଶୋକ ବାଟିକାରେ ସୀତା' ନିମନ୍ତେ କବି ଏନ ଯୋଗେଶ ଚନ୍ଦ୍ର ପ୍ରଧାନଙ୍କୁ ଡା ରାଜେନ୍ଦ୍ର କୁମାର ବେହେରାଙ୍କ ମା'ଙ୍କ ସ୍ମୃତିରେ ପ୍ରଦତ୍ତ 'ସ୍ୱର୍ଗତା ରୁକୁଣା ବେହେରା ପୁସ୍ତକ ସ୍ମୃତି ସମ୍ମାନ', ପବିତ୍ର ବ୍ରହ୍ମପୁତ୍ର ନାୟକ କେନ୍ଦ୍ରାପଡାଙ୍କୁ ବନଫୁଲ ପ୍ରକାଶନୀ ନିମନ୍ତେ 'ଶ୍ରେଷ୍ଠ ପ୍ରକାଶକ ସମ୍ମାନ' ଓ ସମ୍ପାଦକ ଶ୍ରୀ ସୁଶାନ୍ତ କୁମାର ନାୟକ, ରାୟଗଡାଙ୍କୁ ପତ୍ରିକା 'ପଞ୍ଚବଟୀ' ନିମନ୍ତେ 'ଶ୍ରେଷ୍ଠ ସମ୍ପାଦକ ସମ୍ମାନ'ରେ ସମ୍ମାନିତ କରାଗଲା। ଭାଗୀରଥି ବେହେରାଙ୍କ ସମ୍ପାଦନାରେ ସମ୍ପାଦିତ ବାର୍ଷିକ ମୁଖପତ୍ର 'ଭାଗୀରଥୀ କବିତାର ଗଙ୍ଗା ୨୦୨୩' ଓ ଲିଖିତ ଉପନ୍ୟାସ 'ଅନ୍ଧ ଉପତ୍ୟକା', ଶେଷଦେବ ବେହେରାଙ୍କ ଲିଖିତ 'ବେଙ୍ଗୁଲୀ ରାଣୀ କହଇ ବାଣୀ', ସରୋଜବାଳା ପଟ୍ଟନାୟକଙ୍କ ଲିଖିତ 'ଚାଲ ବୁଲିଯିବା ଚିଡିଆଖାନା', ଏନ ଯୋଗେଶ ଚନ୍ଦ୍ର ପ୍ରଧାନଙ୍କ ଲିଖିତ 'ଅଶୋକ ବାଟିକାରେ ସୀତା' ଓ ଡା ସହଦେବ ସ୍ୱାଇଁ ସହ ଜ୍ଞାନ ରଞ୍ଜନ ସ୍ୱାଇଁ ଲେଖିଥିବା କବିତା ସଂକଳନ 'ଯୁଗ୍ମଭାବ' ଉନ୍ମୋଚିତ ହୋଇଥିଲା।

# ବିଏଡ ଶିକ୍ଷକଙ୍କ ଜିଲାସ୍ତରୀୟ ବୈଠକ

**ଆସିକା, ୧୫।୧୦(ସୁରେନ୍ଦ୍ର ନାଥ ସାହୁ)**

ଗଞ୍ଜାମ ଜିଲାର ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟରତ ମୂଳ ନିଯୁକ୍ତ ବିଏଡ ଶିକ୍ଷକମାନଙ୍କ ଏକ ଜରୁରୀ ବୈଠକ ରାମନାଥ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ରବିବାର ସ୍ଥାନୀୟ ପୁଡୁଗେଶ୍ୱର ମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଗୁଣାତ୍ମକ ଶିକ୍ଷା ପାଇଁ ଏନସିଟିଇ ଆକ୍ଟ ଓ ଶିକ୍ଷାଅଧିକାର ଅନୁଯାୟୀ ଷଷ୍ଠରୁ ଅଷ୍ଟମ ଶ୍ରେଣୀ ଯାଏଁ ଛାତ୍ରୀଛାତ୍ରଙ୍କ ଶିକ୍ଷାଦାନ ଲାଗି ୨୦୦୧ରୁ ବିଏଡ ଶିକ୍ଷକମାନଙ୍କୁ ନିଯୁକ୍ତି ଦେଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସେମାନଙ୍କୁ ବିଷୟ ଭିତ୍ତିକ ଶିକ୍ଷକର ମାନ୍ୟତା କରିନାହାନ୍ତି। ଫଳରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୁଣାତ୍ମକ ଶିକ୍ଷା ପ୍ରଦାନରେ ବାଧା ହେଉଛି। ଏଥିସହ ଏଲିମେଣ୍ଟାରି କ୍ୟାଡ଼ର ରୁଲ ୨୦୧୯ରେ ମଧ୍ୟ ସ୍ନାତକ ପ୍ରାପ୍ତ ବିଏଡ ଶିକ୍ଷକମାନଙ୍କୁ ପ୍ରମୋସନ କ୍ଷେତ୍ରରେ ଅବହେଳା କରାଯାଉଛି। ଏହି ବିଷୟକୁ ନେଇ ବୈଠକରେ ଗଭୀର ଉଦବେଗ ପ୍ରକାଶ କରାଯାଇଥିଲା ବେଳେ ଆଗାମି ଦିନରେ ଏହି ହକ ହାସଲ ଲାଗି ସଂଗଠିତ ଉଦ୍ୟମ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବୈଠକରେ ଗଞ୍ଜାମ ଜିଲାର ୧୮ଟି ବ୍ଲକରୁ ପ୍ରତିନିଧି ଯୋଗଦାନ କରି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ।

**TPCODL**
**ଟିପି ସେଣ୍ଟ୍ରାଲ ଓଡ଼ିଶା**
ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍
(ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ)
ପାୱାର ହାଉସ୍ ସ୍କୋୟାର, ୟୁନିଟ୍ - ୮, ଭୁବନେଶ୍ୱର - ୭୫୧୦୧୨
**ବିଶେଷ ସୂଚନା**
ମରାମତି କାର୍ଯ୍ୟ ପାଇଁ ଅକ୍ଟୋବର ୧୬ ତାରିଖ ଦିନ ରଘୁନାଥପୁର, ଶ୍ରୀରାମ ବଜାର, ବଙ୍ଗାଳି ସାହି ଅଞ୍ଚଳରେ ସକାଳ ୯ଟାରୁ ଅପରାହ୍ନ ୩ଟା ଯାଏ ବିଦ୍ୟୁତ୍ ଯୋଗାଣ ବନ୍ଦ ରହିବ।
ଅସୁବିଧା ପାଇଁ ଦୁଃଖିତ - ଟିପିସିଓଡିଏଲ୍

# ଗୋଟିଏ ଆଖି ହରାଇବାକୁ ବସିଲେଣି ସଞ୍ଜୁଳା

**ମୋହନା, ୧୫।୧୦(ମନ୍ମଥ ମିଶ୍ର)**

**ଅର୍ଥାଭାବରୁ ହୋଇପାରୁନି ଚିକିତ୍ସା**

ଅର୍ଥାଭାବରୁ ଚିକିତ୍ସା ସୁବିଧା ନ ପାଇ ଏବେ ଜୀବନ ସହ ସଙ୍ଘର୍ଷ କରୁଛି ସଞ୍ଜୁଳା ମୁଠାମାଝୀ। ଗଜପତି ଜିଲା ମୋହନା ବ୍ଲକ କଟମା ପଞ୍ଚାୟତ ପାଜିଗୁଡ଼ି ଗାଁର ସଞ୍ଜୁଳା ମୁଠାମାଝୀ(୩୨)। ବାପା ଈଶାକ ମୁଠାମାଝୀ ଗତ ୨୦୧୧ରେ କୌଣସି ଏକ ରୋଗର ଶିକାର ହୋଇ ଆରପାରିକୁ ଚାଲିଯିବା ପରେ ପରିବାର ଦାୟିତ୍ୱ ମା' ସଂଗୁଡ଼ି ମୁଠା ମାଝୀଙ୍କ ଉପରେ ପଡ଼ିଲା। ନିଜର ଜମିବାଡ଼ି ବୋଲି କିଛି ନାହିଁ। କେବଳ ସରକାରୀ ରାସନ୍ ଚାଉଳ ଭରସା। ସେତିକିରେ ମା' ସଙ୍ଗୁଡି, ବଡ ଭାଇ ଜିସାୟ ଓ ଦୁଇ ଭଉଣୀ ମନିତା ଓ ସମୀତା ଚଳି ଯାଉଛନ୍ତି। ହେଲେ ସଞ୍ଜୁଳା ଗତ ୨୦୧୩ରେ ଜ୍ୱରରେ ଆକ୍ରାନ୍ତ ହେବା ପରେ ଗୋଟିଏ ଆଖି ନଷ୍ଟ ହେବାକୁ ବସିଲା। ପ୍ରଥମେ ସ୍ଥାନୀୟ ମେଡିକାଲରେ ଚିକିତ୍ସା କରିବା ପରେ କୌଣସି ସୁଫଳ ନମିଳିବାରୁ ଗତ ୨୦୧୭ରେ ଡ଼ାକ୍ତରଙ୍କ ପରାମର୍ଶ କ୍ରମେ କଟକ ମେଡିକାଲରେ ଭର୍ତ୍ତି ହୋଇଥିଲେ। ସେଠାରେ ସଞ୍ଜୁଳାଙ୍କ ଆଖି ଅସ୍ତ୍ରୋପଚାର ହୋଇଥିଲା। ଅସ୍ତ୍ରୋପଚାର ପରେ ମଧ୍ୟ ରୋଗ ଉପଶମ ନ ହେବାରୁ ଡ଼ାକ୍ତର ତାଙ୍କୁ ଦିଲ୍ଲୀ ସ୍ଥାନାନ୍ତର କରିଥିଲେ। ହେଲେ ଦିଲ୍ଲୀ ଯିବା ପରେ ସେଠାକାର ଡାକ୍ତର ଅସ୍ତ୍ରୋପଚାର ହୋଇ ସାରିଛି ତେଣୁ ଆଉ ଥରେ ଆଖି ଅସ୍ତ୍ରୋପଚାର ହୋଇ ପାରିବ ନାହିଁ ବୋଲି କହିବାରୁ ପରିବାର ଲୋକେ ନିରାଶ ହୋଇ ଫେରିଲେ। ପୁଣି ଥରେ ସଞ୍ଜୁଳାଙ୍କ ଚିକିତ୍ସା କରାଇବା ପାଇଁ ପରିବାରର ସମ୍ବଳ ନ ଥିବାରୁ ସଞ୍ଜୁଳାଙ୍କ ଆଶା ଏବେ ନିରାଶାରେ ପରିଣତ ହୋଇଛି। ସରକାରୀ ସହାୟତା ମିଳିଲେ ଉନ୍ନତ ଚିକିତ୍ସା ହୋଇ ସମ୍ପୂର୍ଣ୍ଣ ସୁସ୍ଥ ହେବେ ବୋଲି ଆଶା ରଖିଛନ୍ତି ସଞ୍ଜୁଳା।

# ବିଶେଷଜ୍ଞ ଡାକ୍ତର ପଦବୀ ପୂରଣ ଦାବି ନେଇ ଭାଜପାର ଧାରଣା

**ଜି.ଉଦୟଗିରି, ୧୫।୧୦(ଶିଶିର ପଟ୍ଟନାୟକ)**

ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ବର୍ଷ ବର୍ଷ ଧରି ଖାଲିଥିବା ସମସ୍ତ ବିଶେଷଜ୍ଞ ପଦବୀ ପୂରଣ ହେଉନଥିବାରୁ ରବିବାରଠାରୁ ଭାଜପା ତରଫରୁ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଇଛି।

ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ୬ଟି ବିଶେଷଜ୍ଞ ପଦବୀ ଥିବା ବେଳେ ଦୀର୍ଘ ବର୍ଷ ହେବ ସବୁ ପଦବୀ ଖାଲି ପଡ଼ିଛି। ସେସବୁ ପଦବୀ ପୂରଣ ପାଇଁ ଦାବି ହୋଇ ଆସୁଥିଲେ ମଧ୍ୟ ସରକାର ବିଶେଷଜ୍ଞ ପଦବୀ ପୂରଣ ନକରି ସେ ସ୍ଥାନରେ ଏମ୍‌ବିବିଏସ ଡାକ୍ତର ପଠାଉଛନ୍ତି। ଫଳରେ ଶିଶୁ, ଗର୍ଭବତୀ ଓ ବିଭିନ୍ନ ଜ୍ୱରରେ ପୀଡିତ ରୋଗୀ ଖର୍ଚ୍ଚାନ୍ତ ହୋଇ ଭଞ୍ଜନଗର, ବ୍ରହ୍ମପୁର ପରି ଦୂର ସ୍ଥାନକୁ ଯାଉଛନ୍ତି। ତେଣୁ ସରକାର ଶୀଘ୍ର ୬ଟି ବିଶେଷଜ୍ଞ ମଧ୍ୟରୁ ଭେଷଜ, ସ୍ତ୍ରୀ ଓ ପ୍ରସୂତୀ ଏବଂ ଶିଶୁ ରୋଗ ବିଶେଷଜ୍ଞ ପଦବୀ ପୂରଣ କରିବା ପାଇଁ ଧାରଣା ଦିଆଯାଇଛି।



ଭାଜପାର ଧାରଣା।

ଜି.ଉଦୟଗିରି ନଗର ଭାଜପା ସଭାପତି ଉଦେଶନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଧାରଣାରେ କୃଷକ ମୋର୍ଚ୍ଚା ଜିଲା ସଭାପତି ଅବନେଶ୍ୱର ପ୍ରଧାନ, ବରିଷ୍ଠ ଭାଜପା ନେତା ଭୀମସେନ ପ୍ରଧାନ, ମୀନକେତନ ନାୟକ, ପ୍ରିୟବ୍ରତ ସାହୁ, କାଉନସିଲର କୁନ୍ତୀମା ମଲ୍ଲିକ, ସଙ୍ଗୀତା ନାୟକ, ନାରିନେତ୍ରୀ ସତ୍ୟଭାମା ପ୍ରଧାନ ପ୍ରମୁଖ ଧାରଣାରେ ବସିଥିଲେ। ଆସନ୍ତା ୨୧ ତାରିଖ ଯାଏ ଏହି ଧାରଣା ଚାଲିବ। ଯଦି ସରକାର ବିଶେଷଜ୍ଞ ପଦବୀ ପୂରଣ ନ କଲେ ଆଗାମୀ ଦିନରେ ଜି.ଉଦୟଗିରି ବଜାର ଓ ଯାନବାହନ ଚଳାଚଳ ବନ୍ଦ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି।

**ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର**
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ
Plot No.-1/A, Jayadev Vihar, Xavier Square, Bhubaneswar-13
Website: www.gkcmorc.org, Email:gkcmorc@gmail.com
**ବିଜ୍ଞାପନ**
No.RR-22:ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟ ମହୋତ୍ସବ ୨୦୨୩ ନିମନ୍ତେ ଆବେଦନ ପତ୍ର ତା ୧୬।୧୦।୨୩ ରିଖରୁ ତା ୪।୧୧।୨୩ ରିଖ ପର୍ଯ୍ୟନ୍ତ ଗ୍ରହଣ କରାଯିବ।
ଏହି ସମ୍ବନ୍ଧୀୟ ସମସ୍ତ ତଥ୍ୟ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର website- www.gkcmorc.orgରେ ଉପଲବ୍ଧ।
ଇଚ୍ଛୁକ ପ୍ରାର୍ଥୀମାନେ ଏହି websiteକୁ ଯାଇ ନିଃଶୁଳ୍କ ଆବେଦନ କରିପାରିବେ। କେବଳ online application ଗ୍ରହଣ କରାଯିବ।
ସ୍ୱା./-
ମୁଖ୍ୟ କାର୍ଯ୍ୟନିର୍ବାହୀ
OIPR-03004/11/0004/2324

# ଆକ୍ସିସ୍ ବ୍ୟାଙ୍କର ନୂତନ ଅଭିଯାନ

ଭୁବନେଶ୍ୱର,୧୫।୧୦

ଆକ୍ସିସ୍ ବ୍ୟାଙ୍କର ନୂତନ ଅଭିଯାନ 'ସ୍ୱର୍ଶ ସପ୍ତାହ'ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଗ୍ରାହକଙ୍କ ପ୍ରତି ରହିଥିବା ଆଗ୍ରହର ପରିପ୍ରକାଶ କରିବା ଲାଗି ଉକ୍ତ ଅଭିଯାନର ଆୟୋଜନ କରାଯାଇଛି। ଏପରିକି ବ୍ୟାଙ୍କ ଓ ଗ୍ରାହକମାନଙ୍କ ମଧ୍ୟରେ ରହିଥିବା ସମ୍ପର୍କକୁ ମଜଭୁତ କରିବା ଲାଗି ବ୍ୟାଙ୍କ ପକ୍ଷରୁ ଏଭଳି ଏକ ଅଭିଯାନ କର୍ମଚାରୀମାନଙ୍କ ଲାଗି ବିଭିନ୍ନ ଗ୍ରାହକ ସଂପୃକ୍ତି କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଏହି ସପ୍ତାହରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ଶିକ୍ଷଣୀୟ ଓ ଗ୍ରାହକଙ୍କ ଉପରେ ଗୁରୁତ୍ୱାରୋପ କରୁଥିବା କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଯାହାଫଳରେ କର୍ମଚାରୀ ଓ ଗ୍ରାହକମାନଙ୍କ ପ୍ରଗତି, ନବସୃଜନ ଓ ରୂପାନ୍ତରଣ ଯାତ୍ରାରେ ବ୍ୟାଙ୍କ ଯୋଡ଼ିହୋଇ ରହିପାରିବ। ଉଲ୍ଲେଖଯୋଗ୍ୟ, ଶୁଣନ୍ତୁ, ପଦକ୍ଷେପ ନିଅନ୍ତୁ ଓ ଉତ୍ସବ ପାଳନ କରନ୍ତୁ ଭଳି ତିନିଟି ମୂଳ ତତ୍ତ୍ୱ ଉପରେ ଚଳିତ ବର୍ଷର ସ୍ୱର୍ଶ ସପ୍ତାହ ପର୍ଯ୍ୟବସିତ ରହିବ। ଗ୍ରାହକଙ୍କ ଆବଶ୍ୟକତା ଓ ସମସ୍ୟାକୁ ଭଲ ଭାବେ ବୁଝିବା ଓ ଗ୍ରାହକଙ୍କ ମତାମତ ଓ ପ୍ରଶ୍ନ ଅନୁସାରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ନେବା ଓ ଗ୍ରାହକଙ୍କ ସହିତ ଆକ୍ସିସ୍ ବ୍ୟାଙ୍କର ମୂଲ୍ୟବାନ ସମ୍ପର୍କକୁ ପାଳନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି।

ଏ ସମ୍ପର୍କରେ ଆକ୍ସିସ ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ (ବ୍ୟାଙ୍କିଙ୍ଗ ଅପରେସନ୍ସ ଆଣ୍ଡ ଟ୍ରାନ୍ସଫର୍ମେଶନ) ସୁବ୍ରତ ମହାନ୍ତି କହିଛନ୍ତି, ଆମେ ସବୁ ଗ୍ରାହକଙ୍କ ଲାଗି ଦିଲ୍ ସେ ଓପନ୍ ଏବଂ ଉଚ୍ଚସ୍ତରର ଗ୍ରାହକ ସେବା ପାଇଁ ପ୍ରତିବଦ୍ଧ ରହିଛୁ। ଆମ ଗ୍ରାହକଙ୍କ କଥା ଓ ମତାମତକୁ ଶୁଣିବା, ପଦକ୍ଷେପ ନେବା ଓ ପାଳନ କରିବା ଲାଗି ଆମେ ଅଭିଳାଷ ରଖିଥିବାରୁ ସ୍ୱର୍ଶ ସେହି ଭାବର ପରିପ୍ରକାଶ କରୁଛି। କେବଳ ଆମେ ଏକ ବ୍ୟାଙ୍କ ନୁହେଁ ବରଂ ଜଣେ ସହଯୋଗୀ ଏବଂ ସ୍ୱପ୍ନ ଓ ଅଭିଳାଷ ପୂରଣ କରିବାର ସକ୍ଷମକାରୀ ଭାବେ ଆମ ମୂଲ୍ୟବୋଧକୁ ଏହି ଅଭିଯାନ ପ୍ରତିଫଳିତ କରୁଛି। ଦଶନ୍ଧି ଧରି ଆମ ଗ୍ରାହକମାନଙ୍କ ଆମ ଉପରେ ବିଶ୍ୱାସ ରହିଛି ଏବଂ ଆମେ ସେମାନଙ୍କୁ ଉଲ୍ଲାସପୂର୍ଣ୍ଣ ବ୍ୟାଙ୍କିଙ୍ଗ ଅନୁଭୂତି ପ୍ରଦାନ କରିବାକୁ ଲକ୍ଷ୍ୟ ରଖିଛୁ।

# ଏଏସ୍‌ଡିସିକୁ ବେଷ୍ଟ ପ୍ରାକ୍ଟିସ ଇନ୍ ଡିଜିଟାଲ ଟ୍ରାନ୍ସଫର୍ମେଶନ ଆୱାର୍ଡ

ଭୁବନେଶ୍ୱର,୧୫।୧୦ (ଅଭୟ ଦାଶ)




ଆଦାନୀ ଫାଉଣ୍ଡେଶନର ପ୍ରମୁଖ ସଂସ୍ଥା ଆଦାନୀ ସ୍କିଲ୍ ଡେଭେଲପମେଣ୍ଟ ସେଣ୍ଟର(ଏଏସ୍‌ଡିସି)କୁ ନିକଟରେ ସମ୍ମାନଜନକ 'ବେଷ୍ଟ ପ୍ରାକ୍ଟିସ ଇନ୍ ଡିଜିଟାଲ ଟ୍ରାନ୍ସଫର୍ମେଶନ ଆୱାର୍ଡ' ପ୍ରଦାନ କରାଯାଇଛି। ଉଲ୍ଲେଖଯୋଗ୍ୟ, ସିଆଇଆଇ-ଟାଟା କମ୍ୟୁନିକେଶନ୍ସ ସେଣ୍ଟର ଫର୍ ଡିଜିଟାଲ ଟ୍ରାନ୍ସଫର୍ମେଶନ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ଏଏସ୍‌ଡିସିକୁ ବେଷ୍ଟ ପ୍ରାକ୍ଟିସ ଇନ୍ ଡିଜିଟାଲ ଟ୍ରାନ୍ସଫର୍ମେଶନ ଆୱାର୍ଡ ଦିଆଯାଇଛି। ବିଶେଷକରି ଏଏସ୍‌ଡିସି ତା'ର ସକ୍ଷମ କାର୍ଯ୍ୟକ୍ରମ ଜରିଆରେ ନବସୃଜନର ଉତ୍କର୍ଷ ଆଣିବା ଲାଗି ସେଣ୍ଟରର ପ୍ରତିବଦ୍ଧତାର ଏହି ପୁରସ୍କାର ହେଉଛି ପ୍ରମାଣ। ଉକ୍ତ ପ୍ରକଳ୍ପରେ ୱେଲଡର, ଇଲେକ୍ଟ୍ରିସିଆନ, ଭାରିଯାନ ଚାଳକ, କ୍ରେନ ଅପରେଟର ଆଦିଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏହି ସିମୁଲେଟର କେନ୍ଦ୍ରରେ ଅଗମେଣ୍ଟେଡ ରିଅଲିଟି (ଏଆର୍), ଭର୍ଚୁଆଲ ରିଅଲିଟି (ଭିଆର୍) ଓ ମିକ୍ସଡ ରିଅଲିଟି (ଏମ୍ଆର୍) ପ୍ରଯୁକ୍ତି ଆଦି ସାମିଲ ରହିଛି। ଏପରିକି ଶିଳ୍ପର ଦକ୍ଷତା ଅଭାବ ଦୂର କରିବା ତଥା ଜାତୀୟ ବିକାଶ ପ୍ରତି ଯୋଗଦାନ ପ୍ରଦାନ କରିବା ଲାଗି ଏଏସ୍‌ଡିସିର ପ୍ରତିବଦ୍ଧତା ଅଭିଳାଷୀ ଛାତ୍ରୀଛାତ୍ରଙ୍କ ପାଇଁ ଶିକ୍ଷାଗତ ସୁଯୋଗକୁ ମାର୍ଜିତ କରିଛି, ଏହା ନିଯୁକ୍ତି ଆଶାୟୀଙ୍କ ପାଇଁ ନିଯୁକ୍ତି ସମ୍ଭାବନାକୁ ବଢ଼ାଇ ଶ୍ରମ ଶକ୍ତି ଭିତରେ ପ୍ରତିଦ୍ୱନ୍ଦ୍ୱିତାର ମନୋଭାବର ଏକ ନୂତନ ଯୁଗ ଆରମ୍ଭ କରିଛି।

ଏ ସମ୍ପର୍କରେ ଏଏସ୍‌ଡିସିର ସିଓଓ ଯତୀନ ତ୍ରିବେଦୀ କହିଛନ୍ତି, ଏଭଳି ଏକ ପୁରସ୍କାରରେ ସମ୍ମାନିତ କରାଯାଇଥିବାରୁ ଆମେ ବେଶ୍ ଉତ୍ସାହିତ । ପ୍ରଯୁକ୍ତିର ବ୍ୟବହାର ଜରିଆରେ ଅନ୍ତର୍ଭୁକ୍ତୀକରଣ ଅଭିବୃଦ୍ଧିର ପ୍ରସାର କରିବା ଏବଂ ଛାତ୍ରୀଛାତ୍ରଙ୍କ ପାଇଁ ଏକ ରୂପାନ୍ତରିତ ଶିକ୍ଷାଗତ ଅଭିଜ୍ଞତା ସୃଷ୍ଟି କରିବାରେ ଏହା ବେଶ୍ ସହାୟକ ହୋଇଥିବା ବେଳେ ବିଭିନ୍ନ ଶିଳ୍ପରେ ଦକ୍ଷତା ଅନ୍ତରକୁ ଦୂର କରୁଛି, ଦକ୍ଷତା ବିକାଶ ଜରିଆରେ ଜୀବନକୁ ସମୃଦ୍ଧ କରିବାର ଲକ୍ଷ୍ୟ ପ୍ରତି ଆମେ ସଂକଳ୍ପବଦ୍ଧ ରହିଛୁ। ବିଶ୍ୱର ପ୍ରଥମ ସଂସ୍ଥା ଭାବେ ମେଟାଭର୍ସରେ ଦକ୍ଷତା କେନ୍ଦ୍ର ସ୍ଥାପନ କରିବାର ମାନ୍ୟତା ଏଏସଡିସି ନାମରେ ରହିଛି, ଏକ ମିଳିତ ଭର୍ଚୁଆଲ କୋଠରିରେ ବିଭିନ୍ନ ଭୌଗୋଳିକ ସ୍ଥାନର ଲୋକମାନେ ତା'ର ଲାଭ ଉଠାଇପାରୁଛନ୍ତି।

# ଆଇ-ଫାଇନାନ୍ସର ଶୁଭାରମ୍ଭ

ଭୁବନେଶ୍ୱର,୧୫।୧୦

ଆଇସିଆଇସିଆଇ ବ୍ୟାଙ୍କର ନୂତନ ଉତ୍ପାଦ 'ଆଇ-ଫାଇନାନ୍ସ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ଏହା ଜରିଆରେ ଗ୍ରାହକମାନେ ସଞ୍ଚୟ ଓ ଚଳନ୍ତି ଖାତାକୁ ଗୋଟିଏ ସ୍ଥାନରେ ଏକସଙ୍ଗେ ଦେଖିବାର ସୁଯୋଗ ପାଇବେ। ଏପରିକି ଉକ୍ତ ସୁବିଧାକୁ ଅନ୍ୟ ବ୍ୟାଙ୍କର ଗ୍ରାହକମାନେ ମଧ୍ୟ ହାସଲ କରିପାରିବେ। ସେହିଭଳି ବ୍ୟାଙ୍କର ଡିଜିଟାଲ୍ ପ୍ଲାଟଫର୍ମ ଆଇ-ମୋବାଇଲ୍ ପେ' ଆପ୍, ରିଟେଲ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ୍, କର୍ପୋରେଟ୍ ଇଣ୍ଟରନେଟ୍ ବ୍ୟାଙ୍କିଙ୍ଗ ଓ ଇନଷ୍ଟାବିଜ୍ ଭଳି ଆକାଉଣ୍ଟ ଏଗ୍ରିଗେଟର ବ୍ୟବସ୍ଥା ଜରିଆରେ ସେମାନେ ଏହାର ଲାଭ ପାଇପାରିବେ। ସମସ୍ତ ଆକାଉଣ୍ଟର ଏକକ ଡ୍ୟାସ୍‌ବୋର୍ଡ ଭାବେ ଆଇ ଫାଇନାନ୍ସ କାର୍ଯ୍ୟ କରିବ। ଏପରିକି ଗ୍ରାହକମାନେ ଖାତା ବାଲାନ୍ସ ଯାଞ୍ଚ କରିପାରିବେ, ବ୍ୟୟ ଢାଞ୍ଚା ଉପରେ ମୂଲ୍ୟବାନ ସୂଚନା ହାସଲ କରିପାରିବେ ଏବଂ ଖାତା ଷ୍ଟେଟମେଣ୍ଟ ଡାଉନ୍‌ଲୋଡ୍ କରିବା ଭଳି ବହୁ ସୁବିଧା ମଧ୍ୟ ପାଇପାରିବେ। ଏହି ଡ୍ୟାସ୍‌ବୋର୍ଡ ଗ୍ରାହକଙ୍କୁ ଉଲ୍ଲେଖନୀୟ ସୁବିଧା ପ୍ରଦାନ କରିବ ଏବଂ ବ୍ୟୟ ଉପରେ ଉତ୍ତମ ନିୟନ୍ତ୍ରଣ ପ୍ରଦାନ କରିବା ସହ ସେମାନେ ନିଜ ଫାଇନାନ୍ସକୁ ନିରବଚ୍ଛିନ୍ନ ଢଙ୍ଗରେ ପରିଚାଳନା କରିପାରିବେ। ଏ ସମ୍ପର୍କରେ ଆଇସିଆଇସିଆଇ ବ୍ୟାଙ୍କର ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ମୁଖ୍ୟ ସିଦ୍ଧାର୍ଥ ମିଶ୍ରା କହିଛନ୍ତି, ଆମ ଗ୍ରାହକମାନଙ୍କୁ ଭବିଷ୍ୟତ ଲାଗି ପ୍ରସ୍ତୁତ ଓ ଅଭିନବ ଡିଜିଟାଲ୍ ସମାଧାନ ପ୍ରଦାନ କରିବା ଲାଗି ଆମେ ପ୍ରତିବଦ୍ଧ ରହିଛୁ। ଆଇ-ଫାଇନାନ୍ସର ଶୁଭାରମ୍ଭ ସହିତ ଖାତା ତଥ୍ୟକୁ ଗୋଟିଏ ସ୍ଥାନରେ ଦେଖିବା ଏବଂ ସେମାନଙ୍କ ଫାଇନାନ୍ସ ଉପରେ ଉତ୍ତମ ନିୟନ୍ତ୍ରଣ ପ୍ରଦାନ କରିବା ଲାଗି ଆମ ଗ୍ରାହକଙ୍କ ସମେତ ଅନ୍ୟ ଗ୍ରାହକମାନଙ୍କୁ ତାହା ସକ୍ଷମ କରିବ।




କଟକ କନିକା ଛକସ୍ଥିତ ସନି ମୋଟର୍ସ ପରିସରରେ ହିରୋର ନ୍ୟୁ ହାର୍ଲି ଡାଭିଡସନ ଏକ୍ସ୪୪୦କୁ ଅତିଥି ଏବଂ କର୍ମଚାରୀଙ୍କ ଉପସ୍ଥିତିରେ ଅନାବରଣ କରାଯାଇଛି।

# ଓଡ଼ିଶା ବଜାରରେ ହିରୋର ନ୍ୟୁ ହାର୍ଲି ଡାଭିଡସନ ଏକ୍ସ୪୪୦

ଭୁବନେଶ୍ୱର, ୧୫।୧୦

ହିରୋ ମୋଟକର୍ପ ପ୍ରାଇଭେଟ ଲିମିଟେଡର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ ହାର୍ଲି ଡାଭିଡସନ ଏକ୍ସ୪୪୦ ନିକଟରେ ସର୍ବଭାରତୀୟ ଉନ୍ମୋଚନ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସ୍ୱୀକୃତିପ୍ରାପ୍ତ ଡିଲରଗୁଡ଼ିକ ଜରିଆରେ ଉକ୍ତ ମଡେଲକୁ କମ୍ପାନୀ ଓଡ଼ିଶା ବଜାରରେ ପ୍ରବେଶ କରାଇଛି। ବିଶେଷକରି କମ୍ପାନୀର ଉକ୍ତ ମଡେଲରେ ଅନେକ ବୈଶିଷ୍ଟ୍ୟ ସାଙ୍ଗକୁ ନୂତନ ସୁବିଧା ସଂଯୋଗ କରାଯାଇଛି। ଉଲ୍ଲେଖଯୋଗ୍ୟ, ନ୍ୟୁ ନ୍ୟୁ ହାର୍ଲି ଡାଭିଡସନ ଏକ୍ସ୪୪୦ ୩ଟି ଭାରିଆଣ୍ଟ ସହିତ ୪ଟି ଆକର୍ଷଣୀୟ କଲର(ରଙ୍ଗ)ରେ ଉପଲବ୍ଧ ହେଉଥିବାବେଳେ ଏହାର ବଜାର ମୂଲ୍ୟ (ଏକ୍ସ ଶୋ'ରୁମ ନୂଆଦିଲ୍ଲୀ) ୨,୭୭,୬୪୦ ଟଙ୍କା ରହିଛି।




କଟକ ପ୍ରଫେସରପଡାସ୍ଥିତ ଜେଏମ୍‌ଜି ଅଟୋମୋବାଇଲ୍ସ ପରିସରରେ ହିରୋର ନ୍ୟୁ ହାର୍ଲି ଡାଭିଡସନ ଏକ୍ସ୪୪୦କୁ ଅତିଥି ଓ କର୍ମଚାରୀଙ୍କ ଉପସ୍ଥିତିରେ ଅନାବରଣ କରାଯାଇଛି।

## ରାଜ୍ୟ

# 'ମା'ର ଉନ୍ନତିରେ, ସମାଜର ଉନ୍ନତି'

### ଆର୍ଯ୍ୟସମାଜ ପକ୍ଷରୁ 'ନବମାତୃକା ପୂଜା' ମହୋତ୍ସବ

ଭୁବନେଶ୍ୱର, ୧୫।୧୦ (ବନ୍ଦନା ସେଠୀ)



ଆର୍ଯ୍ୟସମାଜ ଓଡ଼ିଶା ପକ୍ଷରୁ ନବରାତ୍ରର ପ୍ରଥମ ଦିବସରେ ରବିବାର ରାଜ୍ୟସ୍ତରୀୟ ନବମାତୃକା ପୂଜା ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାନନ୍ଦ ଭବନଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମେୟର ସୁଲୋଚନା ଦାସ ଉଦ୍‌ଘାଟନ କରି କହିଲେ, ଭାରତ ବର୍ଷରେ ଆର୍ଯ୍ୟସମାଜ ଏକ ସଂସ୍କାରବାଦୀ ଆନ୍ଦୋଳନ। ଏହା କେବଳ ଯଜ୍ଞ ପ୍ରବଚନରେ ସୀମିତ ନୁହେଁ, ୧୫୦ ବର୍ଷ ଧରି ଆର୍ଯ୍ୟସମାଜ ଭାରତର ସାଧାରଣ ସମାଜରେ ଜାତିପ୍ରଥାର ବିଲୋପ ଓ ମହିଳାଙ୍କ ଅଧିକାର ପାଇଁ ଲଢେଇ କରି ଆସିଛି। ନବମାତୃକା ପୂଜାରେ ଜୀବିତ ମହିଳାଙ୍କର ପୂଜା କରି ଆର୍ଯ୍ୟସମାଜ ଏକ ସ୍ୱତନ୍ତ୍ର ଉଦାହରଣ ସୃଷ୍ଟି କରିଥିବା ମେୟର କହିଥିଲେ। ଆର୍ଯ୍ୟସମାଜ ଓଡ଼ିଶାର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବେଦ ବିଦୂଷୀ ସନ୍ନୋ ଦେବୀ ଯୋଗଦେଇ କହିଲେ, ବେଦରେ ମା'କୁ ସର୍ବୋଚ୍ଚ ସ୍ଥାନ ଦିଆଯାଇଛି। ମା'ର ଉନ୍ନତିରେ, ସମାଜର ଉନ୍ନତି ଓ ଆର୍ଯ୍ୟସମାଜର ସଂସ୍କାରବାଦୀ ବିଚାରଧାରା ପ୍ରତ୍ୟେକ ଯୁବକ, ଛାତ୍ରଙ୍କ ନିକଟରେ ପହଞ୍ଚିବା ଉଚିତ ବୋଲି ସେ ମତ ଦେଇଥିଲେ।

ଏହି ଅବସରରେ ୯ଜଣ ପ୍ରତିଷ୍ଠିତ ମହିଳା ସାବିତ୍ରୀ ରାଉତ, ଡ. କନକ ମଞ୍ଜରୀ ମିଶ୍ର, ସରଳା କାନୁନ୍‌ଗୋ, ପୁଷ୍ପାଞ୍ଜଳି ପ୍ରଧାନ, ଆଶାଦେବୀ ଅଗ୍ରୱାଲ, ଡ. ବିମୋଚପ୍ରଜ୍ଞା ତ୍ରିପାଠୀ, ସରୋଜିନୀ ପଣ୍ଡା, ଆରତି ଶାସ୍ତ୍ରୀ ଓ ରତ୍ନପର୍ଣ୍ଣା ମହାନ୍ତିଙ୍କୁ ପୂଜନ କରାଯାଇଥିଲା। ଆୟୋଜିତ ବୈଦିକ ଯଜ୍ଞ ଓ ନବମାତୃକା ପୂଜାକୁ ପଣ୍ଡିତ ବିନୋଦ ବିହାରୀ ଦାସ ଓ ଆଚାର୍ଯ୍ୟ ଧର୍ମରାଜ ସଂଯୋଜନା କରିଥିଲେ। ପରମହଂସ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀ, କଥାବାଚକ ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା, ସ୍ଥାନୀୟ କର୍ପୋରେଟର ଟିଙ୍କିବାବୁ, ପୂର୍ବତନ କୁଳପତି ନରେନ୍ଦ୍ର କୁମାର ମିଶ୍ର, ପ୍ରଫେସର ଡ. ବୁଦ୍ଧଦେବ ମିଶ୍ର, ପୂର୍ବତନ ପ୍ରଶାସକ ପଞ୍ଚାନନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନ ଟ୍ରଷ୍ଟି ଆରତି ଜ୍ଞାନେନ୍ଦ୍ର ସ୍ୱାଗତ ଭାଷଣ ଦେଇଥିବାବେଳେ ଚିତ୍ତରଞ୍ଜନ ପଣ୍ଡା ଧନ୍ୟବାଦ ଦେଇଥିଲେ।

# ପୋଲିସ ଠିକା କମ୍ପାନୀର ଗୁଣ୍ଡା ସାଜିଛି: ମାଓବାଦୀ ସଂଗଠନ

### ଏସ୍‌ପି, ଘରୋଇ କମ୍ପାନୀ ବିରୋଧରେ ପ୍ରେସ୍ ରିଲିଜ ଜାରି

ରାୟଗଡ଼ା,୧୫।୧୦(ଆଶିଷ ରଞ୍ଜନ ପଣ୍ଡା)



ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମା ଓ ଘରୋଇ କମ୍ପାନୀ ବିରୋଧରେ ବାଂଶଧାରା-ଘୁମୁସର-ନାଗାବଳୀ (ବାଘୁନା) ଡିଭିଜନାଲ ମାଓବାଦୀ କମିଟି ପ୍ରେସ୍ ରିଲିଜ ଜାରି କରିଛି। ଏସ୍‌ପି ଶର୍ମାଙ୍କ ନେତୃତ୍ୱରେ ଜିଲା ପୋଲିସ ଠିକା କମ୍ପାନୀର ଗୁଣ୍ଡା ସାଜିଛି। ପୋଲିସ ନିରୀହ ଆଦିବାସୀ, ଦଳିତ ଓ ଚାଷୀ ସମାଜର ଲୋକଙ୍କୁ ଉଠାଇ ନେଇ ନିର୍ଯାତନା ଦେଉଛି । ବେଦାନ୍ତ, ଆଦାନୀ, ବିର୍ଲା ଭଳି ଖଣି ଲୁଟେରାଙ୍କୁ ସୁହାଇଲା ଭଳି ରାଜ୍ୟ ସରକାର ଓ ପୋଲିସ କାମ କରୁଥିବା ଉକ୍ତ ପ୍ରେସ୍ ରିଲିଜରେ ଉଲ୍ଲେଖ କରାଯାଇଛି । ହେଲେ ଏହି ଦମନଲୀଳାକୁ ଆଉ ବରଦାସ୍ତ କରାଯିବ ନାହିଁ ବୋଲି ମାଓବାଦୀ ସଂଗଠନ ପକ୍ଷରୁ କୁହାଯାଇଛି।

ରାୟଗଡ଼ା ଓ କଳାହାଣ୍ଡି ଜିଲାରେ ରହିଥିବା ସିଜିମାଳି ଓ କୁତ୍ରୁମାଳି ପାହାଡ଼ ବେଦାନ୍ତ ଏବଂ ଆଦାନୀ କମ୍ପାନୀକୁ ଲିଜ୍‌ରେ ମିଳିଛି । ରାୟଗଡ଼ା ଏସପି ବିବେକାନନ୍ଦ ଶର୍ମା ଉକ୍ତ କମ୍ପାନୀର ଠିକା ଗୁଣ୍ଡା ଭଳି କାମ କରୁଛନ୍ତି। ଜୁଲାଇରୁ ଅଦ୍ୟାବଧି ଜିଲାର ୨୭ଜଣ ନିରୀହ ଆଦିବାସୀଙ୍କୁ ରାତିଅଧିଆ ଉଠାଇ ନେଇ ମାଡ଼ ମାରି ନିର୍ଯାତନା ଦେଉଛନ୍ତି ଏବଂ ପରବର୍ତ୍ତୀ ସମୟରେ ଦେଶଦ୍ରୋହୀ ଭଳି ୟୁଏପିଏ ମାମଲାରେ ଛନ୍ଦି ଜେଲ ପଠାଉଛନ୍ତି। ସେହିଭଳି ଜିଲାରେ ରହୁଥିବା ବିଭିନ୍ନ ଦଳର ରାଜନେତା, କୁଜିନେତାମାନେ କମ୍ପାନୀର ଦଲାଲ ସାଜି ପଇସା ଖାଇ କମ୍ପାନୀ ସପକ୍ଷରେ ଖୋଲାଖୋଲି ଖବରଦାତା ସମ୍ମିଳନୀ କରୁଛନ୍ତି । ଏହା କ'ଣ ତାଙ୍କ ଦଳ ହାଇକମାଣ୍ଡଙ୍କ ନିଷ୍ପତ୍ତି ନା ଏହି ନେତାମାନେ ନିଜ ସ୍ୱାର୍ଥ ପାଇଁ ଏଭଳି କରୁଛନ୍ତି ବୋଲି ମାଓବାଦୀ ପ୍ରଶ୍ନ କରିଛନ୍ତି । ଖଣି ଅଞ୍ଚଳବାସୀ ଯଦି କମ୍ପାନୀ ଓ ପୋଲିସର ଏହି ଜୁଲମକୁ ବିରୋଧ କରିବା ପାଇଁ କୌଣସି ସହାୟତା ଚାହୁଁଛନ୍ତି, ତେବେ ବାଘୁନା କମିଟି ସହଯୋଗ କରିବା ପାଇଁ ପ୍ରସ୍ତୁତ ଅଛି ବୋଲି ଏହି ପ୍ରେସ୍ ବିବୃତିରେ ଉଲ୍ଲେଖ ରହିଛି। ପ୍ରେସ ବିବୃତି ବାଘୁନା ଡିଭିଜନାଲ କମିଟି ସମ୍ପାଦିକା ରୀତାଙ୍କ ପକ୍ଷରୁ ଜାରି ହୋଇଥିବା ଉଲ୍ଲେଖ ରହିଛି। ଏ ନେଇ ରାୟଗଡ଼ା ଏସ୍‌ପି ବିବେକାନନ୍ଦ ଶର୍ମାଙ୍କୁ ଯୋଗାଯୋଗ ସମ୍ଭବ ହୋଇପାରିନାହିଁ।

# ବିଷ ପିଇ ଗୁରୁତର ଚାଷୀଙ୍କ ମୃତ୍ୟୁ

ଧର୍ମଶାଳା,୧୫।୧୦ (ବଟକୃଷ୍ଣ ପରିଡ଼ା)

### ଧାନ ଫସଲ ନଷ୍ଟ ଦେଖି ଭାଙ୍ଗିପଡ଼ିଥିଲେ

ଧାନ ଫସଲ ନଷ୍ଟ ଯୋଗୁ ବିଷ ପିଇ ଗୁରୁତର ହୋଇଥିବା ଜଣେ ଚାଷୀଙ୍କ ଚିକିତ୍ସାଧୀନ ଅବସ୍ଥାରେ ରବିବାର ସନ୍ଧ୍ୟାରେ ମୃତ୍ୟୁ ହୋଇଛି। ସେ ହେଲେ ଯାଜପୁର ଜିଲା ଧର୍ମଶାଳା ବ୍ଲକ୍ ଅଧୀନ ବାଜବାଟି ଗ୍ରାମର ନିତ୍ୟାନନ୍ଦ ପରିଡ଼ା(୫୦)। ନିତ୍ୟାନନ୍ଦ ୩ ଏକର ଜମିରେ ଋଣ କରି ଧାନଚାଷ କରିଥିଲେ। ତେବେ ଧାନ ଜମି କଡ଼ରେ ଗଭୀର କଳାପଥର ଖାଦାନ ଥିବାରୁ ଜମିରେ ପାଣି ନ ରହି ଖାଦାନକୁ ବୋହିଯାଉଛି। ଫଳରେ ଜମି ଶୁଷ୍କ ହୋଇ ଧାନ ଫସଲ ପ୍ରଭାବିତ ହୋଇଛି। ଶନିବାର ପୂର୍ବାହ୍ନରେ ନିତ୍ୟାନନ୍ଦ ଧାନ ଜମିରେ କୀଟନାଶକ ପକାଇବା ପାଇଁ ଯାଇଥିବା ବେଳେ ଫସଲ ନଷ୍ଟ ହୋଇଥିବା ଦେଖି ଭାଙ୍ଗିପଡ଼ିଥିଲେ। ପରେ ସେ ବିଷ ପିଇ ସେଠାରେ ଟଳିପଡ଼ିଥିଲେ। ସ୍ଥାନୀୟ ଲୋକେ ଏହା ଦେଖି ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚି ତାଙ୍କୁ ଉଦ୍ଧାର କରି ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲ ସ୍ଥାନାନ୍ତର କରାଯାଇଥିଲା।

# ଜବତ ମଦ, ବାଣ ଚୋରାଚାଲାଣ କରୁଥିଲା ପୋଲିସ

ଖୋର୍ଦ୍ଧା/ବେଗୁନିଆ,୧୫।୧୦(ପ୍ରଭାତ ପାଣିଗ୍ରାହୀ/ହର ପ୍ରସନ୍ନ ପଣ୍ଡା)



### ବେଗୁନିଆ ଥାନା ହୋମଗାର୍ଡ, କାର୍ ଡ୍ରାଇଭର ଗିରଫ

- ଭିଡିଓ ଭାଇରାଲ, ପୋଲିସର ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ
- ଅନ୍ୟ ଜଣେ ହୋମଗାର୍ଡ, କନ୍‌ଷ୍ଟେବଲଙ୍କ ସମ୍ପୃକ୍ତି ଚର୍ଚ୍ଚା



ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ପରିସରରୁ ଶନିବାର ବିଳମ୍ବିତ ରାତିରେ ଜବତ ବାଣ ଓ ମଦ ଏକ କାର୍‌ରେ ଚୋରାଚାଲାଣ ବେଳେ ଲୋକଙ୍କ ହାତରେ ଜଣେ ହୋମଗାର୍ଡଙ୍କ ସମେତ ଡ୍ରାଇଭର ଧରାପଡିଥିଲେ। ତାଙ୍କୁ ଛାଡି ଦେବା ପାଇଁ ହୋମଗାର୍ଡ ଜଣଙ୍କ ଲୋକଙ୍କ ଆଗରେ କାନ ଧରି ଉଠ୍‌ବସ ହୋଇଥିଲେ। ତେବେ ଲୋକେ ଉଭୟଙ୍କୁ ଅଟକ ରଖି ପୋଲିସକୁ ଖବର ଦେଇଥିଲେ। ସଦର ଏସ୍‌ଡିପିଓ ଦିଲୀପ ଦାସ ସଦଳବଳ ପହଞ୍ଚି କାର୍ (ନଂ.ଓଆର୦୨-ବିଏ-୫୨୬୭) ସହ ବାଣ ଓ ମଦ ଜବତ କରିଥିଲେ। ଏହି ଘଟଣାରେ ପୋଲିସ ସମ୍ପୃକ୍ତ ହୋମଗାର୍ଡ ପ୍ରକାଶ ମୁଦୁଲି ଏବଂ କାର୍ ଡ୍ରାଇଭର କୁନା ତାଡ଼ଙ୍କୁ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ଏନେଇ ଥାନାରେ ଏକ ମାମଲା (ନଂ.୩୬୬/୨୩) ରୁଜୁ ହୋଇଛି।

ସୂଚନା ମୁତାବକ, ବେଗୁନିଆ ଥାନା ଅଧୀନ କଣ୍ଟାବାଡ଼ସ୍ଥିତ ମୁକୁନ୍ଦପୁର ଗ୍ରାମର ବିଶ୍ୱନାଥ ମହାପାତ୍ରଙ୍କ ଘରେ ଶନିବାର ପୋଲିସ ଚଢ଼ାଉ କରି ୧୨ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ବାଣ ଏବଂ ୨୫ କେଜି ବାରୁଦ ଜବତ କରିଥିଲା। ବିପୁଳ ପରିମାଣର ବାଣ ଧରିଥିବାରୁ ପ୍ରଶଂସା ସାଉଁଟିଥିଲା ପୋଲିସ। ସେହିଦିନ ସନ୍ଧ୍ୟାରେ ଏକ ବାଇକ୍ ଓ କାର୍ ଦୁର୍ଘଟଣାରେ ଲୋକେ କାର ଚାଳକଙ୍କୁ ଧରି ପୋଲିସ ଜିମା ଦେଇଥିଲେ। କାର୍ ଭିତରୁ ପୋଲିସ ପେଟି ପେଟି ମଦ ମଧ୍ୟ ଜବତ କରିଥିଲା। ଅନ୍ୟପକ୍ଷରେ ରାତି ପ୍ରାୟ ୧ଟାରେ ଉପରୋକ୍ତ କାର୍ (ଓଆର୦୨-ବିଏ-୫୨୬୭) ଥାନା ଭିତରକୁ ପ୍ରବେଶ କରିଥିଲା। ସେଠାରୁ ଜବତ ବାଣ ଏବଂ ମଦ ନେଇ ଥାନାର ପଛପଟ ଫାଟକ ଦେଇ ଯାଉଥିବା ବେଳେ ବେଗୁନିଆ ସରପଞ୍ଚ ସତ୍ୟ ନାରାୟଣ ପ୍ରଧାନ ଓ ସ୍ଥାନୀୟ ଲୋକେ କାରକୁ ଅଟକାଇଥିଲେ। କାର ଭିତରେ ବିପୁଳ ପରିମାଣର ବାଣ ଏବଂ ମଦ ଥିବା ଦେଖି ଏସ୍‌ଡିପିଓ ଦାସଙ୍କୁ ଯୋଗାଯୋଗ କରିଥିଲେ। ଏହି ସମୟରେ ହୋମଗାର୍ଡ ମୁଦୁଲି ତାଙ୍କୁ ଛାଡି ଦେବାକୁ ନେହୁରା ହେବା ସହ ଏପରି ଭୁଲ ଆଉ କରିବେ ନାହିଁ ବୋଲି କହି ଉଠ୍‌ବସ ହୋଇଥିଲେ। ତେବେ ଏହି ବାଣ ଓ ମଦ କେଉଁଆଡେ ନେଉଥିଲେ ସେ ସମ୍ପର୍କରେ ଠିକ୍ ସୂଚନା ଦେଇନଥିଲେ। ଅନ୍ୟପକ୍ଷରେ ଘଟଣାସ୍ଥଳରେ ଉପସ୍ଥିତ ଥିବା ଲୋକେ ଏହାର ଭିଡିଓ କରିଥିଲେ। ଏହି ଘଟଣାରେ ଥାନାର ଅନ୍ୟ ଜଣେ ହୋମ୍‌ଗାର୍ଡ ଓ କନ୍‌ଷ୍ଟେବଲଙ୍କ ସମ୍ପୃକ୍ତି ଥିବା କହିଥିଲେ। ତେବେ କିଏ ସେ ସମ୍ପୃକ୍ତ ପୋଲିସ କର୍ମଚାରୀ ତାହା ତଦନ୍ତ ସାପେକ୍ଷ। ଖବରପାଇ ଏସ୍‌ଡିପିଓ ଦାସ ଏବଂ ଥାନା ଅଧିକାରୀ ବିଶ୍ୱନାଥ ରାଉତରାୟ ପହଞ୍ଚିଥିଲେ। ଏସ୍‌ଡିପିଓ ଦାସଙ୍କୁ ଲୋକେ କାର୍ ବୋଝେଇ ବାଣ, ମଦ ହସ୍ତାନ୍ତର କରିଥିଲେ। ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଲାଗି ଉପସ୍ଥିତ ଲୋକେ ଦାବି ମଧ୍ୟ କରିଥିଲେ। ଘଟଣା ସମ୍ପର୍କରେ ଥାନା ଅଧିକାରୀ କିପରି ଜାଣିପାରିଲେ ନାହିଁ ସେ ନେଇ ସରପଞ୍ଚ ପ୍ରଧାନ ପ୍ରଶ୍ନ ଉଠାଇଛନ୍ତି। ଅନ୍ୟଙ୍କୁ ସୁରକ୍ଷା ଦେଉଥିବା ପୋଲିସ ଯଦି ନିଜେ ଏପରି ଦୁର୍ନୀତିରେ ଲିପ୍ତ ରହିବ ସ୍ଥାନୀୟ ଅଞ୍ଚଳରେ କ'ଣ ଘଟିବ ସେ ନେଇ ଉଦ୍‌ବେଗ ପ୍ରକାଶ ପାଇଛି। ଥାନାରେ ଥିବା ଏଭଳି କର୍ମଚାରୀ ଓ ଅଧିକାରୀଙ୍କୁ ତୁରନ୍ତ ବଦଳି ପାଇଁ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ଦାବି ହୋଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୬ ଅକ୍ଟୋବର, ୨୦୨୩



## ନୋବେଲ ପୁରସ୍କାର-୨୦୨୩ (ପଦାର୍ଥ ବିଜ୍ଞାନ)

# ଆଟୋସେକେଣ୍ଡ ପଦାର୍ଥ ବିଜ୍ଞାନର ଆବିଷ୍କାର



ଇଂ. ମାୟାଧର ସ୍ୱାଇଁ

''ଯୁକ୍ତରାଷ୍ଟ୍ର ଆମେରିକାର ପାଇରେ ଏଗୋଷ୍ଟିନି, ଜର୍ମାନୀର ଫେରେଙ୍କ୍ କ୍ରାଉଜ୍ ଏବଂ ସୁଇଡେନ୍‌ର ଆନି ଲ'ହ୍ୟୁଲିୟରଙ୍କୁ ଚଳିତ ବର୍ଷ ପଦାର୍ଥ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପାଇବାକୁ ମନୋନୀତ ହୋଇଛନ୍ତି। ଏହି ତିନି ବୈଜ୍ଞାନିକଙ୍କ କାର୍ଯ୍ୟ ପଦାର୍ଥ ବିଜ୍ଞାନରେ ଏକ ନୂତନ ଆଶା ଆରମ୍ଭ କଲା, ଯାହାକୁ 'ଆଟୋସେକେଣ୍ଡ ପଦାର୍ଥ ବିଜ୍ଞାନ' କୁହାଯାଉଛି। ଏହାଦ୍ୱାରା ଇଲେକଟ୍ରନ ଚାଳିତ ଯାନ୍ତ୍ରିକୀକୁ ବୁଝିହେଲା। କ୍ଷୁଦ୍ର ଆଲୋକ ସ୍ପନ୍ଦ ଯୋଗୁ ପରମାଣୁ ଭିତରେ ଘଟୁଥିବା କ୍ଷିପ୍ର ପ୍ରକ୍ରିୟାଗୁଡ଼ିକୁ ଜାଣି ହେଲା, ଯାହା ପୂର୍ବରୁ ଅସମ୍ଭବ ଜଣାପଡୁଥିଲା।''



ପାଇରେ ଏଗୋଷ୍ଟିନି ଫେରେଙ୍କ୍ କ୍ରାଉଜ୍ ଲ' ହ୍ୟୁଲିୟର




ଅତି କ୍ଷୁଦ୍ର ସ୍ପନ୍ଦବିଶିଷ୍ଟ ଆଲୋକ ସୃଷ୍ଟି କରି ଏବଂ ଏହା ସାହାଯ୍ୟରେ ତୀବ୍ର ବେଗରେ ଗତି କରୁଥିବାର ଇଲେକଟ୍ରନଗୁଡ଼ିକୁ ସହଜରେ ଅଧ୍ୟୟନ କରିପାରିବାର ଉପାୟ ଆବିଷ୍କାର କରିଥିବାରୁ ତିନି ଜଣ ବୈଜ୍ଞାନିକଙ୍କୁ ୨୦୨୩ ପାଇଁ ପଦାର୍ଥ ବିଜ୍ଞାନ ପାଇଁ ନୋବେଲ ପୁରସ୍କାର ପ୍ରଦାନ କରାଯିବାକୁ ଜାତୀୟ ସୁଇଡେନ୍ ବିଜ୍ଞାନ ଏକାଡେମୀ ଘୋଷଣା କରିଛି। ସେମାନେ ହେଉଛନ୍ତି ଯୁକ୍ତରାଷ୍ଟ୍ର ଆମେରିକାର ପାଇରେ ଏଗୋଷ୍ଟିନି, ଜର୍ମାନୀର ଫେରେଙ୍କ୍ କ୍ରାଉଜ୍ ଏବଂ ସୁଇଡେନ୍‌ର ଆନି ଲ'ହ୍ୟୁଲିୟର। ପୁରସ୍କାର ରାଶି ଭାବରେ ଥିବା ଏଗାର ନିୟୁତ ସୁଇଡେନ୍ କ୍ରୋନୋର (ପ୍ରାୟ ଏକ ନିୟୁତ ଆମେରିକୀୟ ଡଲାର) ତିନି ଜଣଙ୍କ ମଧ୍ୟରେ ସମାନ ଭାବରେ ବଣ୍ଟାଯିବ। ନୋବେଲ ପୁରସ୍କାରର ପ୍ରତିଷ୍ଠାତା ଆଲଫ୍ରେଡ ନୋବେଲଙ୍କ ଶ୍ରାଦ୍ଧବାର୍ଷିକୀ ଅର୍ଥାତ୍ ଡିସେମ୍ବର ୧୦ ତାରିଖରେ ପୁରସ୍କାର ପ୍ରଦାନ କରାଯିବ।

ଗୋଟିଏ ପରମାଣୁ କେନ୍ଦ୍ରରେ ପ୍ରୋଟୋନ ଓ ନିଉଟ୍ରନକୁ ନେଇ ନାଭିକ ଅଛି ଏବଂ ନାଭିକ ଚାରିପଟେ ବିଭିନ୍ନ କକ୍ଷରେ ଇଲେକ୍‌ଟ୍ରନଗୁଡ଼ିକ ଘୂରୁଛନ୍ତି। ଇଲେକଟ୍ରନଗୁଡ଼ିକ ଏତେ ବେଗରେ ଘୂରୁଛନ୍ତି ଯେ ସେଗୁଡ଼ିକୁ ବାସ୍ତବ ସମୟରେ ପର୍ଯ୍ୟବେକ୍ଷଣ କରିବା ଅସମ୍ଭବ। ଏହି ବର୍ଷର ତିନି ନୋବେଲ ବିଜ୍ଞାନୀଙ୍କ କାର୍ଯ୍ୟ ଏବଂ ଗବେଷଣା ଯୋଗୁ ଆଜି ଆମେ ଏହି ଇଲେକଟ୍ରନ୍‌ଗୁଡ଼ିକୁ ପର୍ଯ୍ୟବେକ୍ଷଣ ଓ ଅଧ୍ୟୟନ କରିପାରୁଛେ। ଆଟୋସେକେଣ୍ଡ ହେଉଛି ଗୋଟିଏ ସେକେଣ୍ଡର ଏକ ବିଲିୟନ। ତାହା ଆଜକୁ ୧୩.୮ ବିଲିୟନ ବର୍ଷ ପୂର୍ବେ ବିଶ୍ୱ ସୃଷ୍ଟି ବେଳରୁ ସେକେଣ୍ଡରେ ଆଜି ପର୍ଯ୍ୟନ୍ତ ବିତିଯାଇଥିବା ସମୟ ସହିତ ସମାନ। ଅନ୍ୟ ଏକ ଉଦାହରଣ ଦେଖିବା। ଗୋଟିଏ କୋଠରିର ଗୋଟିଏ କାନ୍ଥରୁ ବିପରୀତ କାନ୍ଥକୁ ଆଲୋକ ଯିବା ପାଇଁ ଦଶ ବିଲିୟନ ଆଟୋସେକେଣ୍ଡ ନେଇଥାଏ। କଳ୍ପନା କର ଯେ ବୈଜ୍ଞାନିକମାନେ ଏହି ଅତିକ୍ଷୁଦ୍ର ଆଲୋକ ସ୍ପନ୍ଦ ସୃଷ୍ଟି କରିବା ପାଇଁ କେତେ ପରିଶ୍ରମ କରି ନ ଥିବେ !

୧୯୮୭ ମସିହାରେ ଆନି ଲ'ହ୍ୟୁଲିଅର ଗୋଟିଏ ନିଷ୍କ୍ରିୟ ଗ୍ୟାସ୍ ଦେଇ ଅବଲୋହିତ ଲେଜର ଆଲୋକକୁ ଗତି କରାଇ ଆଲୋକର ବିଭିନ୍ନ ଓଭରଟୋନ୍ ଆବିଷ୍କାର କଲେ। ଲେଜର ଆଲୋକର ପ୍ରତ୍ୟେକ ଚକ୍ର ପାଇଁ ପ୍ରତ୍ୟେକ ଓଭରଟୋନ୍ ହେଉଛି ନିର୍ଦ୍ଦିଷ୍ଟ ସଂଖ୍ୟକ ଚକ୍ର ଥିବା ଆଲୋକ ତରଙ୍ଗ। ଗ୍ୟାସ୍‌ର ପରମାଣୁ ସହିତ ଲେଜର ଆଲୋକର ଅନ୍ତଃପ୍ରକ୍ରିୟା ଫଳରେ ଏହା ସୃଷ୍ଟି ହୋଇଥାଏ। ଏହା କେତେକ ଇଲେକଟ୍ରନ୍‌କୁ ଅତିରିକ୍ତ ଶକ୍ତି ପ୍ରଦାନ କରିଥାଏ, ଯାହା ଏହାପରେ ଆଲୋକ ଭାବେ ନିର୍ଗତ ହୋଇଥାଏ। ଲ' ହ୍ୟୁଲିଅର ଏହା ଉପରେ ଅନେକ ବର୍ଷ ଗବେଷଣା କରି ନିବନ୍ଧମାନ ପ୍ରକାଶ କରିଥିଲେ। ଏହା ପରବର୍ତ୍ତୀ ଗବେଷଣା ଓ ଆବିଷ୍କାର ପାଇଁ ମୂଳଦୁଆ ପକାଇଥିଲା।

୨୦୦୧ ମସିହାରେ ପାଇରେ ଏଗୋଷ୍ଟିନି କେତେଗୁଡ଼ିଏ କ୍ରମିକ ଆଲୋକ ସ୍ପନ୍ଦ ସୃଷ୍ଟି କରି ଏହା ଉପରେ ଗବେଷଣା କଲେ। ଏହାର ପ୍ରତ୍ୟେକ ସ୍ପନ୍ଦ ୨୫୦ ଆଟୋସେକେଣ୍ଡ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା। ଠିକ୍ ଏହି ସମୟରେ ଫେରେଙ୍କ୍ କ୍ରାଉଜ ଆଲୋକ ଉପରେ ଅନ୍ୟ ଏକ ପରୀକ୍ଷା କରି ଗୋଟିଏ ଏକକ ଆଲୋକ ସ୍ପନ୍ଦକୁ ପୃଥକ୍ କରିପାରିଲେ, ଯାହା ୬୫୦ ଆଟୋସେକେଣ୍ଡ ପର୍ଯ୍ୟନ୍ତ ରହିଥିଲା।

ଏହି ତିନି ବୈଜ୍ଞାନିକଙ୍କ କାର୍ଯ୍ୟ ପଦାର୍ଥ ବିଜ୍ଞାନରେ ଏକ ନୂତନ ଆଶା ଆରମ୍ଭ କଲା, ଯାହାକୁ 'ଆଟୋସେକେଣ୍ଡ ପଦାର୍ଥ ବିଜ୍ଞାନ' କୁହାଯାଉଛି। ଏହାଦ୍ୱାରା ଇଲେକଟ୍ରନ ଚାଳିତ ଯାନ୍ତ୍ରିକୀକୁ ବୁଝିହେଲା। କ୍ଷୁଦ୍ର ଆଲୋକ ସ୍ପନ୍ଦ ଯୋଗୁ ପରମାଣୁ ଭିତରେ ଘଟୁଥିବା କ୍ଷିପ୍ର ପ୍ରକ୍ରିୟାଗୁଡ଼ିକୁ ଜାଣିହେଲା, ଯାହା ପୂର୍ବରୁ ଅସମ୍ଭବ ଜଣାପଡୁଥିଲା। ଏହାର ସମ୍ଭାବ୍ୟ ବ୍ୟବହାର ଇଲେକଟ୍ରୋନିକ୍ସ ଓ ସ୍ୱାସ୍ଥ୍ୟ ବିଜ୍ଞାନ କ୍ଷେତ୍ରରେ ଅଛି। ଇଲେକ୍ଟ୍ରୋନିକ୍ସରେ ଗୋଟିଏ ପଦାର୍ଥରେ ଇଲେକଟ୍ରନଗୁଡ଼ିକର ଆଚରଣକୁ ବୁଝିବା ଓ ନିୟନ୍ତ୍ରଣ କରିବା ଜରୁରୀ। ଆଟୋସେକେଣ୍ଡ ପଦାର୍ଥ ବିଜ୍ଞାନ ଏଥିରେ ଯଥେଷ୍ଟ ସାହାଯ୍ୟ କରିବ। ଉଦାହରଣସ୍ୱରୂପ, ଏହା ସାହାଯ୍ୟରେ ରକ୍ତରେ ଆଣବିକ ସ୍ତରରେ ହେଉଥିବା ପରିବର୍ତ୍ତନକୁ ବୁଝିପାରି ରୋଗକୁ ଚିହ୍ନଟ କରାଯାଇପାରିବ। ତିନି ବୈଜ୍ଞାନିକ ଏହି କାର୍ଯ୍ୟ ମାନବ ସମାଜର କଲ୍ୟାଣ ପାଇଁ କାର୍ଯ୍ୟ କରିବ ବୋଲି ଜାତୀୟ ସୁଇଡେନ୍ ଏକାଡେମୀ ପ୍ରକାଶ କରିଛି।

ଆନି ଲ' ହ୍ୟୁଲିଅର ଫ୍ରାନ୍ସର ପ୍ୟାରିସଠାରେ ୧୯୫୮ ମସିହାରେ ଜନ୍ମ ଗ୍ରହଣ କରିଛନ୍ତି। ସେ ପ୍ୟାରିସର ପିଏରି ଓ ମେରି କ୍ୟୁରି ବିଶ୍ୱବିଦ୍ୟାଳୟରୁ ୧୯୮୬ ମସିହାରେ ପିଏଚଡି ଡିଗ୍ରୀ ପାଇଛନ୍ତି। ସେ ବର୍ତ୍ତମାନ ସୁଇଡେନ୍‌ର ଲୁଣ୍ଡ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି। ପଦାର୍ଥ ବିଜ୍ଞାନରେ ନୋବେଲ ପୁରସ୍କାର ପାଇବାରେ ସେ ହେଉଛନ୍ତି ପଞ୍ଚମ ମହିଳା।

ଫେରେଙ୍କ୍ କ୍ରାଉଜ୍ ହଙ୍ଗେରୀର ମୋରଠାରେ ୧୯୬୨ ମସିହାରେ ଜନ୍ମ ଗ୍ରହଣ କରିଥିଲେ। ସେ ୧୯୯୧ରେ ଅଷ୍ଟ୍ରିଆର ଭିଏନା ପ୍ରଯୁକ୍ତିବିଦ୍ୟା ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ପାଇଛନ୍ତି। ସେ ବର୍ତ୍ତମାନ ଜର୍ମାନୀର ଗାର୍ସିଙ୍ଗସ୍ଥିତ ମାକ୍ସ ପ୍ଲାଙ୍କ୍ ଇନଷ୍ଟିଚ୍ୟୁଟ୍ ଅଫ୍ କ୍ୱାଣ୍ଟମ ଅପ୍ଟିକସ୍‌ର ନିର୍ଦ୍ଦେଶକ ଏବଂ ମୁଞ୍ଚେନସ୍ଥିତ ଲୁଡଉଇଗ ମାକସିମିଲାନ ବିଶ୍ୱବିଦ୍ୟାଳୟର ପ୍ରଫେସର ଅଛନ୍ତି।

ପାଇରେ ଏଗୋଷ୍ଟିନି ଫରାସୀ ଟ୍ୟୁନିସିଆର ଟ୍ୟୁନିସଠାରେ ୧୯୪୧ ମସିହାରେ ଜନ୍ମଗ୍ରହଣ କରିଥିଲେ। ସେ ୧୯୬୮ ମସିହାରେ ଫ୍ରାନ୍ସର ଏଇକ୍ସ-ମର୍ସେଲେ ବିଶ୍ୱବିଦ୍ୟାଳୟରୁ ପିଏଚଡି ଡିଗ୍ରୀ ଲାଭ କରିଛନ୍ତି। ସେ ବର୍ତ୍ତମାନ ଯୁକ୍ତରାଷ୍ଟ୍ର ଆମେରିକାର କଲମ୍ବସ୍ଥିତ ଓହିଓ ଷ୍ଟେଟ୍ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଅଛନ୍ତି।

-୭୦, ଲକ୍ଷ୍ମୀ ବିହାର, ଫେଜ୍-୧
ଭୁବନେଶ୍ୱର-୧୮
ମୋ: ୯୪୩୮୬୯୩୭୨୪

## ହାର୍ଟ ପାଇଁ ଉପକାରୀ ଭିଟାମିନ୍ 'ସି'

ଭିଟାମିନ୍ 'ସି'ରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ଯଦି ଜଣେ ବ୍ୟକ୍ତି ନିୟମିତ ଏଭଳି ଖାଦ୍ୟ ଖାଆନ୍ତି ତେବେ ସେ ହୃଦ୍‌ଜନିତ ସମସ୍ୟାଠାରୁ ନିଜକୁ ଅନେକାଂଶରେ ଦୂରେଇ ରଖିପାରନ୍ତି ବୋଲି ମତ ଦେଇଛନ୍ତି ଲଣ୍ଡନ ୟୁନିଭର୍ସିଟିର ବିଶେଷଜ୍ଞମାନେ। ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ଭିଟାମିନ୍ 'ସି'ଯୁକ୍ତ ଖାଦ୍ୟ ସାମିଲ କରୁଥିବା କେତେକ ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରି ସେମାନେ ଏକଥା ଜାଣିପାରିଥିଲେ। କେବଳ ସେତିକି ନୁହେଁ, ଦୀର୍ଘକାଳୀନ ରୋଗ (କ୍ରୋନିକ୍ ଡିଜିଜ୍) ପାଇଁ ଏହା ଆଣ୍ଟି ଅକ୍ସିଡାଣ୍ଟ ଭଳି କାମ କରିଥାଏ। ଉଚ୍ଚ ରକ୍ତଚାପ ଥିବା ରୋଗୀଙ୍କ ପାଇଁ ମଧ୍ୟ ଏହା ଉପକାରୀ ସାବ୍ୟସ୍ତ ହୋଇଥାଏ। ରକ୍ତରେ ୟୁରିକ୍ ଏସିଡ୍‌ର ସ୍ତରକୁ ମଧ୍ୟ ଏହା ସନ୍ତୁଳିତ ରଖେ। ଏହା ଆମ ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ଆମେ ଖାଉଥିବା ଖାଦ୍ୟ ଯଥା ଅମୃତଭଣ୍ଡା, ପିଜୁଳି, ବ୍ରକୋଲି, ଲିଚି, ଷ୍ଟ୍ରବେରୀ, କମଳା ଆଦିରେ ଭିଟାମିନ୍ 'ସି' ଭରି ରହିଛି।



## ସଙ୍ଗୀତ ଏବଂ ସ୍ମରଣ ଶକ୍ତି

ଅନେକେ ଅବସର ମିଳିଲେ ନିଜ ମନ ପସନ୍ଦର ଗୀତ ଶୁଣିଥାଆନ୍ତି। ଏହାଦ୍ୱାରା ଭାରାକ୍ରାନ୍ତ ମନ କେତେକାଂଶରେ ହାଲକା ହୋଇଥାଏ। ମନପସନ୍ଦର ଗୀତ ଶୁଣିବା ଦ୍ୱାରା ଜଣେ ବ୍ୟକ୍ତିଙ୍କର ସ୍ମରଣ ଶକ୍ତି ଆହୁରି ତୀବ୍ର ହୋଇଥାଏ ବୋଲି ମତ ଦେଇଛନ୍ତି ଟୋକିଓ ୟୁନିଭର୍ସିଟିର ମନୋବିଜ୍ଞାନୀମାନେ। ସ୍ମରଣ ଶକ୍ତିରେ ତାରତମ୍ୟ ପରିଲକ୍ଷିତ ହେଉଥିବା କେତେକ ବ୍ୟକ୍ତିଙ୍କୁ ସର୍ଭେ ପରିସରଭୁକ୍ତ କରିଥିଲେ। ତା'ସହ ସେମାନଙ୍କୁ ନିୟମିତ ସେମାନଙ୍କର ମନପସନ୍ଦର ଗୀତ ଶୁଣିବାକୁ ପରାମର୍ଶ ଦିଆଯାଇଥିଲା। ଏହାଦ୍ୱାରା ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୫ ପ୍ରତିଶତ ବ୍ୟକ୍ତିଙ୍କର ସ୍ମରଣ ଶକ୍ତିରେ ବୃଦ୍ଧି ଦେଖିବାକୁ ମିଳିଥିଲା ବୋଲି ରିପୋର୍ଟରୁ ଜଣାପଡ଼ିଛି।



## 'କଲରା' ଜିନିଷ ଏକ: ଉପକାର ଅନେକ

**କଲରାରେ ଅନେକ ପ୍ରକାର ଉପକାରୀ ଗୁଣ ଭରି ରହିଛି। ଜାଣନ୍ତୁ ସେ ସମ୍ପର୍କରେ...**

- ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ଏହାର ଆଣ୍ଟି-ଅକ୍ସିଡାଣ୍ଟ ଗୁଣ ଆମ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ।
- ପ୍ରତିଦିନ କଲରା ଖାଇବା ଆଖି ପାଇଁ ମଧ୍ୟ ମହୌଷଧି ସଦୃଶ କାମ କରେ।
- ଏଥିରେ ଭିଟାମିନ୍ 'ଏ' ମଧ୍ୟ ରହିଛି। ଏହା ଶରୀରରେ ଚର୍ମ ଗଠନ କରିଥାଏ।
- ହାର୍ଟ ପାଇଁ ବେଶ୍ ଉପକାରୀ ହେଉଛି କଲରା। ତା'ସହ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା କେତେ ଲାଭପ୍ରଦ ତାହା କହିବା ଅନାବଶ୍ୟକ। କାରଣ ଏହାକୁ ଖାଇବା ଦ୍ୱାରା ରକ୍ତରେ ଶର୍କରାର ପରିମାଣ କେତେକାଂଶରେ ସନ୍ତୁଳିତ ରହିଥାଏ।



- କଲରା ଜୁସ୍ ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି।
- ଉଚ୍ଚ ରକ୍ତଚାପ, ଆଜ୍‌ମା ଭଳି ସ୍ୱାସ୍ଥ୍ୟ ସମସ୍ୟାକୁ ଏହା କିଛି ମାତ୍ରାରେ ମଧ୍ୟ ସନ୍ତୁଳିତ ରଖିଥାଏ।
- କଲରାରେ କ୍ୟାଲୋରୀ, ଫ୍ୟାଟ୍ ଏବଂ କାର୍ବୋହାଇଡ୍ରେଟ୍ ମଧ୍ୟ ରହିଛି, ଯାହା ଶରୀରର ଓଜନକୁ ସନ୍ତୁଳିତ ରଖେ।
- ଏହା ଲିଭର (ଯକୃତ୍)ରୁ ବାଇଲ୍ ଏସିଡ୍ କ୍ଷରଣ କରିବାରେ ସାହାଯ୍ୟ କରିଥାଏ।
- କଲରା କେତେକାଂଶରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିବାରେ ସାହାଯ୍ୟ କରିଥାଏ।
- ଏହାକୁ ନିୟମିତ ଖାଇଲେ ତାହା ଶରୀରରେ ଆଲର୍ଜି ହେବାକୁ ଦିଏନାହିଁ।
- କଲରା କ୍ଷତ ସ୍ଥାନକୁ ଶୀଘ୍ର ପୂରଣ କରିବା ସହ ରକ୍ତ ପରିଷ୍କାର କରେ ଓ ଖାଦ୍ୟ ହଜମରେ ବି ସାହାଯ୍ୟ କରେ।

## ସ୍ୱାସ୍ଥ୍ୟ ସୂଚନା

➢ ପ୍ରତିଦିନ ସକାଳେ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ। ତା'ସହ ସୂର୍ଯ୍ୟକିରଣରେ କିଛି ସମୟ ଠିଆ ହୁଅନ୍ତୁ। କାରଣ ସକାଳର ସୂର୍ଯ୍ୟକିରଣ ଆମ ଶରୀର ପାଇଁ ବେଶ୍ ଉପକାରୀ। ଏଥିରେ ଭିଟାମିନ୍ 'ଡି' ଭରି ରହିଛି।

➢ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସବୁଜ ପନିପରିବା, ଶାଗ ଜାତୀୟ ଖାଦ୍ୟ ସାମିଲ କରନ୍ତୁ।

➢ ନିଜକୁ ଅବସାଦ ବଳୟରେ ବେଶି ସମୟ ରଖନ୍ତୁ ନାହିଁ। କାରଣ ଏହାର ପ୍ରଭାବ ଶରୀର ଉପରେ ପଡ଼ିଥାଏ। ତେଣୁ ଏଥିରୁ କିପରି ମୁକୁଳିବେ ସେ ନେଇ ଥଣ୍ଡା ମନରେ ଚିନ୍ତା କରନ୍ତୁ।



➢ ରକ୍ତଚାପ ଆଜିକାଲି ଏକ ସାଧାରଣ ସମସ୍ୟା ହୋଇଗଲାଣି। ବିଶେଷଭାବରେ ଉଚ୍ଚ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବାକୁ ଚାହୁଁଥିଲେ ପ୍ରତିଦିନ କିଛି ସମୟ ଯୋଗ, ପ୍ରାଣାୟାମ ଆଦି କରନ୍ତୁ। ଏହାସହ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଇବାକୁ ଭୁଲନ୍ତୁ ନାହିଁ।

➢ କୌଣସି କାମ କରିବା ସମୟରେ ମନରେ ନକାରାତ୍ମକ ଭାବନା ଯେମିତି ଉଦ୍ରେକ ନ ହୁଏ ସେଥିପ୍ରତି ଧ୍ୟାନ ଦିଅନ୍ତୁ। ଦୀର୍ଘ ସମୟ ଧରି କାମ କରୁଥିଲେ ତା' ମଧ୍ୟରେ କିଛି ସମୟ ବିରତି ନିଅନ୍ତୁ। ଏହାଦ୍ୱାରା ମନ ହାଲୁକା ରହିଥାଏ ଏବଂ କାମ ପ୍ରତି ଅଧିକ ଆଗ୍ରହ ସୃଷ୍ଟି ହୁଏ।

➢ ସବୁବେଳେ ଘରେ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ। ବାହାରେ ତଥା ରାସ୍ତା କଡରେ ଚଟପଟି ଖାଦ୍ୟ ଯେତେ କମ୍ ଖାଇବେ ତାହା ସେତେ ଭଲ। କାରଣ ଏଭଳି ଖାଦ୍ୟ ଏସିଡିଟି ସୃଷ୍ଟି କରିଥାଏ।

# ଗ୍ରହାଣୁ ଧୂଳିରେ ଜୀବନର ଜାତକ

(ଶେଷ ଭାଗ)

ବେନୁ ଗ୍ରହାଣୁ ନମୁନାର ବିଶ୍ଳେଷଣ ଜରିଆରେ ବୈଜ୍ଞାନିକମାନଙ୍କୁ ସୃଷ୍ଟିର ପ୍ରାରମ୍ଭ କାଳରେ ଘଟିଥିବା ସୌରଜଗତ ଜନ୍ମ ତଥା ଆମ ଗ୍ରହ ପୃଥିବୀରେ ଜୀବନର ଅଭ୍ୟୁଦୟ କିପରି ହୋଇଥିଲା ସୂଚନା ମିଳିବ। ଆହୁରି ମଧ୍ୟ ଏହା ଦ୍ୱାରା ପୃଥିବୀ ଅଭିମୁଖେ ସମ୍ଭାବ୍ୟ ସଂଘର୍ଷ ପଥରେ ଅଗ୍ରସର ହେଉଥିବା କିଛି ଗ୍ରହାଣୁଙ୍କ ସମ୍ପର୍କରେ ମଧ୍ୟ ଜାଣିବା ପାଇଁ ସୁଯୋଗ ମିଳିବ। ଏପରି କିଛି ବିପଜ୍ଜନକ ଗ୍ରହାଣୁର ସନ୍ଧାନ ମିଳିଲେ ସେମାନଙ୍କୁ ଯଥେଷ୍ଟ ପୂର୍ବରୁ ଠାବକରି ତଥା ପୃଥିବୀରେ ଧକ୍କା ଜନିତ ବିପଦ ଘଟାଇବା ପୂର୍ବରୁ ସେଗୁଡ଼ିକୁ ଶକ୍ତିଶାଳୀ ରକେଟ୍ ଦ୍ୱାରା ଆଘାତପୂର୍ବକ ଧ୍ୱଂସ କରିପାରିଲେ ଯାଇ ଆମର ଗ୍ରହ ପୃଥିବୀକୁ ସୁରକ୍ଷିତ ରଖିହେବ। ସୁତରାଂ ସୁଦୂର ଗ୍ରହାଣୁଙ୍କ କ୍ଷେତ୍ରରେ ଏଭଳି କଠିନ ଓ ଉଚ୍ଚ ଜ୍ଞାନକୌଶଳଯୁକ୍ତ କାର୍ଯ୍ୟକୁ ବାସ୍ତବତାରେ ରୂପାୟନ କରିବା ପାଇଁ ହେଲେ ଆମକୁ ସେମାନଙ୍କ ଗଠନ, କ୍ରମବିକାଶ ତଥା ଅନ୍ତରୀକ୍ଷରେ ଅବସ୍ଥାନ ଓ ଗତି ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ସମ୍ୟକ୍ ତଥା ନିରନ୍ତର ଜ୍ଞାନ ଆହରଣ କରିବାକୁ ପଡ଼ିବ।

**ରହସ୍ୟମୟ ଗ୍ରହାଣୁ ବେନୁ:** ଗତ ୧୯୯୯ ମସିହାରେ ଆମ ସୌରମଣ୍ଡଳରେ ମଙ୍ଗଳ ଓ ବୃହସ୍ପତି ଗ୍ରହ ମଧ୍ୟରେ ବିଦ୍ୟମାନ ଗ୍ରହାଣୁ ବଳୟରେ ଆବିଷ୍କାର କରାଯାଇଥିବା ଏହି କ୍ଷୁଦ୍ର ଗ୍ରହାଣୁଟି ପ୍ରତି ୬ ବର୍ଷରେ ଥରେ ପୃଥିବୀର ନିକଟବର୍ତ୍ତୀ ହୋଇଥାଏ। ଏହା ଦେଖିବାକୁ ଆକାରରେ ଏକ ନଟୁ ସଦୃଶ। ଏହା ଏତେ ଛୋଟ ଯେ ଏହାର ବ୍ୟାସ ମାତ୍ର ଅଧ କିଲୋମିଟର ପରିମିତ। ନିଜ କକ୍ଷପଥରେ ସୂର୍ଯ୍ୟଠାରୁ ଏହାର ହାରାହାରି ଦୂରତା ୧୬.୮ କୋଟି କିଲୋମିଟର ଏବଂ ଏହା ସୂର୍ଯ୍ୟକୁ ଥରେ ପରିକ୍ରମା କରିବା ପାଇଁ ପ୍ରାୟ ୧.୨ ବର୍ଷ ସମୟ ନେଇଥାଏ। ଏହା ମାତ୍ର ୪.୩ ଘଣ୍ଟା ସମୟ ଅନ୍ତରାଳରେ ନିଜ ଅକ୍ଷ ଚାରିପଟେ ଏକ ସମ୍ପୂର୍ଣ୍ଣ ଘୂର୍ଣ୍ଣନ ସମାପ୍ତ କରିଥାଏ; ସୁତରାଂ ଏହାର ଦିନ ଓ ରାତିର ଅବଧି ପ୍ରାୟ ଦୁଇ ଦୁଇ ଘଣ୍ଟା। ଏହାର ଜନ୍ମ ପ୍ରାୟ ୪.୫ କୋଟି ବର୍ଷ ପୂର୍ବେ ହୋଇଥିଲା। ଏହା ଗ୍ରହାଣୁ ବଳୟର କୌଣସି ବଡ଼ କାର୍ବନ୍‌ଯୁକ୍ତ ଗ୍ରହାଣୁ ଭାଙ୍ଗିଯିବା ଦ୍ୱାରା ତା'ର ଭଗ୍ନାବଶେଷରୁ ସୃଷ୍ଟି ହୋଇଥିବାର ବିଶ୍ୱାସ କରାଯାଏ। ଏହାର ପୃଷ୍ଠଦେଶ ଅତ୍ୟନ୍ତ ରୁକ୍ଷ ଓ ବନ୍ଧୁର, ଯାହା କେବଳ ଶିଳା ଓ ପଥର ଦ୍ୱାରା ଢଙ୍କା। ଏହାର ସବୁଠାରୁ ବଡ଼ ପଥରର ଲମ୍ବ ୭୨ ଫୁଟ। ଗ୍ରହାଣୁଟିର ସ୍ୱଳ୍ପ ମହାକର୍ଷଣ ବଳ ହେତୁ ଏହାର କୌଣସି ବାୟୁମଣ୍ଡଳ ଧାରଣର ସାମର୍ଥ୍ୟ ନାହିଁ। ଏହାର ଦିନ ସମୟରେ ସର୍ବାଧିକ ତାପମାତ୍ର ୧୧୬ ଡିଗ୍ରୀ ସେଲସିୟସ୍ ହୋଇଥିଲାବେଳେ ରାତି ସମୟର ସର୍ବନିମ୍ନ ତାପମାତ୍ରା -୧୦୦ ଡିଗ୍ରୀ ସେଲସିୟସ୍। ସୌରଜଗତର ଜନ୍ମ ତଥା ପୃଥିବୀରେ ଜୀବନସୃଷ୍ଟିର ପ୍ରାରମ୍ଭ କାଳରେ ଥିବା କିଛି ଜୈବିକ ଅଣୁ ସମୟର କରାଳ ସ୍ରୋତରେ ପରିବର୍ତ୍ତିତ ନ ହୋଇ ଅକ୍ଷତ ରୂପରେ ଏହି ବେନୁ ଗ୍ରହାଣୁରେ ଏବେବି ବିଦ୍ୟମାନ ଥିବାର ବିଶ୍ୱାସ କରାଯାଏ।



**୩.୫x୧୦୧୫ ଡିଗ୍ରୀ ସେଲସିୟସ୍ ତାପମାତ୍ରାର ଏକ ଝୋଲ:** ଆମର ବିଶ୍ୱ ୧୩୮୦ କୋଟି ବର୍ଷ ପୂର୍ବେ 'ବିଗ୍ ବ୍ୟାଙ୍ଗ୍' ନାମକ ଏକ ବିଶାଳ ବିସ୍ଫୋରଣ ଦ୍ୱାରା ସୃଷ୍ଟି ହୋଇଥିଲା ବୋଲି ବୈଜ୍ଞାନିକମାନଙ୍କ ମତ। ସେତେବେଳେ ବିଶ୍ୱ ଅତ୍ୟନ୍ତ ଉତ୍ତପ୍ତ ଓ ଅତିଶୟ ଘନ ପିଣ୍ଡ ରୂପରେ ରହିଥିଲା ଏବଂ ପଦାର୍ଥର ସଂରଚନା ଓ ରୂପରେଖ ଏବେଠାରୁ ବହୁ ଗୁଣରେ ଭିନ୍ନ ଥିଲା। ବିଗ୍ ବ୍ୟାଙ୍ଗ୍‌ର ମାତ୍ର ୧୦-୧୨ ସେକେଣ୍ଡ ସମୟ ପରେ ପଦାର୍ଥ କ୍ୱାର୍କ, ଗ୍ଲୁଅନ୍ ଓ ଇଲେକ୍ଟ୍ରନ୍ ଭଳି ଅନ୍ୟ କଣିକା ସମୂହର ଏକ ବିଚିତ୍ର ଘନ ତରଳିକୃତ ଅବସ୍ଥାରେ ଥିଲା। ସେତେବେଳେ ଏହି ବିଚିତ୍ର ଝୋଳର ତାପମାତ୍ରା ଥିଲା ୩.୫x୧୦୧୫ ଡିଗ୍ରୀ ସେଲସିୟସ୍। ଏହାର ୧୦-୬ ସେକେଣ୍ଡ ପରେ ଅବପରମାଣବିକ କଣିକାରୁ ଯେପରି ପ୍ରୋଟୋନ୍ ଓ ନିଉଟ୍ରନ୍ ମାନ ସୃଷ୍ଟି ହେଲେ ଏବଂ ଏହାର ଆଉ ୩ ମିନିଟ୍ ପରେ ତାପମାତ୍ରା ୧୦୧୫ ଡିଗ୍ରୀ ସେଲସିୟସକୁ ଖସି ଆସିବାରୁ ଏହିସବୁ କଣିକା ପରସ୍ପର ସହିତ ସଂଯୋଜିତ ହୋଇ ପରମାଣୁର ପ୍ରଥମ ନିଉକ୍ଲିୟସ୍ ଜନ୍ମ ନେଲା। ବିଗ୍ ବ୍ୟାଙ୍ଗ୍‌ର ୩,୦୦,୦୦୦ ବର୍ଷ ପରେ ତାପମାତ୍ରା ୬୦,୦୦୦ ଡିଗ୍ରୀ ସେଲସିୟସ୍ ଥିଲାବେଳେ ପ୍ରଥମ 'ପରମାଣୁ' ସୃଷ୍ଟି ହେଲା। ଏହାର ଆଉ ୧ ଅଯୁତ କୋଟି ବର୍ଷ ପରେ ନିହାରିକାମାନ ସୃଷ୍ଟି ହେଲେ। ପୁଣି, ନୀହାରିକାରୁ ତାରାଗଣ ଏବଂ ତାରାରୁ ଗ୍ରହ ଓ ଗ୍ରହାଣୁ ସମୂହ ଜନ୍ମ ନେଲେ। ଘଟଣାକ୍ରମେ ପ୍ରାୟ ୪୫୦ କୋଟି ବର୍ଷ ତଳେ, ଆମର ସୌରଜଗତ ସୃଷ୍ଟି ହୋଇ ପୃଥିବୀ ଭଳି କିଛି ଅଦ୍ୱିତୀୟ ଗ୍ରହରେ ଜୀବନର ସୂତ୍ରପାତ ହେଲା ଏବଂ ଏହିପରି ଭାବରେ ଆମର ଦୃଶ୍ୟମାନ ବିଶ୍ୱ ବିକଶିତ ହେଲା।

ନାସାର ସଦ୍ୟତମ ଅଭିଯାନ ଆଗାମୀ ଦିନରେ 'ବେନୁ' ଗ୍ରହାଣୁରୁ ଆସିଥିବା ସେଭଳି କିଛି ଦୁର୍ଲଭ ପଦାର୍ଥର ବିଶ୍ଳେଷଣ ଜରିଆରେ ବିଶ୍ୱ ତଥା ସୌରଜଗତ ସୃଷ୍ଟିର ପ୍ରାରମ୍ଭକାଳର ସେହି ଅଭାବନୀୟ ଇତିହାସକୁ ଦୃଷ୍ଟିପାତ କଲେ ସଙ୍ଗେ ସଙ୍ଗେ ଆମ ଗ୍ରହ ପୃଥିବୀରେ ଜଳ ଓ ଜୀବନର ସୃଷ୍ଟି ସମ୍ପର୍କରେ ଥିବା ରହସ୍ୟ ବଳୟର ପର୍ଦ୍ଦାଫାଶ କରିବାରେ ସହାୟକ ହେବ ବୋଲି ଆଶା କରାଯାଏ।

-ନିକୁଞ୍ଜ ବିହାରୀ ସାହୁ
ମୋ : ୮୯୧୭୬୩୭୯୭୪



# ଇଂଲଣ୍ଡକୁ ହରାଇଲା ଆଫଗାନିସ୍ତାନ

## ବିଶ୍ୱକପରେ ବିପର୍ଯ୍ୟୟ

**ଦିଲ୍ଲୀ,୧୫।୧୦**

ଚଳିତ କ୍ରିକେଟ ବିଶ୍ୱକପରେ ଦେଖିବାକୁ ମିଳିଛି ପ୍ରଥମ ବିପର୍ଯ୍ୟୟ। ଡିଫେଣ୍ଡିଂ ଚାମ୍ପିୟନ ଇଂଲଣ୍ଡକୁ ପରାସ୍ତ କରି ପଏଣ୍ଟ ଖାତା ଖୋଲିଛି ଆଫଗାନିସ୍ତାନ। ଦିଲ୍ଲୀର ଅରୁଣ ଜେଟଲୀ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଆଫଗାନିସ୍ତାନ ୬୯ ରନରେ ବିଶ୍ୱ ଚାମ୍ପିୟନ ଇଂଲଣ୍ଡକୁ ପରାସ୍ତ କରିଛି। ପ୍ରଥମେ ବ୍ୟାଟିଂ କରି ଆଫଗାନିସ୍ତାନ ୪୯.୫ ଓଭରରେ ୨୮୪ ରନ୍‌ରେ ସମସ୍ତ ଉଇକେଟ ହରାଇଥିଲା। ଜବାବରେ ଇଂଲଣ୍ଡ ୪୦.୩ ଓଭରରେ ୨୧୫ ରନ୍ କରି ଅଲଆଉଟ ହୋଇଥିଲା। ଏହା ସହିତ ବିଶ୍ୱକପରେ ଇଂଲଣ୍ଡ ଆଉ ଏକ ବିପର୍ଯ୍ୟୟର ସମ୍ମୁଖୀନ ହେଇ ଏକ ନିମ୍ନ ର୍‍ୟାଙ୍କ ଦଳଠାରୁ ହାରିଛି। ପୂର୍ବରୁ ଦଳ ୪ଥର ଏଭଳି ପରସ୍ଥିତିର ସମ୍ମୁଖୀନ ହୋଇଥିଲା। ୧୯୯୨ରେ ଜିମ୍ବାୱେ, ୨୦୧୧ରେ ଆୟର୍ଲାଣ୍ଡ ଓ ବାଂଲାଦେଶ ଏବଂ ୨୦୧୫ରେ ଦଳ ବାଂଲାଦେଶ ନିକଟରୁ ପରାଜିତ ହୋଇଥିଲା।

ପ୍ରଥମେ ବ୍ୟାଟିଂ କରିଥିବା ଆଫଗାନିସ୍ତାନ ପକ୍ଷରୁ ରହମାନଉଲ୍ଲା ଗୁରବାଜ(୮୦) ଓ ଇବ୍ରାହିମ୍ ଜାଦ୍ରାନ(୨୮) ପ୍ରଥମ ଉଇକେଟରେ ୧୧୪ ରନ୍ ଯୋଡି ଏକ ଦୃଢ଼ ଆରମ୍ଭ ପ୍ରଦାନ କରିଥିଲେ। ଜାଦ୍ରାନ ୨୮ ରନ୍ କରି ଆଉଟ ହେବା ପରେ ରହମତ ଶାହ ମାତ୍ର ୩ ରନ୍ କରି ପ୍ୟାଭିଲିୟନ୍ ଫେରିଥିଲେ। ଉଭୟ ଖେଳାଳିଙ୍କୁ ଆଉଟ କରିଥିଲେ ଆଦିଲ ରଶିଦ୍। ଦଳର ଟପ୍ ସ୍କୋରର ରହିଥିବା ଗୁରବାଜ ୮୦ ରନ୍ କରି ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ ହୋଇଥିଲେ। ୫୭ ବଲର ଏହି ଇନିଂସରେ ୮ଚୌକା ଓ ୪ ଛକା ସାମିଲ ଥିଲା। ମଧ୍ୟକ୍ରମରେ ଅନ୍ୟ ଖେଳାଳି ବିଫଳ ହୋଇଥିବା ବେଳେ ଉଇକେଟ କିପର ଇକ୍ରାମ ଅଲିଖିଲ ୬୬ ବଲରୁ ୫୮ ରନ କରିଥିଲେ। ଶେଷ ଆଡକୁ ରଶିଦ୍ ଖାନ୍ ୨୩ ଓ ମୁଜିବ୍ ଉର ରେହମାନ ୨୮ ରନ୍ ସ୍କୋର କରିଥିଲେ। ଇଂଲଣ୍ଡ ପକ୍ଷରୁ ଆଦିଲ ରଶିଦ୍ ୩ ଉଇକେଟ ନେଇଥିବା ବେଳେ ମାର୍କ ଉଡ୍ ୨ ଉଇକେଟ ଅକ୍ତିଆର କରିଥିଲେ।

୨୮୫ ରନ୍‌ର ଲକ୍ଷ୍ୟ ଦିଲ୍ଲୀର ଫ୍ଲାଟ ଉଇକେଟରେ ସହଜ ରହିବା ନେଇ ଆଶା କରାଯାଉଥିଲା। ତେବେ ଆଫଗାନୀ ସ୍ପିନର ମାନେ ଚମତ୍କାର ବୋଲିଂ କରିବା ସହ ଚଳିତ ସଂସ୍କରଣର ପ୍ରଥମ ବିପର୍ଯ୍ୟୟ ଘଟାଇଥିଲେ। ଦ୍ୱିତୀୟ ଓଭରରେ ଫଜଲହକ ଫାରୁକି ଜନି ବେୟାରଷ୍ଟାଙ୍କୁ ଆଉଟ କରି ଦଳକୁ ପ୍ରଥମ ସଫଳତା ପ୍ରଦାନ କରିଥିଲେ। ସପ୍ତମ ଓଭରରେ ନିର୍ଭରଯୋଗ୍ୟ ଜୋ ରୁଟ୍‌ଙ୍କୁ ବୋଲ୍ଡ କରିଥିଲେ ମୁଜିବ। ଡାୱିଡ ମଲାନ ୩୨ ରନ୍ କରିଥିବା ବେଳେ ତାଙ୍କୁ ଆଉଟ କରିଥିଲେ ମହମ୍ମଦ ନବି। ଇଂଲଣ୍ଡ ଅଧିନାୟକ ଜୋସ୍ ବଟଲର ମାତ୍ର ୯ ରନ୍ କରି ନବୀନ ଉଲ ହକଙ୍କ ଅଫ କଟରରେ ବୋଲ୍ଡ ହୋଇଥିଲେ। ଆଫଗାନ ସ୍ପିନର ମାନେ ନିଜ ମଧ୍ୟରେ ୮ ଉଇକେଟ ବାଣ୍ଟି ନେବାରୁ ଇଂଲଣ୍ଡ ହାରିଥିଲା। କେବଳ ହ୍ୟାରି ବ୍ରୁକ ୬୬ ରନ୍ କରିଥିବା ବେଳେ ଅନ୍ୟ ସମସ୍ତ ଖେଳାଳି ବିଫଳ ହୋଇଥିଲେ। ମୁଜିବ ଉର ରେହମାନ ଓ ରାଶିଦ ଖାନ ୩ ଓ ମହମ୍ମଦ ନବି ୨ ଉଇକେଟ ନେଇଥିବା ବେଳେ ନବୀନ ଓ ଫାରୁକି ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।



ଉଇକେଟ ନେବାପରେ ଉତ୍ସାହିତ ପ୍ଲେୟର ଅଫ୍ ଦି ମ୍ୟାଚ୍ ମୁଜିବ ଉର ରେହମାନ (ମଝି)।

### ସଂକ୍ଷିପ୍ତ ସ୍କୋର

ଆଫଗାନିସ୍ତାନ ୪୯.୫ ଓଭରରେ ୨୮୪/୧୦ (ରହମାନଉଲ୍ଲା ଗୁରବାଜ-୮୦, ଇକ୍ରାମ ଅଲିଖିଲ-୫୮, ମୁଜିବ ଉର ରେହମାନ-୨୮, ଆଦିଲ ରଶିଦ-୩/୪୨, ମାର୍କ ଉଡ୍-୨/୫୦, ଜୋ ରୁଟ୍-୧/୧୯)। ଇଂଲଣ୍ଡ ୪୦.୩ ଓଭରରେ ୨୧୫/୧୦(ହ୍ୟାରୀ ବ୍ରୁକ୍-୬୬, ଡାୱିଡ୍ ମଲାନ୍-୩୨, ମୁଜିବ୍ ଉର ରେହମାନ-୩/୫୧, ରାଶିଦ୍ ଖାନ୍-୩/୩୭ ,ମହମ୍ମଦ ନବି-୨/୧୬)।

### ପଏଣ୍ଟ ଟେବୁଲ

| ଟିମ୍ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ୍‌ହାର |
|---|---|---|---|---|---|
| ଭାରତ | ୩ | ୩ | ୦ | ୬ | +୧.୮୨୧ |
| ନ୍ୟୁଜିଲାଣ୍ଡ | ୩ | ୩ | ୦ | ୬ | +୧.୬୦୪ |
| ଦକ୍ଷିଣ ଆଫ୍ରିକା | ୨ | ୨ | ୦ | ୪ | +୨.୩୬୦ |
| ପାକିସ୍ତାନ | ୩ | ୨ | ୧ | ୪ | -୦.୧୩୭ |
| ଇଂଲଣ୍ଡ | ୩ | ୧ | ୨ | ୨ | -୦.୦୮୪ |
| ଆଫଗାନିସ୍ତାନ | ୩ | ୧ | ୨ | ୨ | -୦.୬୫୨ |
| ବାଂଲାଦେଶ | ୩ | ୧ | ୨ | ୨ | -୦.୬୯୯ |
| ଶ୍ରୀଲଙ୍କା | ୨ | ୦ | ୨ | ୦ | -୧.୧୬୧ |
| ନେଦରଲାଣ୍ଡ୍ସ | ୨ | ୦ | ୨ | ୦ | -୧.୮୦୦ |
| ଅଷ୍ଟ୍ରେଲିଆ | ୨ | ୦ | ୨ | ୦ | -୧.୮୪୬ |

# ପ୍ରଥମ ବିଜୟ ଲକ୍ଷ୍ୟରେ ଅଷ୍ଟ୍ରେଲିଆ, ଶ୍ରୀଲଙ୍କା

**ଲକ୍ଷ୍ନୌ,୧୫।୧୦(ପି.ଟି.)**

କ୍ରମାଗତ ପରାଜୟ ପରେ ସୋମବାର ଶ୍ରୀଲଙ୍କା ବିପକ୍ଷରେ ଏହାର ତୃତୀୟ ମ୍ୟାଚ୍ ଖେଳିବ ଅଷ୍ଟ୍ରେଲିଆ। ୫ ଥର ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆ ପାଇଁ ଏହି ମ୍ୟାଚ୍‌ଟି କର ବା ମର ପରସ୍ଥିତି ସୃଷ୍ଟି କରିଛି। ଉଭୟ ଦଳ ଦୁଇଟି ଲେଖାଏ ମ୍ୟାଚ ଖେଳିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ପ୍ରଥମ ବିଜୟ ସନ୍ଧାନରେ ରହିଛନ୍ତି।

**ଦିନିକିଆ ବିଶ୍ୱକପ**

ICC MEN'S CRICKET WORLD CUP INDIA 2023

**(ଆଜିର ମ୍ୟାଚ)**

**ଅଷ୍ଟ୍ରେଲିଆ ବନାମ ଶ୍ରୀଲଙ୍କା**

**ସ୍ଥାନ: ଲକ୍ଷ୍ନୌ,**
**ସମୟ: ଅପରାହ୍ନ ୨ଟା**
**ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ**

ଅଷ୍ଟ୍ରେଲିଆ ପ୍ରଥମ ମ୍ୟାଚ୍‌ରେ ଭାରତ ଓ ଦ୍ୱିତୀୟ ମ୍ୟାଚରେ ଦକ୍ଷିଣ ଆଫ୍ରିକା ନିକଟରୁ ପରାଜିତ ହୋଇଥିଲା। ଅନ୍ୟପକ୍ଷରେ ଶ୍ରୀଲଙ୍କା ଏହାର ଉଭୟ ମ୍ୟାଚରେ ଯଥାକ୍ରମେ ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ନିକଟରୁ ପରାଜିତ ହୋଇଛି। ୫ ଥର ଚାମ୍ପିୟନ ଅଷ୍ଟ୍ରେଲିଆ ପଏଣ୍ଟ ଟେବୁଲର ନବମ ସ୍ଥାନରେ ରହିଥିବା ବେଳେ ଏହାର ନେଟ୍ ରନ୍‌ରେଟ୍ -୧.୮୪୬ ରହିଛି । ଅନ୍ୟପକ୍ଷରେ ଶ୍ରୀଲଙ୍କା -୧.୧୬୧ର ନେଟ୍ ରନ୍‌ରେଟ୍ ସହିତ ସପ୍ତମ ସ୍ଥାନରେ ରହିଛି।

୧୯୯୨ ପରେ ପ୍ରଥମ ଥର ପାଇଁ ଅଷ୍ଟ୍ରେଲିଆ ଏଭଳି ଦୟନୀୟ ପ୍ରଦର୍ଶନ କରିଛି। ତେବେ ନିଜର ଦୃଢ଼ ମନୋବଳ ପାଇଁ ପରିଚିତ ଏହି ଦଳ କମବ୍ୟାକ୍ ମଧ୍ୟ କରିପାରେ। ପ୍ରଥମ ଥର ପାଇଁ ବ୍ୟାଟିଂ, ବୋଲିଂ ଓ ଫିଲ୍ଡିଂରେ ଖରାପ ପ୍ରଦର୍ଶନ କରିଛି ଅଷ୍ଟ୍ରେଲିଆ। ଭାରତ ଓ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଦଳର ବ୍ୟାଟିଂ ସମ୍ପୂର୍ଣ୍ଣ ଫେଲ୍ ମାରିଥିବା ବେଳେ ବୋଲିଂ ଦନ୍ତହୀନ ବାଘ ଭଳି ରହିଛି। ଅନ୍ୟପକ୍ଷରେ ଅଷ୍ଟ୍ରେଲିଆର ଫିଲ୍ଡିଂ ଆଶ୍ଚର୍ଯ୍ୟଜନକ ଭାବରେ ନିରାଶ କରିଛି। ଦଳ ଦୁଇ ମ୍ୟାଚରେ ୬ରୁ ଅଧିକ କ୍ୟାଚ୍ ହାତଛଡା କରିବା ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି।

ଅନ୍ୟପକ୍ଷରେ ଶ୍ରୀଲଙ୍କା ମଧ୍ୟ ସମାନ ପରିସ୍ଥିତି ଦେଇ ଗତି କରୁଛି। ଦଳର ଅଧିନାୟକ ଦସୁନ ଶନକା ଆହତ ହୋଇ ଟୁର୍ନାମେଣ୍ଟରୁ ବାଦ୍ ପଡିଥିବା ବେଳେ ଏହାଦ୍ୱାରା ପ୍ରଦର୍ଶନ ପ୍ରଭାବିତ ହେବାର ଆଶଙ୍କା କରାଯାଏ। ଦଳର ଏକାଧିକ ଫ୍ରଣ୍ଟଲାଇନ ବୋଲର ଆହତ ସମସ୍ୟା ଦେଇ ଗତି କରୁଥିବା ବେଳେ ଶନକାଙ୍କ ଆହତ ହେବା ଦ୍ୱାରା ଦଳର ନିମ୍ନ ମଧ୍ୟକ୍ରମ ବ୍ୟାଟିଂ ଅତ୍ୟନ୍ତ ଦୁର୍ବଳ ମନେହେଉଛି। ୨୦ ବର୍ଷୀୟ ମଥିଶା ପଥିରାନା ବୋଲିଂର ନେତୃତ୍ୱ ନେଉଥିବା ବେଳେ ଦଳ ଦୁଇ ମ୍ୟାଚରେ ୭୭୫ ରନ୍ କରିବା ଆଉ ଏକ ବଡ ସମସ୍ୟା ରହିଛି।

# ରୋନାଲ୍ଡୋଙ୍କୁ କୋରଡ଼ା ମାଡ଼କୁ ନେଇ ସ୍ପଷ୍ଟୀକରଣ

**ତେହରାନ,୧୫।୧୦**

ପର୍ତ୍ତୁଗାଲର ଷ୍ଟାର ଫୁଟବଲର କ୍ରିଷ୍ଟିଆନୋ ରୋନାଲ୍ଡୋଙ୍କୁ ୯୯ ଥର କୋରଡା(ଚାବୁକ) ମାଡ କରାଯିବ ବୋଲି ଏକ ଖବର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ଏହାକୁ ନେଇ ମାଡ୍ରିଡ୍‌ରେ ଅବସ୍ଥିତ ଇରାନିଆନ୍ ଦୂତାବାସ ପକ୍ଷରୁ ଏକ ସ୍ପଷ୍ଟୀକରଣ ଆସିଛି। ସାଉଦି ଆରବର କ୍ଲବ ଅଲ ନାସେର ପାଇଁ ଖେଳୁଥିବା ରୋନାଲ୍ଡୋ ସେପ୍ଟେମ୍ବର ମାସରେ ଏଏଫ୍‌ସି କପ୍‌ର ମ୍ୟାଚ୍ ଖେଳିବା ପାଇଁ ଇରାନ୍ ଯାଇଥିଲେ। ପର୍ସେପୋଲିସ୍ ବିପକ୍ଷ ମ୍ୟାଚ୍ ପୂର୍ବରୁ ଇରାନର ଦିବ୍ୟାଙ୍ଗ କଳାକାର ଫାତିମା ହମାମୀ ତାଙ୍କୁ ଭେଟିବା ସହିତ ଏକ ପ୍ରତିକୃତି ଉପହାର ଭାବରେ ପ୍ରଦାନ କରିଥିଲେ। ଏହାପରେ ହ୍ୱିଲ ଚେୟାରରେ ବସିଥିବା ଫାତିମାଙ୍କୁ ରୋନାଲ୍ଡୋ ଆଲିଙ୍ଗନ କରିବା ସହ କିଛି ସମୟ ବାର୍ତ୍ତାଳାପ କରିଥିଲେ। ଏପରିକି ଅଲ ନାସେରର ଏକ ଜର୍ସି ମଧ୍ୟ ଉପହାର ଭାବରେ ଦେଇଥିଲେ। ତେବେ ଇରାନରେ ଆଇନ ଅନୁସାରେ ନିଜ ସ୍ତ୍ରୀଙ୍କ ବ୍ୟତୀତ ଅନ୍ୟ କୌଣସି ଅବିବାହିତ ମହିଳାଙ୍କୁ ଛୁଇଁବା ଅପରାଧ ଅଟେ। ଏହାକୁ ନେଇ ଏକାଧିକ ଓକିଲ ରୋନାଲ୍ଡୋଙ୍କ ବିପକ୍ଷରେ ମାମଲା ରୁଜୁ କରିଥିବା ବେଳେ ତାଙ୍କୁ ୯୯ଥର କୋରଡା ମରାଯିବାକୁ ଆଦେଶ ଦିଆଯାଇଥିବା ଖବର ସୋସିଆଲ ମିଡିଆରେ ଭାଇରାଲ ହୋଇଥିଲା। ତେବେ ମାଡ୍ରିଡ ସ୍ଥିତ ଇରାନିଆନ୍ ଦୂତାବାସ ଏହାକୁ ଖଣ୍ଡନ କରିବା ସହିତ ଏଭଳି ହୋଇ ନ ଥିବା ସ୍ପଷ୍ଟ କରିଛନ୍ତି। ଏପରିକି ଇରାନରେ ସମସ୍ତେ ଏହି ବୈଠକକୁ ସକରାତ୍ମକ ଢଙ୍ଗରେ ଗ୍ରହଣ କରିଥିବା ଦୂତାବାସ ପକ୍ଷରୁ କୁହାଯାଇଛି।





ଫାତିମା ହମାମୀଙ୍କୁ ଜର୍ସି ଉପହାର ଦେଉଛନ୍ତି ରୋନାଲ୍ଡୋ।

# ପେଗୁଲା ଜିତିଲେ କୋରିଆ ଓପନ ଟାଇଟଲ

**ସିଓଲ, ୧୫।୧୦ (ଏପି):** କୋରିଆ ଓପନ ଫାଇନାଲରେ ଚାଇନାର ୟୁଆନ ୟୁଇଙ୍କୁ ୬-୨, ୬-୩ରେ ପରାସ୍ତ କରି ଜେସିକା ପେଗୁଲା ତାଙ୍କ କ୍ୟାରିୟରର ଚତୁର୍ଥ ଟାଇଟଲ ଜିତିଛନ୍ତି। ଟପ୍ ସିଡ୍ ପେଗୁଲା ସମଗ୍ର ଟୁର୍ନାମେଣ୍ଟରେ ମାତ୍ର ଗୋଟିଏ ସେଟ୍ ଡ୍ରପ୍ କରିଥିଲେ। ୨୦୦୭ରେ ସେରେନା ୱିଲିୟମ୍ସଙ୍କ ପରେ ପ୍ରଥମ ଆମେରିକୀୟ ଭାବେ ସେ ସିଓଲରେ ଟାଇଟଲ ଜିତିଛନ୍ତି। ପେଗୁଲା କହିଛନ୍ତି, ତାଙ୍କ ମା' କୋରିଆରେ ଜନ୍ମ ଗ୍ରହଣ କରିଥିବାରୁ ଏଠାରେ ଟାଇଟଲ ଜିତିବା ତାଙ୍କ ପାଇଁ ସ୍ୱତନ୍ତ୍ର ଥିଲା। ମ୍ୟାଚ ବେଳେ ସ୍ଥାନୀୟ ଦର୍ଶକଙ୍କଠାରୁ ଯେତିକି ସମର୍ଥନ ମିଳିବ ବୋଲି ମୁଁ ଆଶା କରୁଥିଲି ତା' ଠାରୁ ଅଧିକ ମିଳିଥିଲା।

# ଦେବାଶିଷଙ୍କୁ ଡବଲ୍ସ ଟାଇଟଲ

**ଭୁବନେଶ୍ୱର,୧୫।୧୦**
**(ସରୋଜ ଜେନା)**

## ଆଇଟିଏଫ୍ ଜୁନିୟର ଟୁର୍ନାମେଣ୍ଟ

ରାଜ୍ୟର ଉଦୀୟମାନ ଟେନିସ୍ ଖେଳାଳି ଦେବାଶିଷ ସାହୁ ହାସଲ କରିଛନ୍ତି ଆଇଟିଏଫ୍ ଜୁନିୟର ଡବଲ୍ସ ଟାଇଟଲ୍। ଘାନାର ଆକ୍ରାରେ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ଦେବାଶିଷ ସିଙ୍ଗଲ୍ସ ଇଭେଣ୍ଟରେ ସେମିରେ ପ୍ରବେଶ କରିଥିବା ବେଳେ ଡବଲ୍ସରେ ଟାଇଟଲ ହାସଲ କରିଥିଲେ। ସର୍ବିୟାର ନିକୋଲା ଜୋଭିକ୍‌ଙ୍କୁ ସାଥୀ କରି ଖେଳିଥିବା ଦେବାଶିଷ ଫାଇନାଲରେ ଟପ୍ ସିଡେଡ୍ ନାଇଜେରିଆର ଡେଭିଡ୍ ଏକପେନ୍ୟୋ ଓ ଡେନମାର୍କର କ୍ରିଷ୍ଟିଆନୋ ଗ୍ରୋନଫେଲଙ୍କୁ ୭-୬ ଓ ୬-୪ ସେଟ୍‌ରେ ପରାସ୍ତ କରିଥିଲେ। ଏହା ପୂର୍ବରୁ ଦେବାଶିଷ ବାଳକ ସିଙ୍ଗଲ୍ସ ଇଭେଣ୍ଟ ସେମିରେ ପ୍ରବେଶ କରିଥିବା ବେଳେ ନିକୋଲ ଜୋଭିକଙ୍କ ଠାରୁ ୭-୫, ୨-୬ ଓ ୪-୬ ସେଟରେ ପରାଜିତ ହୋଇଥିଲେ। ଅନ୍ତର୍ଜାତୀୟ ସର୍କିଟରେ ଏହା ଦେବାଶିଷଙ୍କ ଷଷ୍ଠ ଟାଇଟଲ ତଥା ଜେ ୧୦୦ ବର୍ଗରେ ପ୍ରଥମ ଟାଇଟଲ। ଏହି ସଫଳତା ପାଇଁ ସେ ଓଡ଼ିଶା ଟେନିସ୍ ସଂଘ ଓ ରାଜ୍ୟ ସରକାରଙ୍କ କ୍ରୀଡା ଓ ଯୁବ ବ୍ୟାପାର ବିଭାଗକୁ ଶ୍ରେୟ ଦେଇଛନ୍ତି।



ଟ୍ରଫି ସହ ଦେବାଶିଷ ସାହୁ।

# ଏସିଆଡ୍‌ରେ ସଫଳ ଖେଳାଳିଙ୍କୁ ୧ ଲକ୍ଷ ଟଙ୍କା ପୁରସ୍କାର

**କଟକ,୧୫।୧୦**
**(ସୁପ୍ରିୟା ପ୍ରିୟଦର୍ଶିନୀ)**

## ରାଜ୍ୟ ଅଲିମ୍ପିକ ସଂଘ ବାର୍ଷିକ ସାଧାରଣ ପରିଷଦ ବୈଠକ

ରାଜ୍ୟ ଅଲିମ୍ପିକ ସଂଘ ପକ୍ଷରୁ ବାର୍ଷିକ ସାଧାରଣ ପରିଷଦ ବୈଠକ ରବିବାର ସଂଘ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଅଲିମ୍ପିକ ସଂଘ ଅଧୀନରେ ଆସୁଥିବା ସମସ୍ତ ଖେଳର ବିକାଶକୁ ନେଇ ଆଲୋଚନା ହେଇଥିଲା। ଆଗାମୀ ଦିନରେ ହେବାକୁ ଥିବା ଜାତୀୟ ସ୍ତରୀୟ ମ୍ୟାଚ ନେଇ ମଧ୍ୟ ଏହି ବୈଠକରେ ଆଲୋଚନା ହୋଇଛି। ଏହାସହ ଏସିଆନ ଗେମ୍ସରେ ଭାରତର ଶ୍ରେଷ୍ଠ ପ୍ରଦର୍ଶନ ମଧ୍ୟରେ ସାମିଲ ଥିବା କୃତୀ ଓଡ଼ିଆ ଖେଳାଳିଙ୍କୁ ଏକ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ରାଶି ପ୍ରଦାନ କରିଛି ରାଜ୍ୟ ସଂଘ। ବୈଠକରେ ୩ ନୂଆ କ୍ରୀଡ଼ା ସଂଘ (ଓଡ଼ିଶା ହକି ସଂଘ , ରଗ୍‌ବୀ କ୍ରୀଡ଼ା ସଂଘ, ଓ ରାଇଫେଲ କ୍ରୀଡ଼ାକୁ ରାଜ୍ୟ ଅଲିମ୍ପିକ ସଂଘ) ବୈଠକରେ ଅନୁବନ୍ଧିତ କରାଯାଇଥିଲା। ଆଗାମୀ ଦିନରେ କିଭଳି ସଂଘରେ ଜାତୀୟ ଓ ରାଜ୍ୟ ସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେବ ତାହା ଉପରେ ମଧ୍ୟ ଆଲୋଚନା ହୋଇଥିଲା। ତୃଣମୂଳ ସ୍ତରରୁ ଭଲ ଖେଳାଳି ଚୟନ କରିବା ଓ ଭଲ ପ୍ରଶିକ୍ଷଣ ପ୍ରଦାନ କରିବା ପାଇଁ କୋଚ ନିଯୁକ୍ତି ଦେବା ପ୍ରସଙ୍ଗରେ ମଧ୍ୟ ଦୃଷ୍ଟି ଆକର୍ଷଣ କରିଥିଲେ କ୍ରୀଡ଼ା ସଂଘର ସମ୍ପାଦକ। ତେବେ ଏହି ସମସ୍ତ ଦିଗକୁ ଦୃଷ୍ଟିରେ ରଖି ବୈଠକରେ ବାର୍ଷିକ ବଜେଟ ପାସ କରାଯାଇଛି। ଏହି ବୈଠକରେ ରାଜ୍ୟ ଅଲିମ୍ପିକ ସଂଘର ସମ୍ପାଦକ ଅଭିଜିତ ପାଲ, ଆଥ୍ଲେଟିକ ସଂଘ ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ।





ଏସିଆନ୍ ଗେମ୍ସ ସ୍ୱର୍ଣ୍ଣ ବିଜେତା ହକି ଖେଳାଳି ଅମିତ ରୋହିଦାସଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

# ଜାଭେଲିନ୍‌ରେ ବିକ୍ରାନ୍ତଙ୍କୁ ବ୍ରୋଞ୍ଜ

**ବେଙ୍ଗାଲୁରୁ, ୧୫।୧୦ (ପି.ଟି.):** ଠାରେ ନ୍ୟାଶନାଲ ଓପନ ଆଥ୍ଲେଟିକ୍ସ ଚାମ୍ପିୟନଶିପ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ରେଲୱେ ୨୨୦ ପଏଣ୍ଟ ସହ ଓଭରାଲ୍ ଟାଇଟଲ ହାସଲ କରିଛି। ସର୍ଭିସେସ ୧୭୫ ପଏଣ୍ଟ ସହ ପୁରୁଷ ଟିମ୍ ଟାଇଟଲ ଜିତିଥିବା ବେଳେ ରେଲୱେ ୧୫୬ ପଏଣ୍ଟ ସହ ମହିଳା ଟିମ୍ ଟାଇଟଲ ହାସଲ କରିଛି। ସର୍ଭିସେସ୍‌ର ଜାଭେଲିନ ଥ୍ରୋୟର ମନୁ ଡିପି ୧୧୨୭ ପଏଣ୍ଟ ସହ ଶ୍ରେଷ୍ଠ ପୁରୁଷ ଆଥଲେଟ ଏବଂ ମହାରାଷ୍ଟ୍ରର ଯମୁନା ଲାଡକାଟ୍ ମିଟ୍‌ର ଶ୍ରେଷ୍ଠ ମହିଳା ଆଥ୍ଲେଟ ବିବେଚିତ ହୋଇଛନ୍ତି। ଜାଭେଲିନ୍‌ରେ ରାଜସ୍ଥାନର ଯଶବୀର ସିଂ (୭୭.୭୨ ମିଟର) ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଓଡ଼ିଶାର ବିକ୍ରାନ୍ତ ମଲିକ (୭୭.୬୫ମିଟର) ତୃତୀୟ ସ୍ଥାନ ଅଧିକାର ସହ ବ୍ରୋଞ୍ଜ ହାସଲ କରିଥିଲେ। ତାମିଲନାଡୁ ୩୯.୪୨ ସେକେଣ୍ଡ ଟାଇମିଂରେ ମିଟ୍ ରେକର୍ଡ ସହ ପୁରୁଷ ୪x୧୦୦ ମିଟର ରିଲେରେ ସ୍ୱର୍ଣ୍ଣ ପଦକ ହାସଲ କରିଛି।

# ଇବେନ୍ୟୋ, ଆୟାନା ବିଜେତା

**ନୂଆଦିଲ୍ଲୀ, ୧୫।୧୦ (ପି.ଟି.)**

## ଦିଲ୍ଲୀ ହାଫ୍ ମାରାଥନ

କେନିଆର ଡାନିଲ ଇବେନ୍ୟୋ ଏବଂ ଇଥିଓପିଆର ଅଲ୍‌ମାଜ୍ ଆୟାନା ଯଥାକ୍ରମେ ଏଠାରେ ରବିବାର ଅନୁଷ୍ଠିତ ବେଦାନ୍ତ ଦିଲ୍ଲୀ ହାଫ୍ ମାରାଥନ ରେସ୍ ବିଜେତା ହୋଇଛନ୍ତି। ବୁଦାପେଷ୍ଟଠାରେ ଅନୁଷ୍ଠିତ ୨୦୨୩ ବିଶ୍ୱ ଚାମ୍ପିୟନଶିପ୍‌ରେ ୧୦୦୦୦ମିଟର ରେସ୍‌ରେ ଏକ ରୌପ୍ୟ ଜିତିଥିବା ୨୮ ବର୍ଷୀୟ ଇବେନ୍ୟୋ ୫୯ ମିନିଟ ଓ ୨୭ ସେକେଣ୍ଡ ଟାଇମିଂରେ ନିଜ ଦେଶ କେନିଆର ଚାର୍ଲ୍ସ ମାଟାଟା (୧:୦୦:୦୫)ଙ୍କ ଆଗରେ ରହି ପୁରୁଷ ରେସ୍ ଜିତିଛନ୍ତି। ୨୦୧୬ ରିଓ ଅଲିମ୍ପିକ୍ସ ୧୦,୦୦୦ ମିଟର ସ୍ୱର୍ଣ୍ଣ ଜିତିଥିବା ଆୟାନା ୧ ଘଣ୍ଟା ୭ ମିନିଟ ୫୯ ସେକେଣ୍ଡ ଟାଇମିଂରେ ମହିଳା ଏଲିଟ୍ ରେସ୍‌ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ ଯଥାକ୍ରମେ ଉଗାଣ୍ଡାର ଷ୍ଟେଲା ଚେସାଙ୍ଗ (୧:୦୮:୨୮) ଏବଂ କେନିଆର ଭିଓଲା ଚେପେନୋ (୧:୦୯:୦୯) ଦ୍ୱିତୀୟ ଓ ତୃତୀୟ ହୋଇଥିଲେ। ଅନ୍ୟପକ୍ଷରେ ଭାରତୀୟ ପୁରୁଷ ଓ ମହିଳା ଏଲିଟ କାଟାଗୋରିରେ ଅଭିଷେକ ପାଲ୍ ଓ କବିତା ଯାଦବ ଯଥାକ୍ରମେ ୧:୦୪:୦୮ ଏବଂ ୧:୧୭:୪୨ ଟାଇମିଂରେ ଦ୍ରୁତତମ ବିବେଚିତ ହୋଇଥିଲେ। ୬ବର୍ଷ ପୂର୍ବେ ଦିଲ୍ଲୀ ମାରାଥନ ଜିତିଥିବା ୩୧ ବର୍ଷୀୟା ଆୟାନା ମହିଳା ରେସ୍‌ରେ ତାଙ୍କ ୨୦୧୭ ବିଜୟ ଟାଇମିଂ ୧:୦୭:୧୧ର ନିକଟତର ହୋଇଥିଲେ। ନିଜ ଦେଶର ସାଥୀ ଧାବିକା ଆବେରାଶ ମିନ୍‌ସେଓ ଓ ଡେସି ଆଞ୍ଜିନାଲୁଙ୍କ ସମେତ କେନିଆର ଭିଓଲା ଚେପନଗେନୋ ଏବଂ ଉଗାଣ୍ଡାର ଷ୍ଟେଲା ଚୋସାଙ୍ଗଙ୍କଠାରୁ ପ୍ରତ୍ୟେକ ୫ କି.ମି. ମଧ୍ୟାନ୍ତରରେ ଆୟାନା ତାଙ୍କ ୧୬ ମିନିଟ ବ୍ୟବଧାନ ବଜାୟ ରଖିଥିଲେ। ରେସ୍‌ର ଅନ୍ତିମ ପର୍ଯ୍ୟାୟରେ କିନ୍ତୁ ସେ ଧିମା ପଡ଼ିଯାଇଥିଲେ। ତାଙ୍କ ନିକଟତମ ପ୍ରତିଦ୍ୱନ୍ଦ୍ୱୀ ଚେସାଙ୍ଗଙ୍କଠାରୁ ସେ ୬୭:୫୮ ସେକେଣ୍ଡ ଆଗରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଦିଲ୍ଲୀ ହାଫ୍ ମାରାଥନ ରେସ୍‌ର ବିଭିନ୍ନ କାଟାଗୋରିରେ ୩୬,୦୦୦ ଧାବକ ଓ ଧାବିକା ଅଂଶଗ୍ରହଣ କରିଥିଲେ। ଏହି ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ଠାକୁର ଅତିଥିଭାବେ ଯୋଗଦେଇଥିଲେ।





ଦିଲ୍ଲୀ ହାଫ୍ ମାରାଥନ ପୋଡିୟମରେ ତିନି ଜଣ ପଦକ ବିଜେତା।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ


ଆଜି ଖୋଲୁଛି ଯାଜପୁରରେ!
କଲ୍ୟାଣ ଜ୍ୱେଲର୍ସ
KALYAN JEWELLERS
କଲ୍ୟାଣ ଜ୍ୱେଲର୍ସ
ଉଦଘାଟନ କରିବେ
ସୁଶ୍ରୀ ସୋନାକ୍ଷୀ ସିହ୍ନା
ଅପରାହ୍ଣ 5:00 ଟାରେ
KALYAN SPECIAL 1g GOLD RATE ₹5540**
SAVE ₹70 per g*
MARKET 1g GOLD RATE ₹5610**
LARGEST COLLECTION IN GOLD & DIAMOND JEWELLERY
SPACIOUS SHOWROOM
AMPLE CAR PARKING FACILITY
JAJPUR ROAD - MAUJA-BHATIA, ARJUN COMPLEX, CHORDA-755019
216 BRANCHES SPREAD ACROSS INDIA AND MIDDLE EAST | FOR MORE DETAILS CONTACT US ON TOLL FREE NUMBER: 1800 425 7333
WWW.KALYANJEWELLERS.NET | FOLLOW US ON | BUY ONLINE @ WWW.CANDERE.COM | FOR FRANCHISE ENQUIRIES WRITE TO FRANCHISEE.ENQUIRY@KALYANJEWELLERS.NET
T&C apply. *Savings per gram may vary.
**22ct gold rate for 1g on 14/10/2023 at 2:00 p.m. at Patia.